# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଡିସେମ୍ବର ୬/୨୦୧୮ (୧୬ ପୃଷ୍ଠା+ମନ ମିଜାଜ) | Balasore, Thursday, December 6/ 2018 | ★★★★

୪୫ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ପ୍ରିୟଙ୍କା**

ନବବିବାହିତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ୱେଡିଂ ରିସେପ୍‌ଶନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୦୨

୧୩

**ଏନ୍‌ବିଏଫ୍‌ସିଙ୍କ ଲାଗି ଆର୍‌ବିଆଇ ପଦକ୍ଷେପ ନେଇଛି**

ଏନ୍‌ବିଏଫସିଙ୍କ ଲାଗି ଆର୍‌ବିଆଇ ପଦକ୍ଷେପ ନେଇଛି। ଆଉ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ନାହିଁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ କହିଛନ୍ତି।




ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ହକି ବିଶ୍ୱକପ୍ ଫଳାଫଳ

**ବୁଧବାର**

ପ୍ରଥମ ମ୍ୟାଚ
ଜର୍ମାନୀ -୪
ନେଦରଲାଣ୍ଡ୍ସ-୧

ଦ୍ୱିତୀୟ ମ୍ୟାଚ
ପାକିସ୍ତାନ-୧
ମାଲେସିଆ-୧

**ଆଜିର ସମ୍ପାଦକୀୟ**

ଜୀବହତ୍ୟା ଓ ଭୂମିକମ୍ପ

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ମହାନ୍ ପ୍ରମାଣିତ କରିବା ପାଇଁ ପଟେଲ ଓ ଗାନ୍ଧିଜୀଙ୍କୁ ନ୍ୟୂନ ଦେଖାଇପାରନ୍ତି।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ

### ମହିଳାଙ୍କୁ ୩୩% ସଂରକ୍ଷଣ ପ୍ରସଙ୍ଗ

# ସହଯୋଗ ଲୋଡ଼ିବ ବିଜେଡି

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଦେଶର ସର୍ବୋଚ୍ଚ ଆଇନ ପ୍ରଣୟନ ସଂସ୍ଥା ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉ। ଏହି ମର୍ମରେ ସରକାର ବିଧାନସଭାରେ ସର୍ବସମ୍ମତ କ୍ରମେ ସଂକଳ୍ପ ପ୍ରସ୍ତାବ ଗୃହୀତ କରିଛନ୍ତି। ଏହାକୁ ଖୁବ୍‌ଶୀଘ୍ର ଆଇନରେ ପରିଣତ କରିବାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହାର ଗୋଟିଏ ଦିନ ପରେ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରସଙ୍ଗରେ ଦେଶର ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି। ପାର୍ଲାମେଣ୍ଟରେ ଏସଂକ୍ରାନ୍ତ ପ୍ରସ୍ତାବକୁ ସମର୍ଥନ ପାଇଁ ବିଜେଡି ପକ୍ଷରୁ ୭ ଜାତୀୟ ଏବଂ ୧୫ ଆଞ୍ଚଳିକ ଦଳକୁ ଭେଟାଯିବା ନେଇ ନିଷ୍ପତ୍ତି

**୨୨ ଦଳକୁ ଭେଟିବେ ଦଳୀୟ ପ୍ରତିନିଧି**

ହୋଇଛି। ବିଜେଡିର କେଉଁ ପ୍ରତିନିଧି କେଉଁ ଦଳକୁ ଭେଟିବେ, ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ସେ ସମ୍ପର୍କିତ ଏକ ତାଲିକା ପ୍ରକାଶ କରିଛନ୍ତି। ତାଲିକା ଘୋଷଣା ପୂର୍ବରୁ ଦଳର ସଭାପତିଙ୍କ ଅଧ୍ୟକ୍ଷତାରେ ବିଜେଡି ଉପସଭାପତି ଏବଂ ସାଧାରଣ ସମ୍ପାଦକମଣ୍ଡଳୀର ବୈଠକ ବୁଧବାର ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି।

ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ବିଜୁ ବାବୁ ହିଁ ତୃଣମୂଳସ୍ତରୀୟ ନିର୍ବାଚନରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରିଥିଲେ। ପରେ ରାଜ୍ୟ ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ନାରୀ ସଶକ୍ତୀକରଣ ହିଁ ରାଷ୍ଟ୍ର ଉନ୍ନତିର ମୂଳଭିତ୍ତି। ତେଣୁ ନୀତି ପ୍ରଣୟନରେ ସେମାନଙ୍କ ସହଭାଗିତା ପାଇଁ ସଂରକ୍ଷଣ ଦାବି ଯଥାର୍ଥ। ଆଗାମୀ ଦିନରେ ଯୋଗ୍ୟ ଏବଂ ଜିତିବା ସମ୍ଭାବନା ଥିବା ମହିଳାଙ୍କୁ ଦଳ ନିର୍ବାଚନ ଲଢିବାକୁ ସୁଯୋଗ ଦେବ ବୋଲି ଦେବୀ କହିଛନ୍ତି।

କେନ୍ଦ୍ରରେ କ୍ଷମତାରେ ଥିବା ଭାଜପାକୁ ଭେଟିବା ପାଇଁ ପ୍ରସନ୍ନ ଆଚାର୍ଯ୍ୟ, ବେଦ ପ୍ରକାଶ ଅଗ୍ରୱାଲ, ଭର୍ତ୍ତୃହରି ମହତାବ ଏବଂ ସରୋଜିନୀ ହେମ୍ବ୍ରମଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ମୁଖ୍ୟ ବିରୋଧୀ କଂଗ୍ରେସକୁ ତଥାଗତ ସତପଥୀ, ବେଦପ୍ରକାଶ ଅଗ୍ରୱାଲ,ପିନାକୀ ମିଶ୍ର ଏବଂ ପ୍ରସନ୍ନ ପାଟ୍ଟଶାଣୀ ଭେଟିବେ।

☞ପୃଷ୍ଠା-୪

# ଦାଶରଥିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

୨୦୧୮ ମସିହା ଲାଗି ଓଡ଼ିଶାରୁ ୪ ବିଶିଷ୍ଟ ସାହିତ୍ୟିକ ପାଇବେ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ଡ. ଦାଶରଥି ଦାସ ତାଙ୍କ ନିବନ୍ଧ ଗ୍ରନ୍ଥ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ



ଦାଶରଥି ଦାସ

- ଗଗନେନ୍ଦ୍ର ନାଥ ଦାଶ ପାଇବେ ଭାଷା ପୁରସ୍କାର
- ସମ୍ବଲପୁରୀ ଭାଷା ସମ୍ମାନ ପାଇବେ ପ୍ରଫୁଲ୍ଲ ତ୍ରିପାଠୀ, ହଳଧର ନାଗ

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ। ଡ. ଗଗନେନ୍ଦ୍ର ନାଥ ଦାଶ ସାହିତ୍ୟ ଏକାଡେମୀର ମର୍ଯ୍ୟାଦାଜନକ ଭାଷା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ପୂର୍ବ ଭାରତର ୮ଟି ରାଜ୍ୟର ଭାଷାବିତ୍‌ଙ୍କ

☞ପୃଷ୍ଠା-୪


ଧରିତ୍ରୀ Initiative

GOOD NEWS FOR CBSE STUDENTS

Mock Test Papers for students of Std X and XII CBSE Board and IIT-JEE aspirants.



The most effective and career building test paper for students of **Std 10 and 12 of CBSE syllabus** aiming to score top marks in Board Exams and wishing to crack the competitive exams of **JEE** Mains & Advanced.

powered by Vidyamandir Classes






*Offer Valid Only At: 309, District Centre, Chandrasekharpur, Bhubaneswar, Ph: 0674-2747677



ଇରାନର ତୈଳ ରପ୍ତାନି ଉପରେ ଆମେରିକା ରୋକ୍ ଲଗାଇପାରିବ ନାହିଁ। ଯଦି ଏଭଳି ଉଦ୍ୟମ କରେ ତେବେ ପାରସ୍ୟ ଉପସାଗର ପଥରେ ତୈଳ ରପ୍ତାନି ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯିବ।

- ହାସନ ରୁହାନି, ଇରାନ ରାଷ୍ଟ୍ରପତି



## ସଂକ୍ଷେପରେ

### ନ୍ୟୁ କାଲେଡୋନିଆରେ ଭୂମିକମ୍ପ

**ନୁମିଆ,୫।୧୨:** ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଥିବା ନ୍ୟୁ କାଲେଡୋନିଆ ନିକଟରେ ବୁଧବାର ବଡ଼ଧରଣର ଭୂମିକମ୍ପ ଅନୁଭୂତ ହୋଇଛି, ଯାହାର ତୀବ୍ରତା ୭.୫ ଥିଲା। ଭୂକମ୍ପ ପରେ ସୁନାମି ଆଲର୍ଟ ଜାରି କରାଯାଇଥିଲା। ତେବେ ଏହି ଭୂକମ୍ପରେ କୌଣସି ବଡ କ୍ଷୟକ୍ଷତି ହୋଇ ନଥିବା ଜଣାପଡିଛି। ନ୍ୟୁ କାଲେଡୋନିଆର ଲୟାଲ୍ଟି ଆଇଲାଣ୍ଡର ଦକ୍ଷିଣପୂର୍ବରେ ୧୭୦ କିଲୋମିଟର ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି। ଭୂକମ୍ପ ପରେ ୨୦ ଥର ପଶ୍ଚାତ କମ୍ପନ ଅନୁଭୂତ ହୋଇଥିଲା। ଏଥିରେ ଘରର କାଚ ଦୋହଲିଯିବା ସହ ସମୁଦ୍ରରେ ଫେଣ ସୃଷ୍ଟି ହୋଇଥିଲା। ସୁନାମି ଉଠିବାରୁ ଲୋକମାନେ ଉଚ୍ଚ ସ୍ଥାନକୁ ଚାଲିଯାଇଥିଲେ।

### ଇଥିଓପିଆରେ ୩ ଭାରତୀୟ ଅଫିସରଙ୍କୁ ଜେରା

**ମୁମ୍ବାଇ,୫।୧୨(ପି.ଟି.):** ଟିକସ ପୈଠ ନ କରିବା ଏବଂ କର୍ମଚାରୀଙ୍କ ବେତନ ଦେଇ ନ ଥିବା ଆଇଏଲ୍ ଆଣ୍ଡ ଏଫ୍ଏସ୍ର ୩ ଭାରତୀୟ ଅଧିକାରୀଙ୍କୁ ଇଥିଓପିଆ ପୋଲିସ ହାଜତକୁ ନେଇ ଜେରା କରୁଛି। ଏହି କମ୍ପାନୀର ୫ ଭାରତୀୟ କର୍ମଚାରୀଙ୍କୁ ସେଠାକାର ସ୍ଥାନୀୟ ଲୋକେ ପଣବନ୍ଦୀ କରି ରଖିଛନ୍ତି। ଇଥିଓପିଆରେ ଉକ୍ତ କମ୍ପାନୀର ୧୫ ଜଣ ଭାରତୀୟ କର୍ମଚାରୀ ଥିଲେ। ଗତ ସପ୍ତାହରେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଥିଲେ। ପରେ ସ୍ୱାସ୍ଥ୍ୟଗତ କାରଣରୁ ୨ ଜଣଙ୍କୁ ଛାଡ଼ି ଦେଇଥିଲେ। ଅନ୍ୟ ୮ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ପୋଲିସ ୱାଲିସୋଠାରେ ହାଜତରେ ରଖି ଜେରା କରୁଛି।

### ଖାତରେ ବସ୍ ଖସି ୨୨ ଗୁରୁତର

**ଅଗରତାଲା,୫।୧୨(ପି.ଟି.):** ତ୍ରିପୁରାର ଧଲାଇ ଜିଲା ଅନ୍ତର୍ଗତ ଗଣ୍ଡଚରା ଅମରପୁର ରୋଡ ପାର୍ଶ୍ୱରେ ଥିବା ଗଭୀର ଖାତ ମଧ୍ୟକୁ ଅଗରତାଲା ଅଭିମୁଖେ ଯାତ୍ରା କରୁଥିବା ଏକ ବସ୍ ଖସିପଡିଛି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସରକାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ୍ କହିଛନ୍ତି।

### ସିବିଆଇକୁ ନିନ୍ଦିତ କରିଛି ବିବାଦ: କେନ୍ଦ୍ର

**ନୂଆଦିଲ୍ଲୀ,୫।୧୨(ପି.ଟି.):** ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ବିବାଦରୁ ଏହି ତଦନ୍ତକାରୀ ଏଜେନ୍ସି ସାଧାରଣରେ ନିନ୍ଦିତ ହୋଇଛି। ଏହାର ସାଧୁତା ଓ ସମ୍ମାନ କ୍ଷୁଣ୍ଣ ହୋଇଛି ବୋଲି କେନ୍ଦ୍ର ସରକାର ବୁଧବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଦୁଇ ଶୀର୍ଷ ପଦାଧିକାରୀଙ୍କ ମଧ୍ୟରେ ବିବାଦ ସିବିଆଇର ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବା ଆର୍ଟର୍ନି ଜେନେରାଲ କେ.କେ.ବେଣୁଗୋପାଳ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠକୁ କହିଛନ୍ତି। ସିବିଆଇ ପ୍ରତି ସର୍ବସାଧାରଣଙ୍କ ଆସ୍ଥା ବଜାୟ ରଖିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ବର୍ମା ଏବଂ ଅସ୍ଥାନାଙ୍କ ମଧ୍ୟରେ ବିବାଦ ଯୋଗୁ ସେମାନଙ୍କଠାରୁ କ୍ଷମତା କାଢ଼ିନିଆଯାଇ ଛୁଟିରେ ରହିବାକୁ କୁହାଯାଇଥିଲା। କେନ୍ଦ୍ରର ନିଷ୍ପତ୍ତିକୁ ବର୍ମା ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ।

### ଇତିହାସର ଆଇନାରେ
### ଡିସେମ୍ବର ୬ର ପ୍ରମୁଖ ଘଟଣା

୧୯୯୨ ଡିସେମ୍ବର ୬ରେ କରସେବକମାନେ ଅଯୋଧ୍ୟାସ୍ଥିତ ଷୋଡ଼ଶ ଶତାବ୍ଦୀର ବାବ୍ରି ମସ୍‌ଜିଦକୁ ଭାଙ୍ଗି ଦେଇଥିଲେ। ଏଠାରେ ରାଜନୈତିକ ସମାବେଶ ହିଂସାତ୍ମକ ରୂପ ନେଇଥିଲା ଓ ନେତାମାନଙ୍କ ଉତ୍ତେଜିତ ଭାଷଣରେ ପ୍ରଭାବିତ ହୋଇ ରାମଙ୍କ ଜନ୍ମସ୍ଥାନରେ ଥିବା ଏହି ମସ୍‌ଜିଦକୁ ସେମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ୮୦ ଦଶକରେ ବିଶ୍ୱ ହିନ୍ଦୁ ପରିଷଦ ସେଠାରେ ରାମ ମନ୍ଦିର ନିର୍ମାଣ ଲାଗି ପ୍ରଚାର ଆରମ୍ଭ କରିଥିଲା, ଯାହାକୁ ଭାଜପା ସମର୍ଥନ କରିଥିଲା।

୨୦୧୭ ଡିସେମ୍ବର ୬ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜେରୁଜେଲମ୍‌କୁ ଇସ୍ରାଏଲ୍‌ର ରାଜଧାନୀ ଭାବେ ସ୍ୱୀକୃତି ନେଇ ଘୋଷଣା କରିଥିଲେ। ଏଥିସହିତ ତେଲ୍ ଆଭିଭଠାରେ ଥିବା ଆମେରିକା ଦୂତାବାସକୁ ଜେରୁଜେଲମ୍ ସ୍ଥାନାନ୍ତର ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍‌ନ୍ୟାହୁ ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

## ଅଗୁସ୍ତା ଦୁର୍ନୀତି: ୫ ଦିନିଆ ରିମାଣ୍ଡ ଅନୁମତି ଦେଲେ ସ୍ୱତନ୍ତ୍ର କୋର୍ଟ

# ସିବିଆଇ ପଞ୍ଝାରେ ମଧ୍ୟସ୍ଥ

**ନୂଆଦିଲ୍ଲୀ,୫।୧୨(ଆଇଏଏନ୍ଏସ୍)**



ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ

ଅଗୁସ୍ତା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତିର ମଧ୍ୟସ୍ଥ ବ୍ରିଟେନ ନାଗରିକ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ ଭାରତର ସବୁଠୁ ବଡ଼ ତଦନ୍ତକାରୀ ସଂସ୍ଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପଞ୍ଝାରେ। ସିବିଆଇ ବୁଧବାର ଏକ ସ୍ଥାନୀୟ କୋର୍ଟରେ ତାଙ୍କୁ ହାଜର କରାଇ ୫ ଦିନିଆ ରିମାଣ୍ଡରେ ନେଇଛି। ଏହି ବହୁଚର୍ଚ୍ଚିତ ଦୁର୍ନୀତିରେ ମିଶେଲଙ୍କ ଭୂମିକା ଓ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ତାଙ୍କୁ ଜେରା କରୁଛି ତଦନ୍ତକାରୀ ସଂସ୍ଥା।

ଅଗୁସ୍ତା ଦୁର୍ନୀତିର ସୂତ୍ରଧର କୁହାଯାଉଥିବା ୫୪ ବର୍ଷୀୟ ମିଶେଲଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରୁ ଏକ ସ୍ୱତନ୍ତ୍ର ବିମାନରେ ଭାରତ ଅଣାଯାଇଛି। ନୂଆଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ତଦନ୍ତକାରୀ ଅଧିକାରୀମାନେ ମିଶେଲଙ୍କୁ ୩,୬୦୦ କୋଟି ଟଙ୍କାର ଦୁର୍ନୀତିରେ ତାଙ୍କ ଭୂମିକା ନେଇ ବିଳମ୍ବିତ ରାତି ଯାଏ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିଥିଲେ। ସିବିଆଇ ପକ୍ଷରୁ ବୁଧବାର ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ମିଶେଲଙ୍କୁ ହାଜର କରାଇବା ପରେ ରିମାଣ୍ଡ ପାଇଁ ଅନୁମତି ମଗାଯାଇଥିଲା। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ସିବିଆଇକୁ ଏଥିପାଇଁ ଡିସେମ୍ବର ୧୦ ଯାଏ ଅନୁମତି ଦେଇଛନ୍ତି। ମିଶେଲଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ, ଯାହାକି କୋର୍ଟରେ ଖାରଜ ହୋଇଯାଇଛି। ମିଶେଲ ହେଉଛନ୍ତି ୩ ମଧ୍ୟସ୍ଥଙ୍କ ମଧ୍ୟରୁ ଅନ୍ୟତମ। ଏହି ମାମଲାରେ ମଧ୍ୟସ୍ଥ ଗାଇଡୋ ହସ୍କେ ଓ କାର୍ଲୋ ଗେରୋସାଙ୍କୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଖୋଳତାଡ଼ କରୁଛନ୍ତି। ମିଶେଲଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହେବା ପରେ ଉଭୟ ସଂସ୍ଥା ଇଣ୍ଟରପୋଲକୁ ଅବଗତ କରାଇଥିଲେ। ଇଣ୍ଟରପୋଲ ମିଶେଲଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିଥିଲା। ସିବିଆଇର ଅଭିଯୋଗ ହେଉଛି ୨୦୧୦ ଫେବୃୟାରୀରେ ଉପା ସରକାର ଅମଳରେ ୧୨ଟି ଭିଭିଆଇପି ହେଲିକପ୍ଟର ଯୋଗାଇବା ପାଇଁ ହୋଇଥିବା ଚୁକ୍ତିରେ ମିଶେଲ ମଧ୍ୟସ୍ଥତା କରିଥିଲେ। ୫୫୫.୨୬୨ ନିୟୁତ ୟୁରୋର ଚୁକ୍ତି ହୋଇଥିବାବେଳେ ଭାରତର ରାଜକୋଷକୁ ୩୯୮.୨୧ ନିୟୁତ ୟୁରୋ (ପ୍ରାୟ ୨,୬୬୬ କୋଟି ଟଙ୍କା)ର କ୍ଷତି ସହିବାକୁ ପଡ଼ିଥିଲା। ସେହିପରି ୨୦୧୬ ଜୁନ୍‌ରେ ଇଡି ପକ୍ଷରୁ ମିଶେଲଙ୍କ ବିରୋଧରେ ଚାର୍ଜଶିଟ ଦାଏର କରାଯାଇଥିଲା। ଏହି ଡିଲ୍ ପାଇଁ ମିଶେଲ ୩୦ ନିୟୁତ ୟୁରୋ (୨୨୫ କୋଟି ଟଙ୍କା) ଲାଞ୍ଚ ନେଇଥିବା ଏଥିରେ ଦର୍ଶାଯାଇଥିଲା। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଭାରତୀୟ ବାୟୁସେନାକୁ ଅଣାଯିବାକୁ ଥିବା ୧୨ ଏଡବ୍ଲ୍ୟୁ-୧୦୧ ଭିଭିଆଇପି ହେଲିକପ୍ଟର ପାଇଁ ହୋଇଥିବା ଚୁକ୍ତିକୁ ୨୦୧୪ ଜାନୁୟାରୀ ୧ରେ ରଦ୍ଦ କରିଦିଆଯାଇଥିଲା। ୨୦୧୭ରେ ସେପ୍ଟେମ୍ବର ୧ରେ ସିବିଆଇ ଦାଖଲ କରିଥିବା ଚାର୍ଜଶିଟରେ ମିଶେଲ ଓ ବାୟୁସେନାର ପୂର୍ବତନ ଅଧ୍ୟକ୍ଷ ଏସ୍‌ପି ତ୍ୟାଗୀଙ୍କ ସମେତ ଅନ୍ୟ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ମିଶେଲଙ୍କୁ ଭାରତ ଅଣାଯିବା ପରେ ଏବେ ଏହି ବହୁଚର୍ଚ୍ଚିତ ଦୁର୍ନୀତି ନେଇ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

### ୨ ଘଣ୍ଟା ଶୋଇଲେ ମିଶେଲ

**ନୂଆଦିଲ୍ଲୀ,୫।୧୨(ପି.ଟି.):** ଅଗୁସ୍ତା ଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ ବୁଧବାର ଭୋର ସମୟରେ ଶୋଇବା ପାଇଁ ମାତ୍ର ୨ ଘଣ୍ଟା ପାଇଥିଲେ। ଦୁବାଇରୁ ମଙ୍ଗଳବାର ବିଳମ୍ବିତ ରାତିରେ ମିଶେଲଙ୍କୁ ପ୍ରତ୍ୟର୍ପଣ କରି ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅଣାଯାଇଥିଲା। ସେଠାରୁ ସିବିଆଇ ଅଧିକାରୀମାନେ ତାଙ୍କୁ ତଦନ୍ତକାରୀ ସଂସ୍ଥାର ମୁଖ୍ୟାଳୟକୁ ନେଇ ତୁହାକୁ ତୁହା ପ୍ରଶ୍ନ କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭୋର ୪ଟାରୁ ୬ଟା ଯାଏ ତାଙ୍କୁ ଶୋଇବାକୁ ସମୟ ମିଳିଥିଲା। ସକାଳ ୬ଟାରେ ପୁଣି ପ୍ରଶ୍ନ କରିବା ପୂର୍ବରୁ ମିଶେଲଙ୍କୁ ଜଳଖିଆ ଖାଇବାକୁ ଦିଆଯାଇଥିଲା।

## ପୂର୍ବତନ ସଚିବଙ୍କୁ ୩ ବର୍ଷ ଜେଲ

**ନୂଆଦିଲ୍ଲୀ,୫।୧୨(ପି.ଟି.)**

### କୋଇଲା ଦୁର୍ନୀତି



ଏଚ୍.ସି. ଗୁପ୍ତା

କୋଇଲା ବ୍ଲକ୍ ଆବଣ୍ଟନ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଅଦାଲତ ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ୟ ଦୁଇଜଣ ଅଫିସର କେ.ଏସ୍. କ୍ରୋଫା ଏବଂ କେ.ସି.ସାମ୍ରିଆଙ୍କୁ ମଧ୍ୟ ୩ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ସହ ୫୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ୪ ବର୍ଷରୁ କମ୍ ଜେଲ୍‌ଦଣ୍ଡ ହୋଇଥିବାରୁ ସମସ୍ତ ୩ ଜଣଙ୍କୁ ଜାମିନ୍ ମିଳିଯାଇଛି।

ଅନ୍ୟ ଅଭିଯୁକ୍ତ ବିକାଶ ମେଟାଲ୍ସ ଆଣ୍ଡ ପାୱାର ଲିଃ (ଭିଏମ୍‌ପିଏଲ୍)ର ପରିଚାଳନା ନିର୍ଦ୍ଦେଶକ ବିକାଶ ପଟନି ଏବଂ ଆନନ୍ ମଲ୍ଲିକଙ୍କୁ ୪ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଏଥିସହିତ ପଟନିଙ୍କୁ ୨୫ ଲକ୍ଷ ଟଙ୍କା ଏବଂ ମଲ୍ଲିକଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଦଣ୍ଡାଦେଶ ଘୋଷଣା ପରେ ସେମାନଙ୍କୁ ଜେଲ୍ ପଠାଇଦିଆଯାଇଛି। ସେମାନଙ୍କ କମ୍ପାନୀକୁ ମଧ୍ୟ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି। ଭିଏମ୍‌ପିଏଲ୍‌କୁ ପଶ୍ଚିମବଙ୍ଗର ମୋଇରା ଏବଂ ମଧୁଜୋର କୋଇଲା ଖଣି ଆବଣ୍ଟନରେ ଅନିୟମିତତା ଅଭିଯୋଗ ହେବା ପରେ ସିବିଆଇ ୨୦୧୨ ସେପ୍ଟେମ୍ବରରେ ଏକ ମାମଲା ଦାଏର କରିଥିଲା। ୫ ଜଣ ଦୋଷୀଙ୍କୁ ସର୍ବାଧିକ ୭ ବର୍ଷ ଜେଲ୍‌ଦଣ୍ଡ ଏବଂ ଘରୋଇ କମ୍ପାନୀ ଉପରେ ବଡ଼ଧରଣର ଜରିମାନା ଧାର୍ଯ୍ୟ କରିବା ଲାଗି ସିବିଆଇ ପକ୍ଷରୁ କୋର୍ଟଙ୍କୁ କୁହାଯାଇଥିଲା। ଗତ ୩୦ ତାରିଖରେ କୋର୍ଟ ଗୁପ୍ତାଙ୍କ ସମେତ ୫ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

## ୨ ଶିଶୁଙ୍କୁ ଜାଳି ମହିଳାଙ୍କ ଆତ୍ମହତ୍ୟା

**ବାଲିଆ,୫।୧୨(ପି.ଟି.)**

ସ୍ୱାମୀଙ୍କ ସହ ଝଗଡ଼ାରୁ ଜଣେ ମହିଳା ନିଜର ଦୁଇପିଲାଙ୍କୁ ନିଆଁରେ ଜାଳି ହତ୍ୟାକରିବା ସହ ନିଜେ ଆତ୍ମହତ୍ୟା କରିଛନ୍ତି। ଉତ୍ତରପ୍ରଦେଶ ବାଲିଆ ଜିଲାର ସିକନ୍ଦରପୁର ଅଞ୍ଚଳ ଅନ୍ତର୍ଗତ କୋଠ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। କମରୁନ୍ ଖାତୁନ ନାମ୍ନୀ ୨୬ ବର୍ଷୀୟା ମହିଳା ଜଣକ ମଙ୍ଗଳବାର ଅପରାହ୍ନରେ ସ୍ୱାମୀଙ୍କ ସହ ଝଗଡା ପରେ ଦୁଇ ସନ୍ତାନ ଶମିମ(୨) ଏବଂ ଜୈନିଶ(୪)ଙ୍କ ସମେତ ନିଜ ଦେହରେ କିରୋସିନ୍ ଢାଳି ନିଆଁ ଲଗାଇ ଦେଇଥିଲେ। ସମସ୍ତ ତିନିଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ରାଜସ୍ଥାନ, ତେଲେଙ୍ଗାନାରେ ପ୍ରଚାର ଶେଷ

**ଜୟପୁର/ହାଇଦ୍ରାବାଦ,୫।୧୨**

ରାଜସ୍ଥାନ ଓ ତେଲେଙ୍ଗାନା ବିଧାନସଭା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ହାଇଭୋଲ୍‌ଟେଜ୍ ପ୍ରଚାରରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ନିର୍ବାଚନକୁ ମାତ୍ର ଦୁଇଦିନ ବାକି ଥିବାବେଳେ ସବୁ ରାଜନୈତିକ ଦଳ ପକ୍ଷରୁ ଶେଷ ହୋଇଛି ପ୍ରଚାର। ରାଜସ୍ଥାନ ଓ ତେଲେଙ୍ଗାନାରେ ଶୁକ୍ରବାର ଭୋଟ ଗ୍ରହଣ କରାଯିବ। ଏଥିଲାଗି ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦ ସଦସ୍ୟ ବିଶିଷ୍ଟ ରାଜସ୍ଥାନ ବିଧାନସଭାର ୧୯୯ ଆସନରେ ଆସନ୍ତା ୭ରେ ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ରାଜସ୍ଥାନର ୪.୭୭ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ଏଥର ମଇଦାନରେ ୧୮୯ ମହିଳାଙ୍କ ସମେତ ୨,୨୭୪ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ରାମଗଡ଼ ଆସନର ବିଏସ୍‌ପି ପ୍ରାର୍ଥୀଙ୍କ ପରଲୋକ ହେବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ କରାଯାଇଛି। ସେହିପରି ତେଲେଙ୍ଗାନା ବିଧାନସଭାର ୧୧୯ ଆସନ ପାଇଁ ମଧ୍ୟ ପ୍ରଚାର ଶେଷ ହୋଇଛି। ଏଠାରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ମତଦାନ ଚାଲିବ। ରାଜ୍ୟର ୨.୮ କୋଟି ମତଦାତା ୩୨,୮୧୫ ମତଦାନ କେନ୍ଦ୍ରରେ ଭୋଟ ଦେଇ ସେମାନଙ୍କ ପ୍ରତିନିଧି ବାଛିବେ। ଆସନ୍ତା ୧୧ରେ ଭୋଟଗଣତି କରାଯିବ।

## ଫିଟିବ ରାଜନେତାଙ୍କ ଗୁମର: ମୋଦି

**ନୂଆଦିଲ୍ଲୀ,୫।୧୨:** ଖ୍ରୀଷ୍ଟିୟାନ ମିଶେଲଙ୍କ ପ୍ରତ୍ୟର୍ପଣ ସହ ଲେଉଟି ଆସିଛି ଅଗୁସ୍ତା ଝଡ଼। ରାଜସ୍ଥାନ ଓ ତେଲେଙ୍ଗାନା ନିର୍ବାଚନ ପ୍ରଚାରର ଶେଷ ଦିନରେ ବୁଧବାର ଅଗୁସ୍ତା ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ଟାର୍ଗେଟ କରିବାକୁ ଯାଇ ମିଶେଲଙ୍କ ନାମ ଉଠାଇ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ତାଙ୍କ ମା’ ସୋନିଆ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ରାଜସ୍ଥାନର ସୁମେରପୁରଠାରେ ସେ କହିଛନ୍ତି, କେନ୍ଦ୍ର ସରକାର ମଧ୍ୟସ୍ଥଙ୍କୁ ଦୁବାଇରୁ ଆଣିଛନ୍ତି। ଏହି ବ୍ରିଟେନ ନାଗରିକ କେଉଁ କେଉଁ ରାଜନେତାଙ୍କୁ ସେବା ପ୍ରଦାନ କରିଥିଲେ ଏବେ ସେମାନଙ୍କ ଗୁମର ଫିଟାଇବେ। ସେହିପରି ଭାଜପା ଅଧ୍ୟକ୍ଷ ଅମିତ୍ ଶାହ ଜୟପୁରରେ କହିଛନ୍ତି, ଭାଜପାକୁ ଟାର୍ଗେଟ କରିବା ପାଇଁ କଂଗ୍ରେସ ପାଖରେ କିଛି ପ୍ରସଙ୍ଗ ନାହିଁ। ତେଣୁ ମିଶେଲଙ୍କ ପ୍ରତ୍ୟର୍ପଣ ସମୟକୁ ନେଇ ଏହି ଦଳ ପ୍ରଶ୍ନ କରୁଛି। କଂଗ୍ରେସ ତାଙ୍କୁ ସୁରକ୍ଷା ଦେବାକୁ ଚାହୁଁଛି କି ବୋଲି ଶାହ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମୁଖପାତ୍ର ସୁର୍ଜେୱାଲା ହାଇଦ୍ରାବାଦରେ କହିଛନ୍ତି, ବିଧାନସଭା ନିର୍ବାଚନରେ ଭାଜପାର ସମ୍ଭାବ୍ୟ ପରାଜୟରେ ମୋଦି ଚିନ୍ତିତ। ତେଣୁ ବିରୋଧୀଙ୍କୁ ବଦନାମ କରିବା ପାଇଁ ସେ ମିଶେଲଙ୍କୁ ଅସ୍ତ୍ର କରୁଛନ୍ତି।



### ବିଗିଡ଼ିଲେ ତ୍ୟାଗୀ

**ନୂଆଦିଲ୍ଲୀ,୫।୧୨:** ହେଲିକପ୍ଟର ଦୁର୍ନୀତି ସମ୍ପର୍କରେ ପୂର୍ବତନ ବାୟୁସେନା ଅଧ୍ୟକ୍ଷ ଏସ୍.ପି. ତ୍ୟାଗୀଙ୍କୁ ବୁଧବାର ଖବରଦାତାମାନେ ପ୍ରଶ୍ନ କରିବାରୁ ସେ ବିଗିଡ଼ିଯାଇଥିଲେ। ତ୍ୟାଗୀ କହିଥିଲେ, ମୋତେ ଏଭଳି ପ୍ରଶ୍ନ କରିବାକୁ ତୁମେ କିଏ। ତୁମେ ମୋତେ ଏପରି ଡିଷ୍ଟର୍ବ କରିପାରିବ ନାହିଁ। ପ୍ରଶ୍ନ କଲାବେଳେ ସମ୍ମାନ ଦିଅ ବୋଲି ଉତ୍ତର ଦେବାକୁ ଏଡ଼ାଇ ଯାଇଥିଲେ ତ୍ୟାଗୀ।



## ଫୁରସତ

## ପ୍ରତିରୋପିତ ଗର୍ଭାଶୟରୁ ପ୍ରଥମ ଶିଶୁ ଜନ୍ମ

**ୱାଶିଂଟନ୍**

ବିଶ୍ୱରେ ପ୍ରଥମକରି ଜଣେ ବ୍ରାଜିଲିଆନ୍ ମହିଳା ପ୍ରତିରୋପିତ ଗର୍ଭାଶୟରୁ ଏକ ଶିଶୁକନ୍ୟା ଜନ୍ମ କରିବାକୁ ସମର୍ଥ ହୋଇଛନ୍ତି। ଜଣେ ମୃତ ମହିଳାଙ୍କ ଗର୍ଭାଶୟ ଉକ୍ତ ମହିଳାଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ମୃତ ମହିଳାଙ୍କଠାରୁ ଦାନରୂପେ ଗ୍ରହଣ କରାଯାଇଥିବା ଗର୍ଭାଶୟ କାର୍ଯ୍ୟକରିବା ସମ୍ଭବ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ଯେଉଁ ମହିଳାଙ୍କର ଜରାୟୁ ଗର୍ଭଧାରଣ କରିବାକୁ ଅସମର୍ଥ ସେମାନେ ଜୀବନ୍ତ ମହିଳାଙ୍କଠାରୁ ଗର୍ଭାଶୟ ଲୋଡ଼ିବା ଆବଶ୍ୟକ ନାହିଁ। ତେବେ ପରିବାର ସଦସ୍ୟ ଚାହିଁଲେ ମୃତ ମହିଳାଙ୍କ ଜରାୟୁ କାଢ଼ି ଅନ୍ୟ ମହିଳାଙ୍କଠାରେ ପ୍ରତିରୋପଣ କରାଯାଇ ପାରିବ। ଉକ୍ତ ମହିଳା ଗର୍ଭଧାରଣ କରିବାକୁ ଅସମର୍ଥ ଥିବାରୁ ତାଙ୍କଠାରେ ଗର୍ଭାଶୟ ପ୍ରତିରୋପଣ କରାଯାଇଥିଲା। ଲାଟିନ୍ ଆମେରିକାରେ ଏହା ହେଉଛି ପ୍ରଥମ ଗର୍ଭାଶୟ ପ୍ରତିରୋପଣ।

## ଜିଏସ୍ଏଟି-୧୧ର ସଫଳ ଉତ୍କ୍ଷେପଣ

**ବେଙ୍ଗାଲୁରୁ**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ନିର୍ମିତ ସବୁଠୁ ଓଜନିଆ ସାଟେଲାଇଟ୍ ଜିଏସ୍ଏଟି-୧୧କୁ ବୁଧବାର ଫ୍ରେଞ୍ଚ୍‌ଗାଏନା ଉତ୍କ୍ଷେପଣ ସ୍ଥଳରୁ ଏରିଏନସ୍ପେସ୍ ରକେଟ ଯୋଗେ ସଫଳତାର ସହିତ ଲଞ୍ଚ୍ କରାଯାଇଛି। ଏହି ଉପଗ୍ରହ ବ୍ରଡବ୍ୟାଣ୍ଡ ସେବାକୁ ତ୍ୱରାନ୍ୱିତ କରିବ। ଫ୍ରେଞ୍ଚ୍‌ଗାଏନାର କୁରୁସ୍ଥିତ ଏରିଏନ୍ ଲଞ୍ଚ୍ କମ୍ପ୍ଲେକ୍ସରୁ ଭାରତୀୟ ସ୍ଥାନୀୟ ସମୟ (ମଙ୍ଗଳବାର-ବୁଧବାର ରାତି) ୨ଟା ୭ମିନିଟରେ ଏରିଏନ୍-୫ ରକେଟ୍‌ରେ ଅଗ୍ନିସଂଯୋଗ କରାଯାଇଥିଲା। ଦୀର୍ଘ ୩୩ମିନିଟ୍ ପରେ ଉକ୍ତ ରକେଟ୍ ଜିଏସ୍ଏଟି-୧୧କୁ ପୃଥିବୀର କକ୍ଷପଥରେ ସ୍ଥାପନ କରିପାରିଥିଲା।



ଭାରତ ଦ୍ୱାରା ନିର୍ମିତ ସବୁଠୁ ଓଜନିଆ ଓ ଶକ୍ତିଶାଳୀ ସାଟେଲାଇଟ୍‌କୁ ସଫଳତାର ସହ ଲଞ୍ଚ୍ କରାଯାଇଥିବା ଇସ୍ରୋ ଚେୟରମ୍ୟାନ୍ କେ. ଶିବନ୍ ଜଣାଇଛନ୍ତି। ଜିଏସ୍ଏଟି-୧୧କୁ ‘ମହାର୍ଘ ମହାକାଶ ସମ୍ପଦ’ ବୋଲି ବର୍ଣ୍ଣନା କରି ସେ କହିଲେ, ଉକ୍ତ ଉପଗ୍ରହର ୩୮ଟି ସ୍ପଟ୍‌ବିମ୍ ଏବଂ ୮ଟି ସବ୍‌ବିମ୍ ରହିଛି। ଏହାଦ୍ୱାରା ଦୁର୍ଗମ ସ୍ଥାନ ସମେତ ସମଗ୍ର ଦେଶରେ ୧୬ ଜିବିପିଏସ୍ ଡାଟା ସଂଯୋଗ ସେବା ପ୍ରଦାନ କରାଯାଇ ପାରିବ। ଏହାର ଓଜନ ପାଖାପାଖି ୫,୮୫୪ କିଲୋଗ୍ରାମ୍। ଇସ୍ରୋଦ୍ୱାରା ନିର୍ମିତ ଉପଗ୍ରହଗୁଡ଼ିକ ମଧ୍ୟରେ ଏହା ସବୁଠୁ ଓଜନିଆ। ପରବର୍ତ୍ତୀ ପିଢ଼ିର ଏହି ଯୋଗାଯୋଗ ଉପଗ୍ରହ ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଇସ୍ରୋ ପକ୍ଷରୁ ସୂଚନା ମିଳିଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୫ | ୧୩.୫ |
| ଚାନ୍ଦବାଲି | ୨୭.୫ | ୧୫.୯ |
| କଟକ | ୨୮.୦ | ୧୪.୪ |
| ପାରାଦ୍ୱୀପ | ୨୮.୯ | ୧୭.୪ |
| ଭୁବନେଶ୍ୱର | ୨୯.୮ | ୧୫.୭ |
| ଗୋପାଳପୁର | ୩୦.୫ | ୧୮.୫ |
| ପୁରୀ | ୨୯.୬ | ୧୮.୬ |
| ଅନୁଗୋଳ | ୨୭.୩ | ୧୨.୦ |
| ବାରିପଦା | ୨୬.୫ | ୧୩.୮ |
| ଝାରସୁଗୁଡ଼ା | ୨୮.୩ | ୧୩.୯ |
| କେନ୍ଦୁଝର | ୨୬.୭ | ୧୨.୧ |
| ସମ୍ବଲପୁର | ୩୦.୧ | ୧୪.୨ |
| ସୁନ୍ଦରଗଡ଼ | ୨୯.୦ | ୧୨.୫ |
| ହୀରାକୁଦ | ୨୯.୦ | ୧୫.୧ |
| ତାଳଚେର | ୨୯.୮ | ୧୬.୦ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୨୯.୧ | ୧୫.୬ |
| କୋରାପୁଟ | ୨୫.୦ | ୧୫.୪ |
| ଫୁଲବାଣୀ | --- | ୮.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୫ | ୨୦.୪ |
| ସୋନପୁର | ୨୯.୮ | ୧୭.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ମୋଦିଙ୍କୁ ଧନ୍ୟବାଦ ଦେଲେ ପ୍ରିୟଙ୍କା

**ନୂଆଦିଲ୍ଲୀ:** ନବବିବାହିତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ୱେଡିଂ ରିସେପ୍‌ଶନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିମନ୍ତ୍ରଣ ରକ୍ଷାକରି ମୋଦି ଏପରି ଏକ ମାଙ୍ଗଳିକ ଉତ୍ସବରେ ଯୋଗଦେଇଥିବାରୁ ପ୍ରିୟଙ୍କା ତାଙ୍କୁ ହୃଦୟଭରା ସ୍ୱାଗତ କରିଥିଲେ। ତାଙ୍କ ଆଶୀର୍ବଚନ ଏବଂ ଉପସ୍ଥିତିରେ ଅତ୍ୟନ୍ତ ଖୁସି ଥିବା ପ୍ରିୟଙ୍କା ଟୁଇଟର ପୃଷ୍ଠାରେ ବୁଧବାର ପ୍ରକାଶ କରିଛନ୍ତି। ଏଥିସହିତ ସେ, ସ୍ୱାମୀ ନିକ୍ ଜୋନ୍‌ସ ଏବଂ ତାଙ୍କ ମା’ ମଧୁ ଚୋପ୍ରା ପ୍ରଧାନମନ୍ତ୍ରୀଙ୍କ ସହିତ ଏକ ଖୁସି ମୁହୂର୍ତ୍ତର ଫଟୋକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ମୋଦି ଉଭୟଙ୍କୁ ଗୋଟିଏ ଲେଖା ଗୋଲାପଫୁଲ ଦେବା ସହିତ ସେଠାରେ ୧୦ମିନିଟ୍ ପାଇଁ ଉପସ୍ଥିତ ଥିଲେ। ସେ ନିକ୍ ଏବଂ ପ୍ରିୟଙ୍କାଙ୍କ ପରିବାରଙ୍କୁ ଯୋଡ଼ହସ୍ତରେ ସାକ୍ଷାତ କରି ଖୁସିର ବାର୍ତ୍ତା ବିନିମୟ କରିଥିଲେ। ଗତ ସପ୍ତାହରେ ଯୋଧପୁରର ଉମେଦ ଭବନ ପ୍ୟାଲେସରେ ପ୍ରିୟଙ୍କା ଓ ନିକ୍‌ଙ୍କ ଶୁଭପରିଣୟ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ରିସେପ୍‌ଶନ୍ ପାର୍ଟି ଆୟୋଜିତ ହୋଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।










■ ଅତ୍ୟାଧୁନିକ ବର୍ଜ୍ୟଜଳ ବିଶୋଧନାଗାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# 'ବଦଳିବ କଟକ ସହରର ପରିମଳ ରୂପରେଖ'




ଅତ୍ୟାଧୁନିକ 'ବର୍ଜ୍ୟଜଳ ବିଶୋଧନାଗାର'ର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

■ ଦୈନିକ ସହରବାସୀ ପାଇବେ ୩ କୋଟି ୬୦ ଲକ୍ଷ ଲିଟର ବିଶୁଦ୍ଧ ଜଳ

■ ୩୦ବର୍ଷ ପର୍ଯ୍ୟନ୍ତ ରହିବନି ପିଇବା ପାଣି ସମସ୍ୟା

**କଟକ ଅଫିସ, ୫।୧୨**

ସ୍ୱଚ୍ଛ କଟକ, ସୁସ୍ଥ କଟକ। ଏଣିକି ବଦଳିଯିବ କଟକ ସହରର ପରିମଳ ରୂପରେଖ। ସହରବାସୀଙ୍କୁ ଦୈନିକ ମିଳିବ ୩ କୋଟି ୬୦ ଲକ୍ଷ ଲିଟର ବିଶୁଦ୍ଧ ପାନୀୟଜଳ। ବୁଧବାର ୧୧୦ କୋଟି ଟଙ୍କା ବ୍ୟୟରେ ସିଡିଏଠାରେ ନିର୍ମିତ ଅତ୍ୟାଧୁନିକ 'ବର୍ଜ୍ୟଜଳ ବିଶୋଧନାଗାର'କୁ ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏଥିସହ ଏହି ପ୍ରକଳ୍ପରେ ପୋଲିସ କଲୋନୀଠାରେ ନିର୍ମିତ ଘଣ୍ଟାକୁ ୭୨ ଲକ୍ଷ ଲିଟର ଜଳ ନିଷ୍କାସନ କ୍ଷମତା ସମ୍ପନ୍ନ ଡ୍ରେନେଜ ପମ୍ପିଙ୍ଗ୍ ଷ୍ଟେଶନକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ବିଶୋଧନାଗାର ଓ ତତ୍‌ସଂଲଗ୍ନ ଭୂତଳ ସ୍ୱେରେଜ ଲାଇନ୍ ଦ୍ୱାରା ସହରର ଲୋକମାନେ ଉପକୃତ ହେବେ। ବୁଧବାରଠାରୁ ମହାନଦୀ ଓ କାଠଯୋଡ଼ି ରିଂରୋଡର ମଧ୍ୟବର୍ତ୍ତୀ ଅଞ୍ଚଳ ବିଡାନାସିଠାରୁ ମଙ୍ଗଳାବାଗ, ଫ୍ରେଣ୍ଡ୍‌ସ କଲୋନୀ, ଝୋଲାସାହି, ବଙ୍ଗାଳିସାହି ଓ ପୁରୀଘାଟ ଅଞ୍ଚଳର ଲୋକେ ଏହି ପ୍ରକଳ୍ପର ସେବା ନେଇ ପାରିବେ। ଏଥିସହ ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ମତଗଜପୁରଠାରେ ନିର୍ମାଣାଧୀନ ବିଶୋଧନାଗାର ଆଉ ଅଳ୍ପଦିନ ମଧ୍ୟରେ ଲୋକର୍ପିତ ହେବାପରେ ସହରରେ ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାର ଆହୁରି ସୁଧାର ଆସିବ। ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ସହରବାସୀଙ୍କର ଜଳକଷ୍ଟ ଦୂର ହୋଇପାରିବ। ଆଜିପର୍ଯ୍ୟନ୍ତ ବର୍ଜ୍ୟଜଳ ଘରୁ ବାହାରିବା ପରେ ତାହା ନାଳଦ୍ୱାରା ଯାଇ ମହାନଦୀ ଏବଂ କାଠଯୋଡ଼ି ନଦୀରେ ମିଶି ଜଳ ପ୍ରଦୂଷିତ କରୁଛି। ନଦୀ ପ୍ରଦୂଷଣ ଓ ସହରର ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦୂର ପାଇଁ ଏହି ପ୍ରକଳ୍ପ ସେବା ଯୋଗାଇବ। ଘରୁ ବାହାରୁଥିବା ଦୂଷିତ ଜଳକୁ ଭୂତଳ ସ୍ୱେରେଜ ପାଇପ ମାଧ୍ୟମରେ ସଂଗ୍ରହ କରି ଅତ୍ୟାଧୁନିକ ପଦ୍ଧତିରେ ବିଶୋଧନ କରି ନଦୀରେ ଛଡ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୦ଟି ଓମ୍‌ଫେଡ୍ ଡାଏରି ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥ ବ୍ୟାପାର ବିଭାଗର ଅତିରକ୍ତ ସଚିବ ସି.ଏସ୍. ମହାପାତ୍ର, ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମଥିଭାଥନନ୍, ଜାଇକା ଇଣ୍ଡିଆର ମୁଖ୍ୟ ପ୍ରତିନିଧି କାଟସୁଅ ମାତସୁମୋଟୋ, ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଟି.ବି.କେ. ସରାଫ ଉପସ୍ଥିତ ଥିଲେ।

■ ଗ୍ୟାସ୍ ପାଇପ ଲାଇନ୍ ପ୍ରକଳ୍ପ

# ବିନିଯୋଗ ହେବ ୭୦ ହଜାର କୋଟି: ଧର୍ମେନ୍ଦ୍ର



■ ୧୯ତମ ଜାତୀୟ ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ ଉଦ୍‌ଘାଟିତ

■ ଡିସେମ୍ବରରୁ ପାରାଦୀପ ରିଫାଇନେରୀରୁ ପଲିପ୍ରୋପିଲିନ୍ ଉତ୍ପାଦନ

**ଭୁବନେଶ୍ୱର,୫।୧୨**

କେନ୍ଦ୍ର ସରକାର ଗ୍ୟାସ ଭିତ୍ତିକ ଅର୍ଥନୀତିକୁ ଅଗ୍ରାଧିକାର ଦେଉଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ଦେଶରେ ଗ୍ୟାସ ପାଇପ ଲାଇନ ବିଛାଯିବ। ଏଥିଲାଗି ପ୍ରାୟ ୭୦ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଉକ୍ତ ଯୋଜନା ଅଧୀନରେ ଓଡ଼ିଶାରେ ପ୍ରାଥମିକ ପର୍ଯ୍ୟାୟରେ ୧୭୦୦ କିମିର ପାଇପ ଲାଇନ ନେଟ୍‌ୱର୍କ ବିଛାଯିବ। ଏଥିପାଇଁ ୪,୫୦୦ କୋଟି ପୁଞ୍ଜି ବିନିଯୋଗ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ଧାମରା–ବାଂଲାଦେଶ, ସିଲିଗୁଡ଼ି–ବାଂଲାଦେଶ ଏବଂ ବାଂଲାଦେଶ–ମ୍ୟାନ୍‌ମାରକୁ ଗ୍ୟାସ୍ ନେଟ୍‌ୱର୍କ ଯୋଡ଼ିବା ନେଇ ଯୋଜନା ରହିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି।

ଭୁବନେଶ୍ୱରଠାରେ ଆୟୋଜନ ହେଉଥିବା ୩ ଦିନିଆ ନ୍ୟାଶନାଲ କରୋଜନ କଣ୍ଟ୍ରୋଲ କନ୍‌ଫରେନ୍ସ (ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ)କୁ ଉଦ୍‌ଘାଟନ କରି ପ୍ରଧାନ କହିଛନ୍ତି, ପୂର୍ବ ଭାରତକୁ ବିକାଶ କ୍ଷେତ୍ରରେ ପଶ୍ଚିମ ଭାରତ ସହ ସମକକ୍ଷ କରାଇବାକୁ ହେଲେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ। ଏହି ଅବସରରେ ପାରାଦୀପ, ଧାମରା ଏବଂ ଗୋପାଳପୁରରେ ବନ୍ଦର ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଛନ୍ତି।

ସେହିଭଳି ପାରାଦୀପ–ହାଇଦ୍ରାବାଦ ମଧ୍ୟରେ ୧୨୧୨ କିମିର ପାଇପ ଲାଇନ, ପାରାଦୀପ ବନ୍ଦରର ଗ୍ୟାସ୍ ପରିବହନ କ୍ଷମତା ବୃଦ୍ଧି, ତୈଳ ବିଶୋଧନାଗାରର କ୍ଷମତା ସମ୍ପ୍ରସାରଣ ଏବଂ ଚଳିତ ମାସରୁ ପାରାଦୀପ ରିଫାଇନେରୀରେ ପଲିପ୍ରୋପିଲିନ୍ ଉତ୍ପାଦନ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଘରୋଇ ବଜାର ଲାଗି ଅବକ୍ଷୟ ନିରୋଧୀ ଜ୍ଞାନକୌଶଳ ଉଦ୍ଭାବନ ତଥା ଏହାର ଉପଯୋଗ ନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଶିଳ୍ପ ବିଶେଷଜ୍ଞଙ୍କୁ ସେ ଆହ୍ୱାନ ଦେଇଛନ୍ତି। ନ୍ୟାଶନାଲ କରୋଜନ କାଉନସିଲ ଅଫ୍ ଇଣ୍ଡିଆ, କରାଇଗୁଡ଼ି, ସିଏସ୍‌ଆଇଆର୍ କରାଇଗୁଡ଼ି ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେଶନ(ପାଇପଲାଇନ) ଡିଭିଜନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉକ୍ତ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହେବ।

# ଢେଙ୍କାନାଳକୁ ଗୌରବାନ୍ୱିତ କଲେ ରୀବାସ

# ଦୁଲ୍‌ଦୁଲିରେ ଦୁଲୁକିବ ତାମିଲ ଇଣ୍ଡଷ୍ଟ୍ରୀ

**ଢେଙ୍କାନାଳ ଅଫିସ, ୫।୧୨**

ବଲିଉଡ, ହଲିଉଡ୍ ପରେ ଏବେ ତାମିଲ ଇଣ୍ଡଷ୍ଟ୍ରୀରେ ଶୁଣିବାକୁ ମିଳିବ ସମ୍ବଲପୁରୀ ଫୋକ୍ ମ୍ୟୁଜିକ୍‌ର ଧୂନ। ଦୁଲ୍‌ଦୁଲି, ନିଶାଣର ଛାତିଥରା ଶବ୍ଦରେ ନାଚିବ ସାରା ଦକ୍ଷିଣ ଭାରତ। ସୁପରଷ୍ଟାର ରଜନୀକାନ୍ତଙ୍କ ଅପ୍‌କମିଂ ତାମିଲ ଫିଲ୍ମ 'ପେଟ୍ଟା'ରେ ସମ୍ବଲପୁରୀ ବାଦ୍ୟକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ଆଉ ଏହି ଗୀତରେ ନିଜର ଟ୍ୟାଲେଣ୍ଟ ଦେଖାଇ ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଛନ୍ତି ଢେଙ୍କାନାଳ ପୁଅ ରୀବାସ ନାଏକ। ନିକଟରେ ଉକ୍ତ ଗୀତର ଅଡ଼ିଓ ରିଲିଜ ହୋଇଥିବାବେଳେ ୟୁଟ୍ୟୁବ୍‌ରେ ଏହାକୁ ମିଳିଛି ଭଲ ରେସ୍‌ପନ୍ସ। ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚନ୍ଦର, ଏସ୍. ବାଲସୁବ୍ରମଣ୍ୟମ ଉକ୍ତ ଗୀତରେ କଣ୍ଠଦାନ କରିଥିବାବେଳେ ଉଭୟେ ରୀବାସଙ୍କ ପ୍ରତିଭାକୁ କରିଛନ୍ତି ପ୍ରଶଂସା।

'ପେଟ୍ଟା' ଫିଲ୍ମ ଲାଗି ଆମନ୍ତ୍ରିତ ହୋଇଥିଲେ ମା' ଦକ୍ଷିଣକାଳୀ ଶିଙ୍ଗବାଜା ଗ୍ରୁପ୍। ଏହାର ନେତୃତ୍ୱ ନେଇଥିଲେ ୨୬ବର୍ଷୀୟ ରୀବାସ। ଅନୁଷ୍ଠାନର ୯ଜଣ ସହଯୋଗୀ ମାଡ୍ରାସ ଯାଇଥିଲେ। ସେଠାକାର ଏକ ଷ୍ଟୁଡିଓରେ ସମ୍ବଲପୁରୀ ବିଟ୍‌ରେ ରେକର୍ଡିଂ ହୋଇଥିଲା 'ମାସ୍ ୟୁ ମରନମ୍'।

ନିଜର ଅନୁଭୂତି ସମ୍ପର୍କରେ ରୀବାସ କୁହନ୍ତି, ବାଜା ବଜାଇବା ଦୃଶ୍ୟ ଶୁଟିଂ କରି ରୀବାସ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିଥିଲେ। ଏହାକୁ ଦେଖିଥିଲେ ରଜନୀକାନ୍ତଙ୍କ ସହଯୋଗୀ। ୟୁଟ୍ୟୁବ୍‌ରେ ଦିଆଯାଇଥିବା ମୋବାଇଲ୍ ଫୋନ୍‌ରେ ସେ ଯୋଗାଯୋଗ କରିଥିଲେ। ଏହାପରେ ତାଲିମ ଫିଲ୍ମରେ ପ୍ରତିଭା ପ୍ରଦର୍ଶନ ଲାଗି ବାଟ ଖୋଲିଯାଇଥିଲା। ଏହା ସଫଳତାର ପ୍ରଥମ ସୋପାନ। ବାଦ୍ୟଯନ୍ତ୍ର ପ୍ରତି ପିଲାଟି ଦିନରୁ ନିଶା ରହିଛି। ବାହାଘର ଶୋଭାଯାତ୍ରା, ପୂଜା ଭସାଣିରେ ନିଶାଣ ଓ ଦୁଲଦୁଲି ବଜାଉଥିଲୁ। ଏବେ ଫିଲ୍ମରେ ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଛି। ଏସବୁ ପଛରେ ବାପା ସୁଧା ନାଏକ ଏବଂ ମା' ସରିତା ନାଏକ ପ୍ରେରଣା ଥିବା ସେ କହିଛନ୍ତି।


NECC NATIONAL EGG CO-ORDINATION COMMITTEE — 05.12.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 77 | 128 | 138 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers





## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବେଦ ପ୍ରକାଶ
ପରିବାରବର୍ଗ


ଆରାଧନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified

real estate

## SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ ୨ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619.D-64389

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372

## ACCOMMODATION

ଭୁବନେଶ୍ୱରରେ ଆଜବେଷ୍ଟସ ଘର (electricity+water) ଖୋଲା ଜାଗା ଆବଶ୍ୟକ। Contact: 8280082800. D-65223

## ଜନ୍ମଦିନ ଶୁଭେଚ୍ଛା



ବେଦ ପ୍ରକାଶ
ନାହାଳପୁର, କଟକ

ଆଜି ତୋତେ ଚାରିବର୍ଷ ପୂରିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ଦୀର୍ଘଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ମା, ବାପା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ଭାଇ, ବଡବାପା, ବଡବୋଉ ଓ ବନ୍ଧୁପରିବାରବର୍ଗ। ଧ-୧୪୫୫୭


## କିଛି ତଥ୍ୟ

୨୦୧୭ରେ ଭାରତ ବିଶ୍ୱର ପ୍ରମୁଖ ବଜାରଗୁଡ଼ିକୁ ୩୧ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ ରପ୍ତାନି କରିଛି।
-ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍ସ


# ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧା ସୁମନ



**ସ୍ୱର୍ଗତ ନଟବର ଶିଶୁ**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, କୋଣାର୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୁଣେଇଁ
ଆବିର୍ଭାବ: ୨୬।୦୯।୧୯୩୧
ତିରୋଧାନ: ୨୮।୧୧।୨୦୧୬
ବାପା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁପରିବାରବର୍ଗ।
ଧ-୯୮୪୧

### ଷଷ୍ଠ ବାର୍ଷିକ ଶ୍ରାଦ୍ଧଦିବସ



**ସ୍ୱର୍ଗତ ଗନ୍ଧର୍ବ ବିଶ୍ୱାଳ**

ଆରୁହାଁ, କୋଣାର୍କ, ପୁରୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ଶାନ୍ତିଲତା, ଭାଇ- ଭଗବାନ, ପୁଅ- ପିଣ୍ଟୁ, ବୋହୂ- ଲୋରି, ଝିଅ- ରୀତା, ଗୀତା, ସବିତା, ଶଶୀ, ଜ୍ୱାଇଁ- ସଂଗ୍ରାମ, ସାଗର, ନାତୁଣୀ- ପ୍ରିୟା, ନାତି-ରିଆସ, ଶୁଭମ୍, ଆୟଷମାନ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୯୮୪୦

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁ**

ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୩୦।୦୬।୧୯୫୫
ତିରୋଧାନ: ୨୬।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଭାଇ- ପ୍ରତାପ କୁମାର ସାହୁ, କ୍ଷୀରୋଦ କୁମାର ସାହୁ, ମନୋଜ କୁମାର ସାହୁ ଓ ପରିବାରବର୍ଗ। ଧ-୬୪୨୫୯

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସନାତନ ପାତ୍ର**

ଆବିର୍ଭାବ: ୦୫।୦୪।୧୯୩୨
ତିରୋଧାନ: ୨୮।୧୧।୨୦୧୬
ତୁମ ଅବର୍ତ୍ତମାନର ଦୁଇ ବର୍ଷ ଅତିକ୍ରାନ୍ତ। ତୁମର ଆଦର୍ଶ, ଅଦମ୍ୟ ସାହସ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ତଥା ସ୍ନେହ ଓ ଶ୍ରଦ୍ଧା ଆମର ଚିର ପାଥେୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀବୋହୂ, ଝିଅ, ଜ୍ୱାଇଁ, ଭଣଜା ଏବଂ ସମସ୍ତ ଆତ୍ମୀୟସ୍ୱଜନ। ଧ-୯୮୩୬


## ୭ ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ସେଣ୍ଟର

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) କୋଚିଂ ସେଣ୍ଟର ଖୋଲାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ସମ୍ବଲପୁର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେଭେନ୍ସା ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ନେବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ସେହିପରି ରାଜ୍ୟରେ ସ୍ୱତନ୍ତ୍ର ଆଇଏଏସ୍ କୋଚିଂ ସେଣ୍ଟର ସ୍ଥାପନ କରିବା ପାଇଁ ଆଗ୍ରହୀ ସଂସ୍ଥାମାନଙ୍କୁ ସରକାର ଆହ୍ୱାନ ଦେଇଛନ୍ତି। ଏଥିନିମନ୍ତେ ଇଚ୍ଛୁକ ସଂସ୍ଥାକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟର ଡିଗ୍ରୀ କଲେଜମାନଙ୍କରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪୦୭ ପଦବୀରେ ନିଯୁକ୍ତି ଦିଆଯାଇଥିବାବେଳେ ୪୨୬ଟି ପଦବୀ ପୂରଣ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ମାଧ୍ୟମରେ ୧୬୨୫ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ୮୩୩ଟି ପଦବୀ ପୂରଣ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଥିବା ୩୧୭ଟି ସହଯୋଗୀ ଓ ସହକାରୀ ପ୍ରଫେସର ପଦବୀ ପୂରଣ ନିମନ୍ତେ ନିଯୁକ୍ତି ବିଜ୍ଞାପନ ପ୍ରକାଶିତ ହୋଇଛି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟରେ ସଂରକ୍ଷଣ ନୀତି ନିର୍ଦ୍ଧାରଣ ନିମନ୍ତେ ଉଦ୍ଦିଷ୍ଟ ମାମଲା ବିଚାରାଧୀନ ଥିବାରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶକ୍ରମେ ଏହି ନିଯୁକ୍ତି ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରହିଛି। ଏତଦ୍‌ବ୍ୟତୀତ ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୭୭ଟି ପଦବୀ ସୃଷ୍ଟି କରିବା ପାଇଁ ଅନୁମୋଦନ କରିଛନ୍ତି। ଏହି ପଦବୀଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

# ଖଟିରେ ଖଟିରେ...

## ପାଣିଚିଆ

ରାଜଧାନୀକୁ ଏବେ ହକି ଜ୍ୱର। ଏ ଜ୍ୱର କୁଆଡ଼େ ଛାଡ଼ିବନି ଆହୁରି ୧୦ ଦିନ ରହିବ। ଖଟିରେ ଏବେ ରାଜନୀତି ଅପେକ୍ଷା ଖେଳ ଚର୍ଚ୍ଚା ଜମୁଛି। ହେଲେ ରାଜନୀତି ବା କୁଆଡ଼େ ଖଟିକୁ ଛାଡ଼ି ରହିବ। ସେଦିନ କେଶରୀ ଟକିଜ୍ ପାଖ ଖଟିରେ ଏମିତି ରାଜନୀତି ଆଲୋଚନା ଚାଲିଥିଲା। କଥା ପଡୁ ପଡୁ ଜଣେ ଫୁଲ ଦଳିଆ କହିଲେ, ଆମ ଦଳକୁ ମ୍ୟାଡାମ ଆସିବା ପରେ ଖେଳ ଜମିଗଲା। ଏତିକି ବେଳେ ଶଙ୍ଖ ଦଳିଆ ନଟିଆ କହିଲା, ଖେଳ ଜମିଲାନି। ଓଲଟି ପାଣିଚିଆ ହୋଇଗଲା। ଫୁଲ ଦଳିଆ ପଚାରିଲା କେମିତି। ଏହାଶୁଣି ନଟିଆ ଉତ୍ତର ଦେଲା, ମ୍ୟାଡାମ ଭାରି ହିସାବୀ। ନହେଲେ ପ୍ରଥମେ ବିଦେଶୀ କମ୍ପାନୀରେ ଚାକିରି କରିବେ ବୋଲି ଲେଖିଥିଲେ। ପରେ କିନ୍ତୁ କାରଣ ବଦଳେଇ ଦେଲେ। ତେଣୁ ଆରମ୍ଭରୁ ମିଛ ଧରାପଡ଼ିଲା। ଏମିତି ବେଳାରେ ଦଳକୁ ଆସିଲେ ଯେ, ଦିଲ୍ଲୀରେ ହାକିମାତି କରୁଥିବା ନେତାଙ୍କୁ ମୁଖିଆ ପ୍ରାର୍ଥୀ କିଏ, ସମସ୍ତଙ୍କୁ ଜଣାଇବାକୁ ପଡ଼ିଲା। ତା' ପରଦିନ ପୁଣି ପ୍ରଭାବୀ ଦିଲ୍ଲୀ ମାନ୍ୟବରଙ୍କୁ ଆଉଗୋଟେ କଥା କହିବାକୁ ପଡ଼ିଲା। ତେଣୁ ମ୍ୟାଡାମ୍ ଆରମ୍ଭେ ପାଣିଚିଆ ହୋଇଗଲା। ଏକଥା ଶୁଣି ଫୁଲ ଦଳିଆ କି ସମ୍ଭାଳେ । ବାଇକ୍ ଧରି ସିଧା ଛୁ।

## କଲେ ଭଲ ନ ହେଲେ ମଲ

ସବୁବେଳେ ଶୁଣୁଥିଲି ହେଲେ ସତ ବୋଲି ଭାବି ନ ଥିଲି। ବୁଝିଲ ଭାଇ, ଆଜି ଆଖିରେ ଦେଖିଲା ପରେ ସତ ବୋଲି ଜାଣିଗଲି। ଏ ଖାକିବାଲାଗୁଡ଼ା ସବୁଠୁ ବଡ଼ ଚୋର ହୋ। ବାବୁଙ୍କ ଏମନ୍ତ କଥା ଶୁଣି ଶହୀଦ ନଗର ଚା ଖଟିରେ ତାଙ୍କ ସାଙ୍ଗ ପଚାରିଲେ କ'ଣ ହେଇଛି କହୁନୁ ନ ହେଲେ ଆମେ କ'ଣ ବୁଝିବୁ। ଆଉ ତା'ପରେ ବାବୁ ଜଣଙ୍କ ବଡ଼ ପାଟିରେ ବଖାଣିଲେ, ଇଏରେ ହେ ଗଲାକାଲି ପୁରୀର ଅମୁକ ହୋଟେଲରେ ବସିଥିଲି। ସେଇ ପାଖରେ ପୁରୀ ଜିଲାର ଗଡ ଏରିଆ ମାନ୍ୟବର ବସିଥାଆନ୍ତି। ଆଉ ତାଙ୍କ ନିକଟରେ ସେପଟର ପାନ ଏରିଆ ଖାକିବାବୁ ବି ବସିଥାଆନ୍ତି। ଆଉ ମାନ୍ୟବରଙ୍କ କଥା ଶୁଣି ଖାକି ବାବୁଜଣଙ୍କ ଖାଲି ଆଜ୍ଞା, ଆଜ୍ଞା ଚଲାଇ ଥାଆନ୍ତି। ଆଉ ଟିକେ କାନ ଡେରି ଶୁଣିଲା ପରେ ଜଣାପଡିଲା, ମାନ୍ୟବରଙ୍କ ଜଣେ କର୍ମୀ କୁଆଡେ ଗୋଟେ ମାମଲାରେ ଜଡିତ ଅଛନ୍ତି। ଆଉ ତାଙ୍କୁ ହାଜତ ନ ନେବାକୁ ଖାକିବାଲାଙ୍କୁ ତାଗିଦ କରୁଥାଆନ୍ତି। ଆଉ ଏମନ୍ତ ଦେଖିଲାପରେ ଭାବିଲି, ଏ ବ୍ୟବସ୍ଥାରେ ଲୋକେ ବଞ୍ଚିବେ ତ ? ସେଇଠୁ ତାଙ୍କ ସାଙ୍ଗ ଜଣଙ୍କ କହିଲେ, ଏଠି ଭାଇ କଲେ ଭଲ ନ ହେଲେ ମଲ।

# ଏଏସ୍‌ଓ ପରୀକ୍ଷା ଘୁଞ୍ଚିବା ପରେ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ଗ୍ରୁପ୍-ବି ଲିଖିତ ପରୀକ୍ଷା ଘୁଞ୍ଚାଯିବା ପରେ ପୁଣି ଅନେକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ଯେଉଁ ତାରିଖକୁ ପରୀକ୍ଷା ଘୁଞ୍ଚାଯାଇଛି ସେହିଦିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍ସନ(ଆଇବିପିଏସ୍) କ୍ଲର୍କ ମେନ୍ ପରୀକ୍ଷା ରହିଛି। ତେଣୁ ଏଏସ୍‌ଓ ପରୀକ୍ଷା ତାରିଖ ପରିବର୍ତ୍ତନ କରିବାକୁ ଅନେକ ପ୍ରାର୍ଥୀ ଦାବି କରିଛନ୍ତି।

ସୂଚନା ମୁତାବକ, ଓପିଏସ୍‌ସି ପକ୍ଷରୁ ଡିସେମ୍ବର ୨୩ରେ ଏଏସ୍‌ଓ ପରୀକ୍ଷା ଅନୁଷ୍ଠିତ ହେବା ନେଇ ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ବହୁ ସଂଖ୍ୟାରେ ପ୍ରାର୍ଥୀ ଆବେଦନ କରିଥିବାରୁ ପରୀକ୍ଷା ପରିଚାଳନାରେ ସମସ୍ୟା ହେବା ଆଶଙ୍କା ସୃଷ୍ଟି ହୋଇଥିଲା। ଏହାକୁ ହୃଦ୍‌ବୋଧ କରି ଓପିଏସ୍‌ସି ପକ୍ଷରୁ ଆସନ୍ତା ୨୦୧୯ ଜାନୁୟାରୀ ୨୦କୁ ପରୀକ୍ଷା ଘୁଞ୍ଚାଇ ଦିଆଯିବା ସହ ଏ ନେଇ ଗତ ସୋମବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପରେ ବ୍ୟାଙ୍କିଙ୍ଗ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ପ୍ରାର୍ଥୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଜଣେ ପରୀକ୍ଷାର୍ଥୀ ଅଭିମନ୍ୟୁ ସାହୁ କୁହନ୍ତି, ଗୋଟିଏ ଦିନରେ ଦୁଇଟି ପରୀକ୍ଷା ହେଲେ ବହୁ ପ୍ରାର୍ଥୀ ଅସୁବିଧାର ସମ୍ମୁଖୀନ ହେବେ। ଯଦି କେହି ଆଇବିପିଏସ୍ କ୍ଲର୍କର ପ୍ରିଲିମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାଏ, ତେବେ ମେନ୍ ପରୀକ୍ଷା ଦେବା କଷ୍ଟକର ହୋଇଯିବ। ପରୀକ୍ଷା ଲାଗି ବହୁତ ଦିନ ଧରି ଅଭ୍ୟାସ କରିଆସୁଛୁ। ତେଣୁ ପରିଶ୍ରମ ବୃଥା ହେବ। ଆଉ ଜଣେ ପରୀକ୍ଷାର୍ଥୀ ଧରିତ୍ରୀ ସାହୁ କୁହନ୍ତି, ଏଏସ୍‌ଓ ପରୀକ୍ଷା ତାରିଖ ଘୁଞ୍ଚିଲା ବୋଲି ପଢ଼ିବାକୁ ଅଧିକ ସମୟ ମିଳିଲା। କିନ୍ତୁ ଗୋଟିଏ ଦିନରେ ୨ଟି ପରୀକ୍ଷା କିପରି ଦେବୁ। ଓପିଏସ୍‌ସି କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ।

# କଟକରେ ଖୋଲିବ ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍

କଟକ ଅଫିସ, ୫।୧୨

କଟକରେ ସ୍ଥାପନ ହେବ ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍। ଏଠାରେ ପଲିଟେକ୍‌ନିକ୍ ଓ ଆଇଟିଆଇ ଇନ୍‌ଷ୍ଟିଚ୍ୟୁଟ୍ ଖୋଲିବ। ୨୦୧୯ରୁ ଆଇଟିଆଇ ଓ ୨୦୨୦ରେ ପଲିଟେକ୍‌ନିକ୍ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହେବ। ରାଜ୍ୟ ସରକାର ଏହି ପ୍ରତିଷ୍ଠାନ ପାଇଁ ୫ ଏକର ଜମି ଯୋଗାଇ ଦେଇଛନ୍ତି। ୟୁଜିସି ପକ୍ଷରୁ ୪୦ କୋଟି ଟଙ୍କା ଏଥିପାଇଁ ବ୍ୟୟ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଡିଏ ସେକ୍ଟର-୧୩ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ପ୍ରତିଷ୍ଠାନ ଶାଖାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ସେ ବହୁତ ଖୁସି ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ସହଯୋଗ ଲୋଡ଼ିବ...



ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ।

ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ପଟ୍ଟନାୟକ, ଅନନ୍ତ ଦାସ ଏବଂ ଅରବିନ୍ଦ ଢାଲି ତୃଣମୂଳ କଂଗ୍ରେସ, ଶଶିଭୂଷଣ ବେହେରା, ଅନଙ୍ଗ ଉଦୟ ସିଂଦେଓ ଏବଂ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି), ସିପିଆଇ/ସିପିଏମ୍‌କୁ କଳିକେଶ ନାରାୟଣ ସିଂ ଦେଓ,କୁଳମଣି ସାମଲ ଏବଂ ରୀତା ତରାଇ ଭେଟିବେ। ବଦ୍ରିନାରାୟଣ ପାତ୍ର,ଅରୂପ ପଟ୍ଟନାୟକ ଏବଂ ଶକୁନ୍ତଳା ଲାଗୁରୀ ଏନ୍‌ସିପି, ସୂର୍ଯ୍ୟ ନାରାୟଣ ପାତ୍ର, ଅନୁଭବ ମହାନ୍ତି ଏବଂ ପ୍ରଭାସ ସିଂ ଆମ୍ ଆଦ୍‌ମୀ ପାର୍ଟି(ଏଏପି), ଦେବୀ ପ୍ରସାଦ ମିଶ୍ର ଏବଂ ସିଦ୍ଧାନ୍ତ ମହାପାତ୍ର ଡିଏମ୍‌କେ ଓ ଏଆଇଏଡିଏମ୍‌କେକୁ ଭେଟି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ନେଇ ସମର୍ଥନ ମାଗିବେ। କିଶୋର ମହାନ୍ତି ଏବଂ ଯୋଗେନ୍ଦ୍ର ତ୍ରିପାଠୀ ଆଇଏନ୍‌ଏଲ୍‌ଡି , ଜେଡି(ଏସ୍) ଏବଂ ଜେଡି(ୟୁ)କୁ ନଗେନ୍ଦ୍ର ପ୍ରଧାନ ଏବଂ ରବୀନ୍ଦ୍ର ଜେନା, ନ୍ୟାଶନାଲ କନଫେରେନ୍ସ(ଏନ୍‌ସି) ଏବଂ ପିପୁଲ୍ସ ଡେମୋକ୍ରେଟିକ ପାର୍ଟି(ପିଡିପି)କୁ ପିନାକୀ ମିଶ୍ର ଏବଂ ଲଡୁ କିଶୋର ସ୍ୱାଇଁ ଭେଟିବେ ବୋଲି ସ୍ଥିର କରାଯାଇଛି। ସେହିପରି ଜେଏମ୍‌ଏମ୍‌କୁ ଅନୁଭବ ମହାନ୍ତି, ଝିନ୍ନ ହିକ୍‌କା ଏବଂ ବିମ୍ବାଧର କୁଅଁର, ଆରଜେଡିକୁ ପ୍ରସନ୍ନ ଆଚାର୍ଯ୍ୟ, ସରୋଜିନୀ ହେମ୍ବ୍ରମ, ଶିରୋମଣି ଅକାଳି ଦଳକୁ ତଥାଗତ ସତପଥୀ ଏବଂ ସୂର୍ଯ୍ୟ ନାରାୟଣ ପାତ୍ର, ଶିବସେନାକୁ ଅରୂପ ପଟ୍ଟନାୟକ ଏବଂ ବଳଭଦ୍ର ମାଝୀ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟିକୁ ଭର୍ତ୍ତୃହରି ମହତାବ ଏବଂ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଟିଡିପି ଏବଂ ଟିଆରଏସ୍‌କୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଏନ୍ ଭାସ୍କର ରାଓ ଭେଟି ସମର୍ଥନ ମାଗିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଦାଶରଥିଙ୍କୁ କେନ୍ଦ୍ର ...

ମଧ୍ୟରୁ ଜଣଙ୍କୁ ଏଥିପାଇଁ ଚୟନ କରାଯାଇଥାଏ। କେନ୍ଦ୍ର ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ସମିତିର ନିଷ୍ପତ୍ତିକ୍ରମେ ଏଥର ପ୍ରଥମ ଥର ପାଇଁ ଅଣସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ଭାଷାକୁ ସମ୍ମାନିତ କରିବାକୁ ଘୋଷଣା କରାଯାଇଛି। ଡ. ପ୍ରଫୁଲ୍ଲ ତ୍ରିପାଠୀ ଓ ପଦ୍ମଶ୍ରୀ ହଳଧର ନାଗ ଏହି ପୁରସ୍କାର ପାଇବେ।

ଦାଶରଥିଙ୍କ ପ୍ରମୁଖ ସମୀକ୍ଷା ଗ୍ରନ୍ଥ ହେଉଛି, 'କାବ୍ୟ ସମ୍ବାଦ', 'ଆଧୁନିକ କାବ୍ୟ ଜିଜ୍ଞାସା: ଚିତ୍ରକଳ୍ପ', 'କବିସୂର୍ଯ୍ୟ କାବ୍ୟବିଭା', 'ମୃତ୍ୟୁଲୋକରେ ଋତୁ ସପ୍ତମ', 'ବିବିଧ ସମାଲୋଚନା', 'ଚିହ୍ନା ମାଟି ଅଚିହ୍ନା ଆକାଶ', 'ବିବିଧ ପ୍ରସ୍ତାବ', 'ବିଦଗ୍ଧ ମାନସ', 'ସାହିତ୍ୟ ବିବେକ' ଓ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ'। ୧୯୭୭ରେ 'କାବ୍ୟ ସମ୍ବାଦ' ଗ୍ରନ୍ଥ ପାଇଁ ତାଙ୍କୁ ମିଳିଛି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ଏହାଛଡ଼ା ସମ୍ମାନଜନକ ସାରଳା ପୁରସ୍କାର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ୀ ପୁରସ୍କାରରେ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି। ଗୁଣାତ୍ମକ ସାହିତ୍ୟ ସମାଲୋଚନା ପାଇଁ 'ଧରିତ୍ରୀ' ପକ୍ଷରୁ ସେ ପୁରସ୍କୃତ। ଜାତୀୟସ୍ତରରେ ଭାଷା ସମ୍ମାନରେ ସମ୍ମାନିତ ଡ. ଗଗନେନ୍ଦ୍ର ନାଥ ଦାଶ ମଧ୍ୟ ଅତିବଡ଼ୀ ପୁରସ୍କାର ପାଇଛନ୍ତି। 'ପୁନଶ୍ଚ ଜନଶ୍ରୁତି- କାଞ୍ଚିକାବେରୀ' ଓ 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' ଆଦି ବହୁ ପ୍ରମୁଖ ଗ୍ରନ୍ଥର ସେ ରଚୟିତା।

ମୋଟ ୨୪ଟି ଭାରତୀୟ ଭାଷାରେ ଏଥର ଏକାଡେମୀ ପୁରସ୍କାର


ହଳଧର ନାଗ


ଗଗନେନ୍ଦ୍ର ନାଥ ଦାଶ


ପ୍ରଫୁଲ୍ଲ ତ୍ରିପାଠୀ

ଘୋଷଣା କରାଯାଇଛି। ପୁରସ୍କାର ପାଇଁ ମନୋନୀତ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ୬ଟି ଉପନ୍ୟାସ, ୭ଟି କବିତା ପୁସ୍ତକ, ୬ଟି କ୍ଷୁଦ୍ରଗଳ୍ପ, ୩ଟି ସମୀକ୍ଷା ପୁସ୍ତକ ଓ ୨ଟି ପ୍ରବନ୍ଧ ପୁସ୍ତକ ରହିଛି। ଆସନ୍ତା ଜାନୁୟାରୀ ୨୯ରେ ନୂଆଦିଲ୍ଲୀରେ ହେବାକୁ ଥିବା ଉତ୍ସବରେ ମନୋନୀତ ସମସ୍ତ ସାହିତ୍ୟିକଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରାଯିବ। କାର୍ଯ୍ୟକାରୀ ସମିତି ବୈଠକରେ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବର ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ଶ୍ରୀନିବାସ ରାଓ ଓ ସଭ୍ୟ ଡ. ବିଜୟାନନ୍ଦ ସିଂ ଆଲୋଚନାରେ ଭାଗନେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଗ୍ରହ ପ୍ରଭାବରେ ବିଭିନ୍ନ ଦିଗରୁ ଅର୍ଥର ସମାଗମ ହେବ, କିନ୍ତୁ ସମସ୍ୟା ଛାଡ଼ିବ ନାହିଁ। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସୂଚନା ରହିଛି ।

**ବୃଷ**
ଭାଗ୍ୟାଧିପ ଶନି ଅଷ୍ଟମ ଭାବସ୍ଥ ଯୋଗୁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରିବା କଷ୍ଟକର ହୋଇପାରେ। ଫଳରେ ନିକଟ ସମ୍ପର୍କୀୟମାନଙ୍କ ଚକ୍ରାନ୍ତରୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ପରିବହନ ଓ ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ।

**ମିଥୁନ**
ମଙ୍ଗଳଙ୍କ ସ୍ଥିତି ଆପଣଙ୍କ ଅଭିଳାଷ ପୂରଣ ଦିଗରେ ସାହାଯ୍ୟ କରିବ। ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟାକଲେ ନିଶ୍ଚିତ ଉପକୃତ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ। ପ୍ରତିବନ୍ଧକ କାରଣରୁ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ**
ଏକାଦଶ ଭାବକୁ ଏକାଧିକ ଗ୍ରହ ଦୃଷ୍ଟି ନିକ୍ଷେପ କରୁଥିବାରୁ ଆପଣ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ, ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ପକ୍ଷପାତିତା ଅଶାନ୍ତିର କାରଣ ହେବ।

**ସିଂହ**
କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିବ, କିନ୍ତୁ ଶନି ପ୍ରଭାବରେ କେତେକ କାମରେ ପଶ୍ଚାତାପ ଜନିତ ମନସ୍ତାପ କରିପାରନ୍ତି। ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି । ଦେହ ଭଲ ରହିବା ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଶା କରିଥିବା ଜିନିଷ ବିଳମ୍ବରେ ପାଇବେ ।

**କନ୍ୟା**
ନିଜ ଲୋକମାନଙ୍କ ସହଯୋଗ ଲାଭ କରି ନୂତନ କର୍ମାରମ୍ଭ କରିବାରେ ସମର୍ଥ ହେବେ । ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି । ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ । ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ ।

**ତୁଳା**
ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ବୃଦ୍ଧି ଅନୁଭବ କରି ଖୁସୀ ରହିବେ। ବନ୍ଧୁଙ୍କ ଜରିଆରେ କୌଣସି ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କର୍ମକ୍ଲାନ୍ତ ଶରୀର ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବା ସୂଚନା ରହିଛି ।

**ବିଛା**
ରାଶିସ୍ଥ ଗ୍ରହମାନେ ଲକ୍ଷ୍ୟହୀନ ଭ୍ରମଣ ସାଙ୍ଗକୁ କାର୍ଯ୍ୟ କ୍ଷେତ୍ରକୁ ଶୃଙ୍ଖଳିତ ରଖିବେ ନାହିଁ। ଆଶା କରୁଥିବା ଅର୍ଥ ପାଇବା ସହଜ ହେବନାହିଁ ବରଂ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ଘଟଣା ଗୁଡ଼ାକ ଅସାଧାରଣ ମନେହେବ। ପରିବାରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**
ଆଜି ଅର୍ଥ ସମ୍ପର୍କିତ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟିଯିବ। ଅବଶ୍ୟ ଆଶାନୁରୂପକ ସଫଳତା ହାସଲ କରିବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ । କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପଶ୍ଚାନ୍ତେ ଅନୁତାପ କରିବାକୁ ପଡ଼ିପାରେ।

**ମକର**
କୋଣଭାବକୁ ଚତୁର୍ଗ୍ରହଙ୍କ ଦୃଷ୍ଟି ଆପଣଙ୍କୁ ବନ୍ଧୁଙ୍କ ପ୍ରତି ଅନୁରକ୍ତି ସୃଷ୍ଟିକରି ପାରିବାରିକ କଳହକୁ ନିମନ୍ତ୍ରଣ କରିବ। ଅଫିସ୍ କାମରେ ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ । ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ । ପୂର୍ବ ଶତ୍ରୁତାକୁ ନେଇ ଈର୍ଷା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇଯାଇପାରନ୍ତି।

**କୁମ୍ଭ**
ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅଟକି ରହିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ । ଅତୀତର ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ । ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ । ଏଣୁ ସାବଧାନତା ନିତାନ୍ତ ଦରକାର । ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ**
ପ୍ରତ୍ୟେକ ଦୃଷ୍ଟିକୋଣରୁ ଗ୍ରହ ସ୍ଥିତି ଆଜିର ଜୀବନଯାତ୍ରା ପାଇଁ ଅନୁକୂଳ ରହିବ । ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ । ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଗୁରୁବାର, ଡିସେମ୍ବର ୬ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରାଦ୍ଧ ବେଶ, ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ରାଶି-ନକ୍ଷତ୍ର-ଅନୁରାଧା/ବିଛା, ଚତୁର୍ଦ୍ଦଶୀରେ ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ। ଦିବା ଘ୧୦।୧୮ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୧।୦୦ମି. ଗତେ ଘ୨।୨୧ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୩୫ମି. ମଧ୍ୟେ ଘ୧୧।୪୦ମି ଗତେ, ଘ୧।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୨।୫୯ମି. ଗତେ ଘ୨।୨୦ମି. ମଧ୍ୟେ ରାହୁକାଳ ।




■ ସଡ଼କ ଦୁର୍ଘଟଣା: ୧୦ ବର୍ଷରେ ମଲେଣି ୪୩ ହଜାର

# ଗାଈ, ମଇଁଷି, ଶିଙ୍ଘରେ ଲାଗିବ ରିଫ୍ଲେକ୍ଟିଭ ଷ୍ଟିକର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାସ୍ତାଘାଟରେ ଗୋରୁ, ମଇଁଷି ଭଳି ଗୃହପାଳିତ ପ୍ରାଣୀଙ୍କ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଥିରେ ବହୁ ଧନଜୀବନ ନଷ୍ଟ ହେଉଛି। ନିକଟରେ ମହାନଦୀ ପୋଲ ଉପରେ ମଇଁଷିକୁ ଧକ୍କାଦେଇ ଏକ ଯାତ୍ରୀବାହୀ ବସ ନଦୀକୁ ଖସିପଡ଼ିବାରୁ ୧୧ଜଣଙ୍କ ପ୍ରାଣହାନି ଘଟିବା ସହ ବହୁ ଯାତ୍ରୀ ଆହତ ହୋଇଥିଲେ। ଏଭଳି ଦୁର୍ଘଟଣାକୁ ଏଡ଼େଇବାକୁ ରାଜ୍ୟ ପରିବହନ ବିଭାଗ ଗାଈ, ମଇଁଷି ଆଦିଙ୍କ ଶିଙ୍ଘ ଓ ବେକରେ ରିଫ୍ଲେକ୍ଟିଭ (ଉଜ୍ଜ୍ୱଳ )ଷ୍ଟିକର ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ରାସ୍ତାଘାଟରେ ଶୋଇଥିବା କିମ୍ବା ଚଳପ୍ରଚଳ ହେଉଥିବା ଗୋରୁ, ମଇଁଷି ଆଦିଙ୍କୁ ସହଜରେ ଦୂରରୁ ଗାଡ଼ି ଚାଳକମାନେ ଦେଖିପାରିବେ। ସେହି ଅନୁଯାୟୀ ଗାଡ଼ିକୁ ନିଜ ନିୟନ୍ତ୍ରଣରେ ରଖି ପାରିବେ। ରାଜ୍ୟ ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ଏନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସମଗ୍ର ରାଜ୍ୟରେ ଏହି ବ୍ୟବସ୍ଥାକୁ ଲାଗୁ କରାଯିବ। ରିଫ୍ଲେକ୍ଟର ଲଗାଇବା କାମରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ଦାୟିତ୍ୱ ଦିଆଯିବ। ପ୍ରତ୍ୟେକ ଗାଈ ପାଇଁ ୫୦ ଟଙ୍କା ପାଉଣା ଦିଆଯିବ। ଯେଉଁ ସଂସ୍ଥା ଯେତେ ଲାଗାଇବେ ସେହି ଅନୁଯାୟୀ ଦେୟ ପ୍ରଦାନ କରାଯିବ ବୋଲି ଜଣେ ବରିଷ୍ଠ ଆଞ୍ଚଳିକ ଅଧିକାରୀ କହିଛନ୍ତି।

ସହରାଞ୍ଚଳ ରାସ୍ତା ଓ ଜାତୀୟ ରାଜପଥରେ ଗାଈ, ଷଣ୍ଢ, ମଇଁଷି ବୁଲିବା ଯୋଗୁ ଅନେକ ସମୟରେ ଗାଡ଼ି ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ଭିତରେ ଯାଇଥିବା ଜାତୀୟ ରାଜପଥରେ ୧ ଲକ୍ଷ ଦୁର୍ଘଟଣାରେ ୪୩ ହଜାର ୩୧୨ଜଣଙ୍କ ମୃତ୍ୟୁ ଘଟିଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ୨୦୦୮ରୁ ୨୦୧୮ ମଧ୍ୟରେ ୬୧ ହଜାର ୮୮୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୨୦୦୮ରେ ୮୧୮୧ ରାସ୍ତା ଦୁର୍ଘଟଣାରେ ୩୦୭୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୩୬୩ ଜଣ ଗୁରୁତର ଆହତ ହୋଇଥିଲେ। ୫୫୯୪ ଜଣ ସାମାନ୍ୟ ଆହତ ହୋଇଥିଲେ। ସେହିପରି ୨୦୧୭ରେ ୧,୦୮,୫୫ ହଜାର ଦୁର୍ଘଟଣାରେ ୪୭୯୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୪୧୨ ଜଣ ଗୁରୁତର ଆହତ ହୋଇଥିଲେ। ୨୦୧୮ରେ ୮୨୯୨ ରାସ୍ତା ଦୁର୍ଘଟଣାରେ ୩୮୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୭୧୮ ଜଣ ଆହତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଗୋରୁ ଚଳପ୍ରଚଳ ଯୋଗୁ ମଧ୍ୟ ଅନେକ ଦୁର୍ଘଟଣା ଘଟୁଥିବା ପରିବହନ ବିଭାଗ ରିପୋର୍ଟ କହୁଛି।

### ମୋଟରଯାନ ଆଇନ ଉଲ୍ଲଂଘନ ଜରିମାନା

## ଆଜିଠୁ ମାନୁଆଲ ବଦଳରେ ଇ-ଚାଲାଣ

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ଏଣିକି ଯାନବାହନ ସମ୍ପର୍କିତ ଜରିମାନା ଆଉ ମାନୁଆଲ ରସିଦ ବହି ଧରି ଆଦାୟ ହେବ ନାହିଁ। ଇଲେକ୍ଟ୍ରୋନିକ୍ ଚାଲାଣ(ଇ-ଚାଲାଣ)ମାଧ୍ୟମରେ ଆଦାୟ କରାଯିବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ମାନବ ସମ୍ବଳ ବିନିଯୋଗ ହ୍ରାସ ପାଇବା ସହ ସମୟ ସଞ୍ଚୟ ହୋଇପାରିବ। ପଞ୍ଜୀକରଣ ସମୟରେ ଯାନବାହନର ମାଲିକମାନଙ୍କର ସମସ୍ତ ତଥ୍ୟ ପରିବହନ କାର୍ଯ୍ୟାଳୟରେ ରହିଛି। ଏଗୁଡ଼ିକ ମଧ୍ୟ ଆଧାର ଲିଙ୍କ୍ କରାଯାଇଛି। ସେଗୁଡ଼ିକୁ ଡାଟାବେସ କରାଯିବ। ଯେଉଁ ଗାଡ଼ି ଉପରେ ଜରିମାନା ଲଗାଯିବ ତୁରନ୍ତ ଅନ୍‌ଲାଇନ ଜରିଆରେ ଇ-ଚାଲାଣ ସମ୍ପୃକ୍ତ ଯାନବାହନର ମାଲିକମାନଙ୍କ ନିକଟରେ ପହଞ୍ଚିଯିବ। ମାଲିକମାନେ ଜରିମାନା ରାଶି ମଧ୍ୟ ଡେବିଟ କାର୍ଡ ଜରିଆରେ ପଇଠ କରି ପାରିବେ। ଏହାଛଡ଼ା ଘରେ ବସି ଅନଲାଇନରେ ମଧ୍ୟ ଜରିମାନା ଭରଣା କରି ପାରିବେ। ବାରମ୍ବାର ଆଇନ ଉଲ୍ଲଂଘନ କରୁଥିବା ଚାଳକମାନଙ୍କର ତାଲିକା ରେକର୍ଡ ହୋଇ ରହିବ। କେବେ କେଉଁ ଦିନ କେତେ ଦୁର୍ଘଟଣା ଘଟାଇଛି ସେହି ଅନୁଯାୟୀ ପରବର୍ତ୍ତୀ ସମୟରେ ଜରିମାନା ରାଶି ବୃଦ୍ଧି କରାଯାଇ ପାରିବ। ଯାନବାହନ ଆଇନ ଉଲ୍ଲଂଘନ କରୁଥିବା ସମସ୍ତ ଯାନବାହନ ପାଇଁ ଏହି ନୂତନ ବ୍ୟବସ୍ଥା ଗୁରୁବାରଠାରୁ କାର୍ଯ୍ୟକାରୀ ହେବ।

# ଅଭିଜିତ୍‌ଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

■ ନିମ୍ନ ଅଦାଲତଙ୍କ ସର୍ତ୍ତ ଆଧାରରେ ଜେଲ୍‌ରୁ ମୁକୁଳିବେ

■ ପୂର୍ବରୁ ବିଧାନସଭା ଗୃହ କମିଟି, ରାଜ୍ୟ ସରକାର କ୍ଷମା ଦେଇଛନ୍ତି

କଟକ ଅଫିସ, ୫।୧୨

ଶ୍ରୀମନ୍ଦିର, କୋଣାର୍କ ମନ୍ଦିର ଓ ଓଡ଼ିଶାର କଳା ସଂସ୍କୃତିକୁ ନେଇ ଅରୁଚିକର ମନ୍ତବ୍ୟ ଦେଇ ଜେଲ୍ ଯାଇଥିବା ଅଭିଜିତ ଆୟର ମିତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଏହି ଜାମିନ ଆବେଦନର ଶୁଣାଣି କରିଥିଲେ ବିଚାରପତି ଜଷ୍ଟିସ ଦେବବ୍ରତ ଦାସ। ତେବେ ନିମ୍ନ ଅଦାଲତ ଅଭିଜିତ୍‌ଙ୍କ ଜାମିନ ଉପରେ ସର୍ତ୍ତାବଳୀ ଲାଗୁ କରିବା ପରେ ସେ ଛାଡ ପାଇବେ ବୋଲି ବିଚାରପତି ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଅଭିଜିତ୍‌ଙ୍କ ବିରୋଧରେ ଥିବା ସମସ୍ତ ମାମଲାକୁ ରାଜ୍ୟ ସରକାର ପ୍ରତ୍ୟାହାର କରିନେବା ସହିତ ତାଙ୍କୁ କ୍ଷମା କରିଦେଇଛନ୍ତି।

ସୂଚନା ଥାଉକି, ଗତ ଅକ୍ଟୋବର ମାସରେ ଅଭିଜିତ ଓଡ଼ିଶା ବୁଲି ଆସିବା ସମୟରେ ସୋସିଆଲ ମିଡିଆରେ ନାନା ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏପରିକି ଓଡ଼ିଶା ବିଧାନସଭାର ବିଧାୟକମାନଙ୍କ ପ୍ରତି ମଧ୍ୟ ଅସମ୍ମାନସୂଚକ ମନ୍ତବ୍ୟ ଦେବାକୁ ପଛାଇ ନ ଥିଲେ। ଏହାକୁ ନେଇ ଅଭିଜିତ୍‌ଙ୍କ ବିରୋଧରେ କୋଣାର୍କ ଏବଂ ଭୁବନେଶ୍ୱରର ଶହୀଦନଗର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହା ପରେ ଓଡ଼ିଶା ପୋଲିସ ତାଙ୍କୁ ଦିଲ୍ଲୀରୁ ଗିରଫ କରିଥିଲା। ଗିରଫ ପରେ ଦିଲ୍ଲୀର ସାକେତ କୋର୍ଟ ତତ୍କାଳ ଅଭିଜିତ୍‌ଙ୍କୁ ଜାମିନ ଦେବା ସହିତ କୋଣାର୍କ ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସାକେତ କୋର୍ଟର ଆଦେଶ ସତ୍ତ୍ୱେ ସେ କୋଣାର୍କ ଥାନାରେ ହାଜର ହେବା ପରିବର୍ତ୍ତେ ସୁପ୍ରିମକୋର୍ଟଙ୍କୁ ଜାମିନ ପାଇଁ ଯାଇଥିଲେ। ସୁପ୍ରିମକୋର୍ଟ ଉକ୍ତ ଜାମିନ ଆବେଦନକୁ ଖାରଜ କରିଦେବା ଫଳରେ ଅଭିଜିତ୍ ଶେଷରେ ଅକ୍ଟୋବର ୨୩ରେ ଓଡ଼ିଶା ବିଧାନସଭା ଗୃହ କମିଟିରେ ହାଜର ହୋଇଥିଲେ। ଏହାପରେ ଶହୀଦନଗର ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା। ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଜିତ୍ ଗୃହ କମିଟି ନିକଟରେ କ୍ଷମା ମାଗିବା ପରେ କମିଟି ପକ୍ଷରୁ ତାଙ୍କୁ କ୍ଷମା ଦିଆଯାଇଥିଲା।

ସୂଚନାଥାଉକି, ଝାରପଡ଼ା ଜେଲ୍‌ରେ ଅଭିଜିତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଏହାପୂର୍ବରୁ ନଭେମ୍ବର ୨୦ରେ ଅଭିଜିତ୍ କ୍ଷମାପ୍ରାର୍ଥନା କରିବା ସହ ମାମଲା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖିଥିଲେ।

# ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପୁଅଙ୍କୁ ସର୍ତ୍ତମୂଳକ ଜାମିନ

କଟକ ଅଫିସ, ୫।୧୨

ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଦେବାଶିଷଙ୍କ ସମେତ ତାଙ୍କର ୪ ସହଯୋଗୀଙ୍କୁ ମଧ୍ୟ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ବିଚାରପତି ଜଷ୍ଟିସ ଦେବବ୍ରତ ଦାସ ଦେବାଶିଷଙ୍କ ଜାମିନ ଆବେଦନର ଶୁଣାଣି କରିଥିଲେ। ତେବେ ଜାମିନର ସର୍ତ୍ତାବଳୀ ଅନୁଯାୟୀ ଦେବାଶିଷ ଏବଂ ତାଙ୍କର ସହଯୋଗୀ ପ୍ରତି ୧୫ ଦିନରେ ଥରେ ଥାନାରେ ହାଜର ହେବେ। ସମାନ ଧରଣର ଅପରାଧ ସହିତ ଜଡ଼ିତ ରହିବେ ନାହିଁ ଓ ତଦନ୍ତରେ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ତେବେ କେତେଜଣ ଜାମିନଦାରଙ୍କ ବଦଳରେ ଦେବାଶିଷ ଜେଲ୍‌ରୁ ମୁକୁଳିବେ ସେ ନେଇ ତଳ କୋର୍ଟ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନା ଥାଉକି, ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ଦେବାଶିଷଙ୍କୁ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ପୋଲିସ ଗତ ସେପ୍ଟେମ୍ବର ୨୦ରେ ଗିରଫ କରିଥିଲା। ତଳ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଭାଜପା ଯୁବମୋର୍ଚ୍ଚାର ନୂଆ ଓଡ଼ିଶା ଯୁବ ସଂଯୋଜନ ସମ୍ମିଳନୀ

# 'ଅନ୍ତିମ ୬ମାସର ନିର୍ଣ୍ଣାୟକ ଲଢ଼େଇରେ ସାମିଲ ହୁଅ'

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ରାଜ୍ୟର ଯୁବପିଢ଼ିଙ୍କୁ ରୋଜଗାର ଏବଂ ଶାସକ ଦଳର ପିସି କାରବାର ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବ ଭାଜପା ଯୁବମୋର୍ଚ୍ଚା। ଆସନ୍ତା ୧୦ରୁ ୨୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଏବଂ ଏସଡିଓ ଅଫିସ ଆଗରେ ହରତାଳ କରାଯିବ। ଏହା ସହ ଡିସେମ୍ବର ୨୫ରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମତିଥି ଅବସରରେ 'ରୋଜଗାର ପରାମର୍ଶ ପଦଯାତ୍ରା' ୧୪୭ ନିର୍ବାଚନମଣ୍ଡଳୀରେ ଆରମ୍ଭ ହେବ। ତେଣୁ ଓଡ଼ିଶାର ଯୁବପିଢ଼ି ପରିବର୍ତ୍ତନର ଅନ୍ତିମ ୬ମାସର ନିର୍ଣ୍ଣାୟକ ଲଢେଇରେ ସାମିଲ ହେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି।

ବୁଧବାର ସ୍ଥାନୀୟ ଏକ ହୋଟେଲରେ ଭାଜପା ଯୁବମୋର୍ଚ୍ଚାର ନୂଆ ଓଡ଼ିଶା ଯୁବ ସଂଯୋଜନ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଧର୍ମେନ୍ଦ୍ର ରାଜ୍ୟ ସରକାରଙ୍କୁ କଟାକ୍ଷ କରି କହିଛନ୍ତି ଯେ, ଦୁଇଜଣଙ୍କ କଳିରେ ମାଙ୍କଡ ପିଠା ଖାଇଯିବା ପରି ଓଡ଼ିଶାର ରାଜସ୍ୱକୁ ଲୁଟ୍ କରୁଥିବା ଲୋକମାନେ ସ୍ୱଚ୍ଛତାର କି ପ୍ରକାର ବାର୍ତ୍ତା ଦେବେ। ସଚିବାଳୟରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରକଳ୍ପଗୁଡ଼ିକର ଘୋଷଣା କରୁଛନ୍ତି ସେହି କାର୍ଯ୍ୟଗୁଡ଼ିକ ଲୋକଙ୍କ ଇଚ୍ଛାରେ ନା ତୃତୀୟ ମହଲାର ଗୁମାସ୍ତାଙ୍କ ଯୋଜନା ହେଉଛି। ଏ ନେଇ ପ୍ରତି ମାସର ୧୫ରୁ ୨୦ରେ ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବା ପୀଠା ସଭାଗୁଡ଼ିକରେ ଯୁବକମାନେ ପ୍ରଶ୍ନ କରିବାକୁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଯୁବକମାନଙ୍କର ଜାଣିବାର ଅଧିକାର ଅଛି। ଏହି କାମଗୁଡ଼ିକ ଟେଣ୍ଡର କରି ସ୍ୱଚ୍ଛ ଭାବେ କାର୍ଯ୍ୟାଦେଶ ଦିଆଯାଉଛି ନା ହାତଗୁଞ୍ଜା ଦେଉଥିବା ଲୋକମାନେ କାମ ପାଉଛନ୍ତି ଓ କାହା ମାଧ୍ୟମରେ ଏହି କାମ ହେଉଛି ସରକାର ତାର ଉତ୍ତର ରଖନ୍ତୁ। ସରକାର ଥ୍ରୀ-ଟିର ମିଛ ବାହାନା କରି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବୁ କାମକୁ ଦଳୀୟ ଆଧାରରେ ବାଣ୍ଟି ଦେଉଛନ୍ତି। ରାଜ୍ୟ ରାଜକୋଷର ୧୦ହଜାର କୋଟି ଟଙ୍କାର କାମ କିଏ ପାଉଛି ବୋଲି ଯୁବକମାନେ ପୀଠା କାର୍ଯ୍ୟକ୍ରମରେ ପଚାରନ୍ତୁ। ପୀଠା ଯୋଜନା ନାଁରେ ସରକାର ସାଧାରଣଙ୍କୁ ବିଧା ମାରିବାକୁ ଯୋଜନା କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାର ଯେଉଁ ଲକ୍ଷ୍ମଣ କୁମ୍ଭାରଙ୍କ ଫଟୋ ବିଜ୍ଞାପନରେ ମାରି ବାହାବା ନେଉଥିଲେ ତାହାର ସତ ପଦାକୁ ଆସିଛି। ଗୁଡ୍ ନ୍ୟୁଜ ଡ୍ରିମ୍ ଇଣ୍ଡିଆ ସେଣ୍ଟରରେ ଖୋଲାଖୋଲି ନିୟମର ଉଲ୍ଲଂଘନ କରାଯାଉ ଥିବାବେଳେ ସରକାର ନୀରବ ରହିବା କି ପ୍ରକାର ଦକ୍ଷ ପ୍ରଶାସନ। ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଚାଲିଯିବା ଭୟରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଯୁବକଙ୍କ ରୋଜଗାର ଉପରେ ବାଧା ସୃଷ୍ଟି କରୁଛନ୍ତି। ପ୍ଲାଷ୍ଟିକ ପାର୍କ ନିର୍ମାଣ ପାଇଁ ସବୁ ପ୍ରସ୍ତୁତି ସରିଛି। ଭାରତୀୟ ତୈଳ ନିଗମ(ଆଇଓସି) ସହ କମ୍ପାନୀ ଗଠନ କରି ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା କାମକୁ କାହିଁକି ଆଗକୁ ନିଆଯାଉ ନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ସୁଦ୍ଧା ଉତ୍ତର ଆସୁନାହିଁ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ଓଡ଼ିଶା ଉପକୂଳରେ ଟ୍ରଫ୍ ଲାଇନ

## ଫୁଲବାଣୀରେ ତାପମାତ୍ରା ୮.୮ ଡିଗ୍ରୀ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାଜ୍ୟରେ ହାଲ୍‌କା ଶୀତ ଜାରି ରହିଛି। ପାରଦ ତଳକୁ ଖସୁନାହିଁ। ଓଡ଼ିଶା ଉପକୂଳ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ଆକାଶ ମେଘାଚ୍ଛନ୍ନ ରହୁଛି। ଫଳରେ ତାପମାତ୍ରା ତଳକୁ ଖସୁନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୩, ବାଲେଶ୍ୱର ୧୩.୫, ଅନୁଗୋଳ ୧୨, ବାରିପଦା ୧୩.୮, ଝାରସୁଗୁଡା ୧୩.୯, କେନ୍ଦୁଝର ୧୨.୧ ଏବଂ ସୁନ୍ଦରଗଡ଼ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ୬ ଓ ୭ ତାରିଖରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଡିସେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି।






ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ-ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ





## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# ଜୀବହତ୍ୟା ଓ ଭୂମିକମ୍ପ

ଡ. ମଦନମୋହନ ବଜାଜ ଜଣେ ପ୍ରାଣୀ କଲ୍ୟାଣ କର୍ମୀ ନୁହନ୍ତି। ସେ ନିଷ୍ଠୁରତା ବନ୍ଦ କରିବାକୁ ଚେଷ୍ଟା କରନ୍ତିନି କିମ୍ବା ପ୍ରତିବାଦ କରନ୍ତିନି କି କୋର୍ଟକୁ ବି ଯାଆନ୍ତିନି। ସେ ହେଉଛନ୍ତି ଅନ୍ତର୍ଜାତୀୟ ବିଜ୍ଞାନ ଗବେଷଣା ଓ ମଙ୍ଗଳ ସଂସ୍ଥାର ମହାନିର୍ଦ୍ଦେଶକ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫିଜିକ୍ସ ଓ ଆଷ୍ଟ୍ରୋଫିଜିକ୍ସ ବିଭାଗ ଅନ୍ତର୍ଗତ ମେଡିକାଲ ଫିଜିକ୍ସ, ଇମ୍ୟୁନୋଫିଜିକ୍ସ, ନ୍ୟୁକ୍ଲିୟର ବାୟୋଫିଜିକ୍ସ ଏବଂ ବାୟୋମେଡିକାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଲାବୋରେଟୋରିର ମୁଖ୍ୟ। ଏଠାରେ ସେ ୧୯୬୮ ମସିହାରୁ ଅଧ୍ୟାପନା କରିଆସୁଛନ୍ତି। ସେ ହେଉଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଗବେଷଣା ନିବନ୍ଧର ଲେଖକ ଏବଂ ଇଣ୍ଡିଆନ୍ ସୋସାଇଟି ଅଫ୍ ଜେନେଟିକ୍ସ ଆଣ୍ଡ ପ୍ଲାଣ୍ଟ ବ୍ରିଡିଂ, ଇଣ୍ଡିଆନ୍ ଏକାଡେମୀ ଅଫ୍ ମେଡିକାଲ ଫିଜିକ୍ସ, ଆମେରିକାନ୍ କେମିକାଲ ସୋସାଇଟି, ଫିଜିକାଲ ସୋସାଇଟି ଅଫ୍ ଜାପାନ୍, ଜାପାନ୍ ସୋସାଇଟି ଅଫ୍ ମେଡିକାଲ ଇଲେକ୍ଟ୍ରୋନିକ୍ସ ଆଣ୍ଡ ବାୟୋମେଡିକାଲ ଇଞ୍ଜିନିୟରିଂ, ଫିଜିକାଲ ସୋସାଇଟି ଅଫ୍ ନେପାଳ, ଏସିଆନ୍ ଫିଜିକାଲ ସୋସାଇଟି, ଇଣ୍ଡିଆନ୍ ସୋସାଇଟି ଫର୍ କ୍ୟାନ୍ସର କେମୋଥେରାପି, ଇଣ୍ଡିଆନ୍ ସୋସାଇଟି ଫର୍ କ୍ୟାନ୍ସର ରିସର୍ଚ୍ଚ, ମ୍ୟାଥ୍‌ମେଟିକାଲ ଆସୋସିଏଶନ ଅଫ୍ ଇଣ୍ଡିଆ, ସୋସାଇଟି ଅଫ୍ ଫିଜିଓଲୋଜିଷ୍ଟ୍ସ ଆଣ୍ଡ ଫାର୍ମାକୋଲୋଜିଷ୍ଟ୍ସ ଅଫ୍ ଇଣ୍ଡିଆର ସଦସ୍ୟ। ସେ ଇଣ୍ଡିଆନ୍ ଏକାଡେମୀ ଅଫ୍ ମେଡିକାଲ ଫିଜିକ୍ସର ସେକ୍ରେଟାରି ଏବଂ ଭାରତ ସରକାରଙ୍କ ପାରମାଣବିକ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ଅନେକ ସଂଗୋଷ୍ଠୀର ଅଧ୍ୟକ୍ଷ ଥିଲେ।

ଡ. ବଜାଜ ୧୮ ଜଣ ପିଏଚ୍.ଡି. ଛାତ୍ର, ୮ ଜଣ ଏମ୍.ଫିଲ୍. ଛାତ୍ରଙ୍କ ଗାଇଡ୍ ଥିଲେ ଏବଂ ୨ ଜଣ ଡି.ଏସ୍‌ସି. ଛାତ୍ରଙ୍କୁ ସହାୟତା କରିଥିଲେ। ସେ ମଧ୍ୟ ୧୫ଟି ବିଜ୍ଞାନଭିତ୍ତିକ ପୁସ୍ତକର ସହଲେଖକ। ସେ ମହାତ୍ମା ଗାନ୍ଧୀ ସ୍କୁଲ୍ ଫର୍ ଦ ଚିଲ୍‌ଡ୍ରେନ୍ ଅଫ୍ ଲେପ୍ରସ୍ ଫ୍ୟାମିଲିଜ୍‌ର ପ୍ରତିଷ୍ଠାତା। ସଂକ୍ଷେପରେ କହିଲେ ସେ ଜଣେ ପ୍ରତିଭାଧର ବୈଜ୍ଞାନିକ ଓ ମାନବବାଦୀ।

ଡ. ବଜାଜ ଅନ୍ୟ ପଦାର୍ଥବିଜ୍ଞାନୀଙ୍କ ସହ ମିଶି ଏକ ପୁସ୍ତକ ଲେଖିଛନ୍ତି, ଯେଉଁଥିରେ କେତେକ ନୂତନ ଦୃଷ୍ଟିକୋଣ ପ୍ରକାଶ ପାଇଛି। ପୁସ୍ତକର ନାମ ହେଉଛି ଏଟିଓଲୋଜି ଅଫ୍ ଆର୍ଥକ୍ୱେକ୍ସ, ଏ ନ୍ୟୁ ଆପ୍ରୋଚ୍' ଏବଂ ଏହାର ସହଲେଖକମାନେ ହେଉଛନ୍ତି ଏମ୍.ଏମ୍. ବଜାଜ, ଇବ୍ରାହିମ୍ ଓ ବିଜୟରାଜ ସିଂ। ଏଚ୍.ବି. ପ୍ରକାଶନ, ଇନ୍ଦୋର ଏହାକୁ ପ୍ରକାଶ କରିଛି। ସୁଡଲ, ରୁଷିଆଠାରେ ଜୁନ୍ ୧୯୯୫ରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ସମ୍ମେଳନରେ ଉପସ୍ଥାପିତ ଏକ ଗବେଷଣା ନିବନ୍ଧ ଉପରେ ପୁସ୍ତକଟି ଆଧାରିତ।

ଏପର୍ଯ୍ୟନ୍ତ ଭୂମିକମ୍ପର ପୂର୍ବାନୁମାନ କରିବା ସମ୍ଭବ ହୋଇନାହିଁ, କାରଣ ଲୋକମାନେ ଏହାର କାରଣ ଜାଣନ୍ତି ନାହିଁ। ଉକ୍ତ ପୁସ୍ତକର ଲେଖକମାନେ ଦାବି କରନ୍ତି ଯେ, ନିର୍ଦ୍ଦୟଭାବରେ ଏବଂ ନିରବଚ୍ଛିନ୍ନ ଭାବରେ ପଶୁ, ପକ୍ଷୀ ଏବଂ ମାଛମାନଙ୍କୁ ହତ୍ୟା କରାଯାଉଥିବାରୁ ସେମାନଙ୍କ କରୁଣ ଚିତ୍କାର, ଭୟ ଓ ଯନ୍ତ୍ରଣା ଘନୀଭୂତ ହୋଇ ଭୂମିକମ୍ପ ସୃଷ୍ଟି କରୁଛି। ସେମାନଙ୍କ ମତରେ ଯନ୍ତ୍ରଣା ବାସ୍ତବରେ ଭୌତିକ ତରଙ୍ଗ ସୃଷ୍ଟି କରୁଛି। ଅବଶ୍ୟ ଭୂବିଜ୍ଞାନୀମାନେ ଏ ତତ୍ତ୍ୱକୁ ଗ୍ରହଣ କରି ନ ପାରନ୍ତି ଏବଂ ଅନ୍ୟ ବୈଜ୍ଞାନିକମାନେ ଏ କଥା ଶୁଣି ହସିପାରନ୍ତି। କିନ୍ତୁ ଏ କଥା ସ୍ମରଣ ରଖିବା ଉଚିତ ଯେ, ଡ୍ରାଇଭରବିହୀନ କାର୍, କର୍ଡ୍‌ଲେସ୍ ଟେଲିଫୋନ୍, ଗୋଟିଏ କୋଷକୁ ବହୁଗୁଣିତ କରି ମାଂସ ପ୍ରସ୍ତୁତି ଏବଂ ଆହୁରି ଅନେକ ଜିନିଷ ବାହାରିବା ପୂର୍ବରୁ ଏସବୁର ଥିଓରୀ ଓ ସମ୍ଭାବନାକୁ ନେଇ ଲୋକେ ହସୁଥିଲେ। ଉରି ଗେଲର ମନର ଶକ୍ତି ଦ୍ୱାରା ଏକ ଚାମଚକୁ ବଙ୍କା କରିପାରୁଥିବାରୁ ବିଶ୍ୱବିଖ୍ୟାତ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ପରି ଅନେକେ ଏହି କାମ କରିପାରୁଛନ୍ତି। ମାନସିକ ଶକ୍ତିର ବିକାଶ ଲାଗି ବର୍ତ୍ତମାନ ରୁଷିଆଠାରୁ ଆରମ୍ଭ କରି ଇଟାଲି ପର୍ଯ୍ୟନ୍ତ ବିଶ୍ୱ ସାରା ଅନେକ ସ୍କୁଲ ପ୍ରତିଷ୍ଠା ହେଲାଣି ଏବଂ ମୁଁ ଏପରି କେତେକ ସ୍କୁଲ ଦେଖିଛି। ଭାରତରେ କେତେକ ବାବା ମାନସିକ ଶକ୍ତି ଦ୍ୱାରା ରୋଗ ଆରୋଗ୍ୟ କରିପାରୁଛନ୍ତି। ମାନସିକ ଶକ୍ତିକୁ ଆଉ କିପରି ବୁଝାଯାଇପାରିବ? ଏହାର ଏକ ସହଜ ପନ୍ଥା ମୁଁ ୨୦୧୪ରେ 'ଲୁସି ମେଡ୍ ବାଇ ଲକ୍ ବ୍ରେସନ୍'ରୁ ପାଇଛି।

ସଂଯୋଗ ବା କାକତାଳିକ ବୋଲି ଆମେ କାହାକୁ କହୁ? ଯେତେବେଳେ ଆମେ ଗୋଟିଏ କଥା ଭାବୁ ଓ କିଛି ଘଟଣା ଅଳ୍ପ ସମୟ ଭିତରେ ଘଟେ ତାକୁ ଆମେ ସଂଯୋଗ କହୁ। ମନସ୍ତତ୍ତ୍ୱବିତ୍ କାର୍ଲ ଜଙ୍ଗ୍ କହିଥିଲେ ମିନିଙ୍ଗ୍‌ଫୁଲ କଏନ୍ସିଡେନ୍ସ ବା ସାର୍ଥକ ସଂଯୋଗର କଥା। କୌଣସି ଅସାଧାରଣ ଘଟଣାର ବ୍ୟାଖ୍ୟା କରିବା ପାଇଁ ଜଙ୍ଗ୍ ଏହି ତତ୍ତ୍ୱର ବ୍ୟବହାର କରିଆସୁଥିଲେ। କିନ୍ତୁ ଏଥିସହ ସେ ଯୋଗ କଲେ ଆମର ଉପଲବ୍ଧ ଜ୍ଞାନ ଦ୍ୱାରା ଆମେ ଅତିମାନସ ତତ୍ତ୍ୱର ବ୍ୟାଖ୍ୟା କରିପାରିବା ନାହିଁ।

ମନ କ'ଣ ଶକ୍ତିର ତରଙ୍ଗ ସୃଷ୍ଟି କରେ? ସ୍ୱାମୀ ବିବେକାନନ୍ଦ ଶିକାଗୋ ଆକାଶରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଉପରେ ଦୃଷ୍ଟିନିବଦ୍ଧ କରିବାରୁ ତାଙ୍କୁ ଜଣାଗଲା ତାହା ହେଉଛି ଏକ ବିଷାଦର ଘନ କଳା ବାଦଲ। ପ୍ରକୃତରେ ତାହା ଥିଲା ଆମେରିକାର ଏକ ଷ୍ଟକ୍‌ୟାର୍ଡ/କଂସେଇଖାନା, ଯେଉଁଠିକୁ ଗୋରୁମାନେ ବହୁ ସଂଖ୍ୟାରେ ମରାହେବା ପାଇଁ ଆସନ୍ତି। ତା'ହେଲେ ସେହି କଳା ବାଦଲ ଗୋରୁମାନଙ୍କ ଯନ୍ତ୍ରଣାର ଘନୀଭୂତ ରୂପ ନୁହେଁ ତ? ଜଙ୍ଗ୍ ଏକମାତ୍ର ବୈଜ୍ଞାନିକ ନୁହନ୍ତି ଯିଏ ଅସାଧାରଣ ତତ୍ତ୍ୱରେ ବିଶ୍ୱାସ କରୁଥିଲେ। ଆଧୁନିକ ବିଜ୍ଞାନର ଜନକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ ମଧ୍ୟ ଭୂବିଜ୍ଞାନରେ ଇପିଡବ୍ଲ୍ୟୁ ବା ଆଇନ୍‌ଷ୍ଟାଇନ୍ ପେନ୍ ୱେଭ୍‌ସ ତତ୍ତ୍ୱର ପ୍ରଚାର କରିଥିଲେ। ଯାହା ମନେହୁଏ ବିଆଇଏସ୍ (ବଜାଜ-ଇବ୍ରାହିମ୍-ସିଂ) ଆଇନ୍‌ଷ୍ଟାଇନ୍‌ଙ୍କର ଇପିଡବ୍ଲ୍ୟୁ ତତ୍ତ୍ୱର ହିଁ ବିକାଶ କରିଛନ୍ତି। ସେମାନଙ୍କ ଯୁକ୍ତି ଅନୁସାରେ ପ୍ରାଣୀମାନଙ୍କ ଗଣହତ୍ୟା ହିଁ ଭୂମିକମ୍ପର କାରଣ।

ଭୂମିକମ୍ପ କାହିଁକି ଓ କେତେବେଳେ ଘଟେ? କେହି ଜାଣନ୍ତି ନାହିଁ। ତେଣୁ ଏ ତତ୍ତ୍ୱକୁ ଅସ୍ୱୀକାର କରିହେବ ନାହିଁ। ହୁଏତ ଭବିଷ୍ୟତରେ ଭୂକମ୍ପ ବିଜ୍ଞାନୀମାନେ ପ୍ରମାଣ କରିପାରନ୍ତି ଯେ, ଅତୀତର ମୁନିଋଷିମାନେ ଯାହା କହିଆସିଛନ୍ତି– ବିଶ୍ୱ ମାନସ ହେଉଛି ସବୁଠାରୁ ଶକ୍ତିଶାଳୀ। ବିଶ୍ୱର ଯେଉଁଠି ଯେଉଁଠି ଭୂମିକମ୍ପ ଘଟିଛି ଓ ଯେଉଁସବୁ ସ୍ଥାନ ଭୂକମ୍ପପ୍ରବଣ, ସେଠାରେ ବା ଆଖପାଖରେ ନିୟୁତ ନିୟୁତ ପ୍ରାଣୀଙ୍କୁ ହତ୍ୟା କରାଯାଉଥିବା ଉକ୍ତ ପୁସ୍ତକରେ ପ୍ରକାଶ ପାଇଛି। ଇପିଡବ୍ଲ୍ୟୁ ତତ୍ତ୍ୱ କହେ, ପ୍ରାଥମିକ ଓ ଦ୍ୱିତୀୟକ ତରଙ୍ଗ ଶୀଘ୍ର ଗତି କଲାବେଳେ ଏକ କାଳଖଣ୍ଡରେ ଯନ୍ତ୍ରଣା ତରଙ୍ଗ ଘନୀଭୂତ ହୋଇ ଚାପ ସୃଷ୍ଟି କରେ। ଯେତେବେଳେ ତାହା ଚରମ ସୀମାରେ ପହଞ୍ଚେ ଫାଟିଯାଏ ଓ ଭୂମିକମ୍ପ ରୂପରେ ପ୍ରତିକ୍ରିୟା ପ୍ରକାଶ କରେ।

ଉକ୍ତ ପୁସ୍ତକରେ ଲେଖାଯାଇଛି ଯେ, ସେମାନେ ନୋସିସେପ୍ଟିଭ୍ ୱେଭ୍ (ଯନ୍ତ୍ରଣାଜାତ ତରଙ୍ଗ)ର ଜଟିଳ ଭୂମିକା ଉପରେ ଅନୁଧ୍ୟାନ କରିଛନ୍ତି। ପ୍ରାଣୀମାନଙ୍କ ଯନ୍ତ୍ରଣା ଓ ଆର୍ତ୍ତ ଚିତ୍କାରରୁ ଯେଉଁ ତରଙ୍ଗ ସୃଷ୍ଟି ହୁଏ, ତାହା ଭୂତ୍ୱକ୍ ଦେଇ ପୃଥିବୀର ଅଭ୍ୟନ୍ତରକୁ ପ୍ରବେଶ କରେ। ଏହି ତରଙ୍ଗ ହିଁ ଶକ୍ତିଶାଳୀ ହୋଇ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତିକରି ପୃଥିବୀକୁ ଫଟାଇଦିଏ। ଲେଖକମାନଙ୍କ ମତରେ ଶବ୍ଦତରଙ୍ଗ ପଥର ଉପରେ ଗଭୀର ଚାପ ସୃଷ୍ଟି କରେ। ବର୍ଷ ବର୍ଷ ଧରି ପ୍ରତିଦିନ ହଜାର ହଜାର ପ୍ରାଣୀଙ୍କୁ ନିରବଚ୍ଛିନ୍ନ ଭାବରେ ହତ୍ୟା କରାଯିବା ଯୋଗୁ ସେମାନଙ୍କ ଯନ୍ତ୍ରଣାଜନିତ ଚିତ୍କାର ଆଇନ୍‌ଷ୍ଟାଇନ୍ ପେନ୍ ୱେଭ୍ ଯୋଗୁ ଆକଷ୍ଟିକ୍ ଆନିସୋଟ୍ରୋପି (ଶବ୍ଦ ତରଙ୍ଗ) ସୃଷ୍ଟି କରେ। ଉକ୍ତ ପୁସ୍ତକ ମତରେ ଯେହେତୁ ଇପିଡବ୍ଲ୍ୟୁ ବହୁଦୂର ଗତି କରିପାରେ, ତେଣୁ ଗୋଟିଏ ଦେଶର କଂସେଇଖାନାଗୁଡ଼ିକରେ ହେଉଥିବା ଗଣ ଜୀବହତ୍ୟା ଯୋଗୁ ଅନ୍ୟ ଦେଶରେ ଭୂମିକମ୍ପ ସୃଷ୍ଟି ହୋଇପାରେ। ଲେଖକମାନେ ଲାତୁର ଭୂମିକମ୍ପଠାରୁ ଆରମ୍ଭ କରି ଉତ୍ତରକାଶୀଠାରେ ହୋଇଥିବା ଭୂମିକମ୍ପ ଏବଂ ଆମେରିକା, ରୁଷିଆ, ଜାପାନ ପ୍ରଭୃତି ଦେଶରେ ହୋଇଥିବା ଭୂମିକମ୍ପଗୁଡ଼ିକର ଉଦାହରଣ ଦେବା ସହ ତାହାର କାରଣ ବିଭିନ୍ନ କଂସେଇଖାନାରେ ବ୍ୟାପକ ପ୍ରାଣିହତ୍ୟା ବୋଲି ଉଲ୍ଲେଖ କରିଛନ୍ତି। ଆଜି ହୁଏତ ଆମେ ସାମୂହିକ ଯନ୍ତ୍ରଣା, ତା'ର ବାରମ୍ବାରତା ଓ ପ୍ରଭାବକୁ ପରିମାପ କରିପାରି ନାହୁଁ ଏବଂ ଉକ୍ତ ବୈଜ୍ଞାନିକମାନଙ୍କ ତତ୍ତ୍ୱକୁ ବୁଝିପାରୁ ନାହୁଁ, କିନ୍ତୁ ସମୟ ଆସିବ, ଆମେ ତାହା ବୁଝିପାରିବୁ।

Email: gandhim@nic.in

# ରାଜନୀତିରେ ତାଳମେଳ



**ମାନସ କୁମାର ପାଢ଼ୀ**

କମ୍ପାଟିବିଲିଟିର ଅର୍ଥ ବୁଝାଇବାକୁ ଯାଇ ବାବୁ ସୁସଙ୍ଗତି, ସମନ୍ୱୟ ଓ ତାଳମେଳ ଆଦି ଶବ୍ଦ ପ୍ରୟୋଗ କରୁଥିବା ବେଳେ ବାବୁଙ୍କ ଖୁଡ଼ୀ କାମରେ ଆସିଲେ ସେତିକିବେଳେ। ତୁମର ସାନଖୁଡ଼ୀଙ୍କ କଥା ମନେଅଛି ନା?

ବାବୁଆଣୀ ପଚାରିଲେ, ମନେ ନ ଥା'ନ୍ତା ନା କ'ଣ? ତାଙ୍କ ସହିତ ଏ କଥାର କ'ଣ ସମ୍ପର୍କ ଅଛି?

ସେ ବହୁତ ଥର ଚା' ପିଉଥିଲେ। କକା ବି। ତେଣୁ କକା ଛୁଟିରେ ଗାଁକୁ ଆସିଲେ ଗୋଟେ ଦୁଧିଆଳୀ ଗାଈ କିଣିଦେବା ପାଇଁ ସବୁବେଳେ ଖୁଡ଼ୀ ପରାମର୍ଶ ଦେଉଥିଲେ। ବାବୁଆଣୀ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ। ବାବୁ କହିଚାଲିଥିଲେ, ଖୁଡ଼ୀ ଥରେ ଜିଦ୍ ଧରିବାରୁ କକା କହିଲେ, ତୁମେ ଆସିବା ଦିନଠାରୁ, ଦୀର୍ଘ ୧୨ ବର୍ଷ ହେଲାଣି ମୁଁ ଗାଈଟିଏ ଖୋଜୁଛି। କିନ୍ତୁ ଛୋଟୀ ଗାଈଟିଏ ମିଳିଲେ ସିନା କିଣିବି?

ବାବୁଆଣୀଙ୍କ ଆଖି ବଡ଼ ବଡ଼ ହୋଇଗଲା।

ଖୁଡ଼ୀଙ୍କର ପିଲାବେଳେ ଗୋଟେ ଗୋଡ଼ ଭାଙ୍ଗିଯାଇଥିବାରୁ ସେ ଟିକେ ବଙ୍କେଇ ବଙ୍କେଇ ଚାଲନ୍ତି। ତାଙ୍କ ପାଇଁ ଗୋଟେ ଛୋଟୀ ଗାଈ ହେଲେ ଗୁହାଳରୁ ଫିଟାଇ ବାହାରେ ବାନ୍ଧିବା, ଗୋଠରୁ ଆସିଲେ ତାକୁ ଅଡ଼େଇ ଆଣି ଗୁହାଳରେ ଭର୍ତ୍ତି କରିବାକୁ ସୁବିଧା ହେବ। ଉଭୟଙ୍କ ମଧ୍ୟରେ ସୁସଙ୍ଗତି ରହିବ। କାମ ଠିକ୍ ଚାଲିବ। ସେହି ସୁସଙ୍ଗତିକୁ ଇଂଲିଶରେ କମ୍ପାଟିବିଲିଟି କୁହାଯାଉଛି।

ବାବୁଆଣୀ କହିଲେ, ଏ କମ୍ପାଟିବିଲିଟି ୱାର୍ଡଟା କମ୍ପ୍ୟୁଟର ଆଦି ଇଲେକ୍ଟ୍ରୋନିକ୍ସ ଯନ୍ତ୍ର ପାଇଁ ବ୍ୟବହାର ହୁଏ ତାହା ମଣିଷ ପାଇଁ ନୁହେଁ। ବାବୁ ହସିଲେ, କମ୍ପାଟିବିଲିଟି ଶବ୍ଦଟି ମନ୍ତ୍ରୀଠାରୁ ମୂଲିଆ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ବ୍ୟବହାର କରିହେବ। ବିଶେଷକରି ରାଜନୀତି କ୍ଷେତ୍ରରେ ଏହାର ତାତ୍ପର୍ଯ୍ୟ ଯିଏ ନ ବୁଝିବ ସେ ରାଜନୀତିରେ ଫେଲ୍ ବୋଲି ଜାଣ। ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଡ. ହର୍ଷବର୍ଦ୍ଧନଙ୍କ ନେତୃତ୍ୱରେ ଭାଜପା ୩୨ଟି, କେଜ୍‌ରିୱାଲଙ୍କ ନେତୃତ୍ୱରେ ଆମ୍ ଆଦ୍‌ମୀ ପାର୍ଟି ୨୮ଟି, କଂଗ୍ରେସ ଶୀଲା ଦୀକ୍ଷିତ୍‌ଙ୍କ ନେତୃତ୍ୱରେ ୮ଟି ସିଟ୍ ପାଇଥିଲା। ସେତେବେଳେ ପୂର୍ବ ନିର୍ବାଚନ ଅପେକ୍ଷା ଭାଜପା ୮ଟି ସିଟ୍ ଅଧିକ ପାଇଥିଲା। କିନ୍ତୁ ୨୦୧୫ ବିଧାନସଭା ନିର୍ବାଚନରେ ଭାଜପା କିରଣ ବେଦୀଙ୍କ ନେତୃତ୍ୱରେ ମାତ୍ର ୩ଟି ସିଟ୍ ହାତେଇ ପାରିଥିଲା। ଏହାର ଅର୍ଥ ନୁହେଁ ଯେ, କିରଣ ବେଦୀ ଜଣେ ଟାଣୁଆ ନେତ୍ରୀ ନୁହନ୍ତି କିମ୍ବା ସଚ୍ଚୋଟ, ଦକ୍ଷ ନୁହନ୍ତି। ମୂଳ କଥା ହେଲା, କମ୍ପାଟିବିଲିଟି। ସଙ୍ଗଠନ ସହ ତାଳମେଳ ରଖି ନ ପାରିଲେ, ପୁରୁଣା କର୍ମୀମାନେ ତୁମ ପଛରେ ନ ରହିଲେ, ଯେତେ ଟାଣୁଆ, ସଚ୍ଚୋଟ ହୋଇଥାଅ ପଛେ, ଫେଲ ମାରିବା ଥୟ। ତମେ କହିପାର କଂଗ୍ରେସ ଭୋଟରମାନେ ଆପ୍‌କୁ ସମର୍ଥନ କଲେ ତ କିରଣ ବେଦୀ କ'ଣ କରିପାରିଥାନ୍ତେ। କିନ୍ତୁ ଯେଉଁ ଭାଜପା ୨୦୧୩ ନିର୍ବାଚନରେ ୮ଟି ସିଟ୍ ଅଧିକ ପାଇପାରିଥିଲା, ସେ ୨୦୧୫ରେ ଏକାବେଳକେ ୨୯ଟା ସିଟ୍ ହରାଇବା ଗୋଟେ ବଡ଼ ପ୍ରଶ୍ନ ନେତୃତ୍ୱ ଉପରେ।

ବାବୁଆଣୀ ନୀରବ ରହିଲେ। ବାବୁ କହିଲେ, ପୁରୁଣା ନେତା, ଆଶାୟୀ (ପ୍ରାର୍ଥୀ) ନେତା, କର୍ମୀ ଯଦି ନୂଆନେତାଙ୍କ ସହିତ କମ୍ପାଟିବୁଲ୍ ନ ହେଲେ, ସେ କୋଣଠେସା ହୋଇ ପଡ଼ିରହିବା ନିଶ୍ଚିତ। ସେଠାରେ ନୂଆନେତା ସଚ୍ଚୋଟ କି ଦକ୍ଷ ପ୍ରଶ୍ନ ଉଠେନି କିମ୍ବା କର୍ମୀଙ୍କ ଦଳ ପ୍ରତି ଆନୁଗତ୍ୟରେ ମଧ୍ୟ ସନ୍ଦେହ ପ୍ରକାଶ କରାଯାଏ ନାହିଁ। ମୁଖ୍ୟ କଥା ହେଲା ନେତାଙ୍କର କର୍ମୀମାନଙ୍କ ସହ କମ୍ପାଟିବିଲିଟି। ନ କହିଲେ ବି ତୁମେ ଜାଣିପାରିବ କେଡ଼େ କେଡ଼େ ନେତା ଦଳବଦଳ କରି ଅନ୍ୟ ଦଳକୁ ଯାଇଛନ୍ତି ହେଲେ କମ୍ପାଟିବିଲିଟି ଅଭାବରୁ ସେମାନେ ଦଳରେ ଏବେ ଅଛନ୍ତି କି ନାହିଁ ଜଣାପଡୁନି।

ତମେ କ'ଣ କହୁଛ ଦଳୀୟ ସିଷ୍ଟମ ସହିତ ଆମ ମ୍ୟାଡାମ୍ କମ୍ପାଟିବୁଲ୍ ହେବେନାହିଁ? ମୁଁ କହୁନାହିଁ। ସନ୍ଦେହ ପ୍ରକାଶ କରୁଛି। ଭବିଷ୍ୟତ କହିବ। ମୁଁ କହୁଛି କିରଣ ବେଦୀଙ୍କ ନେତୃତ୍ୱରେ ଦଳ ତ ହାରିଲା ସେ ନିଜେ ବି ନିର୍ବାଚନରେ ପରାଜିତ ହେଲେ। ତାଙ୍କ ପରି ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳାଙ୍କର ରାଜନୀତି କ୍ଷେତ୍ରରେ ଏପରି ବିଫଳତାର କାରଣ କ'ଣ ହୋଇପାରେ ମ୍ୟାଡାମ୍ ଅନୁଧ୍ୟାନ କରିବା ଉଚିତ।

ଆଉ ଜଣେ ରମଣ ମାଗାସେସେ ଆୱାର୍ଡି ଟି.ଏନ୍. ଶେଷାନ୍‌ଙ୍କ ଉଦାହରଣ ନିଆଯାଉ। ୧୯୯୦ରେ ସାଉଥ୍ ମୁମ୍ବାଇରେ ରୋଟାରୀ କ୍ଲବ୍‌ର ଗୋଟେ ମିଟିଂରେ ଶେଷାନ୍‌ଙ୍କୁ ପଚରାଗଲା ଆପଣ ନିର୍ବାଚନ ଲଢ଼ିବେ? ସେତେବେଳେ ମୁଖ୍ୟ ନିର୍ବାଚନ କମିଶନର ଭାବେ ସେ କରିଥିବା ନିର୍ବାଚନୀ ସଂସ୍କାର ପାଇଁ ଦେଶରେ ଖୁବ୍ ଜନପ୍ରିୟ ଥିଲେ। ଯେହେତୁ ପ୍ରଶ୍ନର ଉତ୍ତର ସେ ପ୍ରଶ୍ନରେ ଦିଅନ୍ତି। କହିଲେ, ହଁ! ମୁଁ ନିର୍ବାଚନ ଲଢ଼ିବି; କିନ୍ତୁ ଆପଣମାନଙ୍କ ମଧ୍ୟରୁ କେତେଜଣ ମୋତେ ସମର୍ଥନ କରିବେ? ସଭାରେ ଉପସ୍ଥିତ ସମସ୍ତେ ହାତ ଉଠାଇଲେ ସମର୍ଥନ ଜଣାଇ। ମାତ୍ର ବାସ୍ତବ ରଣକ୍ଷେତ୍ରଟି ଶୀତତାପ ନିୟନ୍ତ୍ରିତ କୌଣସି ନାମୀଦାମୀ କ୍ଲବ୍‌ର ସଭାଗୃହ ନୁହେଁ। ୧୯୯୯ ସାଧାରଣ ନିର୍ବାଚନରେ ଜାତୀୟ କଂଗ୍ରେସର ସମର୍ଥନ ସତ୍ତ୍ୱେ ସେ ୧,୮୮,୯୪୪ ଖଣ୍ଡ ଭୋଟ ବ୍ୟବଧାନରେ ଭାଜପାର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କଠାରୁ ପରାସ୍ତ ହୋଇଥିଲେ।

ବାବୁଆଣୀ ଚିନ୍ତାରେ ପଡ଼ିଗଲେ। ସରକାରୀ ସେବା କ୍ଷେତ୍ରରୁ ଆସି ହଠାତ୍ ଏମ୍‌ଏଲ୍‌ଏ, ଏମ୍‌ପି ହେବା ତ କିଛି ବିଚିତ୍ର କଥା ନୁହେଁ। ଅନେକେ ହୋଇଛନ୍ତି। କିନ୍ତୁ ଗୋଟେ ରାଜ୍ୟର ଦଳୀୟ ମୁଖ୍ୟ ହେବା କି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ନିଶ୍ଚିତ ଏକ ଚମତ୍କାରିତା। ଅବଶ୍ୟ ସରକାରୀ ସେବାକ୍ଷେତ୍ରରୁ ଆସି ଆଇଆରଏସ୍ ଅଫିସର ଅରବିନ୍ଦ କେଜ୍‌ରିୱାଲ୍ ଜିତାପଟ ମାରିନେଲେ। କାରଣ ସେ ଗୋଟେ ନୂଆ ସିଷ୍ଟମ୍ ଆରମ୍ଭ କଲେ; ନୂଆ ଦଳ ଗଢ଼ିଲେ। ତାଙ୍କ ମତ ସହ ସହମତ ନେତା ଓ ସମର୍ଥକଙ୍କୁ ନେଇ ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। ତେଣୁ କମ୍ପାଟିବିଲିଟିରେ ସମସ୍ୟା ତାଙ୍କ କ୍ଷେତ୍ରରେ ଦେଖାଯାଇ ନ ଥିଲା, ଯାହା ବାବୁଆଣୀ ଏଥର ସବୁ ବୁଝିଗଲା ପରି ଜଣାପଡ଼ିଲେ। ବାବୁ ଆଉ କଥା ଆଗକୁ ବଢ଼ାଇଲେ ନାହିଁ।

ବ୍ରାହ୍ମଣ ସାଇଲୋ, କଟକ, ମୋ- ୯୪୩୮୭୮୫୭୯୨

## ଏଇ ଭାରତରେ

ଦୁନିଆରେ କିଏ କେତେବେଳେ କୌଣସି କାରଣ ପାଇଁ ହଜିଯାଆନ୍ତି ତାହାର ହିସାବ କେହି ରଖନ୍ତିନି। ହଜି ଯାଇଥିବା ମଣିଷଙ୍କ ମଧ୍ୟରୁ କିଏ ସବୁଦିନ ପାଇଁ ନିଖୋଜ ହୋଇଯାଆନ୍ତି ତ କିଏ ବିଳମ୍ବ ହେଲେ ବି କୌଣସି ଯୋଗସୂତ୍ର ମାଧ୍ୟମରେ ଘରକୁ ଫେରିଆସନ୍ତି। ଜଣେ ବାଳିକା ନିଖୋଜ ହେବାର ଦୁଇବର୍ଷ ପରେ ଘରକୁ ଫେରିଆସିବା ପରେ ପରିବାର ସଦସ୍ୟଙ୍କ ଖୁସି କହିଲେ ନ ସରେ। ଏପରି ଏକ ଘଟଣା ଘଟିଛି ହରିୟାଣାର ଅମ୍ବାଲା ଜିଲାରେ। ନୈନା ନାମ୍ନୀ ଏହି ବାଳିକାକୁ ଜିଲା ପୋଲିସ ତାଙ୍କ ପରିବାର ସହ ମିଳିତ କରାଇପାରିଛି। ଉକ୍ତ ପରିବାର ସଦସ୍ୟ ଭାବିଥିଲେ ତାଙ୍କ ଝିଅକୁ ସେମାନେ ଆଉ ପାଇବେ ନାହିଁ। କିନ୍ତୁ ବିଧିର ବିଧାନ ବିଚିତ୍ର। ବାଳିକାର ପିତା ଗିରିଶ ନାଗପାଲ କହନ୍ତି, ୨୦୧୬ରେ ତାଙ୍କ ଝିଅର ଚିକିତ୍ସା କରାଇବା ଲାଗି ସେ ମିରଟ ନେଇ ଯାଇଥିଲେ। ଝିଅକୁ ଏକ ବାରଣ୍ଡାରେ ବସାଇ ସେ ଖାଇବା ଆଣିବା ପାଇଁ ଯାଇଥିଲେ। ଫେରିଆସି ଦେଖନ୍ତି ବସିବା ସ୍ଥାନରେ ଝିଅ ନାହିଁ। ସେହିଦିନଠାରୁ ସେ ଅନେକ ଜାଗାରେ ଖୋଜିଛନ୍ତି। କିନ୍ତୁ ପାଇନାହାନ୍ତି। ଝିଅକୁ ନ ପାଇ ପରିବାର ଲୋକେ ମରିଯାଇଛି ବୋଲି ଭାବି ନେଇଥିଲେ। ତେବେ ଦୁଇଦିନ ତଳେ ଜିଲା ପୋଲିସ ନୈନା ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ ଯେ, ତାଙ୍କ ଝିଅ ଅମ୍ବାଲାସ୍ଥିତ ମଦର ତେରେସା ହୋମ୍‌ରେ ରହୁଛି। ଏହାପରେ ପରିବାର ସଦସ୍ୟମାନେ ଅମ୍ବାଲା ଯାଇ ନିଜ ହଜିଲା ଝିଅକୁ ଘରକୁ ନେଇଯାଇଛନ୍ତି। ଏବେ ତାଙ୍କ ପରିବାରରେ ଖାଲି ଖୁସି ଆଉ ଖୁସି।

## ଚିରନ୍ତନୀ

ଆକାଶ ଧରଣୀର     ରୂପର ସଉଦାରେ
ହୋଇଲି ସୁଷମାର ଗରାକ
କିଣିଲି ଯେଉଁ ରୂପ     ବିଚାରେଁ ଆଜି ତାହା
ହେବକି କବିତାର ଖୋରାକ!
(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | C | | | | | 7 | | 5 | 9 | 4 | | D |
| 9 | 8 | | | | 6 | B | | | | | | | | 2 |
| 5 | | | 0 | | 3 | | | | | | A | | | |
| 1 | | | | D | | | 5 | A | E | C | | | | |
| | | | | 1 | 4 | | | 3 | 0 | 6 | | | | |
| 3 | | | | | C | 1 | | 9 | | | E | 8 | | |
| | 7 | 4 | | | E | | | | | | 0 | | | C |
| | | | B | A | 9 | | | 8 | 2 | | | 0 | 5 | E |
| | E | | | | | | 0 | | 4 | | 5 | 6 | 7 | |
| 6 | | 9 | | | | A | | | | | | 1 | 2 | |
| 2 | | | | | A | | | | | | | | E | 9 |
| E | | | | | | 7 | 6 | | 3 | | C | D | | |
| 4 | | 0 | D | | | | | 1 | 9 | | 7 | | | B |
| D | | 3 | 1 | | | C | B | 0 | | | | | | 7 |
| | 1 | | 6 | 3 | | | A | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 0 | 5 | 1 | 4 | 6 | 2 | 8 | C | B | E | 7 | A | 3 |
| C | B | 1 | 0 | 9 | A | E | 3 | 4 | 5 | 7 | 2 | 8 | 6 | D |
| 2 | 7 | A | 6 | 3 | 8 | 1 | 0 | C | 9 | 4 | D | 5 | E | B |
| 6 | E | 4 | 7 | D | C | B | 9 | 5 | A | 8 | 3 | 0 | 2 | 1 |
| 5 | 8 | 3 | 2 | E | B | A | D | 7 | 1 | 0 | 6 | C | 9 | 4 |
| A | D | B | C | 2 | 5 | 3 | 1 | 0 | 7 | 9 | 4 | E | 8 | 6 |
| E | 2 | C | 9 | 7 | 1 | 5 | B | 6 | 8 | D | 0 | 3 | 4 | A |
| 4 | 3 | 7 | B | 8 | 0 | 9 | A | D | 6 | E | C | 1 | 5 | 2 |
| 8 | 5 | 9 | A | 6 | 3 | 7 | 4 | E | B | 2 | 1 | D | C | 0 |
| 0 | 1 | 6 | D | 4 | E | 8 | C | 2 | 3 | 5 | A | B | 7 | 9 |
| 3 | C | E | 4 | B | 7 | 2 | 6 | A | D | 1 | 5 | 9 | 0 | 8 |
| 1 | A | 2 | 8 | 5 | D | 4 | E | 9 | 0 | 3 | 7 | 6 | B | C |
| 7 | 0 | 8 | 1 | A | 9 | C | 5 | 3 | 2 | 6 | B | 4 | D | E |
| 9 | 4 | D | 3 | C | 6 | 0 | 7 | B | E | A | 8 | 2 | 1 | 5 |
| B | 6 | 5 | E | 0 | 2 | D | 8 | 1 | 4 | C | 9 | A | 3 | 7 |

ଗତକାଲିର ଉତ୍ତର

# ବିଦେଶରେ ଭାରତୀୟଙ୍କ ସମ୍ମାନ



**ଡା. ସୁରେନ୍ଦ୍ରନାଥ ପତି**

କିଛିମାସ ତଳେ ଏକ ଦଳ ସହ ୟୁରୋପ ଭ୍ରମଣରେ ଯାଇଥିଲି। ସମୁଦାୟ ୧୦ଟି ଦେଶ ବୁଲି ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖିଲୁ। ୪୮ ଜଣ ଯାତ୍ରୀ ବିଭିନ୍ନ ସହରରୁ ଦିଲ୍ଲୀରେ ଏକତ୍ରିତ ହୋଇ ଏୟାରଇଣ୍ଡିଆ ଫ୍ଲାଇଟ୍‌ରେ ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କଲୁ। ଲଣ୍ଡନ ସହରର ଲୋକସଂଖ୍ୟା ପ୍ରାୟ ଏକକୋଟି, ଭାରତର ପୂର୍ବତନ ଶାସକମାନଙ୍କ ସହର। ଏଠାରେ ଥିବା ଟେମ୍ସ ନଦୀ ଚଉଡ଼ାରେ ଦୀର୍ଘ ନୁହେଁ କିନ୍ତୁ ସ୍ରୋତସ୍ୱିନୀ। ତା'ର କୂଳେ କୂଳେ ବୁଲିଲୁ। ବହୁତ ବ୍ୟାଙ୍କ, ବାଣିଜ୍ୟ କେନ୍ଦ୍ର, ହୋଟେଲ ଇତ୍ୟାଦି ଅଛି। ଆମର ବେଶପୋଷାକ ଦେଖି କେତେକ ଇଂରେଜ କହିଲେ, 'ଇଣ୍ଡିଆନ୍, ଦି ଗ୍ରେଟ୍ କଣ୍ଟ୍ରି, ପ୍ଲିଜ୍ ହାଓ ଏ ଫାର୍ ଟୁର୍, ଇଟ୍ ଦି ଟେମ୍ସ ୱିଥ୍ ଅସ୍।' ଆମେ ଗଲୁ କେନ୍ଦ୍ରସ୍ଥଳ 'ଟ୍ରାଫଲଗାର ସ୍କୋୟାର'କୁ। ଭିଡ଼ ଥାଏ। ସେଠାରେ ଏକ କୃତ୍ରିମ ଝରଣା ଅଛି। ଶୁଣିଲୁ 'ଓଃ, ଇଣ୍ଡିଆନ୍, ଇୟୋର ଗାନ୍ଧୀ କମ୍ପେଲ୍ଡ ଦ ବ୍ରିଟିଶ୍ ଟୁ ଭ୍ୟାକେଟ୍ ୟୋର୍ କଣ୍ଟ୍ରି। ଉଇ ହାଭ୍ ଏଜୁକେଟେଡ୍ ହିମ୍।' ଆମର ବସ୍ ଅଗ୍ରଗତି କଲା। ଗାଇଡ୍ ବୁଝାଇଦେଲେ ଏକ ବୃହତ୍ କୋଠାକୁ ନିର୍ଦ୍ଦେଶ କରି– 'ଦି ଟେମ୍ପଲ', ବିଖ୍ୟାତ ଆଇନ କଲେଜ, ଏହିଠାରୁ ଗାନ୍ଧିଜୀ ତାଙ୍କ ଯୁବାବସ୍ଥାରେ ବାରିଷ୍ଟରି ଡିଗ୍ରୀ ହାସଲ କରିଥିଲେ। ଏହା ନିକଟରେ ବ୍ରିଟିଶ୍ ପାର୍ଲାମେଣ୍ଟ ହାଉସ୍, ପ୍ରଧାନମନ୍ତ୍ରୀଙ୍କ ବାସସ୍ଥାନ– ଟିକିଏ ଗଳି ଭିତରକୁ, ସୁରକ୍ଷା ପାଇଁ ବୋଧହୁଏ। 'ହାଇଡ୍ ପାର୍କ'ରେ ଯେକୌଣସି ବ୍ୟକ୍ତି ଟେବୁଲ ଉପରେ ଦଣ୍ଡାୟମାନ ହୋଇ ଭାଷଣ ଦେଇପାରିବ, କେବଳ ରାଣୀଙ୍କ ବିରୋଧରେ କିଛି କହିପାରିବ ନାହିଁ। ଇଂଲିଶ ଚାନେଲ ପାରିହେଲୁ ଡୋଭରଠାରେ।

ପ୍ୟାରିସର ଇଫେଲ ଟାୱାର ପୃଥିବୀର ପ୍ରସିଦ୍ଧ ଲୌହନିର୍ମିତ କୀର୍ତ୍ତି, ଯାହାକୁ ହିଟ୍‌ଲରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜର୍ମାନମାନେ ଭାଙ୍ଗିବାକୁ ରାଜି ହୋଇ ନ ଥିଲେ। ସେଠାକାର ଗାଇଡ୍ କହୁଥିଲେ, 'ଇଣ୍ଡିଆନ୍ ଟୁରିଷ୍ଟ ଭେରି ଡିସିପ୍ଲିନ୍‌ଡ, ଦେ କମ୍ ଇନ୍ ଏ କ୍ୟୁ, ୟୁ ସି ଅଦର କଣ୍ଟ୍ରି ପିପୁଲ, ହାଓ ଦେ ଆର୍ ପୁସିଙ୍ଗ ଇଚ୍ ଅଦର।' ଟିକେଟ୍ କରି ଲିଫ୍ଟରେ ସର୍ବୋଚ୍ଚ ଉଚ୍ଚତାକୁ ଯାଇହୁଏ। ରାତି ୧୨ଟାରେ ଏହି ଟାୱାର ବିଦ୍ୟୁତ୍ ଆଲୋକରେ ଝଲସିଉଠେ ମାତ୍ର ପାଞ୍ଚମିନିଟ୍ ପାଇଁ। ଫ୍ରାନ୍ସର ପୋଲିସ ଆମକୁ ଧନ୍ୟବାଦ ଦେଲେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିବାରୁ, ଯଦିଓ ଏଠାରେ ନିଗ୍ରୋ ବିକ୍ରେତାମାନେ ଯାତ୍ରୀମାନଙ୍କୁ ବ୍ୟସ୍ତ କରୁଥାନ୍ତି। ଆମଷ୍ଟରଡାମ୍‌ରେ ବୋଟ ଯୋଗେ 'କେନାଲଟୁର'- ବହୁତ ପୁରୁଣା ସହର। ଯାତାୟାତର ମାଧ୍ୟମ ପ୍ରଧାନତଃ ସାଇକେଲ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବୋଟରେ 'ଟଏଲେଟ' ବ୍ୟବହାର କରିପାରିବେ। ସୁଇଜରଲାଣ୍ଡର ସୁଉଚ୍ଚ ଆଲ୍‌ପସ ପର୍ବତମାଳା, ତା' ଉପରେ ହୋଟେଲମାନ।

ଆଞ୍ଜେଲବର୍ଗରେ 'ଟେସାସ' ହୋଟେଲରେ ଭାରତୀୟଙ୍କ ପାଇଁ ବ୍ରେକ୍‌ଫାଷ୍ଟ–ଉପମା, ଇଡ୍‌ଲି, ଚୁଡ଼ାସନ୍ତୁଳା, ସମ୍ବର, ଚଟ୍‌ନି, ମସଲା ଚା' ଆଦି ଉପଲବ୍ଧ। ସର୍ବୋଚ୍ଚ ଶିଖର ୱାମ୍‌ପ୍ରେଠରେ ବରଫ ଗଦାଗଦା, ଭାରତୀୟ ରେଷ୍ଟୁରାଣ୍ଟରେ 'ବଫେ', ହିନ୍ଦୀ ସିନେମାର ଗୀତ ବାଜୁଥାଏ, ମନେହୁଏ ଆମେ ଭାରତର ପର୍ବତ ଉପରେ ଅଛୁ। ଏହା ହିମାଳୟର ଶିଖର ପ୍ରାୟ, ତଳ ଭାଗରେ ଇଣ୍ଟରସାର୍କେନ ସହର। ଟୁରିଷ୍ଟ କେନ୍ଦ୍ର। ଏଠାରେ ଏକ କେନ୍ଦ୍ରସ୍ଥଳରେ ମୁମ୍ବାଇ ସିନେମା ଜଗତର ପ୍ରଡ୍ୟୁସର-ଡାଇରେକ୍ଟର ଯଶ୍ ଚୋପ୍ରାଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ବହୁ ସମ୍ମାନର ଅଧିକାରୀ ସେ ଥିଲେ ସୁଇଜରଲାଣ୍ଡରେ। ତାଙ୍କର କେତେକ ସିନେମାର ସୁଟିଙ୍ଗ୍ ଏହିଠାରେ ହିଁ ସେ କରିଥିଲେ। ଫଳକରେ ତାଙ୍କ ବିଷୟରେ ତଥ୍ୟ ଉଲ୍ଲେଖ ଅଛି। ନିକଟସ୍ଥ ଅନ୍ୟ ଏକ ବରଫାବୃତ ଶୃଙ୍ଗ, ନାମ 'ଟିଟ୍‌ଲିସ' ସର୍ବୋଚ୍ଚ ସ୍ଥଳରେ ହିନ୍ଦୀ ସିନେମା 'ଦିଲ୍‌ୱାଲେ ଦୁହ୍ଲନିଆ ଲେ ଜାଏଙ୍ଗେ'ର କଳାକର-ଶାହରୁଖ ଖାଁ ଓ କାଜଲଙ୍କର ବିଶାଳ କଟ୍‌ଆଉଟ୍ ବିଦ୍ୟମାନ। ଏଥିରୁ ଜଣାଯାଏ ସୁଇଜରଲାଣ୍ଡର ଅଧିବାସୀ କେତେ ଭଲପାଆନ୍ତି ଭାରତର କଳାକାରଙ୍କୁ। ଏଠାକାର ଏକ ଫଟୋ ଷ୍ଟୁଡିଓରେ ଭାରତୀୟ କ୍ରିକେଟ ଷ୍ଟାର ଓ ମୁମ୍ବାଇ ଷ୍ଟାରଙ୍କର କଷ୍ଟ୍ୟୁମ୍ ମିଳୁଛି, ଯାହାକୁ ଭଡାରେ ନେଇ ଜଣେ ଫଟୋ ଉଠାଇପାରିବେ। ଇଟାଲୀର 'ପିସା' ଟାୱାର ନିକଟରେ ଗୁଜରାଟ ବ୍ୟବସାୟୀଙ୍କର ସୌଖୀନ ଷ୍ଟୋର, ସବୁ ଭାରତୀୟ ଉପହାର ସାମଗ୍ରୀ ମିଳେ, ବିଦେଶର ଯାତ୍ରୀମାନେ ଏଠାରୁ ଆଗ୍ରହରେ ଭାରତର ସାମଗ୍ରୀ କିଣି ପ୍ରଶଂସା କରୁଥାନ୍ତି। ସମୁଦ୍ର ମଧ୍ୟସ୍ଥ ଭେନିସ୍ ଦ୍ୱୀପରେ ଫେରି ଯାତ୍ରା କଲାବେଳେ ଭାରତୀୟ ମେନୁର ଖାଦ୍ୟ ଓ ଗୀତ। ଭଟିକାନସିଟି ପ୍ୟାଲେସ ରୋମର କଲୋସିଅମ, ସବୁଠାରେ ଭାରତର ଯାତ୍ରୀ ମାଳ ମାଳ। ସେଠାକାର ସ୍ଥାନୀୟ ଯାତ୍ରୀ ଆମକୁ ସାହାଯ୍ୟ କରି କେଉଁଦିଗକୁ ଗତି କରିବାକୁ ହେବ, କ'ଣ କୀର୍ତ୍ତି ଦେଖିବାକୁ ହେବ, ଭାରତୀୟ ବୋଲି, ଇଂଲିଶ ଭାଷାରେ ବୁଝାଇ ଦିଅନ୍ତି। ଟିକେଟ୍ କରି ପ୍ରବେଶ କରିବା, କ୍ୟୁ ତିଆରି କରିବା, ଗାଇଡ୍‌ଙ୍କ ନିର୍ଦ୍ଦେଶ ମାନିବା ଆଦି କାର୍ଯ୍ୟର ପ୍ରଶଂସା ସବୁଠାରେ ମିଳିଲା। ଯେଉଁ ଯେଉଁ ସହରକୁ ଆମେ ଭ୍ରମଣ କରିଛୁ, ସବୁଠାରେ ଭାରତୀୟ ରେଷ୍ଟୁରାଣ୍ଟରେ ଗାଇଡ୍ ଆମକୁ ସ୍ୱାଦିଷ୍ଟ ଭାରତୀୟ ବ୍ରେକ୍‌ଫାଷ୍ଟ, ଲଞ୍ଚ, ଡିନର ଖୁଆଇଛନ୍ତି। ୟୁରୋପରେ ଥିବା ଆମେ ଅନୁଭବ କରିପାରି ନାହୁଁ, କେବଳ ରାସ୍ତା, ହୋଟେଲ, ଦର୍ଶନୀୟ କୀର୍ତ୍ତି ବ୍ୟତୀତ। ଡେନ୍‌ମାର୍କର ରାଜଧାନୀ କୋପେନ୍‌ହାଗେନ୍‌ରେ ସାଇକେଲର ବ୍ୟବହାର ଅଧିକ। ଏଠାରେ ବହୁତ ଦୁର୍ଗ ଦେଖାଯାଏ। ଦିନାମାରମାନେ ଯୁଦ୍ଧଖୋର ଜାତି ଥିଲେ। ୟୁରୋପର ଅନ୍ୟ ଦେଶଗୁଡ଼ିକୁ ପରାଜିତ କରି ତାଙ୍କର ମୂଲ୍ୟବାନ ଧନସମ୍ପଦ ଅପହରଣ ପରେ ଏହି ଦୁର୍ଗମାନଙ୍କରେ 'ଏକ୍ଜିବିଶନ ହଲ୍' ନିର୍ମାଣ କରିଛନ୍ତି। ଭାରତରୁ ମଧ୍ୟ ନେଇଥିବା ସୁନା, ହୀରା ଓ ଶାଗୁଆନ କାଠର ଉପକରଣ ସେଠାରେ ସ୍ଥାନିତ ହୋଇଛି। କୋପେନହାଗେନରୁ ୧୦ କି.ମି. ସମୁଦ୍ର ପଥରେ ଫେରି 'ବଲଟିକ୍ ସାଗର' ଅତିକ୍ରମ କରି ସ୍ୱିଡେନରେ ପ୍ରବେଶ କଲୁ। ସହର ମଧ୍ୟକୁ ଚାଲିଚାଲି ଗତିକରି ବହୁ ଭାରତୀୟ ପୁରୁଷ ଓ ମହିଳାଙ୍କୁ ଅଫିସରୁ ଫେରୁଥିବାର ଦେଖିଲୁ। ସେଠାରେ ମଧ୍ୟ କେତେକ ଭାରତୀୟ ରେଷ୍ଟୁରାଣ୍ଟ ଅଛି। ଖାଦ୍ୟ ଖାଇଲୁ।

ଆମ ଦେଶର ବହୁ ଯୁବତୀଯୁବକ କର୍ମସଂସ୍ଥାନ ପାଇଁ ୟୁରୋପ ଯାଇଛନ୍ତି। ସେଠାରେ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଆଇଟି, ଶିଳ୍ପସଂସ୍ଥା ଛୋଟବଡ଼ କମ୍ପାନୀରେ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି। ସେମାନଙ୍କର ସେବା ପାଇଁ ରୁଚିକର ଦେଶୀୟ ଖାଦ୍ୟ ରାନ୍ଧି ପରଷିବା ପାଇଁ କେତେକ ଗୁଜରାଟ, ପଞ୍ଜାବ, ଉତ୍ତରପ୍ରଦେଶର ବ୍ୟକ୍ତି ସହଯୋଗୀ କର୍ମଚାରୀମାନଙ୍କୁ ନେଇ ଘରଭଡ଼ା ମାଧ୍ୟମରେ ଖାଦ୍ୟଶାଳା ଖୋଲିଛନ୍ତି। ଏହା ସେଠାକାର ୟୁରୋପୀୟ ଅଧିବାସୀଙ୍କ ଦ୍ୱାରା ଆଦୃତ ହୋଇଛି। ଆମେ ଲକ୍ଷ୍ୟ କଲୁ ଆମ ସହିତ ଗୋରା, କଳା ବ୍ୟକ୍ତିମାନେ ମଧ୍ୟ ସେଠାରେ ଆନନ୍ଦରେ ଭୋଜନ କରୁଛନ୍ତି। ଭାରତର ମସଲାଯୁକ୍ତ ସୁସ୍ୱାଦୁ ଖାଦ୍ୟ, ପାୟସ (ଖିରି), ଦକ୍ଷିଣଭାରତୀୟ ଦୋସା, ଇଡ୍‌ଲି, ଉପମା, ସମ୍ବର ଆଦି ଜଳଖିଆ ସାମଗ୍ରୀର ସେଠାରେ ଚାହିଦା ଅଛି। ତେଣୁ ଆମେ ଯେଉଁ ଦୁଇସପ୍ତାହ ୟୁରୋପରେ ବିତାଇଲୁ, ତାହା ଆଦୌ ବିଦେଶ ଭଳି ଲାଗୁ ନ ଥିଲା।

ରେଣୁକା ଏନ୍‌କ୍ଲେଭ, ପୁରୀ, ମୋ- ୯୪୩୭୪୯୪୭୭୬

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷାଜଳ ଅମଳ ଉପରେ ଗୁରୁତ୍ୱ ଦିଆଯାଉ

ମହାଶୟ,

ବିଶ୍ୱବ୍ୟାଙ୍କର ଏକ ଆକଳନରୁ ଜଣାଯାଏ ଯେ ଖାଦ୍ୟାଭାବଜନିତ ମୃତ୍ୟୁସଂଖ୍ୟାଠାରୁ ଜଳାଭାବ ଜନିତ ମୃତ୍ୟୁସଂଖ୍ୟା ଅଧିକ। ଆମ ଦେଶର ଗ୍ରାମାଞ୍ଚଳର ପ୍ରାୟ ୭୦ ଶତାଂଶ ଓ ସହରାଞ୍ଚଳର ପ୍ରାୟ ୪୫ ଶତାଂଶ ଲୋକ ନିରାପଦ ପାନୀୟ ଜଳରୁ ବଞ୍ଚିତ। ଭାରତର ଗ୍ରାମାଞ୍ଚଳରେ ଦେଖାଯାଉଥିବା ୧୦ଟି ପ୍ରମୁଖ ରୋଗ ମଧ୍ୟରୁ ୭ଟି ବିଶୁଦ୍ଧ ପାନୀୟ ଜଳ ଅଭାବରୁ ହିଁ ହେଉଛି। ଖରାଦିନେ ଗ୍ରାମାଞ୍ଚଳର ମହିଳାମାନେ ମାଠିଆଏ ପାଣି ପାଇଁ ମାଇଲ ମାଇଲ ବାଟ ଯିବା ଏକ ନିୟମିତ ଦୃଶ୍ୟ। ପ୍ରତିବର୍ଷ ଖରାଦିନେ ଆମ ରାଜ୍ୟରେ ଜଳାଭାବ ଉତ୍କଟ ରୂପ ଧାରଣ କରୁଛି। ତେଣୁ ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯିବା ଦରକାର। ସରକାର ଏ ବାବଦରେ ଲୋକମାନଙ୍କୁ ସଚେତନ କରାନ୍ତୁ। ପ୍ରତି ଗାଁରେ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଉ। ତା' ଛଡା ପୁରୁଣା ବନ୍ଧ, ପୋଖରୀ ଓ କଟା ଆଦିର ପୁନରୁଦ୍ଧାର କରାଯାଉ।

ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର

### କଥାବାର୍ତ୍ତାରେ ସଂଯମ

ଗଣତନ୍ତ୍ର ଜନପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ହୁଏ। ତେଣୁ ସେମାନେ ଚିନ୍ତାଶୀଳ, ଦୂରଦର୍ଶୀ ଓ ସଚ୍ଚୋଟ ହେବା ବିଧେୟ। କୋଟି କୋଟି ଜନତା ତାଙ୍କୁ ପ୍ରତିଦିନ ଗଣମାଧ୍ୟମରେ ଦେଖନ୍ତି, ବିବୃତି ଶୁଣନ୍ତି ଆଉ କାର୍ଯ୍ୟକଳାପକୁ ଅନୁଧ୍ୟାନ କରନ୍ତି। ସେମାନେ ପୁଣି ଦେଶ ଓ ରାଜ୍ୟର କର୍ଣ୍ଣଧାର ରୂପେ ନିଜକୁ ପ୍ରଦର୍ଶନ କରୁଛନ୍ତି। ତେଣୁ ସେମାନେ କଥାବାର୍ତ୍ତାରେ ସଂଯତ ଓ ନୀତିବାନ୍ ହେବା ଆବଶ୍ୟକ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୬ ଡିସେମ୍ବର ୧୯୯୩**

- ଆଙ୍ଗୋଲା ସରକାର ଏବଂ ୟୁନିଟା ବିଦ୍ରୋହୀଙ୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଦୀର୍ଘ ୧୮ ବର୍ଷ ବ୍ୟାପୀ ଦେଶରେ ଚାଲିଥିବା ଗୃହଯୁଦ୍ଧର ଅବସାନ।
- ପାକିସ୍ତାନର କେନ୍ଦ୍ରୀୟ ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ସରାଇ ଆଲମଗିରି ସହରରେ ଏକ ବସ୍ କେନାଲକୁ ଖସିପଡ଼ିବା ଫଳରେ ୩୭ ଜଣଙ୍କ ମୃତ୍ୟୁ।

# ଖୋଲିଲା ଜିଲାର ପ୍ରଥମ ଧାନମଣ୍ଡି

ସଜନାଗଡ଼,୫।୧୨(ଡି.ଏନ.ଏ.)



ବୁଧବାର ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏବଂ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଧାନମଣ୍ଡିର ଶୁଭାରମ୍ଭ କରୁଛନ୍ତି।

- ପ୍ରଥମ ପର୍ଯ୍ୟାୟରେ କିଣାଯିବ ୯ .୫୫ ଲକ୍ଷ କୁଇଣ୍ଟାଲ ଧାନ
- ସପ୍ତାହରେ ୩ ଦିନ ଧାନ କିଣା
- ସଅଳ ଧାନମଣ୍ଡି ରୋକିବ ଅଭାବୀ ବିକ୍ରି

ବାଲେଶ୍ୱର ଜିଲା ନୀଳଗିରି ଲ୍ୟାମ୍ପସ୍ ଅଧୀନ ମିତ୍ରପୁର ସୋସାଇଟିରେ ବୁଧବାର ଖୋଲିଛି ଜିଲାର ପ୍ରଥମ ଧାନମଣ୍ଡି। ଅନ୍ୟ ଅଞ୍ଚଳରେ ପର୍ଯ୍ୟାୟ କ୍ରମେ ମଣ୍ଡି ଖୋଲିବ। ଚାଷୀଙ୍କଠାରୁ ଖରିଫ ଧାନ କିଣିବା ସକାଶେ ନିର୍ଦ୍ଧାରିତ ସମୟ ପୂର୍ବରୁ ସଅଳ ମଣ୍ଡି ଖୋଲାଯିବା କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଉଦ୍‌ଘାଟନ ଅବସରରେ ସୂଚନା ଦିଆଯାଇଥିଲା। ମିତ୍ରପୁରରେ ମଣ୍ଡି ଖୋଲିବା ପରେ ଚାଷୀମାନେ ଆଣିଥିବା ଧାନ ବିକିଥିଲେ। ପ୍ରଥମ ଦିନରେ ମୋଟ ୮୯.୩୧ କୁଇଣ୍ଟାଲ ଧାନ କିଣାଯାଇଥିବା ଜଣାପଡ଼ିଛି।

ପୂର୍ବାହ୍ନ ୯ଟା ସମୟରେ ଜିଲାର ପ୍ରଥମ ଧାନମଣ୍ଡି ଉଦ୍‌ଘାଟନ ଲାଗି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଫିତା କାଟି ଏବଂ ପ୍ରଦୀପ ପ୍ରଜ୍ୱଳନ କରି ମଣ୍ଡି ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ, ଅନ୍ୟବର୍ଷ ତୁଳନାରେ ଚଳିତବର୍ଷ ଜିଲାରେ ଶୀଘ୍ର ଧାନ କିଣିବା ଆରମ୍ଭ ହୋଇଛି। ଏହାଦ୍ୱାରା ଚାଷୀ ଅଭାବ ବିକ୍ରିର ସମ୍ମୁଖୀନ ହେବେ ନାହିଁ । ମିଲର୍‌ମାନଙ୍କ ସହିତ ଯୋଗାଯୋଗ କରାଯାଇ ସରକାରୀ ଦରରେ ଏଠାକାର ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ୯ ଲକ୍ଷ ୫୫ହଜାର କୁଇଣ୍ଟାଲ ଧାନ ପ୍ରଥମ ପର୍ଯ୍ୟାୟରେ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଏହି ଅବସରରେ ଡିଆର୍‌ସିଏସ୍ ସନ୍ତୋଷ କୁମାର ମହାନ୍ତି, କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ଅଜିତ୍ କୁମାର ପଟ୍ଟନାୟକ, ବାଲେଶ୍ୱର ସିଏସ୍‌ଓ ରବି ନାରାୟଣ ପୃଷ୍ଟି, ଏସିଏସ୍‌ଓ ଅଜୟ ମଲ୍ଲିକ, ଏମ୍‌ପି ପ୍ରତିନିଧି ଗତିକୃଷ୍ଣ ନନ୍ଦ, କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ଭାଗବତ ଖିଲାର, ଏସ୍‌ଆର୍‌ସିଏସ୍ ଶମ୍ଭୁନାଥ ନାୟକ, ନୀଳଗିରି ଲ୍ୟାମ୍ପସ୍‌ର ଏମଡି ପ୍ରଶାନ୍ତ କୁମାର ନାୟକ, ଭାଇସ୍ ପ୍ରେସିଡେଣ୍ଟ ହିରାମଣି ସିଂ, ଡାଇରେକ୍ଟର ଖଗେନ୍ଦ୍ର ନାଥ ବେହେରା, ବ୍ଲକ ସଭାପତି ଗଙ୍ଗାଧର ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ଏହି ଧାନ କ୍ରୟ କେନ୍ଦ୍ର ସୋମବାର, ବୁଧବାର ଓ ଶୁକ୍ରବାର ଖୋଲା ରହିବ। ସକାଳ ୮ଟାରୁ ଅପରାହ୍ନ ୨ଟା ମଧ୍ୟରେ ପହଞ୍ଚିଥିବା ଧାନକୁ ଗ୍ରହଣ କରାଯିବ । ଏହି ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗିରଫ ଡ୍ରାଇଭର ଜାମିନରେ ଆସିଲେ

**ରୂପ୍‌ସା,୫।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ମିରିଗିମୁଣ୍ଡି ଛକଠାରେ ଗତ ୩ ତାରିଖରେ ବସ୍ତା ଥାନା ପୋଲିସ ଭ୍ୟାନ୍ ଧକ୍କାରେ ଜଣେ ବୃଦ୍ଧ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ମୟୂରଭଞ୍ଜ ବୈଶିଙ୍ଗା ଥାନା ନୂଆଗାଁ ଗ୍ରାମର ଭଗବାନ ଧଳା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୯୧/୧୮) ରୁଜୁ କରି ଦୁର୍ଘଟଣା ଭ୍ୟାନ (ନଂ ଓଡ଼ି୦୫ ୱାଇ-୭୯୭୫)କୁ ଜବତ କରି ଡ୍ରାଇଭର ରାଜେଶ ଗିରିଙ୍କୁ ଗିରଫ କରିଥିଲା। ମଙ୍ଗଳବାର ଗିରଫ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ହାଜର ହେବା ପରେ ଡ୍ରାଇଭରଙ୍କୁ ଜାମିନ ମିଳିଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ହେମନ୍ତ କୁମାର ପାତ୍ର ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ ସହାୟତା ଓ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ ଦାବି କରି ୨ଘଣ୍ଟା ରାଜପଥ ଅବରୋଧ କରିଥିଲେ।

### ‘ସନ୍ତୁଳିତ ସାର ପ୍ରୟୋଗ ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା ସମ୍ଭବ’

**ସଜନାଗଡ଼, ୫।୧୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରିଠାରେ ବୁଧବାର ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଥିଲା। ଏହି ବ୍ଲକ ଅନ୍ତର୍ଗତ ଅଯୋଧା ପଞ୍ଚାୟତରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଚାଷ ଜମିରେ ସନ୍ତୁଳିତ ସାର ପ୍ରୟୋଗ କଲେ ଅଧିକ ଅମଳ ମିଳିବା ସହିତ ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ ରହିପାରିବ। କାର୍ଯ୍ୟକ୍ରମରେ ଚାଷୀଙ୍କୁ ସାର ପ୍ରୟୋଗ କୌଶଳ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଜିଲା କୃଷି ଅଧିକାରୀ ଭରତ ଚନ୍ଦ୍ର ନାଥ, ସହକାରୀ କୃଷି ଅଧିକାରୀ ସନାତନ ପ୍ରଧାନ, ଅଯୋଧାର ସରପଞ୍ଚ, ନାଏବ ସରପଞ୍ଚ ପ୍ରମୁଖ ଜନପ୍ରତିନିଧି ଉପସ୍ଥିତ ଥିଲେ। ୧୬୦ରୁ ଉର୍ଦ୍ଧ୍ୱ ଚାଷୀ ଏଥିରେ ଯୋଗ ଦେଇଥିଲେ।

### ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

**ଔପଦା୫।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର କୃଷି କାର୍ଯ୍ୟାଳୟ (ଆତ୍ମା) ପରିସରରେ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ସମିତିସଭ୍ୟ ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲାପରିଷଦ ସଭ୍ୟା ସୁବାସିନୀ ବିଶ୍ୱାଳ, ବଡ଼ପୋଖରୀ ପଞ୍ଚାୟତ ସମିତିସଭ୍ୟ ଅରୁଣ ବେହେରା, ରାଏରାମଚନ୍ଦ୍ରପୁର ସମିତିସଭ୍ୟା ପଦ୍ମାବତୀ ପରିଡ଼ା ଓ ସରପଞ୍ଚ ଉଦୟ କୁମାର ସ, ଅଘିରାପଦା ସମିତିସଭ୍ୟା ପ୍ରମିଳା ଦାସ, ସହ କୃଷି ଅଧିକାରୀ ବିଭୂତି ଭୂଷଣ ପତି ପ୍ରମୁଖ ଯୋଗଦେଇ ବିଶ୍ୱ ମୃତ୍ତିକା ଦିବସର ତାତ୍ପର୍ଯ୍ୟ ଓ ମୃତ୍ତିକାକ୍ଷୟ, ସଂରକ୍ଷଣ ଆଦି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ହକି ପାଇଁ ଦୌଡ଼: ସୁଶାନ୍ତ ପ୍ରଥମ, ଧନଞ୍ଜୟ ଦ୍ୱିତୀୟ



ଗଣଦୌଡ଼ରେ ସାମିଲ ଯୁବକଙ୍କ ସହ ଅତିଥିମାନେ।

**ରୂପ୍‌ସା,୫।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ଗଡ଼ପଦା ପଞ୍ଚାୟତ ବିଜୁ ଯୁବ ବାହିନୀ ହକି ବିଶ୍ୱକପ୍ ଉଦ୍ଦେଶ୍ୟରେ ବୁଧବାର ପଞ୍ଚାୟତସ୍ତରୀୟ ଗଣଦୌଡ଼ ଓ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁବ ବାହିନୀ ସଭାପତି ହମିଦ ଖାଁ ଓ ସମ୍ପାଦକ ପ୍ରସନଜିତ ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗଣଦୌଡ଼ରେ ୩୦ରୁ ଉର୍ଦ୍ଧ୍ୱ ଯୁବକ ଓ ଦୌଡ଼ ପ୍ରତିଯୋଗିତାରେ ୧୨ ଯୁବକ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଜନ କୁମାର ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଦୌଡ ପ୍ରତିଯୋଗିତାରେ ସୁଶାନ୍ତ କୁମାର ମହାନ୍ତି ୧ମ, ଧନଞ୍ଜୟ ଦାସ ୨ୟ ଓ ରଣଜିତ ସିଂ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପଞ୍ଚାୟତ ସଭାପତି ନାରାୟଣ ନାୟକ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର ସମ୍ମାନନୀୟ ଅତିଥି, ଶିକ୍ଷାବିତ ରବୀନ୍ଦ୍ର କୁମାର ଭୋଇ ଓ ଖବରଦାତା ବିଜୟ କୁମାର ଭୂୟାଁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

# ମଧ୍ୟାହ୍ନ ଭୋଜନ ଖାଇ ୨୦ ଛାତ୍ରୀଛାତ୍ର ଅସୁସ୍ଥ



ସ୍ୱାସ୍ଥ୍ୟକେନ୍ଦ୍ରରେ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଚିକିତ୍ସା।

**ଜଳେଶ୍ୱର, ୫।୧୨ (ଡି.ଏନ୍.ଏ.):** ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ କମର୍ଦ୍ଦା ପଞ୍ଚାୟତର ଖଇରଦା ଗ୍ରାମସ୍ଥିତ ଖଇରଦା ୟୁଜିୟୁପିବିଦ୍ୟାଳୟରେ ବୁଧବାର ମଧ୍ୟାହ୍ନ ଭୋଜନ ଖାଇବା ପରେ ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି । ସେମାନଙ୍କୁ ଜଳେଶ୍ୱର ସ୍ଥିତ ଜିକେ ଭଟ୍ଟର ସରକାରୀ ଡାକ୍ତରଖାନାରେ ସନ୍ଧ୍ୟା ସାଢ଼େ ୭ ଟାରେ ଭର୍ତ୍ତି କରାଯାଇଛି। ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ର ଖଇରଦା ମୁସଲିମ୍ ବସ୍ତିର ବୋଲି ଜଣାପଡ଼ିଛି। ଅସୁସ୍ଥ ଜଣେ ଛାତ୍ରୀଙ୍କ ମା'ଙ୍କ କହିବା ଅନୁଯାୟୀ ମଧ୍ୟାହ୍ନ ଭୋଜନରେ ପରଶା ଯାଇଥିବା ଭାତରେ ଝିଟିପିଟି ପଡ଼ିଥିବା କୁହାଯାଉଛି । ଉକ୍ତ ଝିଟିପିଟିକୁ ବାହାରକରି ସେହି ଭାତକୁ ଖାଇବାକୁ ଦିଆଯିବାରୁ ଛାତ୍ରୀଛାତ୍ରଙ୍କ ବାନ୍ତି ହେବା ସହିତ ମୁଣ୍ଡ ବୁଲାଇଥିଲା । ଚିକିତ୍ସା ପରେ ଛାତ୍ରୀଛାତ୍ରଙ୍କ ଅବସ୍ଥାରେ ସୁଧାର ଆସିଥିବା ଭାରପ୍ରାପ୍ତ ମେଡିକାଲ ଅଫିସର୍ ଡା.ଗଣେଶଚନ୍ଦ୍ର ପାଳ କହିଛନ୍ତି।

# ରାଜସ୍ୱ ହିସାବ ପରଖିଲେ ଅତିରିକ୍ତ ଜିଲାପାଳ

**ଜଳେଶ୍ୱର,୫।୧୨ (ଡି.ଏନ୍.ଏ.):** ଜଳେଶ୍ୱର ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ (ଏଡିଏମ୍) ମାନସ ରଞ୍ଜନ ପାଢ଼ୀ ଉପସ୍ଥିତ ରହି ଜଳେଶ୍ୱର ତହସିଲ ର ୨୦୧୭-୧୮ ଆର୍ଥିକ ବର୍ଷର ରାଜସ୍ୱ ହିସାବ କିତାବ (ସାଲତମାମି) ବୁଧବାର ୧୦ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଦୀର୍ଘ ୭ ଘଣ୍ଟା ଧରି ପରଖିଥିଲେ। ତହସିଲ ଅଞ୍ଚଳର ୭ଟି ସର୍କଲର ଆର୍‌ଆଇ ମାନେ ଏହି ସମୟରେ ଉପସ୍ଥିତ ରହି ନିଜ ନିଜ ସର୍କଲର ହିସାବ କିତାବ ଏଡିଏମ୍‌ଙ୍କୁ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ଜଳେଶ୍ୱର ତହସିଲକୁ ୩ କୋଟି ୯୯ ଲକ୍ଷ ୪୧ ହଜାର ଟଙ୍କା ରାଜସ୍ୱ ଆଦାୟ କରିବାପାଇଁ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ମାତ୍ର ୮ ମାସରେ ୩ କୋଟି ୯୭ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିବା ଜାଣି ଏଡିଏମ୍ ତହସିଲଦାର ଅଭିମନ୍ୟୁ ପଣ୍ଡାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଅପରପକ୍ଷରେ ତହସିଲଦାର ଅଭିମନ୍ୟୁ ପଣ୍ଡା ଚଳିତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଅଧିକ(୫ କୋଟି ରୁ ଉର୍ଦ୍ଧ୍ୱ) ରାଜସ୍ୱ ଆଦାୟ କରିବେ ବୋଲି ଏଡିଏମ୍‌ଙ୍କ ନିକଟରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ସମୟରେ ଅତିରିକ୍ତ ତହସିଲାଦାର କ୍ଷୀରୋଦ କୁମାର ପଣ୍ଡାଙ୍କ ସମେତ ରାଜସ୍ୱ ସୁପରଭାଇଜର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନ୍ୟାଶନାଲ ଇନସ୍ୟୁରାନ୍ସ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ

# ଗ୍ରାହକସେବାକୁ ପ୍ରାଥମିକତା



ଉପଜିଲାପାଳ କେକ୍ କାଟି ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ ବାଲେଶ୍ୱର ଶାଖା ୧୧୨ତମ ପ୍ରତିଷ୍ଠା ଦିବସ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

**ବାଲେଶ୍ୱର ଅଫିସ, ୫।୧୨:** ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ‘ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ’ ବାଲେଶ୍ୱର ଶାଖା ପକ୍ଷରୁ ୧୧୨ତମ ପ୍ରତିଷ୍ଠା ଦିବସ ଏଡ଼ିଏମ୍ ଛକ ନିକଟସ୍ଥ ଅଫିସ୍ ପରିସରରେ ବୁଧବାର ପାଳିତ ହୋଇଯାଇଛି। ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର କେକ୍ କାଟି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବରିଷ୍ଠ ଶାଖା ପରିଚାଳକ ସଞ୍ଜୀବ କୁମାର ପାତ୍ର ଅଧ୍ୟକ୍ଷତା ସାଙ୍ଗକୁ କ୍ଲେମର ତୁରନ୍ତ ସମାଧାନ, ଗ୍ରାହକ ସେବାର ପ୍ରାଥମିକତା ଦେଇ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ପାଇଁ ଗୁରୁତ୍ୱାରୋପ କରିଥିଲେ।

ପରେ ଗ୍ରାହକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ବୀମା କମ୍ପାନୀର ବିଭିନ୍ନ କ୍ଲଷ୍ଟରରୁ ବହୁ ଗ୍ରାହକ ଉପସ୍ଥିତ ଥିଲେ। ବସ୍ ଆସୋସିଏଶନ୍‌ର ବରିଷ୍ଠ କର୍ମକର୍ତ୍ତା ମାଧବ ଚନ୍ଦ୍ର ମିଶ୍ର, ଦକ୍ଷ ବ୍ୟବସାୟୀ ଉମରଲାଲ ପେରୀୱାଲ, ସାମାଜିକର୍ମୀ ସୁପ୍ରୀତି ମିଶ୍ର, ଦୁଷ୍ମନ୍ତ ଦେ, ରତିକାନ୍ତ ସଙ୍ଗ ସମେତ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀବୃନ୍ଦ, ବହୁ ଏଜେଣ୍ଟ ବନ୍ଧୁ ଉପସ୍ଥିତ ଥିଲେ। ସହପ୍ରବନ୍ଧକ ଜୟନ୍ତ ଶାହା, ରମାକାନ୍ତ ମଲ୍ଲିକ, ଶ୍ରୀମନ୍ତ ନାରାୟଣ ଘୋଷ, ସ୍ୱର୍ଣ୍ଣପ୍ରଭା ବେହେରା, କର୍ମଚାରୀ ସଂଘ ନେତା ଯଶୋଦା ନନ୍ଦନ ଆଶ, ପ୍ରଶାନ୍ତ ବାରିକ, ଅସୀମ ସେନ୍, ସୁଶ୍ରୀ ମନସ୍ୱିନୀ ବାରିକ, କୁଞ୍ଜ ବିହାରୀ ଷଡ଼ଙ୍ଗୀ, ସନାତନ ବେହେରା, ଏଜେଣ୍ଟ ବିଶ୍ୱଜିତ୍ ବାରିକ, ମାଖନ ଲାଲ କୁଣ୍ଡୁ, ବିଦ୍ୟାଧର ଜେନା, ସନାତନ ଶତପଥି, ମୌସୁମୀ ଗିରୀ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ରେମୁଣା ଡିଗ୍ରୀ କଲେଜର ବାର୍ଷିକ ସମାରୋହ

**ରେମୁଣା, ୫।୧୨ (ଡି.ଏନ.ଏ.):** ରେମୁଣା ଡିଗ୍ରୀ କଲେଜର ୨୨ତମ ବାର୍ଷିକ ସମାରୋହ ବୁଧବାର ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମାରୋହରେ ଉଦ୍‌ଘାଟକ ଭାବେ ଉଚ୍ଚ ଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ଅଧ୍ୟାପିକା ଅଧ୍ୟାପକ ଉଚ୍ଚ ମାନର ଶିକ୍ଷାଦାନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ଉତ୍ତମ ଶିକ୍ଷକ, ଉତ୍ତମ ଶିକ୍ଷା, ଭିତ୍ତିଭୂମି ଏବଂ ସମାଜସେବା ଇତ୍ୟାଦି କ୍ଷେତ୍ରରେ ଶିକ୍ଷାନୁଷ୍ଠାନ ଅଗ୍ରଣୀ ଭୂମିକା ଗ୍ରହଣ କରୁବୋଲି ଆଶା ପ୍ରକଟ କରିଥିଲେ। ମୁଖ୍ୟ ଅତିଥିଭାବେ ସାଂସଦ ରବୀନ୍ଦ୍ର କୁମାର ଜେନା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ସବୁକ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନୀୟ ଅତିଥି ଜିଲାପାଳ ରମେଶ ଚନ୍ଦ୍ର ରାଉତ କଠିନ ପରିଶ୍ରମ, ଏକାଗ୍ରତା ଦ୍ୱାରା ଜୀବନରେ ସଫଳ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥିଭାବେ ଇମାମୀ ପେପର ମିଲ୍ସର ନିର୍ଦ୍ଦେଶକ ଏମବିଏସ ନାୟାର, ଜୁନିୟର କଲେଜର ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ବାଗ୍ ବକ୍ତବ୍ୟ ଦେଇଥିଲେ । ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଅଧ୍ୟକ୍ଷୀୟ ଅଭିଭାଷଣରେ ରେମୁଣାର ସାମଗ୍ରୀକ ବିକାଶ ପାଇଁ ପ୍ରଶାସନ, ରାଜନେତା, ଛାତ୍ରଛାତ୍ରୀ ସେମାନଙ୍କର ଗୁରୁଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଡିଗ୍ରୀ କଲେଜର ମୁଖପତ୍ର ‘ସପ୍ତସରା’ ଉନ୍ମୋଚିତ ହୋଇଥିଲା । ଅଧ୍ୟକ୍ଷା ଜୟନ୍ତୀ ନାୟକ ବିବରଣୀ ପାଠ କରିଥିବାବେଳେ ଦୀପକ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଡ. ପ୍ରଶାନ୍ତ କୁମାର ମହାନ୍ତି, ସୁବେଦାର ଗିରୀଶ କୁମାର ଷଡଙ୍ଗୀ, କୁମାରୀ ଜୟଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ତ୍ରିଲୋଚନ ସାହୁ ମାନପତ୍ର ପାଠ କରିଥିଲେ । ଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିଥିଲେ । ପ୍ରାରମ୍ଭରେ ମନ୍ତ୍ରୀ କମ୍ପୁଟର ସାଇନ୍ସ ଲାବରେଟୋରୀକୁ ଉଦଘାଟନ କରିଥିଲେ ।

# ‘ଯୋଜନା ରୂପାୟନକୁ ତ୍ୱରାନ୍ୱିତ କର’



ଦିଶା ପକ୍ଷରୁ ଅନୁଷ୍ଠିତ ବୈଠକରେ ଅତିଥି ଓ ଅଧିକାରୀମାନେ ।

- ‘ଦିଶା’ ବୈଠକରେ ୨୯ ପ୍ରସଙ୍ଗରେ ଆଲୋଚନା
- ତିତ୍‌ଲି’ରେ କ୍ଷୟକ୍ଷତିର ବିବରଣୀକୁ ନେଇ ମତାନ୍ତର

ବାଲେଶ୍ୱର ଅଫିସ,୫।୧୨

ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ସହ ଏହାର ସଫଳ ରୂପାୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ତ୍ରୟୋମାସିକ ଜିଲା ଉନ୍ନୟନ ସଂଯୋଜନା ଓ ତଦାରଖ କମିଟି ‘‘ଦିଶା’’ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଅମୃତ ଯୋଜନା, ରେଳ ଓଭରବ୍ରିଜ୍, ଫକୀରମୋହନ ମହାବିଦ୍ୟାଳୟର ଖେଳପଡ଼ିଆ, ଘୂର୍ଣ୍ଣିଝଡ଼ ‘ତିତ୍‌ଲି’ର କ୍ଷୟକ୍ଷତି, ଜିଲା ଗ୍ରାମୀଣ ହାଉସିଂ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନା, ବିଭିନ୍ନ ପେନସନ ଯୋଜନା, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ, ଝାଡଖଣ୍ଡୀ ହାତୀଙ୍କ ଉପଦ୍ରବ, ସ୍ୱଚ୍ଛ ଭାରତ ମିଶନ, ଜଙ୍ଗଲ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ସମେତ ମୋଟ୍ ୨୯ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା।

ଅମୃତ ଯୋଜନା ଅଧୀନରେ ୧୨,୭୦୦ଟି ଘରକୁ ପାଇପ ଜଳ ସଂଯୋଗୀକରଣ. ୩୭ ନୂତନ ବୋରୱେଲ ଖନନ, ୨୬୦ କି.ମି. ପାଣି ପାଇପ ବିଛାଇବା କାର୍ଯ୍ୟ ୨୦୧୯ ଜୁନ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଭାଗୀୟ କର୍ତ୍ତୃପକ୍ଷ କହିଥିଲେ। ଜିଲାରେ ୪ଟି ରେଳ ଓଭରବ୍ରିଜ୍ ମଞ୍ଜୁର ହୋଇ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ସୋର, ତାମୁଲିଆ ସ୍ଥିତ କାର୍ଯ୍ୟ ଆସନ୍ତା ୩୧ତାରିଖ ସୁଦ୍ଧା ଶେଷ କରିବାକୁ ରେଳବିଭାଗ ପ୍ରତିଶ୍ରୁତି ଦେଇଛି। ଜଳେଶ୍ୱର ଠାରେ ଓଭରବ୍ରିଜ ନିର୍ମାଣାଧୀନ ଥିବା ବେଳେ ଅଙ୍ଗାରଗଡ଼ିଆ ଓଭରବ୍ରିଜ ପାଇଁ ଟେଣ୍ଡର କାର୍ଯ୍ୟ ସରିଛି। ଘୂର୍ଣ୍ଣିଝଡ଼ ‘ତିତ୍‌ଲି’ରେ କ୍ଷୟକ୍ଷତିର ବିବରଣୀକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ମଧ୍ୟରେ ମତାନ୍ତର ଦେଖାଦେଇଥିଲା। ୩ ଦିନ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ତଥ୍ୟ ଦେବାକୁ ବୈଠକରେ ସିଦ୍ଧାନ୍ତ ନିଆଯାଇଥିଲା। ଜିଲା ଗ୍ରାମୀଣ ହାଉସିଂ ଯୋଜନା, ରାସ୍ତା ନିର୍ମାଣ ବେଳେ ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ, ବାଲେଶ୍ୱର ମେଡିକାଲ କଲେଜ ପିଜି ପାଠ୍ୟକ୍ରମ ସକାଶେ ଡାକ୍ତରମାନେ ଯୋଗଦେଇ ପରେ ଅନ୍ୟତ୍ର ଚାଲି ଯାଉଥିବାରୁ ସ୍ୱାସ୍ଥ୍ୟ ସେବାରେ ବ୍ୟାଘାତ ଘଟୁଥିବା ଆଦି ବିଷୟ ନେଇ ସରଗରମ ଆଲୋଚନ ହୋଇଥିଲା। ଜିଲାକୁ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ହାତୀ ପଲ ଆସିବା ବେଳେ ବିଜୁଳି କାଟ୍ କରାଯାଉଥିବାରୁ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକ, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଲ ସିଂ, ସମସ୍ତ ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷ, ନିମନ୍ତ୍ରିତ ଜିଲା ପରିଷଦ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗ୍ନି, ବ୍ୟାଧି, ଋଣ;**
**ଏ ତିନିଙ୍କି ନ ରଖିବ ପୁଣ ।**

ଅଗ୍ନି ସବୁକିଛି ଜାଳିପୋଡ଼ି ଭସ୍ମ କରି ଦେଇଥାଏ । ରୋଗ ପୁରୁଣା ହୋଇଗଲେ ଭଲ ହେବା କଷ୍ଟକର ହୋଇଯାଏ । ସେହିପରି ଋଣ ଠିକ୍ ସମୟରେ ଶୁଝା ନ ଗଲେ ସୁଧମୂଳ ବଢ଼ିଯାଏ । ଚାଣକ୍ୟଙ୍କ ମତରେ ଅଗ୍ନି, ବ୍ୟାଧି ଓ ଋଣର ଶେଷ ରଖିବ ନାହିଁ। କାରଣ ଏଗୁଡ଼ିକ ପରେ ବଢ଼ି ବଢ଼ି ମଣିଷର ସର୍ବନାଶର କାରଣ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲ ବନ୍ଧୁ ଭଲ କଲ**
**ବସିବାକୁ ନାହିଁ ଠାଆ,**
**ଯେଉଁ ବାଟେ ବାଟେ ଅଇଲ ବନ୍ଧୁ**
**ସେଇ ବାଟେ ବାଟେ ଯାଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁତ୍ସିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା'ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁକୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# 'ଲାଇଟ୍ ଆଣ୍ଡ ସାଉଣ୍ଡ ଆଇନ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉ'

**ବାଲେଶ୍ୱର ଅଫିସ,୫।୧୨:** ଲାଇଟ୍ ଓ ସାଉଣ୍ଡ ବ୍ୟବହାର କରି ଅନେକ ବେକାର ଯୁବକ କର୍ମନିଯୁକ୍ତି ପାଇ ପାରିଥିଲେ। ଶବ୍ଦ ପ୍ରଦୂଷଣ ରୋକିବା ଲାଗି ହୋଇଥିବା ଆଇନ ବ୍ୟବସ୍ଥାକୁ ପାଳନ କ୍ଷେତ୍ରରେ ଏହି ବ୍ୟବସାୟୀଙ୍କୁ ନାନା ଭାବେ ହଇରାଣ ହେବାକୁ ପଡୁଛି। ଏକ୍ଷେତ୍ରରେ ପୋଲିସ ପ୍ରଶାସନ ସହଯୋଗ କରିବାକୁ ବାଲେଶ୍ୱର ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ସଂଘ କର୍ମକର୍ତ୍ତା ଏବଂ କାର୍ଯ୍ୟକାରୀ କମିଟି ବୈଠକରେ ଗୁରୁତ୍ୱ ଆରୋପ କରାଯାଇଛି। ସଂଘର ସଭାପତି ଅଜୟ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶବ୍ଦ ନିୟନ୍ତ୍ରଣ ଏବଂ ତତ୍‌ଜନିତ ସର୍ତ୍ତାବଳୀ ଉପରେ ଚର୍ଚ୍ଚା କରାଯାଇଥିଲା। ବିବାହ ଉତ୍ସବ ଓ ଅନ୍ୟ କାର୍ଯ୍ୟକ୍ରମରେ ବ୍ୟବହୃତ ହେଉଥିବା ଲାଇଟ୍ ଏବଂ ସାଉଣ୍ଡ ଗାଡ଼ିରେ ୨ଟି ସ୍ପିକର ଥିବା ୪ଟି ବକ୍ସ (୧୫ ଇଞ୍ଚ ସ୍ପିକର) ନିୟମ ଅନୁଯାୟୀ ବ୍ୟବହାର କରିବା ଏବଂ ୬୫ ଡେସିବୁଲ୍ ମଧ୍ୟରେ ଶବ୍ଦକୁ ସୀମିତ ରଖିବା ବ୍ୟବସ୍ଥାକୁ ସଂଘ ଠିକ୍ ଭାବେ ପାଳନ କରୁଥିବା ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ତେବେ ସଂଘର ସମ୍ପାଦକ ମନ୍ମଥ ଦାସ ଆଇନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସାଉଣ୍ଡ ବ୍ୟବସାୟୀଙ୍କୁ କିଭଳି ହଇରାଣ ହେବାକୁ ପଡୁଛି ତାହା ଦର୍ଶାଇଥିଲେ। ସହସମ୍ପାଦକ ଅମରେନ୍ଦ୍ର ପାତ୍ର, ବିଜୟ ନାୟକ, ରାଜେଶ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁରେଶ ପ୍ରଧାନ, ସନ୍ତୋଷ ଦାଶ, ନିଲୁ ସେଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ନୂଆ ପେନସନ୍ ନୀତି ବିରୋଧରେ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୫।୧୨**

**ଜାନୁୟାରୀରେ ତିନିଦିନିଆ ହରତାଳ ଚେତାବନୀ**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆର୍ ସମ୍ମୁଖରେ ଡିଫେନ୍ସ ଏମ୍ପ୍ଲୋଇଜ୍ ଫେଡେରେଶନ୍ ପକ୍ଷରୁ ରାଷ୍ଟ୍ରୀୟ ପେନସନ ଯୋଜନାକୁ ବିରୋଧ କରି ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପିଏକ୍ସଇ, ଆଇଟିଆର୍, ଏମ୍‌ଇଏସ୍ ଏବଂ ଷ୍ଟେଶନ ୱାର୍କସପ୍ ଇଏମ୍‌ଇର ଶତାଧିକ କର୍ମଚାରୀ ସାମିଲ ହୋଇ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଆଇଟିଆର୍ ଗେଟ୍ ନିକଟରେ ପହଞ୍ଚିଥିଲେ। କମିଟି ସଭାପତି ଜଗଦୀଶ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଜିତେନ୍ଦ୍ର କୁମାର, ଆଲୋକ ମହାନ୍ତି, ରବି ନାରାୟଣ ମିଶ୍ର, ଶଶିକାନ୍ତ ରାଉତ, ଦେବବ୍ରତ ଜେନା ପ୍ରମୁଖ ବକ୍ତବ୍ୟ ରଖି ନୂଆ ପେନସନ୍ ଯୋଜନାକୁ ସମାଲୋଚନା କରିଥିଲେ। ସପ୍ତମ ବେତନ କମିଶନ ସୁପାରିସ ଅନୁଯାୟୀ ସରକାରୀ କର୍ମଚାରୀଙ୍କୁ ସର୍ବନିମ୍ନ ମାସିକ ୯ହଜାର ଟଙ୍କା ପେନସନ୍ ମିଳୁଥିବା ବେଳେ ନୂଆ ପେନସନ୍ ଯୋଜନାରେ କର୍ମଚାରୀମାନଙ୍କୁ ୭ଶହ ଟଙ୍କା ଭଳି ଅତିକମ୍ ପେନସନ୍ ମିଳିବା ଦୁର୍ଭାଗ୍ୟଜନକ ବୋଲି ବକ୍ତାମାନେ କହିଥିଲେ। ନୂଆ ପେନସନ୍ ନୀତିର ଉଚ୍ଛେଦ ଦାବି କରି ଆସନ୍ତା ଜାନୁୟାରୀ ୨୩, ୨୪ ଓ ୨୫ ତିନିଦିନ ବ୍ୟାପୀ ସର୍ବଭାରତୀୟ ସ୍ତରରେ ସମସ୍ତ ପ୍ରତିରକ୍ଷା ଅନୁଷ୍ଠାନରେ ହରତାଳ କରାଯିବ ବୋଲି ସଭାରେ ସୂଚନା ଦିଆଯାଇଥିଲା।

**Bhubaneswar Smart City Limited**
**Bhubaneswar Smart City Limited, Block 1, II Floor, BMC-Bhawani Mall, Bhubaneswar-751007**

**No. 5772** **Date: 03.12.18**

**1st Corrigendum to Tender Call Notice Vide bid Identification No. 5733/BSCL/187/2018, dated 28.11.2018**

**No.371-C:-** The Notice Inviting Bid No. 5733/BSCL/187/2018, dated 28.11.2018 towards "Development of cycle track corridor in Bhubaneswar Smart City has been revised as below."

| | | |
|---|---|---|
| 1. | Period of completion | 06 (Six Months) |
| 2. | Date and time for availability of bid in web | 14.12.2018 |
| 3. | Date of Pre-Bid Meeting | 21.12.2018 at 11.00 AM |
| 4. | Last date/ time for receipt of Bid in web portal | 05.01.2019 upto 5.00 PM |
| 5. | Date of submission of original documents, EMD, Bid document cost | 07.01.2019 upto 5.00 PM |
| 6. | Date of opening of technical Bid | 09.01.2019 at 11.30 AM |

The Revised Notice inviting tender along with other documents will be published in the e-procurement portal website http://tendersorissa.gov.in. Any addendum/ corrigendum/ cancellation of tender can be seen in the web mentioned above.

**Sd./- Chief Executive Officer**
**Bhubaneswar Smart City Limited**
**13070/11/0041/1819**

**ZILLA SWASTHYA SAMITI, KORAPUT**
**OFFICE OF THE CHIEF DISTRICT MEDICAL OFFICE, KORAPUT**
Phone No : 06852-252064,
Email- nhmkpt@gmail.com
Letter No. 576/NCD/KPT Date : 01.12.2018

## TENDER CALL NOTICE

No.624-E: Sealed tenders are invited from registered or manufacturer or importer or authorized distributor or wholeseller agencies for supply of strecher for IMR & MMR programme under NHM, Koraput. The tender document should reach to the office of the undersigned by 21.12.2018, 1.00 P.M. through speed post / Regd. Post/ Courier along with all relevant documents and will be opened on the same day at 05.00 P.M. The details specifications, terms & conditions can be available in the district website : www.koraput.nic.in. The undersigned reserves the right to accept or reject without assigning any reason thereof.

10077/11/0023/1819 **Sd./- CDM & PHO, Koraput**

# 'ବରିଷ୍ଠ ନାଗରିକଙ୍କୁ ବଞ୍ଚିବା ଭଳି ଭତ୍ତା ଦିଅ'

**ରସାଳପୁର/ବାଲିଆପାଳ,୫।୧୨(ଡି.ଏନ.ଏ.)**

- **୬ ଦଫା ଦାବି ନେଇ ବିକ୍ଷୋଭ**
- **ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**
- **୧୫୦ବଦଳରେ ୫ଶହ ଗ୍ରାମ୍ ଚାଉଳ ଦିଅ**

ବାଲେଶ୍ୱର ଜିଲା ବାଲିଆପାଳ ଅନ୍ୟଦାତା ଜରା ମହାସଂଘ ତରଫରୁ ବୁଧବାର ୬ ଦଫା ଦାବି ନେଇ ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବରିଷ୍ଠ ନାଗରିକଙ୍କୁ ଉଚିତ ସୁରକ୍ଷା ଓ ସୁବିଧା ମିଳୁ ନ ଥିବା ବିକ୍ଷୋଭକାରୀ ଅଭିଯୋଗ କରିଥିଲେ। ମହାସଂଘର କର୍ମକର୍ତ୍ତା ଶେଷରେ ବିଡ଼ିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୬୦ ବର୍ଷର ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ବଞ୍ଚିବା ପାଇଁ ମାସକୁ ୨ହଜାର ଟଙ୍କା ଭତ୍ତାଦେବା ଆଦି ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକ ଅଡ଼ିସ ଆଗରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶକୁ ସଞ୍ଚାଳନ କରିଥିଲେ ଆବାହକ କୁଶଧ୍ୱଜ ଜେନା । ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ବାଲିଆପାଳ ଶାଖାର ସଭାପତି ଅନୁଜ କୁମାର ମହାପାତ୍ର, ଶ୍ରମିକ ନେତା ମୃତ୍ୟୁଞ୍ଜୟ ରାଉତ, ସୁଦର୍ଶନ ଜେନା, ଘାଟୀ ଆନ୍ଦୋଳନ ନେତା ଅରୁଣ ଜେନା, ବେଣୁଧର ଜେନା ପ୍ରମୁଖ ମହାସଂଘର ଦାବି ଉପରେ ଆଲୋକପାତ କରିଥିଲେ। ସରକାର ଓ ପ୍ରଶାସନ ଏସବୁ ଦାବିକୁ ଅଣଦେଖା କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେମାନେ କହିଥିଲେ। ମହାସଂଘର ଦାବି ମଧ୍ୟରେ ବରିଷ୍ଠ ବ୍ୟକ୍ତିଙ୍କ ବୟସ ଭୁଲ୍ ଥିଲେ, ଡାକ୍ତରୀ ପରୀକ୍ଷା ଦ୍ୱାରା ପୁନଃ ଚିହ୍ନଟ କରାଯିବା, ପକ୍ଷାଘାତ, ଗଣ୍ଠିବାତ, ଉଚ୍ଚ ରକ୍ତଚାପ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା, ଦିନକୁ ମିଳୁଥିବା ୧୫୦ ଗ୍ରାମ୍ ଚାଉଳ ପରିବର୍ତ୍ତେ ୫ଶହ ଗ୍ରାମ୍ ଦିଆଯିବା, ପୁଅବୋହୂଙ୍କ ନିର୍ଯାତନାରୁ ସୁରକ୍ଷା ବରିଷ୍ଠ ନାଗରିକଙ୍କୁ ସୁରକ୍ଷାଦେବା ପ୍ରସଙ୍ଗ ସ୍ଥାନ ପାଇଛି।

**OFFICE OF THE EXECUTIVE ENGINEER**
**RWS&S DIVISION, PURI – 752002**
Phone (06752) 251276, Fax :- (06752) 251276, E-mail:-eerwss_puri@nic.in

## NATIONAL COMPETITIVE BIDDING THROUGH E-PROCUREMENT

**Bid Identification No. RWSSPURI 70 /2018-19**

No.1117-O: The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 1 (ONE) |
| 2. | Time for completion: | Two months |
| 3. | Cost of bidding document: | Rs. 6000/- |
| 4. | Class of Contractors eligible: | D & C |
| 5. | Availability of bids on-line: | From 17 hour of 07.12.2018 to 17.00 hours of 17.12.2018 |
| 6. | Last date and time for seeking clarification: | 17.00 hours of 14.12.2018 |
| 7. | Date & time of opening of technical bids: | On dt 18.12.2018 at 12.00 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in**.

**Sd./- Executive Engineer,**
**RWS&S Division, Puri**
25017/11/0087/1819

# ଭାଜପାରେ ଯୋଗଦେଲେ ବିଜେଡି, କଂଗ୍ରେସ ସମର୍ଥକ

**ବାଲେଶ୍ୱରଅଫିସ,୫।୧୨:** ବାଲେଶ୍ୱରସଦରବ୍ଲକଅନ୍ତର୍ଗତ ପରିଖି ପଞ୍ଚାୟତର ବୋଧିଗଡ଼ିଆ ଗ୍ରାମର ବହୁ ବିଜେଡି ଓ କଂଗ୍ରେସ ସମର୍ଥକ ବୁଧବାର କର୍ଯ୍ୟାଳୟଠାରେ ଜିଲାସଭାପତି ମଦନ ମୋହନ ଦତ୍ତଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଦଳରେ ଯୋଗଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ଯୋଗଦାନ କରିଥିଲେ। ଜିଲାସଭାପତି ନବାଗତ ସଦସ୍ୟା ଓ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ଦଳକୁ ସ୍ୱାଗତ କରିଥିଲେ। ଦଳର ବରିଷ୍ଠ ନେତା ଅଭୟ ହାତୀ ଓ ହରେକୃଷ୍ଣ ମହାଳିକ ଏହି ମିଶ୍ରଣ ପର୍ବରେ ସହଯୋଗ କରିଥିଲେ।

## ୫ବଖରା ଜଳିଗଲା

**ଖଇରା, ୫।୧୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଗଗନଧୂଳି ପଞ୍ଚାୟତ ତେନ୍ତୁଳିଆପଡା ଗ୍ରାମରେ ବୁଧବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୫ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । ଖବର ପାଇ ଖଇରା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

**BERHAMPUR MUNICIPAL CORPORATION, GANJAM**
**INVITATION FOR BIDS (IFB)**

**No.19877/XVIII.E6.12/18** **Date : 03.12.2018**

**INVITATION FOR BIDS**
**Bid Identification No. BMC (BAM)-182/2018-19** No.368-C

| | | | |
|---|---|---|---|
| 1. | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | | |
| 2. | Natue of Work | : | Electrical Works |
| 3. | No. of Work | : | 3 Nos |
| 4. | Bid Cost. | : | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | E.M.D. | : | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6. | Class of Contractor | : | As per the Annexure "A" |
| 7. | Availability of Bid Documents in the website | : | From 15.00 hrs. of Dt. 05.12.2018 to 17.00 hrs. of 24.12.2018 |
| 8. | Date of opening of Bid | : | 11.30 hrs. onwards on Dt. 26.12.18. |
| 9. | Mode of submission of tender | : | Tender should be submitted on line in www.tendersorissa.gov.in |
| | The Bidders have to partcipate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum/ cancellation of tender can also be seen in the said website only. | | |

13035/11/0163/1819 **Sd./- Commissioner, Berhampur Municipal Corporation, Berhampur, Odisha**

# CLASSIFIED DISPLAY

**ALL EDITION-B/W (Every Day)** **For Booking Contact: 0674-2580385, 7894447131, 7894447148, 9437038266, 7894447166**

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ
35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି
ମାର୍କଶିଟ୍, ବ୍ୟବସାୟ
ଯାନବାହନ, ଆଧାରକାର୍ଡ
ରାଶନ କାର୍ଡ
ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା
ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହକୁଛି କୋଠାର ସ୍ମୃତି ମନ୍ଦିର

**ଧାମନଗର, ୫।୧୨ (ଡି.ଏନ.ଏ.)**

ମା' ଶାରଦା ଦେବୀଙ୍କ ଆଗମନୀ ଉତ୍ସବ ପାଳନ ଅବସରରେ ଭଦ୍ରକ ଜିଲା ଧାମନଗର ବ୍ଲକ କୋଠାର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବୁଧବାର ଭୋର ସମୟରେ ମଙ୍ଗଳ ଆଳତି, ଚଣ୍ଡିପାଠ, ଭଜନ କୀର୍ତ୍ତନ ପରେ ବଡ଼ପୋଖରୀ ଘାଟରୁ ୧୦୮ କଳସ ଶୋଭାଯାତ୍ରା ବାହାରିଥିଲା। ଏହାପରେ ମା'ଙ୍କୁ ସୁସଜ୍ଜିତ ପାଲିଙ୍କିରେ ଗ୍ରାମ ଏବଂ କୋଠାର ଛକ ଭ୍ରମଣ କରାଯାଇଥିଲା। ପରେ ମିଶନ ଆଶ୍ରମ ସମ୍ମୁଖ ପଡ଼ିଆରେ ଧର୍ମସଭା ହୋଇଥିଲା। ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ସ୍ୱାମୀ ବାସୁ ପ୍ରଦାନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶାରଦା ଦେବୀ ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ମନୋରମା ନାୟକ, ଅଭୟ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ମା'ଙ୍କ ଆଗମନୀ ପରେ କୋଠାର ଅଞ୍ଚଳରେ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି ହେବା ସହ ରାମକୃଷ୍ଣ ମିଶନ ଦ୍ୱାରା ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମକୁ ସେମାନେ ପ୍ରଶଂସା କରିଥିଲେ। ଗୌରୀରାଣୀ ନାୟକ ଧନ୍ୟବାଦ ଦେଇଥିଲେ। ସ୍ୱାମୀ ଦେବେଶାନନ୍ଦ ମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମା' ଶାରଦାଙ୍କ ଆସ୍ଥାନ ।

- ଶାରଦାଦେବୀଙ୍କ ଆଗମନୀ ଉତ୍ସବ
- ପାଲିଙ୍କି ଭ୍ରମଣ, କଳସ ଶୋଭାଯାତ୍ରା ଆକର୍ଷଣ

ଭଦ୍ରକରୁ ଆଖଣ୍ଡଳମଣି ମୁଖ୍ୟ ରାସ୍ତାରେ ୧୬ କି.ମି. ଦୂର ଗଲେ ପଡ଼େ କୋଠାର ବଡ଼ପୋଖରୀ ଆଡ଼ିଛକ। ଏହି ଛକଠାରୁ ପ୍ରାୟ ଶହେ ମିଟର ପୂର୍ବ ଦିଗରେ ରହିଛି ରାମକୃଷ୍ଣ ମିଶନ ତଥା ମା' ଶାରଦା ଦେବୀଙ୍କ ସ୍ମୃତି ମନ୍ଦିର। ଏହାଛଡ଼ା ଜମିଦାର ବଳରାମ ବସୁଙ୍କ ଦ୍ୱାରା ନିର୍ମିତ ଶ୍ୟାମଚାନ୍ଦ ମନ୍ଦିର ରହିଛି। କଥିତ ଅଛି ଯେ, ୧୯୧୦ ମସିହାରେ ଶ୍ରୀଶ୍ରୀ ରାମକୃଷ୍ଣ ଠାକୁରଙ୍କ ଦେହାନ୍ତ ହେବା ପରେ ଧର୍ମପତ୍ନୀ ମା' ଶାରଦା ଦେବୀ ମନ ପରିବର୍ତ୍ତନ ପାଇଁ ଦାକ୍ଷିଣାତ୍ୟ ଅଞ୍ଚଳ ବୁଲିଥିଲେ। କୋଠାର ଜମିଦାର ବଳରାମ ବସୁଙ୍କ ପୁଅ ରାମକୃଷ୍ଣ ବସୁ ରାମକୃଷ୍ଣ ଠାକୁରଙ୍କର ପରମ ଭକ୍ତ ଥିଲେ। ମା'ଙ୍କର ଦାକ୍ଷିଣାତ୍ୟ ଭ୍ରମଣ ସମୟରେ କୋଠାରସ୍ଥିତ ଜମିଦାର ଉଆସରେ ଅବସ୍ଥାନ ପାଇଁ ସେ ଅନୁରୋଧ କରିଥିଲେ। ମା' ଶାରଦା ଦେବୀ ଭଦ୍ରକ ଅଭିମୁଖେ ଟ୍ରେନ ଯୋଗେ ଆସି ଭଦ୍ରକ ରେଳ ଷ୍ଟେଶନରୁ କୋଠାର ଆସିଥିଲେ। ଏକ ସୁସଜ୍ଜିତ କାଠ ପାଲିଙ୍କିରେ ବସି ସେ ୧୯୧୦ ଡିସେମ୍ବର ୫ ତାରିଖରେ କୋଠାର ଜମିଦାରଙ୍କ ଉଆସରେ ପହଞ୍ଚିଥିଲେ । କୋଠାର ଗ୍ରାମର ପ୍ରାକୃତିକ ତଥା ଆଧ୍ୟାତ୍ମିକ ପରିବେଶ, ଜମିଦାରଙ୍କ ଦ୍ୱାରା ଖୋଳାଯାଇ ସୁନ୍ଦର ପକ୍କାଘାଟ ନିର୍ମିତ ବଡ଼ ପୋଖରୀ, ଭକ୍ତିସଂଗୀତ, ଗୀତିନାଟ୍ୟ ପରିବେଷଣ ଏବଂ ଲୋକଙ୍କ ଆତିଥ୍ୟ ଏଠାରେ ମା'ଙ୍କୁ ପ୍ରାୟ ଦୁଇମାସ ଅଟକାଇ ଦେଇଥିଲା। କୋଠାର ଜମିଦାରଙ୍କ ଉଆସ ପରେ ମା' ଶାରଦା ଦେବୀଙ୍କର ସ୍ମୃତି ମନ୍ଦିର ମାନ୍ୟତା ଲାଭ କରି ଭକ୍ତଙ୍କ ଲାଗି ଏକ ଆଦରଣୀୟ ସ୍ଥାନ ପାଲଟିଛି। ମା'ଙ୍କ ଦେହାନ୍ତ ପରେ ତାଙ୍କ ସ୍ମୃତିର ସ୍ମାରକୀ ସ୍ୱରୂପ ଆସ୍ଥାନ, ପ୍ରାର୍ଥନା ଗୃହ, ମା'ଙ୍କର ବ୍ୟବହାରିକ ସାମଗ୍ରୀକୁ ସାଇତି ରଖାଯାଇଛି। ୨୦୧୨ ମସିହାରେ ରାମକୃଷ୍ଣ ମିଶନ ସ୍ମୃତି ମନ୍ଦିର ପରିଚାଳନା ଦାୟିତ୍ୱ ହାତକୁ ନେବା ପରେ ପରିବେଶ ସମ୍ପୂର୍ଣ୍ଣ ବଦଳି ଯାଇଛି। ସୁରମ୍ୟ ମନ୍ଦିର, ବଡ଼ପୋଖରୀ ଘାଟର ନବୀକରଣ, ପୋଖରୀ ଆଡ଼ିରେ ଶିଶୁ ପାର୍କ, ମିଶନ ପରିସରରେ ସାଧୁ ନିବାସ, ପ୍ରାୟ ୩୫୦ ଗରିବ ଛାତ୍ରୀଛାତ୍ରଙ୍କୁ ଦୈନିକ ଖାଦ୍ୟ, ଜଳଖିଆ ଏବଂ ମାଗଣାରେ ପୋଷାକ ପ୍ରଦାନ, କମ୍ପ୍ୟୁଟର ଶିକ୍ଷା ସହିତ ସାଧାରଣ ଶିକ୍ଷା ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### କନିଷ୍ଠ ଯନ୍ତ୍ରୀଙ୍କ ସରକାରୀ ବାସଭବନକୁ ପଥର ମାଡ଼

**ତିହିଡ଼ି, ୫।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସରକାରୀ ବାସଭବନ ଉପରକୁ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ପଥର ମାଡ଼ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ସମୀର କୁମାର ରାଉତ ଏ ସମ୍ପର୍କରେ ବୁଧବାର ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। କନିଷ୍ଠ ଯନ୍ତ୍ରୀ ରାଉତ ପରିବାର ସହ ସରକାରୀ ବାସଭବନରେ ଦୀର୍ଘଦିନ ଧରି ରହି ଆସୁଛନ୍ତି। ମଙ୍ଗଳବାର ରାତି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ତାଙ୍କ ବାସଭବନ ଉପରକୁ ୩ ଥର ପଥରମାଡ଼ କରାଯାଇଥିଲା। ସେ ଏ ସମ୍ପର୍କରେ ଜାଣିବା ପରେ ଟେଲିଫୋନ ଯୋଗେ ବିଡିଓଙ୍କୁ ଜଣାଇଥିଲେ। ତିହିଡ଼ି ଥାନା ପୋଲିସ ପହଞ୍ଚି ଏହାର ତଦନ୍ତ କରିଛି। ସରକାରୀ କଲୋନୀରେ ରହୁଥିବା କର୍ମଚାରୀଙ୍କ ସୁରକ୍ଷା ସକାଶେ ପଦକ୍ଷେପ ନିଆଯିବାକୁ କନିଷ୍ଠ ଯନ୍ତ୍ରୀ ରାଉତ ଦାବି କରିଛନ୍ତି।

### ୯୫୦ ଲିଟର ମଦ ସହ ପିକ୍‌ଅପ୍ ଜବତ: ୨ ଗିରଫ



**ଭଦ୍ରକ ଅଫିସ, ୫।୧୨:** କଟକ କେନ୍ଦ୍ରାଞ୍ଚଳ ଅବକାରୀ ଟିମ୍ ମଙ୍ଗଳବାର ବିଳମ୍ବିତ ରାତିରେ ଭଦ୍ରକ ଜିଲା ଜାତୀୟ ରାଜପଥର ରାଣୀତାଳ ନିକଟରୁ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ଚୋରା ଦେଶୀମଦ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଏଥିରେ ସମ୍ପୃକ୍ତ ପୁରୁଣାବଜାର ଅଞ୍ଚଳର ଗୋପାଳ ଦଳେଇ ଓ ଶେଖ୍ ଜାମି ଆଲାମ୍‌ଙ୍କୁ ଗିରଫ କରାଯାଇଛି। ପିକ୍‌ଅପ୍ ଭ୍ୟାନ୍‌ରେ ୯୫୦ ଲିଟର ମଦ ଥିବା ସୂଚନା ଦିଆଯାଇଛି। ସୂଚନାଥାଉ କି, ପୁରୁଣା ବାଲେଶ୍ୱର ଅଞ୍ଚଳରୁ ଦୈନିକ ଏହିଭଳି ୧୦ ହଜାରରୁ ଊର୍ଦ୍ଧ୍ୱ ଦେଶୀ ମଦ ବେଆଇନ ଭାବେ ଚାଲାଣ ହେଉଛି। ଜିଲା ଅବକାରୀ ଓ ପୋଲିସର କେତେକ ଅସାଧୁ କର୍ମଚାରୀଙ୍କୁ ହାତ କରି ମଦ ମାଫିଆମାନେ ବେଆଇନ ଭାବେ ବ୍ୟବସାୟ ଚଳାଇ ଆସୁଛନ୍ତି। କେନ୍ଦ୍ରାଞ୍ଚଳ ଅବକାରୀ ଟିମ୍ ବାରମ୍ବାର ଭଦ୍ରକରେ ଚଢ଼ାଉ କରି ଚୋରାମଦ ଜବତ କରୁଥିବାବେଳେ ସ୍ଥାନୀୟ ଅବକାରୀ ହାତରେ ଚୋରାମଦ ବେପାରୀ ଧରା ନ ପଡ଼ିବା ନେଇ ଚର୍ଚ୍ଚା ହେଉଛି। ବୁଧବାର ଗିରଫ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ମଦର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ।

### ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ

**ଭଦ୍ରକ ଅଫିସ, ୫।୧୨:** ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟନ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ, ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର ଏବଂ ସର୍ବଶିକ୍ଷା ଅଭିଯାନର ମିଳିତ ସହାୟତାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ବିଭିନ୍ନ ଶ୍ରେଣୀର ଭିନ୍ନକ୍ଷମଙ୍କୁ ଉପକରଣ ପ୍ରଦାନ କରାଯାଇଛି। ଏମ୍‌ପି ଅର୍ଜୁନ ଚରଣ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ପିଡି ମଧୁସୁଦନ ମିଶ୍ର, ସିଆର୍‌ଏସ୍‌ଆର୍ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଭଗବାନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବନ୍ତ, ୫।୧୨ (ଡି.ଏନ.ଏ.):** ବନ୍ତ ବ୍ଲକସ୍ତରୀୟ ବିଜୁ ଯୁବବାହିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ୪ ଦିନ ଧରି ଟୁର୍ଣ୍ଣାମେଣ୍ଟ ଚାଲିବାକୁ ଥିବାବେଳେ ଏଥିରେ ବ୍ଲକର ୨୫ ପଞ୍ଚାୟତର ଯୁବକ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ମ୍ୟାଚ୍ ୬ ଓଭର ଲେଖାଏ ଖେଳାଯିବ। ପୂର୍ବାହ୍ନ ୧୦ଟା ବେଳେ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହେବାର ଥିଲା। ଏଥିରେ ଜିଲା ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ବହୁ ସମୟ ଅପେକ୍ଷା କରିବା ପରେ ବ୍ଲକ ସଂଯୋଜିକା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଇଥିଲେ। ପ୍ରଶାସନର ପ୍ରଚାର ଓ ପ୍ରସାର ଅଭାବରୁ କୌଣସି ଦର୍ଶକ ଉପସ୍ଥିତ ନ ଥିବା ଦେଖାଯାଇଥିଲା।

# ମାଟି ଖୋଳି ମୃତଦେହ ବ୍ୟବଚ୍ଛେଦ



ପୋଲିସ ଉପସ୍ଥିତିରେ ମାଟିଖୋଳି ମୃତଦେହ ବାହାର କରାଯାଉଛି।

**ପଦ୍ମପୁର, ୫।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଜିଣାଦଣ୍ଡା ଗ୍ରାମରେ ମଙ୍ଗଳବାର ଅଧା ଖୋଳା ଯାଇଥିବା ମୃତଦେହକୁ ବୁଧବାର ସକାଳେ ସମ୍ପୂର୍ଣ୍ଣ ଖୋଳି ବ୍ୟବଚ୍ଛେଦ କରାଇଛି। ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମଙ୍ଗଳବାର ମୃତ କାର୍ତ୍ତିକ ନାୟକଙ୍କ ଶବ ଅନ୍ଧାର ଯୋଗୁ ପୋଲିସ ଖୋଳିପାରି ନ ଥିଲା। ଅଧା ଖୋଳି ପୋଲିସ ରାତିସାରା ଜଗି ରହିଥିଲା। ବୁଧବାର ସକାଳେ ଥାନାଧିକାରୀ ରତିକାନ୍ତ ଗିରି, ତଦନ୍ତକାରୀ ଅଧିକାରୀ ସୁଦର୍ଶନ ପ୍ରଧାନ, ବାସୁଦେବପୁର ମାଜିଷ୍ଟ୍ରେଟ ସନ୍ତୋଷ କୁମାର ପାଣିଗ୍ରାହୀ ଓ ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଖୋଳାଯାଇ ପଞ୍ଚନାମା କରାଯାଇଥିଲା। ଏହାପରେ ପୋଲିସ ହେପାଜତରେ ବ୍ୟବଚ୍ଛେଦ ଲାଗି ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଉଲ୍ଲେଖନୀୟ ଯେ, କେତେକ ଦୁର୍ବୃତ୍ତଙ୍କ ଆକ୍ରମଣ ଯୋଗୁ କାର୍ତ୍ତିକଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ପକ୍ଷରୁ ନାୟକାଣିଡିହୀ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୧୧୫/୧୭) ରୁଜୁ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଥାନାଧିକାରୀ ଗିରି କହିଛନ୍ତି।

# ଶିକ୍ଷା ପ୍ରଶାସନ ନିଷ୍ପତ୍ତିକୁ ବିରୋଧ, ରାସ୍ତାରୋକୋ

**ଧାମନଗର, ୫।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଖଡ଼ିପଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ଜେନାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ ଜେନା ନିଲମ୍ବନ କରିଛନ୍ତି। ଏହାକୁ ବିରୋଧ କରି ବୁଧବାର ପୂର୍ବାହ୍ନରେ ଧାମନଗର-ଯାଜପୁର ରାସ୍ତାର ଖଡ଼ିପଦା ଛକଠାରେ ଶତାଧିକ ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକ ଦୁଇଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟରେ ତାଲା ପକାଇ ଦିଆଯାଇଛି।

ଉଲ୍ଲେଖନୀୟ ଯେ, ପ୍ରଧାନଶିକ୍ଷକ ଜେନାଙ୍କ ବିରୋଧରେ ନୀତି ଆୟୋଗ ପ୍ରାୟୋଜିତ ମାନବ ସମ୍ବଳର ରୂପାନ୍ତରଣ ନିମନ୍ତେ ପରିପୋଷଣୀୟ କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଅବହେଳା ନେଇ ଅଭିଯୋଗ ହୋଇଥିଲା। ବିଇଓ ତଦନ୍ତ କରି ପ୍ରଧାନଶିକ୍ଷକ ଜେନାଙ୍କୁ ଚିଠି ନମ୍ବର ୩୨୯୫/୧୮ ରେ ନିଲମ୍ବନ ନିର୍ଦ୍ଦେଶ ଦେଇଥିଲେ। ସେ ଧାମନଗର ସରକାରୀ ହାଇସ୍କୁଲରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ହୋଇଛି। ବୁଧବାର ବିଇଓଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟ ବିରୋଧ କରିଛନ୍ତି। ପ୍ରଧାନଶିକ୍ଷକ ଜେନାଙ୍କୁ ଆକ୍ରୋଶମୂଳକ ଭାବେ ନିଲମ୍ବନ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଧାମନଗର ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ୩ ଦିନ ମଧ୍ୟରେ ପ୍ରଧାନଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର କରା ନ ଗଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଖଡ଼ିପଦା ନୋଡାଲ ବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତାରୋକୋ କରିଛନ୍ତି।

- ବିଦ୍ୟାଳୟରେ ତାଲା
- ନିଲମ୍ବନ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ଚେତାବନୀ

## ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଗୋକୁଳାନନ୍ଦ

**ଭଦ୍ରକ ଅଫିସ,୫।୧୨**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ, ରାଜନୀତିଜ୍ଞ, ପୂର୍ବତନ ଏମ୍‌ପି ଓ ବିଧାୟକ ଗୋକୁଳାନନ୍ଦ ମହାନ୍ତିଙ୍କ ୪୪ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ମୃତି କମିଟି ପକ୍ଷରୁ ସହର କୁଆଁସ ଗ୍ରାମ ଗୋକୁଳଧାମଠାରେ ସଭାପତି ଖବରଦାତା ଅମର ନାୟକଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ହୋଇଥିଲା। କମିଟି ସାଧାରଣ ସମ୍ପାଦକ ତଥା ଭଦ୍ରକ ଓକିଲ ସଂଘ ସଭାପତି ବିଷ୍ଣୁମୋହନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ଯୋଗଦେଇଥିଲେ। ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଓ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା । ମଞ୍ଚ କଳାକାର କାଳନ୍ଦୀ ମଲ୍ଲିକ ଅତିଥି ପରିଚୟ ଓ ପିସିସି ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲେଖ ଚନ୍ଦ୍ର ବେହେରା, ଡ. ବ୍ରଜମୋହନ ମିଶ୍ର, ରାଷ୍ଟ୍ରୀୟ ଯୁବ ସଂଗଠନ ସଂଯୋଜକ ଡା. ବିଶ୍ୱଜିତ ରାୟ, ଡ. ନରହରି ବେହେରା, ପ୍ରାଧ୍ୟାପକ ଡ. ଶଶଧର ଦାସ, ଡା. ହରେକୃଷ୍ଣ ନାୟକ, ପୂର୍ବତନ ବିଧାୟକ ନରେନ ପଲେଇ, ବିଷ୍ଣୁ ସେଠୀ, ସାମାଜିକ କର୍ମୀ ଅଜୟ ନାୟକ, ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା, ସାମାଜିକ କର୍ମୀ ଏସ୍.ଏମ୍. ଫାରୁକ, ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ, ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରି ଗୋକୁଳାନନ୍ଦ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ରଖିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ଯୁବ ସଂଗଠନ ସଂଯୋଜକ ଡା. ବିଶ୍ୱଜିତ୍ ରାୟଙ୍କୁ ଗୋକୁଳାନନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଖବରଦାତା ଅଶୋକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାହାଲାରେ ପ୍ରତିଭା ଅନ୍ୱେଷଣ



କାର୍ଯ୍ୟକ୍ରମରେ ଦୁଇ ଯୁବତୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଭଣ୍ଡାରିପୋଖରୀ, ୫।୧୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଡାହାଲା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ବିଜୁ ଯୁବବାହିନୀ ପକ୍ଷରୁ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବଦ୍ରିନାରାୟଣ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ବିଜେଡିର ଜିଲା ଯୁବ ଉପସଭାପତି ପ୍ରଣିତକାନ୍ତ ସାମଲ, ଏମ୍‌ପିଙ୍କ ପ୍ରତିନିଧି ଶରତ ଜେନା, ସମିତିସଭ୍ୟା ପ୍ରିୟମ୍ବଦା ପ୍ରଧାନ, ମୁଁ ହିରୋ ପର୍ଯ୍ୟବେକ୍ଷକ ମନ୍ମଥ ନାଥ ମହାନ୍ତି, ବ୍ଲକ ସଂଯୋଜକ ଆଲୋକ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୁ ଯୁବବାହିନୀ ସଭାପତି ସୁନୀଲ ପୃଷ୍ଟି, ସମ୍ପାଦକ ହରିହର ଓଝା, ଜ୍ଞାନରଞ୍ଜନ ବେହେରା, ଦିଲୀପ ପୃଷ୍ଟି, ରମେଶ ସ୍ୱାଇଁ, ଉମେଶ ସାହୁ, ତପନ ପ୍ରଧାନ, ଉତ୍କଳ ଭାରତୀ, ନାରଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପତ୍ରିକା 'ଲୋକପ୍ରଜ୍ଞା' ଲୋକାର୍ପିତ

**ଭଦ୍ରକ ଅଫିସ, ୫।୧୨**

ପ୍ରାଚ୍ୟ ବିଦ୍ୟା ଓ ପୋଥିପତ୍ର ଉପରେ କାର୍ଯ୍ୟରତ ଗବେଷଣା ସଂସ୍ଥାନ ସରସ୍ୱତୀ ବିହାର ପକ୍ଷରୁ ଗବେଷଣାମୂଳକ ପତ୍ରିକା 'ଲୋକପ୍ରଜ୍ଞା'ର ୨୪ତମ ସଂଖ୍ୟା ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ଗବେଷକ ଇତିହାସବିତ୍ ପ୍ରଫେସର ଭାଗବତ ତ୍ରିପାଠୀ ଏହାର ଲୋକାର୍ପଣ କରିଥିଲେ। ସରସ୍ୱତୀ ବିହାର ଅଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ତାଳପତ୍ର ପୋଥି ସଂରକ୍ଷଣ' ଉତ୍ସବରେ ପ୍ରଫେସର ତ୍ରିପାଠୀ ଓ ଶିକ୍ଷାବିତ୍ ତ୍ରିଲୋଚନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ତ୍ରିପାଠୀ ପତ୍ରିକାରେ ପ୍ରକାଶିତ ୧୪ଟି ସନ୍ଦର୍ଭ ଉପରେ ଆଲୋକପାତ କରିବା ଅବସରରେ ଭାରତବର୍ଷର ସର୍ବୋତ୍କୃଷ୍ଟ ବିଦ୍ୟା ବୈଭବକୁ ପତ୍ରିକା ମାଧ୍ୟମରେ ପ୍ରକାଶ କରାଯାଇଥିବାରୁ ପ୍ରଶଂସା କରିଥିଲେ। ସରସ୍ୱତୀ ବିହାରର ସମ୍ପାଦକ ଡ. ରାଧାପଦ ଘୋଷ ସଂସ୍ଥାନ ପକ୍ଷରୁ କରାଯାଇଥିବା ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟ ଓ ପୋଥି ସଂରକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଆରଡ଼ି, ୫।୧୨ (ଡି.ଏନ.ଏ.)**

ଆରଡ଼ି ସନ୍ନିକଟ କୁଳେଇପଦା ଖେଳପଡ଼ିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। କେ.କେ. ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ୧୬ ଟିମ୍ ଭାଗ ନେଇଥିଲେ। ସେଥିମଧ୍ୟରୁ ୮ ଟିମ୍ ଖାନନଗର, ଷାଠିବାଙ୍କୁଡା, ସିଦ୍ଧାର୍ଥ ଟେନ୍ ଷ୍ଟାର, ସାଗର ୱେଭ ରାଇଡର, ପହଣା, କର୍ଣ୍ଣିକା, ମଙ୍ଗଳପୁର, ରଇପୁର ଆଦି ଟିମ୍ କ୍ୱାର୍ଟର ମ୍ୟାଚ୍‌କୁ ଉନ୍ନୀତ ହୋଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ରଇପୁର କ୍ରିକେଟ ଟିମ୍‌ର ଆଲୋକ ବେହେରାଙ୍କୁ ସ୍ଥାନୀୟ ଅଞ୍ଚଳର କ୍ରିକେଟର ସନ୍ଦୀପ ନାୟକ 'ମ୍ୟାନ ଅଫ୍ ଦି ମ୍ୟାଚ୍' କପ୍ ପ୍ରଦାନ କରିଥିଲେ।

## ୧୦ରେ 'ଗାଁ ସାଥୀ' ସମାବେଶ

**ବାସୁଦେବପୁର, ୫।୧୨ (ଡି.ଏନ.ଏ.)**

ବାସୁଦେବପୁର କନଫରେନ୍ସ ହଲ୍ ପରିସରରେ ଗାଁ ସାଥୀ ସଂଘର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାଁ ସାଥୀଙ୍କୁ ପରିଚୟପତ୍ର, ବେସ୍‌ଲାଇନ ସର୍ଭେ କରାଯାଇଥିବା ଅର୍ଥ ପ୍ରଦାନ, ସମସ୍ତ କାର୍ଯ୍ୟରେ ସାମିଲ, ମନରେଗା କାର୍ଯ୍ୟାଦେଶ ବେଳେ ଅବଗତ କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏପିଓ ସୂର୍ଯ୍ୟସ୍ନାତା ନାୟକ ଗାଁ ସାଥୀଙ୍କୁ ପୂର୍ଣ୍ଣ ସହଯୋଗ କରାଯିବା ସହ ସେମାନେ ମନରେଗାରେ କିପରି ସାମିଲ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେତେଜଣ ଗାଁ ସାଥୀ ମନରେଗା ଯୋଜନାରେ କାର୍ଯ୍ୟ କରି ଅର୍ଥ ପାଇ ନ ଥିବା ଏବଂ କାର୍ଯ୍ୟ ସରିବା ପରେ କାର୍ଯ୍ୟାଦେଶରେ ଦସ୍ତଖତ କରିବାକୁ ବାଧ କରାଯାଉଥିବା ନେଇ ଜିଲା ସାଧାରଣ ସମ୍ପାଦକ ମନୋଜ କୁମାର ପାଢ଼ୀ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ୧୦ରେ ସଂଘର ରାଜ୍ୟ ସମାବେଶରେ ଯୋଗଦେବାକୁ ସେ ଆହ୍ୱାନ ଜଣାଇଥିଲେ। ଜଗତାନନ୍ଦ ନାୟକ, ଅଶୋକ ଦଳେଇ, ପ୍ରଭାତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଶେଲ୍‌ଟର ହୋମ୍‌ରେ ଅନ୍ତେବାସୀଙ୍କୁ ନିର୍ଯାତନା ଘଟଣା

# ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଭଣ୍ଡାରିପୋଖରୀ, ୫।୧୨ (ଡି.ଏନ.ଏ.)**

ରାଜ୍ୟରେ ମହିଳାଙ୍କ ଉପରେ ନିୟମିତ ଭାବେ ଚାଲିଥିବା ନିର୍ଯାତନା ଓ ବେଲଟିକିରି ଶେଲ୍‌ଟର ହୋମ୍‌ରେ ଅନ୍ତେବାସୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ରୋକିବାରେ ସରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଭଣ୍ଡାରିପୋଖରୀ ଭାଜପା ଶାଖା ପକ୍ଷରୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ତାଙ୍କ ଇସ୍ତଫା ଦାବି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବଜାରଠାରେ ଭାଜପା ପକ୍ଷରୁ ପ୍ରତିବାଦ ସଭା ହୋଇଥିଲା। ମହିଳା ମୋର୍ଚ୍ଚା ନେତ୍ରୀ ତପସ୍ୱିନୀ ମହାପାତ୍ରଙ୍କ ନେତୃତ୍ୱରେ ଭାଜପାର ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମନସ୍ୱିନୀ ଖୁଣ୍ଟିଆ, ପ୍ରେମଲତା କର, ରୁକ୍ମିଣୀ ଦାସ, ବସନ୍ତ ରାଉତ, ନିର୍ମଳ କର, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ପ୍ରଦ୍ୟୁମ୍ନ ସେନାପତି, ନିରୋଜ ଦ୍ୱିବେଦୀ, ପ୍ରହ୍ଲାଦ ସାହୁ, ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ବେଆଇନ ଶେଲ୍‌ଟର ହୋମ୍‌କୁ ପ୍ରୋତ୍ସାହିତ କରୁଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସାମଲଙ୍କ ଇସ୍ତଫା ଦାବି କରିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

# ମୃତ୍ତିକା ପରୀକ୍ଷଣ ଉପରେ ଗୁରୁତ୍ୱ

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ତିହିଡ଼ି, ୫।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ମୃତ୍ତିକା ଦିବସ ପାଳନ କରାଯାଇଥିଲା। ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତଥା ରାଣୀତାଳ କୃଷି ବିଜ୍ଞାନକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଉପ କୃଷି ନିର୍ଦ୍ଦେଶକ କିରଣ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ରାଧାକାନ୍ତ ସାମଲ ଓ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ ଯୋଗ ଦେଇଥିଲେ। ବିଶେଷଜ୍ଞ ଭାବେ ବରିଷ୍ଠ କୃଷି ବୈଜ୍ଞାନିକ ଡ. ଅରବିନ୍ଦ ଦାସ, ଡ. ଉମାଶଙ୍କର ନାୟକ, ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ମଧୁସ୍ମିତା ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିନୋଦ କୁମାର ଜେନା, ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର, ଜଳସେଚନ ବିଭାଗ ପକ୍ଷରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦୁଃଶାସନ ଜେନା ପ୍ରମୁଖ ଉପସ୍ଥିତ ରହି ମୃତ୍ତିକା ପରୀକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୃତ୍ତିକା ପରୀକ୍ଷା କରି ଚାଷୀମାନେ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ସାର ପ୍ରୟୋଗ କରିଲେ ଉତ୍ପାଦନ ଅଧିକ ହେବ ବୋଲି ପରାମର୍ଶ ଦେଇଥିଲେ। ଫସଲ ସୁରକ୍ଷା ଅଧିକାରୀ ଅରୁଣ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା। ୧୫୦ ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।



ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭଣ୍ଡାରିପୋଖରୀ ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ରଠାରେ ମୃତ୍ତିକା ଦିବସ ପାଳନ ଅବସରରେ ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ବିଡିଓ ବନମାଳୀ ତରାଇ, ବ୍ଲକ ସହକାରୀ କୃଷି ଅଧିକାରୀ ବ୍ରଜକିଶୋର ବେହେରା ପ୍ରମୁଖ ମୃତ୍ତିକା ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗ୍ରାମ୍ୟ କୃଷି ପରିଦର୍ଶକ ମଦନ ମୋହନ ଗିରି ସଂଯୋଜନା କରିଥିଲେ। ତିହିଡ଼ି ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଆତ୍ମାର ଅଧ୍ୟକ୍ଷ ଉତ୍ତମ କୁମାର ମହାପାତ୍ର ପୌରୋହିତ୍ୟ କରିଥିଲେ। ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ମୁଖ୍ୟଅତିଥି, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ମୁଖ୍ୟବକ୍ତା ଏବଂ ଏମ୍‌ପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ବ୍ଲକ ସହକାରୀ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ଧୀର, ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ଦାସ, ଜୀବିକା ମିଶନ ପରିଚାଳିକା ରଶ୍ମିତା ନାୟକ, ସରପଞ୍ଚ କୀର୍ତ୍ତନ ରାଉତ, ଆତ୍ମାର ପୂର୍ବତନ ଅଧ୍ୟକ୍ଷ ବିପ୍ଳବ ନାୟକ, ପ୍ରମୋଦିନୀ ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ପୋଡ଼ି ହୋଇ ମହିଳା ଗୁରୁତର

**ବାରିପଦା ଅଫିସ,୫।୧୨:** ବଡସାହି ବ୍ଲକ ତାଳପଦା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଡିଯାଇ ଜଣେ ମହିଳା ଗୁରୁତର ହୋଇଛନ୍ତି । ଗାଁର କାଳା ସିଂଙ୍କ ଘରେ ଡିବିରି ନିଆଁ ଲାଗି ଯିବାରୁ ଏଥିରେ ତାଙ୍କ ସ୍ତ୍ରୀ କବି ଗୁରତର ହୋଇଥିଲେ। ସେ ଏବେ ବାରିପଦା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏଥିରେ ତାଙ୍କ ଘର ସମ୍ପୂର୍ଣ ଭାବେ ପୋଡି ଯିବା ସହ ଘରର ସମସ୍ତ ସାମଗ୍ରୀ ମଧ ପୋଡିଯାଇଛି ।

### ୧୨୦ ଛାତ୍ରୀ ନେଲେ ତାଲିମ

**ବାଙ୍ଗିରିପୋଷି, ୫।୧୨(ଡି.ଏନ.ଏ.):** ବାଙ୍ଗିରିପୋଷୀ ବ୍ଲକ ଲକ୍ଷ୍ମୀକାନ୍ତ ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରାଙ୍ଗଣରେ ୧୨୦ଛାତ୍ରୀ (କଳା ଓ ବିଜ୍ଞାନ)ଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅଧକ୍ଷା ଡ. ପୁଷ୍ପାରାଣୀ ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଆତ୍ମରକ୍ଷା ସଂଯୋଜିକା ଅଧାପିକା କିରଣ ପାଠକ କିଭଳି ଭାବରେ ଛାତ୍ରୀମାନେ ଆତ୍ମସୁରକ୍ଷା କ୍ଷେତ୍ରରେ ସହାୟକ ହେବା ସଙ୍ଗେ ସଙ୍ଗେ ଅର୍ଥନୈତିକ ମଜଭୁତି ନିମନ୍ତେ ବଳିଷ୍ଠ ପଦକ୍ଷେପ ନେଇପାରିବେ ତାହା ସୂଚାଇଥିଲେ । ପ୍ରୋଗ୍ରାମ ଅଫିସର ବରିଷ୍ଠ ଅଧାପକ ହରିହର ଶଙ୍ଖୁଆ,ଡେମୋନଷ୍ଟ୍ରେଟର ପ୍ରେମାଂଶୁ ଦ୍ୱାରି ଛାତ୍ରୀମାନଙ୍କୁ ଏ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଅନୁଶ୍ରୀ ଦତ୍ତ ଓ ମାଳତୀ ନାଏକ ଆତ୍ମରକ୍ଷାର କେତେକ କୌଶଳ ପ୍ରଦର୍ଶନ କରିଥିଲେ ।

### ପାଞ୍ଚପୀଢ଼ ଖବରଦାତାଙ୍କ ସମାବେଶ

**ଭଞ୍ଜକିଆ, ୫।୧୨(ଡିଏନ୍‌ଏ):** ରରୁଆଁ ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟଠାରେ ପାଞ୍ଚପୀଢ ସାମ୍ବାଦିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ସଭାପତିତ୍ୱ କରିଥିଲେ। ନବଗଠିତ ଖବରଦାତା ସଂଘର ପଞ୍ଜୀକରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା। ଠାକୁରମୁଣ୍ଡା, କରଞ୍ଜିଆ, ଶୁକୃଳି, ଯଶିପୁର ଓ ରରୁଆଁ ବ୍ଲକ୍‌ରେ କାର୍ଯ୍ୟରତ ବିଭିନ୍ନ ଗଣମାଧମ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଏଥିରେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣର ନିନ୍ଦା କରାଯିବାସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଥିଲା। ସାମ୍ବାଦିକ ସୁବ୍ରତ ଖୁଣ୍ଟିଆ, ବିକେଶ ଦାସ ଅଧିକାରୀ, ପଙ୍କଜ ପିଙ୍ଗୁଆ, ଅସିତ ବେହେରା, ବିଶ୍ୱାମିତ୍ର ଗିରି, ସନ୍ତୋଷ ମହାନ୍ତ, ଲଲାଟେନ୍ଦୁ ପାତ୍ର, ବିମଳ ପଟ୍ଟନାୟକ, ବୃହସ୍ପତି ଦାସ, ମାନସ ନାଏକ, ସୁରଜ ସିଂ, ସୁଦର୍ଶନ ବେହେରା, ଚିତ୍ତ ଜେନା, ଦିଲ୍ଲୀପ ମହାନ୍ତ, ବିମଳ ସେନାପତି, ମୋହନ ଭଞ୍ଜ, କାନନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

### ଜଳିଗଲା ୩ ବଖରା

**ଠାକୁରମୁଣ୍ଡା,୫।୧୨(ଡି.ଏନ.ଏ):** ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ରାଣୀଭୋଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି । ରାଣୀଭୋଳ ଗ୍ରାମର ଗୋରା ହୋଙ୍କ ଘରେ କେହି ନ ଥିବା ବେଳେ ଚୁଲିରୁ ନିଆଁ ଲାଗି ୩ ବଖରା ଜଳିଯାଇଥିଲା । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଘରେ ଥିବା ସମସ୍ତ ଆସବାସପତ୍ର ସମ୍ପୂର୍ଣ୍ଣ ଜଳିଯାଇଛି ।

### ପୋଲ ତଳକୁ ଖସିଲା ଟ୍ରକ



**ବିଶୋଇ, ୫।୧୨:** ବିଶୋଇ ଥାନା ଅନ୍ତର୍ଗତ ସ୍ଥାନୀୟ ବିଶୋଇଠାରେ ବୁଧବାର ଏକ ଗ୍ୟାସ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ୩୦ ଫୁଟ ତଳ ପୋଲକୁ ଖସି ପଡିଛି । ତେବେ ଟ୍ରକ ଡ୍ରାଇଭର ମୃତୁଞ୍ଜୟ ଶ୍ରୀବାସ୍ତବ (୪୦) ଗୁରୁତର ହୋଇ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଟ୍ରକ ଜାମସେଦପୁରରୁ ବାରିପଦା ଅଭିମୁଖେ ଗ୍ୟାସ ଆଣି ଆସୁଥିଲା। ଖବର ପାଇ ବିଶୋଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତୁଞ୍ଜୟଙ୍କୁ ଉଦ୍ଧାର କରିଥିଲେ। ଏନେଇ ବିଶୋଇ ଥାନାରେ ଏକ ମାମଲା (ନଂ ୮୪/୧୮) ରୁଜୁ ହୋଇଛି।

---

## ୧୪ ରେ ନିଯୁକ୍ତି ମେଳା

# ସାମିଲ ହେବେ ବାରିପଦା, ଉଦଳାର ଯୁବତୀଯୁବକ

**ବାରିପଦା ଅଫିସ,୫।୧୨**

- ଆସିବେ ୨୪ କମ୍ପାନୀ, ହଜାରେ ନିଯୁକ୍ତି ହେବା ଆଶା
- ଯୋଗ୍ୟତା ଭିତ୍ତିରେ ମିଳିବ ନିଯୁକ୍ତି- ଅଧିକାରୀ

ଶିଳ୍ପ ଶୂନ୍ୟ ମୟୂରଭଞ୍ଜ ଜିଲାରେ ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକାରୀ ସହାୟତାରେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୪ ତାରିଖରେ ସ୍ଥାନୀୟ ଛଉ ପଡିଆରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏଥିରେ କେବଳ ବାରିପଦା ଓ ଉଦଳା ଉପଖଣ୍ଡର ବେକାର ଯୁବତୀଯୁବକ ଭାଗ ନେଇ ପାରିବେ। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୨୪ କମ୍ପାନୀ ଯୋଗଦେବା ନିମନ୍ତେ ସହମତି ଜଣାଇଛନ୍ତି। ସେମାନଙ୍କ ଏକ ହଜାର ନିଯୁକ୍ତି ଆବଶ୍ୟକ ରହିଥିବା ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ର ସୂଚନା ଦେଇଛନ୍ତି।

ବାରିପଦା ଓ ଉଦଳା ଉପଖଣ୍ଡର ପ୍ରାୟ ୩୫୦୦ ବେକାର ଯୁବତୀଯୁବକ ଏହି ମେଳାରେ ନିଜ ନାମ ପଞ୍ଜୀକୃତ କରିବେ ବୋଲି ପ୍ରଶାସନ ଆଶା ରଖିଛି। ଯୋଗ୍ୟତା ଭିତ୍ତିରେ କମ୍ପାନୀ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିବ। ଯୋଗ୍ୟତା ଭିତ୍ତିରେ ରାଜ୍ୟରେ କିମ୍ବା ରାଜ୍ୟ ବାହରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଏ ନେଇ ଆବେଦନକାରୀ ଓ କମ୍ପାନୀଙ୍କ ମଧ୍ୟରେ ବୁଝାମଣା ହେବ ବୋଲି ଜିଲା ନିୟୋଜନ ଅଧିକାରୀ କହିଛନ୍ତି।

ପ୍ରକାଶଥାଉ କି ପୂର୍ବରୁ ରାଇରଙ୍ଗପୁର ଓ କରଞ୍ଜିଆରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଗତ ୯ ଫେବୃୟାରୀରେ ରାଇରଙ୍ଗପୁରରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୮୦ ଜଣ ବେକାର ଯୁବତୀଯୁବକ ନିଜ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ଯୋଗ୍ୟତା ଭିତ୍ତିରେ ୧୨ କମ୍ପାନୀରେ ୩୩୨ ଜଣ ନିଯୁକ୍ତି ପାଇଥିଲେ। ଏହା ସହିତ ୪୬୨ ଜଣ ବେକାର ଯୁବତୀଯୁବକ ବିଭିନ୍ନ ପ୍ରକାର ତାଲିମ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେହିପରି କରଞ୍ଜିଆଠାରେ ଗତ ୮ ଫେବୃୟାରୀରେ ଆୟୋଜିତ ନିଯୁକ୍ତି ମେଳାରେ ୯୦୯ ଜଣ ବେକାର ଯୁବତୀଯୁବକ ନିଜ ନିଜ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ଯୋଗ୍ୟତା ଭିତ୍ତିରେ ୧୩ ଟି କମ୍ପାନୀରେ ୩୫୨ ଜଣ ନିଯୁକ୍ତି ପାଇଥିଲେ। ଏହା ସହିତ ୨୮୩ ଜଣ ବେକାର ଯୁବତୀଯୁବକ ବିଭିନ୍ନ ପ୍ରକାର ତାଲିମ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେହିପରି ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏହି କାର୍ଯ୍ୟାଳୟରେ ୪୦ ହଜାର ୧୮୩ ବେକାର ଯୁବତୀଯୁବକ ନିଜ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୬ ହଜାର ଯୁବକ ହୋଇଥିବା ବେଳେ ୧୩ ହଜାର ୪୦୬ ହେଉଛନ୍ତି ଯୁବତୀ। ସେମାନଙ୍କ ମଧ୍ୟରୁ ୨୦୧୪ ରେ ୨୧ ଜଣ, ୨୦୧୫ ରେ ୫୪୭, ୨୦୧୬ ରେ ୧୨ ଜଣ, ୨୦୧୭ରେ ୨୪ ଜଣ ଏବଂ ୨୦୧୮ ରେ ୫୫ ଜଣ ସରକାରୀ ଚାକିରି ପାଇଛନ୍ତି।



ଏକ ସାଂସ୍କୃତିକ ଦଳ ଦ୍ୱାରା ବାରିପଦା ସହରରେ ନୃତ୍ୟ ପରିବେଷଣ କରାଯାଉଛି।

## ମୟୂରଭଞ୍ଜ ମହୋତ୍ସବ-୨୦୧୮ ଉଦ୍‌ଘାଟିତ

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ମିଳିବ ଖାଦ୍ୟର ମଜା

**ବାରିପଦା ଅଫିସ,୫।୧୨**

ମୟୂରଭଞ୍ଜ ଜିଲାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ମୟୂରଭଞ୍ଜ ମହୋତ୍ସବ-୨୦୧୮ । ଏହି ଅବସରରେ ଦର୍ଶକମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମୟୂରଭଞ୍ଜ ଜିଲାର ପାରମ୍ପରିକ ଖାଦ୍ୟର ମଜା ନେଇପାରିବେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତି, ଅସୀତ ପତି ପ୍ରମୁଖ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଶୋଭାଯାତ୍ରା ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରି ଛଉପଡ଼ିଆରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳ, ଲୋକନୃତ୍ୟ ଦଳ ସାମିଲ ହୋଇ ଛଉ ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ଏହି ମହୋତ୍ସବ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ମହୋତ୍ସବର ଦ୍ୱିତୀୟ ଦିନ ଅର୍ଥାତ୍ ଗୁରୁବାରଠାରୁ ଛଉ ପଡିଆଠାରେ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏହି ଅବସରରେ ମୟୂରଭଞ୍ଜ ଜିଲାର ଖାଦ୍ୟ ମୁଢ଼ି ମାଂସ,ଦଳା ଖେଚୁଡି ସହିତ ଅନ୍ୟାନ୍ୟ ଖାଦ୍ୟର ମଜା ଦର୍ଶକମାନେ ଉଠାଇ ପାରିବେ। ଚଳିତ ବର୍ଷ ଅନ୍ୟ ଜିଲାମାନଙ୍କର ସାଂସ୍କୃତିକ ଦଳମାନଙ୍କୁ ଏହି ମହୋତ୍ସବରେ ସାମିଲ କରାଯିବା ନେଇ ଯୋଜନା କରାଯାଇଛି। ସେହିପରି ଓଡିଆ ଚଳଚ୍ଚିତ୍ର,ସଙ୍ଗୀତ, ଟିଭି ପରଦାର ନାମୀ ଦାମୀ କଳାକାର ଏହି ମଞ୍ଚରେ ଉପସ୍ଥିତ ରହି ଦର୍ଶକଙ୍କୁ ମନୋରଞ୍ଜନ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଆଜି ମଝିଗଡ଼ିଆ ସରପଞ୍ଚ ଉପନିର୍ବାଚନ

# ୩୮୨୧ ଭୋଟର କରିବେ ମତଦାନ

**କପ୍ତିପଦା,୫।୧୨(ଡ଼ି.ଏନ.ଏ.)**

ରାତି ପାହିଲେ କପ୍ତିପଦା ବ୍ଲକ୍ ମଝିଗଡ଼ିଆ ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ । ଏଥିନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେଥିପାଇଁ ସେକ୍ଟର ଅଫିସର ଦାୟିତ୍ୱରେ ଥିବା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଧାକୃଷ୍ଣ ରାଉତ, ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଜିପିଇଓ ଶଶୀଶେଖର ଷଡ଼ଙ୍ଗୀ ବୁଥ୍‌ଗୁଡ଼ିକ ବୁଲି ତଦାରଖ କରିଛନ୍ତି। ଏହି ପଞ୍ଚାୟତର ମଝିଗଡ଼ିଆ ଯୁଜି ହାଇସ୍କୁଲ୍‌ର ବୁଥ୍‌କୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି । ଗଣ୍ଡଗୋଳ ଆଶଙ୍କାରେ ଉପଖଣ୍ଡ ପୋଲିସ୍ ଅଧିକାରୀ କୃଷ୍ଣନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ କପ୍ତିପଦା ଆଇଆଇସି ରୀନା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଢ଼ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ମାଜିଷ୍ଟ୍ରେଟ୍ ଦାୟିତ୍ୱରେ କପ୍ତିପଦା ଅତିରିକ୍ତ ତହସିଲଦାର ଲକ୍ଷ୍ମୀଧର ନାୟକ ନିୟୋଜିତ ହୋଇଛନ୍ତି । ଗୁରୁବାର ପୂର୍ବାହ୍ନ ୭ଟାରୁ ୧୨ଟା ମଧ୍ୟରେ ପଞ୍ଚାୟତର ୧୧ଟି ୱାର୍ଡ଼ର ୩୮୨୧ ଭୋଟର ମତଦାନ ସାବ୍ୟସ୍ତ କରିବେ। ୭ତାରିଖ ସକାଳ ୮ଟାରୁ ଭୋଟ ଗଣତି କାର୍ଯ୍ୟ ଆରମ୍ଭ ହୋଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନିର୍ବାଚନ ଦାୟିତ୍ୱରେ ଥିବା କପ୍ତିପଦା ବିଡ଼ିଓ ରବୀନ୍ଦ୍ର କୁମାର ମଲ୍ଲିକ୍ କହିଛନ୍ତି।

# ୧୦୪ ପ୍ରକଳ୍ପ ଲାଗି ୨କୋଟି

**ଭଞ୍ଜକିଆ, ୫।୧୨(ଡିଏନ୍‌ଏ)**

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ୍‌ର ପୃଥ୍ୱୀନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ପଡ଼ିଆରେ 'ଆମ ଗାଆଁ ଆମ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫେରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭାରେ ଉପସ୍ଥିତ ହୋଇଥିଲେ। ରରୁଆଁ ବ୍ଲକ୍‌ରେ ହେବାକୁ ଥିବା ୧୦୪ ପ୍ରକଳ୍ପ ନିମନ୍ତେ ୨କୋଟି ୬୭ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି। ରରୁଆଁ ବ୍ଲକ୍‌ର ୧୨ଟି ପଞ୍ଚାୟତର ୧୧୦ଗ୍ରାମ ରହିଥିବାବେଳେ ବିଭିନ୍ନ ଗ୍ରାମରେ ଗାଧୁଆ ତୁଠ ଓ ବସ୍ତ୍ର ବଦଳାଇବା କକ୍ଷ, କମ୍ୟୁନିଟି ସେଣ୍ଟର, ପାଣିଟାଙ୍କି, ରାସ୍ତା, ସ୍କୁଲ ଗୃହ ଆଦି ନିର୍ମାଣ ପାଇଁ ବ୍ୟୟବରାଦ ମଞ୍ଜୁର କରିଥିବା ଜଣାପଡ଼ିଛି। ଉକ୍ତ ସମାବେଶରେ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୧୦ହଜାର ମହିଳା ଯୋଗ ଦେଇଥିଲେ। ଯଶିପୁର ବିଧାୟକ ମଙ୍ଗଳସିଂ ମୁଦୀ, କରଞ୍ଜିଆ ବିଧାୟକ ବିଜୟ କୁମାର ନାଏକ, ବ୍ଲକ୍ ଅଧକ୍ଷା ପଙ୍କଜିନୀ ନାଏକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତୁଷାରକାନ୍ତି ମହାନ୍ତି, ବିଡିଓ ଈଶ୍ୱର ଚନ୍ଦ୍ର ନାୟକ, ଏବିଡିଓ ସର୍ବେଶ୍ୱର ପଲେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଗୋଲକ ବିହାରୀ ନାୟକ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ଥାନୀୟ ଲୋକେ।

---





ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ଗ୍ରହଣ କରୁଛନ୍ତି ।

# ଛାତ୍ରୀଙ୍କୁ ସୁରକ୍ଷା ତାଲିମ

**କପ୍ତିପଦ,୫।୧୨(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ନୁଦୁଡିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ବୁଧବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧାପକ ରମେଶ ଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧାପକ ନିରଞ୍ଜନ ପାଠୀ ଯୋଗଦେଇ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ଶିକ୍ଷାର ଅଭିପ୍ରାୟ ଏବଂ ଏହାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ । କ୍ରୀଡ଼ା ଅଧାପକ ଅରୁଣ କୁମାର ଜେନା କୌଣସି ଅପ୍ରୀତିକର ପରିସ୍ଥିତିରେ ନିଜକୁ ସୁରକ୍ଷା ପ୍ରଦାନ କରିବା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଛାତ୍ରୀ ଆତ୍ମସୁରକ୍ଷା ଶିବିରର ପ୍ରୋଗ୍ରାମ ଅଫିସର ଅନିତା ହାଁସଦା ଆଧୁନିକ ସଭ୍ୟ ସମାଜରେ ନାରୀ କିପରି ନିଜକୁ ସୁରକ୍ଷିତ ମନେ କରିବ ସେଥିନିମନ୍ତେ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈର ଭୂମିକାକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମାଷ୍ଟର ଟ୍ରେନର ବନିତା ବେହେରା ଓ ରିତାରାଣୀ ଲେଙ୍କା ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳର କିଛି ଝଲକ୍ ପ୍ରଦର୍ଶନ କରିଥିଲେ ।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ରାଇରଙ୍ଗପୁର,୫।୧୨ (ଡି.ଏନ.ଏ)**

ବିଜାତଳା ଥାନା ଅସନା ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟରେ ଚଢି କାମ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ପଶ୍ଚିମବଙ୍ଗର ଇଜାବୁଲ୍ ସାବଜେତ ବୋଲି ଜଣାଯାଇଛି। ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ପକ୍ଷରୁ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା (ନଂ ୨୫/୧୮) ରୁଜୁ କରାଯାଇଛି।

### 'ପାଞ୍ଚପୀଢର ସାରସ୍ୱତ ପ୍ରତିଭା' ଉନ୍ମୋଚିତ

**ଠାକୁରମୁଣ୍ଡା,୫।୧୨(ଡି.ଏନ.ଏ)**

କରଞ୍ଜିଆ ହାଇସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ସାରସ୍ୱତ ସାଧକ କବିଶ୍ରୀ ରବୀନ୍ଦ୍ରନାଥ ମହାନ୍ତଙ୍କ ରଚିତ 'ପାଞ୍ଚପୀଢର ସାରସ୍ୱତ ପ୍ରତିଭା' ଉନ୍ମୋଚିତ ହୋଇଛି । ଶିକ୍ଷକ ବିଦ୍ୟାଧର ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ଡ.ସୁମନ୍ତ କୁମାର ଗିରି, ସମ୍ମାନୀତ ଅତିଥି ଭାବେ କଂଗ୍ରେସ ଭାଇ ଯୋଗ ଦେ ଦେଇଥିଲେ।

# ମେଘାସନ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଲାଗି ପ୍ରସ୍ତୁତି

**କପ୍ତିପଦା,୫।୧୨(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ୨୫ ବର୍ଷରେ ପଦାର୍ପଣ କରିବାକୁ ଯାଉଛି । ତେଣୁ ଏହାର ରୌପ୍ୟଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଫକୀର ଚରଣ ବେହେରା ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରମେଶ ଚନ୍ଦ୍ର ନାୟକ, ସଂଯୋଜକ ଅଧାପକ ଫନୀଭୂଷଣ ପୁଥାଳ, ଅଧାପକ ନିରଞ୍ଜନ ପାଠୀ, ଶୁଭଶ୍ରୀ ପ୍ରିୟଦର୍ଶନୀ ମହାନ୍ତି, ନକୁଳ ଜେନା, ବୃନ୍ଦାବନ ମହାନ୍ତି, ପ୍ରମୋଦ ରାଉତ ଓ ସୁରଥ ଲେଙ୍କା ମଞ୍ଚାସୀନ ଥିଲେ। ଏହି ଉତ୍ସବ ଡିସେମ୍ବର ୨୮ରୁ ୩୦ ତାରିଖ ୩ ଦିନ ଧରି ପାଳିତ ହେବ। ଜୁବୁଲି ପୂର୍ବରୁ କଲେଜ୍ ପରିସରରେ ସମସ୍ତ ନିର୍ମାଣ କାର୍ଯ୍ୟ ସରିବା ସହିତ ପରିସରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ବସନ୍ତ କୁମାର ପାତ୍ର, ବୃନ୍ଦାବନ ମହାନ୍ତି, ସରୋଜ କୁମାର ମହାନ୍ତି, ନରେନ୍ଦ୍ରନାଥ ଦଳେଇ, ଅଞ୍ଜନ ପରିଡା, ବୃନ୍ଦାବନ ନାୟକ, ଶ୍ରୀହରି ବେହେରା ଓ କୈଳାସ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ ଡ. କମଳାକାନ୍ତ ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୫ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ

**ବାରିପଦା ଅଫିସ,୫।୧୨**

**ବିଶ୍ୱ ମୃତ୍ତିକା ଦିବସ**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବାରିପଦା ମାର୍ଗାବାଡିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ.ସଂଘମିତ୍ରା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ସମ୍ମାନିତ ଅତିଥି ଭାବେ କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ, ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଏଲଡିଏମ ଦିଲ୍ଲୀପ କୁମାର ନନ୍ଦ, ପିଡ଼ି ୱାଟରସେଡ ଓ ଏଜିଏମ ନାବାର୍ଡ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଫସଲ ପାଇଁ ଆବଶ୍ୟକ ହେଉଥିବା ମୃତ୍ତିକା ପରୀକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ୧୫ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି।





ସଭାରେ ମଞ୍ଚାସୀନ ଅଧିକାରୀମାନେ।

# ବଞ୍ଚିଛି ପରମ୍ପରା, ବଦଳିଛି ଚଳଣି

**କପ୍ତିପଦା,୫।୧୨(ଡି.ଏନ.ଏ)**

**ସଂସ୍କୃତିର ପର୍ବ ମାଣବସା**

- ପିଠଉ ପରିବର୍ତ୍ତେ ପଡୁଛି ରେଡିମେଡ ଚିତା
- ହଜୁଛି ପିଠାପଣାର ବାସ୍ନା
- ବ୍ୟସ୍ତବହୁଳ ଜୀବନଶୈଳୀ ପାଲଟିଛି ଅନ୍ତରାୟ



ଆଜି ମାର୍ଗଶିର ମାସ ଗୁରୁବାର । ଗୃହିଣୀମାନେ ମା' ଲକ୍ଷ୍ମୀଙ୍କୁ ଏହି ପର୍ବରେ ପୂଜା କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ଘରେ ଏହାର ରହିଛି ସ୍ୱତନ୍ତ୍ର ଆଦର। ଏହି ପୂଜାର ବହୁ ନୀତିନିୟମ ଥିବାବେଳେ ଏଥି ନିମନ୍ତେ ଘର ଲିପା ପୋଛାଠୁ ଆରମ୍ଭ କରି ଚିତା ପଡ଼ିବା ସହ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ ହୋଇଥାଏ। ହେଲେ ଏବେ ଏହି ପର୍ବ ପାଳନରେ ବହୁ ପରିବର୍ତ୍ତନ ଘଟିଛି। ତେଣୁ ଆଧୁନିକତା କେବଳ ବଡ଼ବଡ଼ ସହରରେ ନୁହଁ,ମୟୂରଭଞ୍ଜ ଜିଲା ପରି ଏକ ଆଦିବାସୀ ଅଧ୍ୟୁଷିତ ଜିଲାର କପ୍ତିପଦା ବ୍ଲକ ଅଞ୍ଚଳକୁ ମଧ ଛୁଇଁଲାଣି ବୋଲି କହିଲେ ଭୁଲ ହେବ ନାହିଁ ।

ମାର୍ଗଶିର ମାସରେ ଘରେ ଘରେ ମା' ଲକ୍ଷ୍ମୀଙ୍କ ଆଗମନ ପାଇଁ ପ୍ରତି ବୁଧବାର ରାତିରେ ଚିତା ପକାଯାଇଥାଏ । ଯାହାକି ଆଗାମୀ ବୁଧବାର ପର୍ଯ୍ୟନ୍ତ ଘର ଅଗଣାରେ ଶୋଭା ପାଉଥାଏ । ସେଦିନ ପୁଣି ଘର ଲିପାପୋଛା ହେବା ପରେ ପୁଣି ନୂଆ ଚିତା ପଡ଼େ । ମାତ୍ର ବ୍ୟସ୍ତ ବହୁଳ ଜୀବନରେ ଏବେ ବହୁ ସ୍ଥାନରେ ପିଠଉରେ ଚିତା ପକାଇବା ପରିବର୍ତ୍ତେ ପ୍ଲାଷ୍ଟିକ୍ ଚିତା ବଜାରରୁ ଆଣି ଘର ଅଗଣାରେ ଲଗାଯାଉଥିବା ଦେଖାଯାଉଛି । ସେହିପରି ଏହି ପୂଜାରେ ମା'ଙ୍କ ବିଧି ବିଧାନ ପୂଜା ପାଇଁ ପୂର୍ବରୁ ବହୁ ପ୍ରକାର ପିଠା ପ୍ରସ୍ତୁତ ହେଉଥିବାବେଳେ ଏବେ ତାହା ଦେଖିବାକୁ ମିଳୁ ନାହିଁ । ଅନେକ ପିଠା ହଜିଗଲାଣି। କେବଳ ଗୋଟାଏ ଦୁଇଟା ପିଠା କରି କାମ ଚଳେଇ ଦିଆଯାଉଛି । ବହୁ ପୁରାତନ ସଂସ୍କୃତି ଓ ପରମ୍ପରାକୁ ଜାବୁଡି ଧରିଥିବା ଏହି ମୟୂରଭଞ୍ଜ ଜିଲାରେ ମାର୍ଗଶିର ମାସରେ ଘରେ ଘରେ ଆଉ ସେହି ପିଠାର ବାସ୍ନା ଆସୁ ନାହିଁ।

ଏ ସମ୍ପର୍କରେ ଶିକ୍ଷୟିତ୍ରୀ ପ୍ରଜ୍ଞାମିତା ଦାଶ କହନ୍ତି, ପରମ୍ପରା ଓ ଚଳଣି ଉଭୟ ଏବେ ବିପରୀତମୁଖୀ ହୋଇଛନ୍ତି। ବ୍ୟସ୍ତମୟ ଜୀବନଶୈଳୀ ଏବେ ପରମ୍ପରା ପାଳନରେ ଅନ୍ତରାୟ ପାଲଟିଛି। ତେବେ ଯାହା ବି ହେଉ, ପ୍ରତିଟି ଘରେ ଚିତା ପଡୁଛି। ପାଟିରେ ନ ହେଲେ ମଧ ରେକର୍ଡ ମାଧ୍ୟମରେ ବାଜୁଥିବା ଲକ୍ଷ୍ମୀପୁରାଣ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି । ଗୃହିଣୀ ପୂର୍ଣ୍ଣଶ୍ରୀ ମହାପାତ୍ର କହନ୍ତି, ସାଧାରଣତଃ ଧାନ ଚାଷ ଏହି ପର୍ବ ସହିତ ଜଡିତ । ହେଲେ ସହରରେ ରହୁଥିବା ଲୋକେ ଚାଷ ସହ ଜଡିତ ହେଉ ନ ଥିବାରୁ ଏହି ପର୍ବ ଫିକାଫିକା ଲାଗୁଛି । କିନ୍ତୁ ଭକ୍ତି ସହିତ ପରମ୍ପରା ବଞ୍ଚିଛି । ଚଳଣିରେ ଅଳ୍ପ ପରିବର୍ତ୍ତନ ଆସିଛି । ପିଠାପଣା ହେଉ କିମ୍ବା ପର୍ବ ସହିତ ଜଡିତ ପାରମ୍ପରିକ ବ୍ୟବସ୍ଥା କ୍ରମଶଃ ଲୋକଙ୍କଠାରୁ ଦୂରେଇ ଯାଉଛି ।

ଶିକ୍ଷୟିତ୍ରୀ ମୁକ୍ତା ଦାସ କହନ୍ତି, ଲକ୍ଷ୍ମୀ କେବଳ ଦେବୀ ନୁହନ୍ତି, ସେ ହେଲେ ଧନ, ଜନ, ଗୋଧନ ଓ ଲକ୍ଷ୍ମୀ(ସମୃଦ୍ଧି)ର ଦେବୀ। ଏହି ପର୍ବରୁ ଜଣେ ଗୃହିଣୀ ପବିତ୍ରତାର ଶିକ୍ଷା ଲାଭ କରିଥାଏ । ପବିତ୍ରତା, ଶାଳୀନତା ଓ ଧୈର୍ଯ୍ୟ ଯାହା ସବୁ ନାରୀର ଭୂଷଣ ହେବା କଥା , ତାହା ପର୍ବରେ ପ୍ରତିଫଳିତ ହୋଇଥାଏ। ଗୃହିଣୀ ଇତିଶ୍ରୀ ଦଣ୍ଡପାଟ କହନ୍ତି, ଏହି ପର୍ବର ପୂର୍ବଦିନ ରାତିରେ ଗୃହିଣୀମାନେ ଚିତା ପକାଇଥାନ୍ତି। ଯାହା ଏକାଗ୍ରତାର ପରିଚୟ ଦେଇଥାଏ । ଏବେ ରେଡିମେଡ ଚିତା, ଆଉ କେବଳ ପରମ୍ପରା ରଖିବା ପାଇଁ ପିଠାପଣା ପ୍ରସ୍ତୁତି ପର୍ବର ମୌଳିକତାକୁ ଆକ୍ରମଣ କରିଛି ।

# ହାଇକୋର୍ଟରେ ପଶ୍ଚିମ ଓଡ଼ିଶା ବନ୍ଦ ମାମଲା

# ସମ୍ବଲପୁର ଆଇନଶୃଙ୍ଖଳା ସ୍ଥିତି ଜଣାଇବାକୁ ନିର୍ଦ୍ଦେଶ

**କଟକ ଅଫିସ, ୫।୧୨**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର କେତେକ ଜିଲାରେ ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ ହାଇକୋର୍ଟରେ ଆଡ୍‌ଭୋକେଟ ଶିବଶଙ୍କର ମହାନ୍ତି ଏକ ମାମଲା ରୁଜୁ କରିଥିଲେ। ବୁଧବାର ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ବଲପୁରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ଆସନ୍ତା ୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

ଆବେଦନକାରୀ ଆଡ୍‌ଭୋକେଟ ମହାନ୍ତି ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଆଇନଜୀବୀମାନଙ୍କର ଆନ୍ଦୋଳନ କରିବାର କୌଣସି ଅଧିକାର ନ ଥିବା ସମ୍ପର୍କରେ ସୁପ୍ରିମକୋର୍ଟ ସ୍ପଷ୍ଟ ମତ ଦେଇଛନ୍ତି। କିନ୍ତୁ ସମ୍ବଲପୁର ବାର୍ ଆସୋସିଏଶନ ହାକୁ ଉଲ୍ଲଂଘନ କରୁଛି। ଏହି ଆନ୍ଦୋଳନ ଦ୍ୱାରା ସାଧାରଣ ଲୋକେ ଅସୁବିଧା ଭୋଗ କରୁଛନ୍ତି।

ସୂଚନା ଥାଉକି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ପକ୍ଷରୁ ନଭେମ୍ବର ୧୯ରୁ ୩୦ ପର୍ଯ୍ୟନ୍ତ ସମ୍ବଲପୁର ସମେତ ସୋନପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଆଦି ଜିଲାରେ ବନ୍ଦ ପାଳନ କରାଯାଇଥିଲା। ଏଥିସହ ନଭେମ୍ବର ୨୯ରୁ ୩୦ ତାରିଖ ୪୮ ଘଣ୍ଟା ଧରି ମହାବନ୍ଦ ପାଳନ କରାଯାଇଥିଲା। ଏହି ସମୟ ମଧ୍ୟରେ ସରକାରୀ କାର୍ଯ୍ୟାଳୟ ସମେତ ରେଳସେବା ଆଦି ବନ୍ଦ ରହିଥିଲା। ଏହାପରେ ବି ସମ୍ବଲପୁର ବାର୍ ଆସୋସିଏଶନ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବା ଜଣାପଡ଼ିଛି।

---

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର

**ଦୂରଭାଷ ନମ୍ବର: ୦୬୬୫୨-୨୩୨୯୧୬**

**ନମ୍ବର: ୧୨୫୦୩** **ବିଜ୍ଞାପନ** **ତାରିଖ: ୦୧।୧୨।୧୮**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଇଅଛି କି ବଲାଙ୍ଗୀର ଜିଲ୍ଲାର ଚାରିଗୋଟି ଆଦର୍ଶ ବଦ୍ୟାଳୟ ଯଥା:- ୧. ପଥରଚେପା, ୨. ଝାରମୁଣ୍ଡା, ୩, ଝରଣୀ ଓ ୪. ଭାଲୁମୁଣ୍ଡା ପରିସରରେ ଥିବା ଛାତ୍ରୀନିବାସର ଚୁକ୍ତିଭିତ୍ତିକ ପଦବୀଗୁଡ଼ିକ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଇଅଛି।

ଉପରୋକ୍ତ ଆଦର୍ଶ ବିଦ୍ୟାଳୟର ଛାତ୍ରୀନିବାସ ନିମନ୍ତେ ଚୁକ୍ତିଭିତ୍ତିକ ପଦବୀର ବିବରଣୀ

| କ୍ରମିକ ନଂ. | ପଦବୀର ନାମ | ପଦବୀ ସଂଖ୍ୟା | ଆବଶ୍ୟକ ଯୋଗ୍ୟତା | ବୟସ ସୀମା | ମାସିକ ପାରିଶ୍ରମିକ |
|---|---|---|---|---|---|
| ୧. | ତତ୍ତ୍ୱାବଧାରକ (ମହିଳା, ବିଧବା, ନିରାଶ୍ରୟା/ ପରିତ୍ୟକ୍ତାଙ୍କୁ ଅଗ୍ରାଧିକାର ଦିଆଯିବ) | ୦୪ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହୋଇଥିବା ଆବଶ୍ୟକ | ୪୦-୬୦ | ୫୦୦୦/- |
| ୨. | ମୁଖ୍ୟ ରୋଷେୟା (ମହିଳା ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ) | ୦୪ | ରୋଷେଇ ତାଲିମ ପ୍ରାପ୍ତ ପ୍ରାର୍ଥୀ/ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ | ୨୧-୩୫ | ୩୦୦୦/- |
| ୩. | ସହାୟକ ରୋଷେୟା (ମହିଳା ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ) | ୦୮ | ରୋଷେଇରେ ଅଭିଜ୍ଞ ପ୍ରାର୍ଥୀ/ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ | ୨୧-୩୨ | ୨୫୦୦/- |
| ୪. | ଜଗୁଆଳି ତଥା ଝାଡୁଦାର | ୦୪ | ଦଶମ ପାସ | ୨୧-୩୨ | ୩୦୦୦/- |

ଆବେଦନପତ୍ର ଏବଂ ତତ୍‌ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟ- www.balangir.nic.in ରୁ ଡାଉନଲୋଡ୍ କରିପାରିବେ। ସମସ୍ତ ଯୋଗ୍ୟତାଧାରୀ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ଏହି ବିଜ୍ଞାପନ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ ସମ୍ପୃକ୍ତ ଅଧକ୍ଷକ, ଆଦର୍ଶ ବିଦ୍ୟାଳୟରେ କେବଳ ରେଜିଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ: ୧୮।୧୨।୧୮ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ଗ୍ରହଣ କରାଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ଯେକୌଣସି ଦରଖାସ୍ତ କିମ୍ବା ସମସ୍ତ ଦରଖାସ୍ତକୁ ରଦ୍ଦ କରିବାର ଅଧିକାର ଓ ସତ୍ତ୍ୱ ସମ୍ପୃକ୍ତ ଅଧକ୍ଷଙ୍କର ରହିଅଛି।

**ନିର୍ଦ୍ଦେଶାନୁସାରେ**
**ଜିଲ୍ଲାପାଳ ତଥା ସଭାଧକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୂହ, ବଲାଙ୍ଗୀର**
**ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ, ବଲାଙ୍ଗୀର**

---

## ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା

**ସ୍ୱା. କୁଳିଆ, ପୋ.: ସୁନାଖଣ୍ଡି, ଜିଲ୍ଲା : କଟକ**

ଫୋନ୍ : (୦୬୭୧) ୨୩୫୨୯୩୩

ବିଜ୍ଞପ୍ତି ସଂଖ୍ୟା................. ତାରିଖ :...................

**ଖରିଫ ୨୦୧୮-୧୯ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା, ଜି.-କଟକ ପରିସୀମା ମଧ୍ୟରେ ବସବାସ କରୁଥିବା ଚାଷୀମାନଙ୍କ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା**

ଏତଦ୍ୱାରା କଟକ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କଟକ ସଦର ଉପଖଣ୍ଡର ପ୍ରାଥମିକ କୃଷି / ସେବା ସମବାୟ ସମିତିମାନଙ୍କରେ ନାମ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ସୂଚିତ କରାଯାଉଅଛି କି ଯେ ଚଳିତ ୨୦୧୮-୧୯ ଖରିଫ ବର୍ଷ ନିମନ୍ତେ ତା ୦୭.୧୨.୨୦୧୮ରିଖ ଠାରୁ କଟକ ସଦର ଉପଖଣ୍ଡର ୮୭ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ୯୭ଟି କ୍ରୟ କେନ୍ଦ୍ରମାନଙ୍କରେ ଜିଲ୍ଲା ଯୋଗାଣ ନିଗମ ଦ୍ୱାରା ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି। ଚାଷୀଭାଇ ଓ ଭଉଣୀମାନେ ସେମାନଙ୍କର ବଳକା ଧାନକୁ ଶୁଖାଇ ସଫାସୁତୁରା କରି ଧାନ କ୍ରୟ କେନ୍ଦ୍ରକୁ ଆଣିବେ। ଧାନ ଖାଦ୍ୟ ଉପଯୋଗୀ, ଶୃଙ୍ଖଳା ପରିଷ୍କାର, ସମରଙ୍ଗୀ, ସମଆକାର, ଏକ କିସମ (ଏଫ.ଏ.କ୍ୟୁ) ମାନର ହୋଇଥିବା ଆବଶ୍ୟକ। ଧାନ ବିକ୍ରୟ ପାଇଁ କିଷାନ କ୍ରେଡ଼ିଟ୍ କାର୍ଡ଼ (K.C.C.), ଭୋଟର ପରିଚୟ ପତ୍ର (EPIC), ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ (BKKY) (ଯାହା ପଞ୍ଜୀକରଣ କରାଯାଇଥିବ) ମଧ୍ୟରୁ ଯେକୌଣସି ଗୋଟିଏ ଦର୍ଶାଇ ଧାନ ବିକ୍ରୟ କରିପାରିବେ। ଚାଷୀ ଭାଇ ଓ ଭଉଣୀମାନେ ସିଧାସଳଖ ଖୋଲାଯାଇଥିବା ଧାନ କ୍ରୟ କେନ୍ଦ୍ରମାନଙ୍କରେ ନିଜର ବିକ୍ରିଯୋଗ୍ୟ ବଳକା ଧାନକୁ ବିକ୍ରି କରି ନିର୍ଦ୍ଧାରିତ ସରକାରୀ ଦର ପାଇବା ପାଇଁ ହକ୍‌ଦାର ହୁଅନ୍ତୁ। ଖରିଫ୍ ୨୦୧୮-୧୯ ଧାନକ୍ରୟ ବର୍ଷରେ ମୁଣ୍ଡପିଛା ୩କ୍ୟୁ ଧାନ ବାଦ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି।
ଧାନର ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା।
ଚଳିତ ଖରିଫ ୨୦୧୮-୧୯ ବର୍ଷ ପାଇଁ ଏଫ.ଏ.କ୍ୟୁ ଧାନର ସହାୟକ ମୂଲ୍ୟ

| ଧାନର କିସମ | କୁଇଣ୍ଟାଲ ପିଛା ଦର |
|---|---|
| ସାଧାରଣ କିସମ ଏଫ୍.ଏ. କ୍ୟୁ. | ଟ. ୧୭୫୦.୦୦ |
| ଗ୍ରେଡ୍ 'ଏ' କିସମ | ଟ. ୧୭୭୦.୦୦ |

**ସାଧାରଣ ଏଫ୍.ଏ.କ୍ୟୁ ଧାନର ମାନ**

| କ୍ର. ସଂ. | ଧାନରେ ଗ୍ରହଣୀୟ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡା) |
|---|---|---|
| ୧. | (କ) ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| | (ଖ) କାଠି, କୁଟା, ଧୁଷ, ଅଗାଡ଼ି, ପୋଲ ଆଦି ଜୈବିକ ପଦାର୍ଥ | ୧.୦% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକରା ଇତ୍ୟାଦି (*ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫.୦%* |
| ୩ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଂକୁଚିତ ଧାନ ଇତ୍ୟାଦି | ୩.୦% |
| ୪ | ସରୁ ଧାନରେ ମିଶିଥିବା ମୋଟା ଧାନ କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ ପ୍ରଯୁଜ୍ୟ | ୬.୦% |
| ୫ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ସ୍ୱା./- ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ ତଥା ଅଧକ୍ଷ**
**ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା**

---

अखिल भारतीय आयुर्विज्ञान संस्थान (एम्स), भुवनेश्वर

## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.edu.in

File No. : AIIMS/BBSR/Engg./ 457 /2018-19 Dated : 05th Dec 2018

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Construction of Tennis Court including Illumination System in place of Old Badminton Court at Housing Complex, AIIMS, Bhubaneswar"** (*NIT No. : AIIMS/BBSR/Engg./ 036 /2018-19).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.edu.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer (Civil)**
**AIIMS, Bhubaneswar**

---

## ଅଧିସୂଚନା

**ସଂଖ୍ୟା ୮୯୧୬** **ତା୦୩।୧୨।୧୮ରିଖ**

ଏହି ଚିଠା ମଳଯୁକ୍ତ ମଇଳା ଓ ପଚା ମଇଳା ପରିଚାଳନା ବିନିୟମ, ୨୦୧୮ ପାରାଦୀପ ପୌର ପରିଷଦ, ପାରାଦୀପ ବିନିୟମ ଯାହାକି ଓଡ଼ିଶା ମ୍ୟୁନିସିପାଲିଟି ଆଇନ, ୧୯୫୦ (୧୯୫୦ର ଓଡ଼ିଶା ଆଇନ ୨୩) ର ଧାରା ୩୮୮ର ଖଣ୍ଡ (୭), (୮) ଓ (୯) ଓ ଧାରା ୩୯୦ ଦ୍ୱାରା ଅର୍ପିତ କ୍ଷମତା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବ ଅନୁମୋଦିତ ମତେ ଏତଦ୍ୱାରା ପୂର୍ବୋକ୍ତ ଆଇନର ଧାରା ୩୯୨ ଅଧୀନରେ ଥିବା ନିୟମ ଅନୁଯାୟୀ ସମ୍ଭବତଃ ପ୍ରଭାବିତ ହେଉଥିବା ବ୍ୟକ୍ତି ବିଶେଷଙ୍କ ସୂଚନା ନିମନ୍ତେ ପ୍ରକାଶିତ ଏବଂ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜପତ୍ରରେ ଏହି ଅଧିସୂନା ପ୍ରକାଶ ପାଇବା ତାରିଖଠାରୁ ୩୦ ଦିନ ପରେ ଏହାକୁ ବିଚାରକୁ ନିଆଯିବ।

ଏ ଚିଠି ସମ୍ବନ୍ଧୀୟ କୌଣସି ଆପତ୍ତି ବା ପ୍ରସ୍ତାବ ଯାହା ଉପରୋକ୍ତ ସମୟସୀମା ଶେଷ ହେବା ପୂର୍ବରୁ ଯଥା ତା୦୩।୧୨।୨୦୧୮ରିଖ ଠାରୁ ତା୦୩।୦୧।୨୦୧୯ରିଖ ପର୍ଯ୍ୟନ୍ତ ପାରାଦୀପ ପୌରପାଳିକାର ୱେବ୍ ସାଇଟ୍ www.paradeepmunicipality.org.in ରେ କିମ୍ବା ଲିଖିତ ଭାବରେ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦୀପ ପୌର ପରିଷଦ, ପାରାଦୀପଙ୍କ ଠାରେ ଗ୍ରହଣ ହୋଇଥିବ, ତାହା ବିଚାରକୁ ନିଆଯିବ।

**ସ୍ୱା./- ନିର୍ବାହୀ ଅଧିକାରୀ, ପାରାଦୀପ ପୌର ପରିଷଦ**

---

## SHORT TENDER CALL NOTICE

No. 307-D:

**Office of the**

## D.G & I.G. of Police, Odisha, Cuttack

1. Sealed tenders are invited from the Original Equipment Manufacturers (OEM) or their Authorized Agent for purchase of the following FSL equipment, Hardware & Software equipment and other articles to be purchased for Odisha Police State FSL, Bhubaneswar out of funds earmarked / available under MPF Schemes 2017-18 and 2018-19 and State Budget Grant 2018-19 during the Current Financial Year 2018-19.

| Sl No. | Name of the Item | Approximate Quantity |
|---|---|---|
| 1. | Porn Detection Kit | 01 No. |
| 2. | Advanced Software & Hardware for data extraction and analysis from hard drives and mobile phones. | 01 No. |
| 3. | Advanced Software for Enhancement Authentication Analysis of Images. | 01 No. |
| 4. | 12 Volt SMF Batteries for 80 KVA UPS | 60 Nos. |
| 5. | 12 Volt Lead Acid Flat Battery for 10 KVA Home UPS | 30 Nos. |

2. Name of the item along with detail technical Specification may be seen from the website of Govt. of Odisha i.e. www.odisha.gov.in. The quantity may vary during indent of the item depending upon budgetary allocation.
3. Date of Issue of Tender documents from dtd:6.12.2018 at 10.00AM to dtd:27.12.2018 upto 5.00PM.
4. Last date for receipt of sealed Tender on dtd:28.12.2018 upto 5.00PM.
5. Date for opening of sealed Tenders / Technical Bids on dtd.29.12.2018 at 11.30 AM at the Office of the Director, State Forensic Science Laboratory, Rasulgarh, Bhubaneswar.

*A.I.G. of Police (Provisioning),*
*Odisha, Cuttack (Tender Calling Authority)*

12018/11/0047/1819

---

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବାଙ୍କୀ

**॥ଶୁଭେଚ୍ଛା ବାର୍ତ୍ତା॥**

ଦୈନିକ ନିରପେକ୍ଷ ଖବରକାଗଜ 'ଧରିତ୍ରୀ'ର ୪୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀର ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ସହରବାସୀଙ୍କ ସକ୍ରିୟ ସହଯୋଗ ଓ ସହଭାଗିତାରେ ଚଳିତବର୍ଷ ଓଡ଼ିଶାର ପ୍ରଥମ ସ୍ୱଚ୍ଛ ସହର ଭାବରେ ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇବା ଏକ ଗୌରବର କଥା। ଆଗାମୀ ଦିନରେ ସହରକୁ ସୁସ୍ଥ, ନିର୍ମଳ ରଖିବାକୁ ସମସ୍ତଙ୍କର ସହଯୋଗ ଆଶାକରୁଛୁ।

**ଶ୍ରୀଯୁକ୍ତ ସତ୍ୟବ୍ରତ ମନ୍ତ୍ରୀ**
**ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ**

---

## ସୂଚନା

## କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ଜି.: ବଲାଙ୍ଗୀର

ଏତଦ୍ୱାରା ଟିଟିଲାଗଡ଼ ଉପଖଣ୍ଡ ତଥା ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି ଅଞ୍ଚଳରେ ଥିବା ସମସ୍ତ କପାଚାଷୀ ଭାଇ ଓ ଭଉଣୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ୨୦୧୮-୧୯ ବର୍ଷ ପାଇଁ **ସପ୍ତାହର ପ୍ରତ୍ୟେକ ମଙ୍ଗଳବାର ଏବଂ ଗୁରୁବାର (ସରକାରୀ ଛୁଟି ଦିବସ ବ୍ୟତୀତ) ଦିନ କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି ପ୍ରାଙ୍ଗଣରେ** କପା ସରକାରୀ ଧାର୍ଯ୍ୟ ଦରରେ କିଣାଯିବାର ବ୍ୟବସ୍ଥା କରାଯାଇଅଛି।

ଏଣୁ ଅନୁରୋଧ ଯେ, ସଫା ଓ ଶୁଖିଲା କପା ଆଣି ବିକ୍ରୟ କରିବାକୁ ଅନୁରୋଧ। ଏହି ବର୍ଷର କପା ପାଇଁ **ସରକାରୀ ଧାର୍ଯ୍ୟ ଦର ହେଉଅଛି କ୍ୟୁଣ୍ଟାଲ ପିଛା ଟ.୫୪୫୦/-ଙ୍କା (ପାଞ୍ଚ ହଜାର ଚାରିଶହ ପଚାଶ ଟଙ୍କା) ମାତ୍ର।**

**ବିଶେଷ ବିବରଣୀ ପାଇଁ**
**କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ସହିତ ଯୋଗାଯୋଗ କରନ୍ତୁ।**
**ମୋ.: ୭୯୭୮୮୧୪୧୯୯, ୯୯୩୮୬୬୮୦୨୧**

**ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି ଆନୁକୂଲ୍ୟରେ**

---

## OFFICE OF THE EXECUTIVE ENGINEER MINOR IRRIGATION DIVISION, NABARANGPUR

**GOVERNMENT OF ODISHA**

**e-Procurement Notice**

No.: 901-A

**Bid Identification No.- EEMIDNGPUR - 07/2018-19**
**E-mail ID: mingpur@yahoo.in, Ph. No.: 06858222130**

**Letter No.: 2923** **Dt.01.12.2018**

1. Name of Work : Repair to M.I.Ps in Chandahandi Block of Nabarangpur Distirct
2. Total Number of Work : 3 (Three)
3. Estimated Cost : Varies from Rs.11.15 lakhs to Rs.12.58 lakhs
4. Class of Contractor : "D" & "C"
5. Tender Paper Cost (Online) : Rs.6,000/-
6. Bid Security (Online) : Varies from Rs.11,200/- to Rs.12,600/- as per DTCN
7. Period of Completion : 2 (Two) Calendar Months
8. Availability of Bid Document : From 10.12.2018, 10.00 A.M. to 20.12.2018, 5.00 P.M. in website: **(www.tendersorissa.gov.in)**.
9. Last date & time of receipt of Bid : 20.12.2018 at 5.00 P.M. through Online
10. Date of Opening of Bid documents : 21.12.2018 at 11.00 A.M. in the Office of the EE, M.I. Division, Nabarangpur
11. Date of Lottery, if required : 28.12.2018 at 11.00 A.M. in the Office of the EE, M.I. Division, Nabarangpur
12. Name and address of the OIT : Executive Engineer, M.I. Division, Nabarangpur, At/P.O.- Nabarangpur, District- Nabarangpur, PINCODE- 764059

Further details can be seen from the Government of Odisha website: **www.tendersorissa.gov.in**.

**Sd./- Executive Engineer**
**M.I. Division, Nabarangpur**

**32294/11/0010/1819**

---

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड

## cmpdi — CENTRAL MINE PLANNING AND DESIGN INSTITUTE LIMITED

*A Mini Ratna Company*
(A Subsidiary of Coal India Limited)
Regional Institute-VII, Plot No : E-4, Near Gandhi Park, Samantapuri, PO : RRL, Bhubaneswar-751013(Odisha)

**e-TENDER NOTICE**

Offers are invited on line on the website https://coalindiatenders.nic.in for CMPDI, Regional Institute-VII, Plot No. : E-04, Near Gandhi Park, Samantapuri, Bhubaneswar through e-Tendering (ON-LINE BIDDING) only : **Description of work :** Hiring of 03 (Three) Nos. of Vehicles (Tata Winger) for School duly for a period of one year. **Estimated Cost (In Rs) : ₹11,46,150.00** (Estimated value includes rental charges including all expenses and taxes, excluding the cost of diesel/engine oil and GST, as applicable). **Earnest Money (in RS.) : ₹14,400.00. Application fee (in Rs.) : Nil. Period of Completion (In Days) : 365** (Three hundred sixty five). **Tender inviting authority :** HOD(P&A), CMPDI, RI-VII, Samantapuri, Near Gandhi Park, PO : RRL, Bhubaneswar – 751013, Email : hodpna.ri7.cmpdi@coalindia.in. Contact No.09438881093(M). **Contact Person :** Dr. G. Arul, MT(HR/P), CMPDI, RI-VII, Samantapuri, Near Gandhi Park, PO : RRL, Bhubaneswar – 751013, Contact No.09042953235(M). For details of qualification requirements, bid security and complete tender document, visit the website **www.cmpdi.co.in** or http://eprocure.gov.in. Detailed Tender Notice is available at https://coalindiatenders.nic.in.

**HOD(P&A)**

---

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER

**GANJAM, BERHAMPUR**

**No. 19319/M/2018 Dated Berhampur the 03.12.2018**

**NOTICE**

It is hereby informed to all the candidates who have applied for engagement of Attendant on contracual basis under the administrative control of CDM&PHO Ganjam, in response to advertisement published The Sambad & The Dharitri on dt.15.12.2016 & 16.12.2016, that the provisional data base for the Post of Attendants is prepared and uploaded in the Dist. website i.e. https://ganjam.nic.in. The candidates are hereby advised to visit the aforesaid website, verify the entries made against their names from the draft database and submit their objections on the entries made in database (regarding omissions or commissions only) if any by Regd. Post/ Speed Post on which is to be reached by this office (O/o CDM&PHO, Ganjam, Berhampur, Ganjam, 760001) on or before dt. 24.12.2018 at 05.00 PM. No new documents will be entertained. The authority is not responsible for any postal delay or any other reasons. Further the envelope containing the application of objection should be superscribed as OBJECTION FOR THE POST OF ATTENDANT in block capital letters.

**Sd./- Chief District Medical and Public Health Officer**
**Ganjam, Berhampur**

---

## ZILLA SWASTHYA SAMITI, BARGARH

**Tender Call Notice**

**Advt. No: 13/C.D.M.O, BARGARH 2018-19 Date: 03.12.2018**

Sealed tenders are invited from reputed firms/ manufacturer/ dealers/ Trader having valid PAN and GST No. for supply of following items to the Office of CDMO, Bargarh.

| Sl. No. | Name of the Item | Details of item along with Technical Specification/ Eligibility Criteria/ Terms & Conditions is available in annexure |
|---|---|---|
| 01 | Office furniture | Pls refer Annexure No: I, II, VI & VII and Cover-B for finance bid |
| 02 | Office stationery | Pls refer Annexure No: I, III, VI & VII and Cover-B for finance bid |
| 03 | Supply of Lunch /Meal | Pls refer Annexure No: I, IV, VI & VII and Cover-B for finance bid |
| 04 | Electrical/ Electronic Items | Pls refer Annexure No: I, V, VI & VII and Cover-B for finance bid |

Sealed Quotation must reach to the office of the undersigned on or before dt. 26.12.2018 upto 4.00 PM either through Speed Post/ Registered Post/ Courier only. Tender will be opened on dt. 27.12.2018, 11.30 AM at DTU, DPMU, NHM, Bargarh. The Bidders can download the Tender Document directly from the district website www.bargarh.nic.in along with terms & conditions and Technical specifications. The authority reserves the right to accept or reject any or all the bids without assigning any reason thereof. The authority will not be responsible for any postal delay.

**Sd./-**
**Chief District Medical & Public Health Officer, Bargarh**

---

## ODISHA STATE CIVIL SUPPLIES CORPORATION LIMITED, SUBARNAPUR

**Office of the District Manager, Subarnapur**
**Quotation / Tender Call Notice No:- 4140 / Dt. 05.12.18**

**Tender Call for Hiring Vehicle**

The Collector, Subarnapur has been pleased to pass order for engagement of 1(One) hired vehicle (Bolero) 6+1 capacity for Official Use in KMS 2018-19. Fresh Sealed quotation / tenders are invited from interested reputed Travel Agencies / Tour Operators or Private Individuals for providing 1(One) Nos. of Non AC / AC Diesel driven vehicles (Bolero) having sitting capacity not more than 6+1 including driver, which shall confirm to the Terms and Condition for Official use in the Office of the CSO-cum-District Manager, OSCSC Ltd, Subarnapur on momthly rent basis for aforesaid purpose. Tender Paper shall be reached to the Office of the undersigned by Speed Post / Registered Post / Courier on or before dt. 10.12.2018 at 5 PM.

The non refundable cost of Tender Application is Rs. 100 (Rupees One Hundred) only to be deposited with the undersigned in shape of cash/DD/Pay Order drawn in favour of "District Manager, OSCSC Ltd, Subarnapur" payable on Sonepur.

**The detail tender guideline is available in this office / District website.**

| PROGRAMME OF TENDER SELECTION | DATE & TIME |
|---|---|
| Date of Advertisement | 04.12.18 |
| Sale of tender paper (All working days) | 05.12.18 to 10.12.18 (By 3 PM) |
| Receipt of Tender Application | By 10.12.2018 (5 PM) |
| Finalization of Tenders / Bids | 11.12.2018 at 11 AM |

**By order of Collector**
**Sd./- District Manager**
**OSCSC Ltd., Subarnapur**

---

## OFFICE OF THE NOTIFIED AREA COUNCIL, BUGUDA, GANJAM

**"e" PROCUREMENT NOTICE**

**Tender Reference No.- BUG-NAC-1/2018-19**

**Tender Call Notice No.- 919** **Date: 30.11.2018**

Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Name of the Work : Civil works as mentioned in website
2. No. of Works : 14 Nos.
3. Bid Value : Rs.3.00 lakhs to 17.00 Lakhs
4. Period of Completion : 60 days to 180 days
5. Date and time of availability of the bid documents in the portal : 03.12.2018 at 11 A.M. to 5.00 P.M. of Dt.14.12.2018
6. Last date of time for receipt of bids in the portal : 14.12.2018 upto 5 P.M.
7. Bids received Online shall be opend on : 19.12.2018 at 11 A.M.
8. Name and Address of the Officer Inviting Bid : Executive Officer, N.A.C., Buguda

Further details can be seen from the procurement portal: **www.tendersodisha.gov.in**.

**Sd./- Executive Officer, N.A.C., Buguda**

---

**GOVT. OF ODISHA**
**DEPARTMENT OF WATER RESOURCES**

No.: 898-A

## OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR

**'e' Procurement Notice No. SECIC - 16/2018-19**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available Online for bidding: From | Bid documents available Online for bidding: To | Date of Opening of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SECIC, Bhubaneswar | SECIC/ NID-8 of 2018-19 | Service Road on Siaro Cut Left Embankment from RD.2.120 Km to 11.490 Km. | 334.02 | 334100/- (Online) | 10000/- (Online) | "A" Class & "Special Class | 10.12.2018 at 11.00 A.M. | 26.12.2018 upto 5.00 P.M. | 27.12.2018 at 11.00 A.M. | 11 (Eleven) Calendar Months |

E-mail ID: secic_dowr@yahoo.com. Further details conditions can be seen from Govt. website: **www.tenderorissa.gov.in**.

**32160/11/0030/1819** **Superintending Engineer, Central Irrigation Circle**

---

## See Career Appointment on every Wednesday & Saturday



ବରୁଣ ଧାୱନ-ନତାଶା

# ସରପ୍ରାଇଜ୍ ଡେଟ୍‌କୁ ଅପେକ୍ଷା

ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ ବଲିଉଡ୍‌ରେ ଏଣ୍ଟ୍ରି କରିସାରିଛନ୍ତି। ଏବେ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କାରଣ ସେ ଖୁବ୍‌ଶୀଘ୍ର ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଅର୍ଥାତ୍, ପ୍ରେମିକା ନତାଶା ଦଲାଲଙ୍କୁ ସେ ଧର୍ମପତ୍ନୀ ଭାବରେ ଗ୍ରହଣ କରିବେ ବୋଲି ଚର୍ଚ୍ଚା ଚାଲିଛି। ସେପଟେ ସେହି ସରପ୍ରାଇଜ ଡେଟ୍‌କୁ ଅପେକ୍ଷା ଯେଉଁଦିନ ଦୁହେଁ ସତସତିକା ବର-କନ୍ୟା ସାଜିବେ। ଯଦିଓ ଏହି ଡେଟ୍‌କୁ ନେଇ ବରୁଣ ଦିନ ଗଡେଇ ଚାଲିଛନ୍ତି ହେଲେ ସେହି ଶୁଭ ଦିନ ଖୁବ୍‌ଶୀଘ୍ର ଆସିବ ବୋଲି ତାଙ୍କର ଜଣେ ସାଙ୍ଗ ସୋସିଆଲ ମିଡିଆରେ ମେସେଜ ପୋଷ୍ଟ କରିଛନ୍ତି। ସ୍କୁଲ କ୍ୟାରିୟରରୁ ନତାଶାଙ୍କ ପ୍ରେମରେ ପଡିଥିଲେ ବରୁଣ। ତେବେ ଦୁହେଁ କେବେ ଘର ସଂସାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଅଭୁଲା ହୋଇ ରହିବ

ପୁରୁଷ ବିଶ୍ୱକପ ହକି-୨୦୧୮ର ଆୟୋଜନ କରିଛି ଓଡ଼ିଶା। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଟାଇଟଲ ହାସଲ ପାଇଁ ଚାଲିଛି କସରତ। ଏହି ଅବସରରେ ଉଦ୍‌ଘାଟନୀ ସମାରୋହର କିଛି ସମୟ ପା ଇଁ ସଞ୍ଚାଳନ ଦାୟିତ୍ୱକୁ ବେଶ୍ ସୂଚାରୁ ଭାବରେ ସମ୍ପାଦନ କରିଥିଲେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡି ସବ୍ୟସାଚୀ-ଅର୍ଚ୍ଚିତା। ତେବେ ମଞ୍ଚ ଉପରେ ସେମାନେ ସାଉଁଟିଥିଲେ ଏଭଳି କେତୋଟି ଅନୁଭୂତି, ଯାହା ସେମାନେ କଦାପି ଭୁଲିପାରିବେ ନାହିଁ ବୋଲି ମିଳିତ ସ୍ୱରରେ କହନ୍ତି...



ଅତିଥିଙ୍କ ଗହଣରେ ସବ୍ୟସାଚୀ-ଅର୍ଚ୍ଚିତା

**ଅର୍ଚ୍ଚିତା :** ଯେତେବେଳେ ଆମକୁ ଏହି ଦାୟିତ୍ୱ ବିଷୟରେ ଅବଗତ କରାଗଲା ସେତେବେଳେ ଆମେ କେତେ ଖୁସି ହୋଇଥିଲୁ ତାହା ଅବର୍ଣ୍ଣନୀୟ। ସବୁଠାରୁ ଖାସ୍ କଥା ହେଲା ଉଦ୍‌ଘାଟନୀ ଉତ୍ସବର ଗୋଟିଏ ଦିନ ପୂର୍ବରୁ ଆମକୁ ଜଣାଇ ଦିଆଗଲା ଯେ ଷ୍ଟେଜ୍ ଉପରେ ୧୯୭୫ ପୁରୁଷ ହକି ବିଶ୍ୱକପ ବିଜେତା ଭାରତୀୟ ଦଳକୁ ମଞ୍ଚ ଉପରେ ସମ୍ବର୍ଦ୍ଧନା ଦିଆଯିବ। ଯେହେତୁ ଆମେ ସେ ସମୟରେ ମଞ୍ଚ ସଂଚାଳନ କରୁଥିବୁ ତେଣୁ ଏହା ଆମ ପାଇଁ ଏକ ଗୌରବର କଥା ଥିଲା। ଯେତେବେଳେ ସେହି ବିଜୟୀ ଦଳର ବର୍ଷୀୟାନ ଖେଳାଳି ମଞ୍ଚ ଉପରକୁ ଆସିଲେ ମୁଁ ଭାବବିହ୍ୱଳ ହୋଇଯାଇଥିଲି। ସେମାନଙ୍କ ସହ କଥା ହେବା, ସେମାନଙ୍କର ସେ ସମୟର ସ୍ମୃତିକୁ ଶେୟାର କରିବା ମୋ ମନରୁ କଦାପି ଲିଭିବ ନାହିଁ। ସେହି ଅଭୁଲା ମୁହୂର୍ତ୍ତ ସବୁବେଳେ ମୋ ଆଖି ସାମ୍‌ନାରେ ସତେଜ ହୋଇ ରହିଥିବ।

**ସବ୍ୟସାଚୀ :** ସତରେ ଜୀବନରେ ଏପରି ଏକ ସମୟ ଆସିବ ତାହା ମୁଁ ଏବେ ମଧ କଳ୍ପନା କରିପାରୁନି। ପୁରୁଷ ବିଶ୍ୱକପ ହକି-୨୦୧୮ର ଉଦ୍‌ଘାଟନୀ ସମାରୋହରେ ଆଙ୍କରିଂ କରିବା ଛୋଟ କି ସହଜ କଥା ନୁହେଁ। ଏହି ସମୟରେ ଦର୍ଶକଙ୍କ ସହ ଭାବବିନିମୟ ମୋତେ ପାଗଳ କରିଦେଇଥିଲା। ମୋ ସହ ସେମାନେ ତାଳ ମିଳାଇ ହକି ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ଯେତେବେଳେ ୧୯୭୫ ବିଶ୍ୱକପ ହକି ଟାଇଟଲ ହାସଲକାରୀ ଭାରତୀୟ ଦଳର ବୀରପୁଙ୍ଗବମାନେ ମଞ୍ଚ ଉପରୁ ଆସିଲେ ଆଉ ମୁଁ ଏବଂ ଅର୍ଚ୍ଚିତା ସେମାନଙ୍କୁ ସ୍ୱାଗତ କଲୁ ସେ ମୁହୂର୍ତ୍ତ ଅପାସୋରା। ସେମାନେ କହିଲେ ଯେ, 'ଅଭି ଭି ହମାରା ଦିଲ୍ ହକି କେ ଲିୟେ ଧଡକ୍‌ତା ହେଁ'। ଏହାର ଉତ୍ତରରେ ମୁଁ ଏକ ସାୟରୀ କହିଥିଲି, ଯାହାକୁ ଭରପୂର ଷ୍ଟାଡିୟମର ସବୁ ଦର୍ଶକ ଷ୍ଟାଣ୍ଡିଙ୍ଗ ଓବେସନ ଦେଇଥିଲେ। ସାୟରୀଟି ଥିଲା 'ଭଗୱାନ କରେଁ ଏ ଦିଲ୍ ଐସେ ହି ହମେଶା ଧଡକତେ ରହେଁ, ହିନ୍ଦୁସ୍ତାନକି ରଙ୍ଗୋ ମେଁ ଜିତ୍ କି ଖ୍ୱାବ୍ ଐସେ ବୁଲନ୍ଦ କରତେ ରହେଁ।' ଆଉ ଏକ କଥା- 'ଦିଲ୍ ତୋ ପାଗଲ ହେଁ', 'ଧୁମ-୪' ପରି ଅନେକ ସୁପରହିଟ୍ ହିନ୍ଦୀ ଫିଲ୍ମର କୋରିଓଗ୍ରାଫି କରିଥିବା ବଲିଉଡ୍‌ର ନାମୀ କୋରିଓଗ୍ରାଫର ସାମକ ଡାଭରଙ୍କ ସହ ଯେଉଁ ସମୟ ବିତାଇଥିଲୁ ତାହାକୁ କଦାପି ଭୁଲିପାରିବୁ ନାହିଁ।

# ଜୀବନର ଚଲାପଥେ

ଫିଲ୍ମ ଅପେକ୍ଷାରେ...

ଜୀବନର ଚଲାପଥରେ ଅନେକ ଘଟଣା ଘଟିଥାଏ। ସେଗୁଡିକ ମଧ୍ୟରୁ କେତେକ ସ୍ମୃତି ହୋଇ ମନଭିତରେ ରହିଯାଏ। ଜଣେ ସ୍କୁଲ ମାଷ୍ଟର ଜୀବନରେ କ'ଣ ଘଟଣା ଘଟୁଛି ଏବଂ ତାହାର କି ପ୍ରକାର ପ୍ରଭାବ ପରିବାର ସଦସ୍ୟଙ୍କ ଉପରେ ପଡୁଛି ତାହାକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ଜୀବନର ଚଲାପଥେ'। ଚିତ୍ରଟିର ପ୍ରଯୋଜନା କରିଛନ୍ତି ବର୍ଷାଭାବନା ଖଟୁଆ, ଅଦ୍ୱିତୀ ଦାସ ଏବଂ ସୌମ୍ୟକାନ୍ତ ଖଣ୍ଡାଇ। ଏହାବ୍ୟତୀତ ଚଳଚ୍ଚିତ୍ରର କାହାଣୀ, ସଂଳାପ, ଗୀତ ରଚନା କରିବା ସହ ସ୍ୱର ସଂଯୋଜନା ଭାର ସମ୍ଭାଳିଛନ୍ତି ସୌମ୍ୟକାନ୍ତ। ସେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରଥିବାବେଳେ ମିହିର ଦାସ, ଅନୀତା ଦାସ, ତ୍ରିଲୋଚନ ଖୁଣ୍ଟିଆ, ଜ୍ୟୋତି ବସ୍ତିଆ, ମିଲି, ଲିପ୍‌ସାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଦିଲୀପ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟି ଚଳିତ ମାସ ଦ୍ୱିତୀୟ ସପ୍ତାହରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

## ଖବରଟବର

- ଏକ ସାନ୍ତାଳି ନାଟକକୁ ଆଧାର କରି ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ତଥା ଦେବୀଦତ୍ତ ମହାନ୍ତିଙ୍କ କାର୍ଯ୍ୟକାରୀ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚାଲ ଟିକେ ଦୁଷ୍ଟ ହେବା'। ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ତାପସ ସରଘରିଆ। ଗୀତଗୁଡିକୁ ସ୍ୱର ଦେଉଛନ୍ତି ବିଭୂତି ଭୂଷଣ ଗଡନାୟକ। ଏଥିରେ ନୂଆ ନାୟକ ରିସାନଙ୍କ ଅପୋଜିଟ୍‌ରେ ଅଛନ୍ତି ଦୁଇ ଜଣ ନବାଗତା ସାୟଲ ଏବଂ ମହିମା।
- ହାସ୍ୟାଭିନେତା ପପୁ ପମପମ ନିର୍ଦ୍ଦେଶକ ସାଜିବାକୁ ଯାଉଛନ୍ତି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ଓଡିଆ ସିନେମା 'ଚିରକୁଟ୍'ର ନିର୍ଦ୍ଦେଶନା ସହ ସଙ୍ଗୀତ ଦାୟିତ୍ୱ ତୁଲାଇବେ ସେ।
- ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'ର ଶୁଟିଂ ଚାଲୁ ରହିଛି। ବାପୁନ କୁମାରଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ସ୍ୱରାଜ, ଶିବାନୀଙ୍କ ବ୍ୟତୀତ ମିହିର ଦାସ, ଉଷସୀ ମିଶ୍ର, ହରିହର ମହାପାତ୍ର, ଅମର, ଗୁଣ୍ଟୁ, ସଲିଲ ମିତ୍ର, ବ୍ରଜ ସିଂ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ।






## ସଂକ୍ଷେପରେ

### ବ୍ୟାଙ୍କର ମୂଳଧନ ଫେରାଇବାକୁ ମାଲ୍ୟା ରାଜି



**ଲଣ୍ଡନ,୫-୧୨:** ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଭାରତୀୟ ବ୍ୟାଙ୍କ ସମୂହଙ୍କ ଋଣ ପରିଶୋଧ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ସେ ଟୁଇଟ୍ ଜରିଆରେ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକର ୧୦୦ ପ୍ରତିଶତ ମୂଳଧନ (କେବଳ ଋଣ, ସୁଧ ନୁହେଁ) ଫେରାଇବାକୁ ପ୍ରସ୍ତୁତ। ବୁଧବାର ମାଲ୍ୟା ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ଭାରତୀୟ ମିଡିଆ ଓ ନେତାମାନେ ତାଙ୍କୁ ପଳାତକ କହୁଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ତେବେ ସେ କହିଛନ୍ତି ଯେ, ବ୍ୟାଙ୍କ ଗୁଡ଼ିକ ତାଙ୍କ ପ୍ରସ୍ତାବକୁ ସ୍ୱୀକାର କଲେ ସେ ସେମାନଙ୍କର ସମସ୍ତ ଋଣ ଫେରସ୍ତ କରିବାକୁ ରାଜି। ଲଣ୍ଡନରେ ରହୁଥିବା ମାଲ୍ୟା ଏବେ ପ୍ରତ୍ୟର୍ପଣ ମାମଲାର ସମ୍ମୁଖୀନ ହୋଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ସେ ଦେଶକୁ ବହୁ ହଜାର କୋଟି ଟଙ୍କାର ଟିକସ ଦେଇଛନ୍ତି।

### ଡିଜିଟାଲ ନୋଟ୍ ଆସିପାରେ

**ନୂଆଦିଲ୍ଲୀ,୫-୧୨:** ବିମୁଦ୍ରୀକରଣ ପରେ କେନ୍ଦ୍ର ସରକାର ଆର୍ଥିକ ସଂସ୍କାର ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ସବୁକିଛି ଠିକ୍ ଚାଲିଲେ ସରକାର କାଗଜ ନୋଟ୍ ଢାଞ୍ଚାରେ ଡିଜିଟାଲ ନୋଟ୍ (ମୁଦ୍ରା) ଜାରି କରିପାରନ୍ତି। ଏ ଦିଗରେ ସରକାର ବହୁ ବାଟ ଆଗେଇ ଗଲେଣି ବୋଲି ପ୍ରାପ୍ତ ସୂଚନାରୁ ପ୍ରକାଶ। ମିଡିଆ ରିପୋର୍ଟ ଅନୁଯାୟୀ ଆର୍ଥିକ ବ୍ୟାପାର ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ନିଜର ଚିଠା ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। କମିଟି ଏ ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଛନ୍ତି। ଏଥିରେ କୁହାଯାଇଛି ଯେ, ସରକାର ଡିଜିଟାଲ ନୋଟ୍ ପ୍ରଚଳନକୁ ଗୁରୁତ୍ୱର ସହ ବିଚାର କରନ୍ତୁ। ପ୍ରଚଳିତ ଟଙ୍କା ସହିତ ଡିଜିଟାଲ ନୋଟ୍ ଜାରି କରିବା ଦ୍ୱାରା ବିଟ୍‌କଏନ ଭଳି ଭର୍ଚୁଆଲ ମୁଦ୍ରା ପ୍ରଚଳନକୁ ମୁକାବିଲା କରାଯାଇପାରିବ। ତେବେ ଏହି ନୋଟ୍ ଜାରି ଓ ପ୍ରଚଳନର ସମ୍ପୂର୍ଣ୍ଣ ଦାୟିତ୍ୱ ଆର୍‌ବିଆଇ ହାତରେ ରହିବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

### ଟାଳଟୁଳ ନୀତି ଛାଡ଼ିଲା ଚାଇନା ଭାରତରୁ ଆମଦାନୀ ବଢ଼ାଇବ

**ନୂଆଦିଲ୍ଲୀ,୫-୧୨:** ଭାରତୀୟ ବେଦାନା, ଅଙ୍ଗୁର, ସୋୟାମିଲ୍, ଫିଶ୍ ଅଏଲ ଏବଂ ଫିଶ୍ ମିଲ୍ ଆମଦାନୀ କରିବାକୁ ଚାଇନା ରାଜି ହୋଇଛି। ଏହାପୂର୍ବରୁ ପଡୋଶୀ ଦେଶ ଅଣ-ବାସମତି ଚାଉଳ ଓ ଚିନି ଆମଦାନୀ କରିବାକୁ ରାଜି ହୋଇଥିଲା। ଚଳିତ ମାସରେ ଚାଇନାର ଏକ ବିଶେଷଜ୍ଞ ଦଳ ବେଦାନା, ଅଙ୍ଗୁର, ସୋୟା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ କରିବ। ଗତ ସପ୍ତାହରେ ଚାଇନାର ଭାଇସ ମିନିଷ୍ଟର ହୁ ୱେଇଙ୍କ ସହ ଆଲୋଚନା କାଳରେ ଓକ୍ରା, ସପେଟା(ଚିକୁ), କ୍ଷୀର ଏବଂ ବୋଭାଇନ ମାଂସ ଚାଇନାକୁ ରପ୍ତାନି ଲାଗି ଭାରତ ଜୋର୍ ଦେଇଥିଲା। ଅନ୍ୟପକ୍ଷରେ କ୍ଷୀର ଓ ଡେୟାରୀ ସାମଗ୍ରୀ, ଆପଲ ଓ ପିଜୁଳି ଆଦି ଚାଇନାରୁ ଆମଦାନୀ ପାଇଁ ସେ ଦେଶ ଜୋର୍ ଦେଇଥିଲା। ସୂଚନାଥାଉ କି, ୨୦୧୭-୧୮ରେ ଭାରତର ରପ୍ତାନୀ ୩୩ ବିଲିୟନ ଡଲାର ଥିବା ବେଳେ ଆମଦାନୀ ୭୬.୨ ବିଲିୟନ ଡଲାରରେ ପହଞ୍ଚିଯାଇଛି।

ଅନିବାର୍ଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରିନାହିଁ।

> ୨୦୧୯ ସୁଦ୍ଧା ଦେଶରେ ୨୦ ଓନିକ୍ସ ଏଲ୍‌ଇଡି ସିନେମା ସ୍କ୍ରିନ ସ୍ଥାପନ କରିବାକୁ ଯୋଜନା ରହିଛି।
> – ପୁନିତ୍ ସେଠୀ, ଉପସଭାପତି, ସାମ୍‌ସଙ୍ଗ ଇଣ୍ଡିଆ



> ମାର୍ଚ୍ଚ ସୁଦ୍ଧା କେନ୍ଦ୍ର ସରକାର ସାର ସବ୍‌ସିଡି ବକେୟା ବାବଦକୁ ୧୦,୦୦୦ କୋଟି ଟଙ୍କା ପ୍ରଦାନ କରିବେ।
> – ସଦାନନ୍ଦ ଗୌଡ଼ା, କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ



■ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ସମୀକ୍ଷା

# ସୁଧ ହାର ଅପରିବର୍ତ୍ତିତ

ମୁମ୍ବାଇ,୫-୧୨

ଯାହା ଆଶାକରାଯାଉଥିଲା, ଠିକ୍ ତାହା ହିଁ ହେଲା। ଗଭର୍ନର ଉର୍ଜିତ ପଟେଲଙ୍କ ଅଧ୍ୟକ୍ଷତାରେ ୬ ସଦସ୍ୟଙ୍କୁ ନେଇ ଗଠିତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମୁଦ୍ରା କମିଟି ବର୍ତ୍ତମାନ ପାଇଁ ରେପୋ ରେଟକୁ ୬.୫%ରେ ଅପରିବର୍ତ୍ତିତ ରଖିଛନ୍ତି। ବୁଧବାର ଗଭର୍ନର ଏ ସମ୍ପର୍କରେ ଏଠାରେ ଘୋଷଣା କରିଛନ୍ତି। ଏହାର ଅର୍ଥ ବର୍ତ୍ତମାନ ପାଇଁ ବ୍ୟାଙ୍କ ସୁଧ ହାର ବଢ଼ିବା ସମ୍ଭାବନା ନାହିଁ। ତେବେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଜିଡିପି ହାର ୭.୪% ରହିବ ବୋଲି କମିଟି ଅନୁମାନ କରିଛି। ସେହିପରି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ୬ ମାସ(ଅକ୍ଟୋବର-ମାର୍ଚ୍ଚ)ରେ ମୁଦ୍ରାସ୍ଫୀତି ହାର ୨.୭ରୁ ୩.୨% ରହିବ ବୋଲି ଅନୁମାନ କରାଯାଇଛି। ଚଳିତ ବର୍ଷର ୫ମ ମୁଦ୍ରା ନୀତି ସମୀକ୍ଷା କରିବା ପରେ କମିଟି ରିଭର୍ସ ରେପୋ ରେଟ ୬.୨୫% ଓ ସିଆର୍‌ଆର୍ ୬.୭୫%ରେ କାଏମ ରଖିଛନ୍ତି।

୬ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟିର ୩ ଦିନିଆ ବୈଠକ ଶେଷରେ ଆର୍‌ବିଆଇର ମୁଦ୍ରା ନୀତି ସମ୍ପର୍କରେ ଘୋଷଣା କରି ଗଭର୍ନର ପଟେଲ କହିଛନ୍ତି ଯେ, ଦ୍ୱିତୀୟ ୬ ମାସରେ ଜିଡିପି ଅଭିବୃଦ୍ଧି ହାର ୭.୨%ରୁ ୭.୩% ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ୨୦୧୯-୨୦ର ପ୍ରଥମ ୬ ମାସ (ଏପ୍ରିଲ-ସେପ୍ଟେମ୍ବର)ରେ ଏହା ୦.୧%ର ସାମାନ୍ୟ ବୃଦ୍ଧି ସହିତ ୭.୫% ରହିବ ବୋଲି ଆଶା କରାଯାଉଛି। ତେବେ ଏହା ହ୍ରାସ ପାଇପାରେ ବୋଲି କମିଟି ଆଶଙ୍କା ମଧ୍ୟ ବ୍ୟକ୍ତ କରିଥିବା ସେ କହିବାକୁ ପଛାଇ ନାହାନ୍ତି।

■ ୨୦୧୮-୧୯ରେ ୭.୪% ରହିବ ଜିଡିପି




### ନିୟନ୍ତ୍ରଣରେ ମୁଦ୍ରାସ୍ଫୀତି

ଚଳିତ ମାସ ୩ରୁ ୫ ପର୍ଯ୍ୟନ୍ତ ଚାଲିଥିବା ବୈଠକ ଶେଷରେ କମିଟି ପକ୍ଷରୁ କୁହାଯାଇଛି ଯେ, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥିଲେ ହେଁ ଏହା ଆଗାମୀ ଦିନରେ ଆହୁରି ହ୍ରାସ ପାଇବ। ଏଥିରେ କୁହାଯାଇଛି ଯେ, ଦ୍ୱିତୀୟ ୬ ମାସ ପାଇଁ ମୁଦ୍ରାସ୍ଫୀତି ଅନୁମାନକୁ ହ୍ରାସ କରାଯାଇ ୨.୭ରୁ ୩.୨% କରାଯାଇଛି। ଏଥିପୂର୍ବରୁ ଅକ୍ଟୋବର ମୁଦ୍ରାନୀତିରେ ଏହା ୩.୯ରୁ ୪.୫% ରହିବ ବୋଲି ଅନୁମାନ କରାଯାଇଥିଲା। ତେବେ ଅକ୍ଟୋବରରେ ମୁଦ୍ରାନୀତି ସମୀକ୍ଷା ବେଳେ ଯେଉଁସବୁ ବିଷୟ ଉପରେ ଆଶଙ୍କା ବ୍ୟକ୍ତ କରାଯାଇଥିଲା ସେଥିରୁ ଅଧିକାଂଶ ଟଳିଯାଇଛି ବୋଲି ଗଭର୍ନର ଉଲ୍ଲେଖ କରିଛନ୍ତି। କିନ୍ତୁ ଏବେ ମଧ୍ୟ କିଛି ଅନିଶ୍ଚିତତା ଅଛି, ଯାହାର ପ୍ରଭାବରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ କିଛି ଖାଦ୍ୟପଦାର୍ଥ ଅସାମାନ୍ୟ ରୂପରେ ସର୍ବନିମ୍ନ ସ୍ତରରେ ରହିଛି। ଯାହାକି ଅଚାନକ ବଢ଼ିବାର ଆଶଙ୍କା ରହିଛି। ଜୁଲାଇରେ କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧିକରିବା ସତ୍ତ୍ୱେ ମୁଦ୍ରାସ୍ଫୀତି ଉପରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନାହିଁ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଆଗକୁ ଏହାର ପ୍ରଭାବ ଉପରେ ନଜର ରହିବ। ଏବେ ଅଶୋଧିତ ତେଲ ଦର କମିଛି ସତ, ଆଗକୁ ବିଭିନ୍ନ କାରଣରୁ ଏହା ବଢ଼ିବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ଏହାକୁ ଦୃଷ୍ଟିରେ ରଖିଲେ ମୁଦ୍ରାସ୍ଫୀତି ବଢ଼ିବାର ସମ୍ଭାବନାକୁ ଟାଳି ହେବନି ବୋଲି ଉର୍ଜିତ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ମୁଦ୍ରାସ୍ଫୀତି ୩.୮ରୁ ୪.୨% ରହିବ ବୋଲି ଅନୁମାନ କରାଯାଇଛି।

### ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଲାଗି ଅମ୍ବୁଡ୍‌ସମ୍ୟାନ

ଦେଶରେ ଡିଜିଟାଲ କାରବାର ବୃଦ୍ଧି ପାଉଥିବାରୁ ଏହା ଉପରେ ନଜର ରଖିବା ଲାଗି ଏକ ଆଇନଗତ ସଂସ୍ଥା ଗଠନ କରିବାକୁ କମିଟି ନିଷ୍ପତ୍ତି ନେଇଛନ୍ତି। ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଲାଗି ଜଣେ ଅମ୍ବୁଡ୍‌ସମ୍ୟାନ ନିଯୁକ୍ତ କରିବା ଲାଗି ଆସନ୍ତାବର୍ଷ ଜାନୁୟାରୀ ଶେଷରେ ଏକ ବିଜ୍ଞପ୍ତି ଜାରି କରାଯିବ।

### ପରବର୍ତ୍ତୀ ବୈଠକ ଫେବୃୟାରୀ ୫ରେ

ରିଜର୍ଭ ବ୍ୟାଙ୍କର ପରବର୍ତ୍ତୀ ଦ୍ୱିମାସିକ ମୁଦ୍ରା ନୀତି ବୈଠକ ଆସନ୍ତା ବର୍ଷ ଫେବୃୟାରୀ ୫ରୁ ବସିବ। ଏହା ୫ରୁ ୭ ତାରିଖ ଯାଏ ଚାଲିବ ବୋଲି ଗଭର୍ନର ପଟେଲ ପ୍ରକାଶ କରିଛନ୍ତି।

## ପ୍ରଶ୍ନ ଟାଳି ଗଲେ ଉର୍ଜିତ

**ସରକାରଙ୍କ ସହ ବିବାଦ**



ଭାରତୀୟ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କ ଉପୁଜିଥିବା ବିବାଦକୁ ନେଇ ଗଭର୍ନର ଉର୍ଜିତ ପଟେଲ ଚୁପ୍ ରହିବାକୁ ଶ୍ରେୟସ୍କର ମଣିଛନ୍ତି। ପଞ୍ଚମ ଦ୍ୱିମାସିକ ମୁଦ୍ରା ନୀତି ସମୀକ୍ଷା ପରେ ନିଆଯାଇଥିବା ନିଷ୍ପତ୍ତି ନେଇ ମୁମ୍ବାଇରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି। ତେବେ ବିବାଦକୁ ନେଇ ଆଗତ ସମସ୍ତ ପ୍ରଶ୍ନର କୌଣସି ଉତ୍ତର ଦେଇନାହାନ୍ତି। ମୁଦ୍ରା ନୀତି ସମ୍ପର୍କରେ ଏଠାରେ ଘୋଷଣା କରିବାକୁ ଆସିଥିବାରୁ ଏଭଳି ବିବାଦୀୟ ପ୍ରଶ୍ନର ଉତ୍ତର ସେ ଦେବାକୁ ଚାହାନ୍ତି ନାହିଁ। ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ପକ୍ଷରୁ ସ୍ୱାୟତ୍ତତା ନେଇ ଦିଆଯାଇଥିବା ମନ୍ତବ୍ୟ ଉପରେ ମଧ୍ୟ ସେ କିଛି କହି ନ ଥିଲେ।

## ଏନ୍‌ବିଏଫ୍‌ସିଙ୍କ ଲାଗି ଆଉ ପଦକ୍ଷେପ ନେବାର ଆବଶ୍ୟକତା ନାହିଁ



ଗତ ଦୁଇ ମାସ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏନ୍‌ବିଏଫ୍‌ସିଙ୍କ ଲାଗି କେତେଗୁଡ଼ିଏ ପଦକ୍ଷେପ ନିଆଯାଇଛି। ସଙ୍କଟରେ ଥିବା ଏହି ସେକ୍ଟର ପାଇଁ ଏବେ ଆଉ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ସଙ୍କଟ ଦୂର କରିବାର ଶେଷ ସୀମା ଭାବେ ଆର୍‌ବିଆଇ ରହିଛି। ସେ କହିଛନ୍ତି ଯେ, ବ୍ୟବସ୍ଥାଗତ ଭାବେ ନଗଦ ଆବଶ୍ୟକତା ଉପରେ ନଜର ଦେବା କେନ୍ଦ୍ରୀୟ ବ୍ୟାଙ୍କର ନୀତି ରହିଛି। ଏ ସମ୍ପର୍କରେ ଆର୍‌ବିଆଇ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ମୁଦ୍ରାନୀତି ଘୋଷଣା ଅବସରରେ ଗଭର୍ନର ଉର୍ଜିତ ପଟେଲଙ୍କ ସହ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଆଚାର୍ଯ୍ୟ କହିଛନ୍ତି ଯେ, ଋଣ ପ୍ରଦାନକାରୀ ଭାବେ ଆର୍‌ବିଆଇ ଶେଷ ଆଶା ହେବା ଉଚିତ୍। ତେବେ ସଙ୍କଟ ଅତ୍ୟନ୍ତ ଗୁରୁତର ହୋଇଥିଲେ ସେ କ୍ଷେତ୍ରରେ ଆର୍‌ବିଆଇ ପଦକ୍ଷେପ ନେବ। ଆର୍‌ବିଆଇ ହିସାବରେ ଏବେ ଏନ୍‌ବିଏଫ୍‌ସି କ୍ଷେତ୍ରରେ ସେଭଳି ସଙ୍କଟ ଉପୁନ୍ନ ହୋଇନି। ଦେଶର ଅର୍ଥନୀତି ଭଲ ରହିଥିବାରୁ ଜିଡିପି ହିସାବରେ ଋଣ ଅଭିବୃଦ୍ଧି ସନ୍ତୋଷଜନକ ବୋଲି ସେ କହିଛନ୍ତି।

## ଟିଭିଏସ୍‌ର ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି ଆଇ-ଟଚ୍ ଷ୍ଟାର୍ଟ

ଭୁବନେଶ୍ୱର,୫-୧୨




ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଟିଭିଏସ୍ ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି 'ଆଇଟଚ୍ ଷ୍ଟାର୍ଟ 'ଓଡ଼ିଶା ବଜାରରେ ପ୍ରବେଶ କରିଛି। କମ୍ପାନୀର ପୂର୍ବାଞ୍ଚଳ ଜାତୀୟ ମାର୍କେଟିଂ ପ୍ରବନ୍ଧକ ଅରବିନ୍ଦ କୁମାର ଗୁପ୍ତା, ମାର୍କେଟିଂ ଏଜିଏମ୍ ଏନ୍.ଆର୍. ବିଗ୍ନେଷ ଏହାକୁ ବଜାରରେ ପ୍ରବେଶ କରାଇଥିଲେ। ଏହା ଇଲେକଟ୍ରିକ ଷ୍ଟାର୍ଟ ପ୍ରଯୁକ୍ତି ଆଇ ଟଚ୍ ଷ୍ଟାର୍ଟ ସହ ଆସିଛି। ପ୍ରଥମଥର ଷ୍ଟାର୍ଟର ଜେନେରେଟର ସହ ଏହାକୁ ସମନ୍ୱିତ କରାଯାଇଛି। ଗ୍ରାହକମାନେ ଏଥିରେ ହାଇ ସ୍ପାର୍କ ଇଞ୍ଜିନ, ଉନ୍ନତ ପିକ୍ ଅପ୍, ସୁଦୃଢ ପ୍ରଦର୍ଶନ ଲାଭ କରିବେ। ସେହିଭଳି ବିଏସ୍ ୪ କ୍ଷମତାର ୯୯.୭ ସିସି ଫୋର ଷ୍ଟ୍ରୋକ ଇଞ୍ଜିନ, ୬ ହଜାର ଆରପିଏମ୍, ୩.୨୦ କେଡବ୍ଲ୍ୟୁ ପାୱାର, ୬.୫ ଏନ୍ ଏମ୍ ଟର୍କ ସୃଷ୍ଟି କରୁଛି। ସେହିଭଳି ଏଥିରେ ୟୁଏସ୍‌ବି ମୋବାଇଲ ଚାର୍ଜ ସୁବିଧା, ହେଭି ଡ୍ୟୁଟି ଡ୍ୟୁରୋ ଗ୍ରିପ ଟାୟାର ରହିଛି। ଏହା ସବୁଜ, ଲାଲ, ଟି ଗ୍ରେ, ନୀଳ, କପର ସାଇନରେ ବର୍ତ୍ତମାନ ଉପଲବ୍ଧ ହେଉଥିବା ବେଳେ ମିନେରାଲ ପର୍ପଲ ରଙ୍ଗକୁ ନୂଆ କରି ସଂଯୋଗ କରାଯାଇଛି। ଏହାର ବଜାର ଦର ୩୬,୯୧୩ ଟଙ୍କା ରହିଛି। ଗ୍ରାହକଙ୍କ ବିବିଧ କାର୍ଯ୍ୟ, ଦୀର୍ଘ ସ୍ଥାୟିତ୍ୱ ଏବଂ ଆରାମଦାୟକ ଅନୁଭୂତି ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ୟୁଟିଲିଟି ଉତ୍ପାଦ ଉପସଭାପତିଏସ୍. ବୈଦ୍ୟନାଥନ କହିଛନ୍ତି।

## ଯାନ ଦର ବଢ଼ାଇବ ମାରୁତି ସୁଜୁକି

ନୂଆଦିଲ୍ଲୀ,୫-୧୨

ମାରୁତି ସୁଜୁକି ଇଣ୍ଡିଆ ଆସନ୍ତା ମାସଠାରୁ ଏହାର ବିଭିନ୍ନ ମଡେଲ ଯାନଗୁଡିକ ଉପରେ ମୂଲ୍ୟ ବଢ଼ାଇବ। ବିଦେଶୀ ବିନିମୟ ହାରରେ ଏବଂ ସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। କେଉଁ ମଡେଲ ଉପରେ କେତେ ଟଙ୍କା ମୂଲ୍ୟ ବଢ଼ିବ, ସେ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ ସୂଚନା ମିଳି ନାହିଁ। ଏହା ଉପରେ କମ୍ପାନୀ ଆଗାମୀ ଦିନରେ ନିଷ୍ପତ୍ତି ନେବ ବୋଲି ବୁଧବାର ରେଗୁଲେଟୋରୀ ଫାଇଲିଂରେ ସୂଚନା ଦେଇଛି। ମାରୁତି ସୁଜୁକି ଅଲ୍‌ଟୋ ୮୦୦ ମଡେଲଠାରୁ ଆରମ୍ଭ କରି ପ୍ରିମିୟମ ଏସ୍ କ୍ରସ ବଜାରରେ ଉପଲବ୍ଧ କରାଉଛି। କମ୍ପାନୀର କାର୍ ମୂଲ୍ୟ ୨.୫୩ ଲକ୍ଷ ଟଙ୍କାରୁ ୧୧.୪୫ ଲକ୍ଷ ଟଙ୍କା ରହିଛି। ମଙ୍ଗଳବାର ଇସୁଜୁ ମୋଟର ଇଣ୍ଡିଆ ମଧ୍ୟ ଏହାର ଯାନ ଉପରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ନେଇ ଘୋଷଣା କରିଛି।



ଇନପୁଟ ଖର୍ଚ୍ଚ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ପଦକ୍ଷେପ ନେଇଛି। ଗତ ମାସରେ ଟୟୋଟା କିର୍ଲୋସ୍କାର ମୋଟର ଯାନ ବୃଦ୍ଧି ନେଇ ଘୋଷଣା କରିଥିଲା। କମ୍ପାନୀ ଜାନୁୟାରୀରୁ ଏହାର ବିଭିନ୍ନ ମଡେଲଗୁଡିକ ୪% ପର୍ଯ୍ୟନ୍ତ ମୂଲ୍ୟ ବଢାଇବ। ମାନୁଫାକଚରିଂ ଖର୍ଚ୍ଚ ବୃଦ୍ଧି, ଟଙ୍କା ମୂଲ୍ୟ ହ୍ରାସ ହେବାକୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା କହିଛି।

**SEALED TENDER NOTICE**

Sealed tender are invited in plain paper for sale of Govt. vehicle bearing No. OR-07-J-777 (Ambassodor) as per details given below to be received by Regd. Post in the Office of RDC(SD), Berhampur on or before 04.01.2019 at 3.30 P.M.
The same will be opened in the presence of tenderers or their authorised representatives at 4.00 P.M. on 04.01.2019. The intending tenderers shall have to deposit earnest money of Rs.1000/- (Rupees one thousand) only in the Office of RDC, SD, Berhampur and the original money receipt acknowledging the deposit should be attached to each tender paper. The tenderer shall write in red ink on the top of the envelope, "Tender paper for Govt. Vehicle No. OR-07-J-7777" (Ambassodor). The RDC, SD, Odisha, Berhampur reserves the right to reject all or any tender without assigning any reason thereof and his decision shall be final. Other terms & conditions are available in the Office of the undersigned and can be obtained from the Nazir, RDC Office. The intending tenderers or their authorised agents may inspect the vehicle on any working day prior to date of tender in the garage of Office of the RDC, SD, Berhampur during office hours.

**Details of Vehicles**
1. Regiatration No.: OR-07-J-7777
2. Type of Vehicle - Ambassodor
3. Date of Purchase - 22.01.2003
4. Cost Price - Rs.3,80,000.00
5. Total KMs Covered - 175314
6. Upset price fixed - Rs.10,000.00 (Rupees ten thousand only)

By order of RDC, SD
Sd./- Additional Secretary

**DISTRICT SUPPLY & MARKETING SOCIETY, KENDRAPARA**

Notice No.: 304 Date: 04.12.18

**TENDER CALL NOTICE**

Sealed tenders are invited from the experienced Firm/Agencies/ Event Management Firms having successful track record on Tentage & Allied Works and Event Management Services for organization of the **State Level Pallishree Mela - 2018** from **20th - 26th December' 2018** at Kendrapara Autonomous College Ground, Kendrapara. The request for Proposal (RFP) along with the details specifications and Eligibility Criteria of the said event can be downloaed from the website: **www.kendrapara.nic.in** and **www.ormas.org** from **06th December'2018 to 12th December' 2018**.

Sd./- Project Director, DRDA-cum-
Vice Chairman, DSMS, Kendrapara

**OFFICE OF THE ASKA COOP. SUGAR INDUSTRIES LTD, NUAGAM (ASKA)**

PO: NUAGAM (ASKA)- 761111, GANJAM DISTRICT, ODISHA
Phones: 06822-273464, email.askasugar@yahoo.co.in, website: www.askasugar.com

Tender No: 1929 Date: 04.12.2018

**Revised Sealed Tender Call Notice**

The Aska Cooperative Sugar Industries Ltd., Aska invites sealed tenders from the interested Associations of Truck Owners (having their valid registration number)/ Truck Owners for engagement of 60 (Sixty) number of trucks of 10 MT capacity for transportation of sugarcane from cane field of growers to Aska Cooperative Sugar Industries Ltd premises within a radious of 70 KM for the Crushing Season 2018-19. The cane transportation will commence tentatively from 2nd Fortnight of December 2018 till end of the curshing operation of the Industry. The last date of filling of tender is 5.00 PM of 08.12.2018 and tender will be opened on date 10.12.2018 at 11.30 AM. Interested Associations/ Truck owners can visit to our website www.askasugar.com for detail of the tender call notice and terms & condition of engagement of trucks.

Sd./- Managing Director

**ODISHA STATE HOUSING BOARD**

SACHIVALAYA MARG, BHUBANESWAR-751001
Phones EPABX: (0674)_ 2393524, 2390141, 2391542, FAX: (0674) 2393952
Visit us at: http://www.oshb.org

**'ଅନୁଗୁଳ ଏନ୍‌କ୍ଲେଭ' ନିମନ୍ତେ ପରିବେଶ ମଞ୍ଜୁରୀ**

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ଅନୁଗୁଳଠାରେ ପ୍ରସ୍ତାବିତ ଗୃହ ନିର୍ମାଣ ପ୍ରକଳ୍ପ 'ଅନୁଗୁଳ ଏନକ୍ଲେଭ୍' ନିମନ୍ତେ State Environment Impact Assessment Authority (SEIAA) ଙ୍କ ଦ୍ୱାରା ପରିବେଶ ମଞ୍ଜୁରୀ ଦିଆଯାଇଛି। ଏହି ଚିଠି 6210/SEIAA/ dt. 09.11.2018 ର ନକଲ SEIAA, Odisha ଏବଂ Odisha State Pollution Control Board ର Website ରେ ଉପଲବ୍ଧ।

Sd./- Executive Engineer
P.H. Division
OSHB, Bhubaneswar

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧, ଫୋନ୍ – (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫ୍ୟାକ୍ସ: (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ବିଜ୍ଞାପନ ସଂଖ୍ୟା: 13342 ତାରିଖ: 24 Nov. 2018

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ✓ ଅଦ୍ୱୈତ ଚନ୍ଦ୍ର ପଣ୍ଡା<br>✓ ଗତିକୃଷ୍ଣ ପଣ୍ଡା<br>ଗ୍ରାମ/ପୋ: ଭାପୁର,<br>ଥାନା: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ | ଏଲ୍.ଡ଼ି.ଏଲ୍ – ୧୪୧<br>ସାନଶାତ ବାଟିଆ<br>ଢେଙ୍କାନାଳ | ୧. ଜଗତକୃଷ୍ଣ ପ୍ରହରାଜ (ପୁଅ)<br>୨. ଦେବକୃଷ୍ଣ ପ୍ରହରାଜ (ପୁଅ)<br>୩. ରାଧାରାଣୀ ଦେବୀ (ଝିଅ)<br>୪. ରମାରାଣୀ ଦେବୀ (ଝିଅ) |
| ୨. | ✓ ବାବାଜୀ ପ୍ରସାଦ ନାୟକ<br>ପିତା: ✓ ନବଘନ ନାୟକ<br>ଗ୍ରାମ/ପୋ: କାଳିଓ, ଥାନା: ବାଲିକୁଦା<br>ଜିଲ୍ଲା: ଜଗତସିଂହପୁର | ଘର ନଂ.– FL - ୨୦୯<br>ବାସନ୍ତୀ କଲୋନୀ,<br>ପର୍ଯ୍ୟାୟ–୪, ରାଉରକେଲା | ୧. ରୀତାଞ୍ଜଳି ନାୟକ (ସ୍ତ୍ରୀ)<br>୨. ଅନୁରାଧା ନାୟକ (ବିବାହିତା କନ୍ୟା)<br>୩. ଅମ୍ରିତା ନାୟକ (ବିବାହିତା କନ୍ୟା)<br>୪. କୁନ୍‌ମୁନ୍ ନାୟକ (ଅବିବାହିତା କନ୍ୟା)<br>୫. ଦେବୀପ୍ରସାଦ ନାୟକ (ପୁତ୍ର) |
| ୩. | ✓ ସୁରେଶ ଚନ୍ଦ୍ର ଦୋରା<br>ପିତା: ✓ ବସନ୍ତ ବିହାରୀ ଦୋରା<br>ଗ୍ରାମ: ଚେରୁଆପଡ଼ା<br>ଥାନା: ଟାଉନ, ଜିଲ୍ଲା: ସମ୍ବଲପୁର–୨ | ଘର ନଂ.– ଏମ୍‌ଆଇଜି–୧–୧୯/୩, ମୋଦିପଡ଼ା,<br>ପର୍ଯ୍ୟାୟ–୧, ସମ୍ବଲପୁର | ୧. ✓ ଉଷାରାଣୀ ଦୋରା (ସ୍ତ୍ରୀ)<br>୨. କେ. ସଂଘମିତ୍ରା ଦୋରା (ବିବାହିତା କନ୍ୟା)<br>୩. ରଚୟିତା ଦୋରା (ବିବାହିତା କନ୍ୟା)<br>୪. ନିବେଦିତା ଦୋରା (ଅବିବାହିତା କନ୍ୟା)<br>୫. ସୁଚରିତା (ଅବିବାହିତା କନ୍ୟା)<br>୬. ଜିତେଶ ଚନ୍ଦ୍ର ଦୋରା (ଅବିବାହିତା ପୁତ୍ର) |
| ୪. | ✓ ପ୍ରମୋଦ କୁମାର ନାଥ<br>ପିତା: ✓ ନରେଶ ଚନ୍ଦ୍ର ନାଥ<br>ଗ୍ରା/ପୋ.: ଗୌଡ଼ପଲ୍ଲୀ<br>ଥାନା: ଜମନକିରା, ଜିଲ୍ଲା: ସମ୍ବଲପୁର | ଘର ନଂ.– ଏମ୍‌ଆଇଜି–୨–୧/୧, ମୋଦିପଡ଼ା,<br>ପର୍ଯ୍ୟାୟ–୨, ସମ୍ବଲପୁର | ୧. ଅନିତା ମାଝୀ (ସ୍ତ୍ରୀ)<br>୨. ଅମିତ୍ ନାଥ (ପୁଅ)<br>୩. ପ୍ରିୟଙ୍କା ନାଥ (ଝିଅ) |
| ୫. | ✓ ସତ୍ୟନାରାୟଣ ପାତ୍ର<br>ପିତା: ✓ ଦାମୋଦର ପାତ୍ର<br>ଗ୍ରାମ: ମାର୍କଣ୍ଡେଶ୍ୱର ସାହି, ପୁରୀ<br>ପୋ./ଥାନା/ଜିଲ୍ଲା: ପୁରୀ | ଏଲ୍‌ଆର୍–୫୨<br>ରାୟଗଡ଼ ଫେଜ୍ – ୧<br>ରାୟଗଡ଼ା | ୧. ସବିତା ପାତ୍ର (୪୬) ସ୍ତ୍ରୀ<br>୨. ସୋନାଲି ପାତ୍ର (୨୪) ବିବାହିତା ଝିଅ<br>୩. ଶୁଭାଙ୍ଗି ପ୍ରିୟଦର୍ଶିନୀ (୧୯) ଅବିବାହିତା ଝିଅ |
| ୬. | ✓ ଶ୍ରୀ ସୁନୀଲ୍ କୁମାର ଗଡ଼ନାୟକ<br>ପିତା: ✓ ରାମଚନ୍ଦ୍ର ଗଡ଼ନାୟକ | ଏମ୍–୨, ସି.ଆର୍.–୨୩,<br>ପ୍ରଥମ ପର୍ଯ୍ୟାୟ, ଛେଣ୍ଡ,<br>ରାଉରକେଲା | ୧. ଶ୍ରୀମତୀ ସୁଦେଷ୍ଣା ଗଡ଼ନାୟକ (ସ୍ତ୍ରୀ)<br>୨. ଶ୍ରୀମତୀ ଅନିତା ଗଡ଼ନାୟକ (ବିବାହିତା ଝିଅ)<br>୩. ଅନିଲ୍ କୁମାର ଗଡ଼ନାୟକ (ପୁଅ)<br>୪. ଅମିତା ଗଡ଼ନାୟକ (ବିବାହିତା ଝିଅ)<br>୫. ଅସିତ୍ କୁମାର ଗଡ଼ନାୟକ (ପୁଅ) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ନେଦରଲାଣ୍ଡକୁ ହରାଇଲା ଜର୍ମାନୀ

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ଶେଷ କ୍ୱାର୍ଟରରେ ୩ଟି ଗୋଲ ଦେଇ ଜର୍ମାନୀ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ନେଦରଲାଣ୍ଡକୁ ହରାଇବା ସହ ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ୭ ମିନିଟ ମଧ୍ୟରେ ଏହି ୩ ଗୋଲ ସ୍କୋର କରିଥିଲା ଜର୍ମାନୀ। ଫଳରେ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପୁଲ୍ 'ଡି' ମ୍ୟାଚରେ ଜର୍ମାନୀ ୪-୧ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରିଛି। ଜର୍ମାନୀ କ୍ରମାଗତ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇଥିବାବେଳେ ନେଦରଲାଣ୍ଡ ୨ ମ୍ୟାଚ ଖେଳି ୩ ପଏଣ୍ଟରେ ସ୍ଥିର ରହିଛି। ପ୍ରଥମ ମ୍ୟାଚରେ ନେଦରଲାଣ୍ଡ ୭-୦ ଗୋଲରେ ମାଲେସିଆକୁ ଏବଂ ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ୯ ତାରିଖରେ ଜର୍ମାନୀ-ମାଲେସିଆ ଓ ନେଦରଲାଣ୍ଡ-ପାକିସ୍ତାନ ମ୍ୟାଚ ପରେ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ଏବଂ କେଉଁ ୨ ଦଳ କ୍ରସ୍ ଓଭର ମ୍ୟାଚ ଖେଳିବେ ତାହା ସ୍ଥିର ହେବ। ବୁଧବାର ଭାରତର କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ସମାହିତ ବଳ ଅତିଥିଭାବେ ଯୋଗଦେଇ ଜର୍ମାନୀର ଫ୍ଲୋରିଆନ ଫୁଚ୍ସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଫୁଚ୍ସଙ୍କୁ ୫୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

ବିଶ୍ୱର ୪(ନେଦରଲାଣ୍ଡ) ଓ ୬ (ଜର୍ମାନୀ) ନମ୍ବର ଦଳ ମଧ୍ୟରେ ମୁକାବିଲା ସ୍ୱାଭାବିକ ଭାବେ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୮ମ ମିନିଟରେ ନେଦରଲାଣ୍ଡ ଅଧିନାୟକ ବିଲି ବାକର ଦଳ ପାଇଁ ପ୍ରଥମ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଜର୍ମାନୀ ଗୋଲକିପର ୱାଲ୍ଟର ଟୋବିଆସଙ୍କ ଚମତ୍କାର ସେଭ୍ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ୧୩ତମ ମିନିଟରେ ରବର୍ଟ କେମ୍ପରମ୍ୟାନ ଗୋଲ ଦେବାରୁ ବଞ୍ଚିତ ହୋଇଥିଲେ ହେଁ ଫେରିଆସୁଥିବା ବଲ୍‌କୁ ଗୋଲପୋଷ୍ଟକୁ ପଠାଇ ୧୦ ନମ୍ବର ଖେଳାଳି ଭାଲେଣ୍ଟିନ ଭର୍ଗା ନେଦରଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଜର୍ମାନୀ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ୩ ଖେଳାଳିଙ୍କ ପାସ୍ ରଣନୀତି ଫେଲ୍ ମାରିଥିଲା। ପ୍ରଥମ କ୍ୱାର୍ଟରରେ ନେଦରଲାଣ୍ଡ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଜର୍ମାନୀର ମିଡ୍‌ଫିଲ୍ଡରେ ତ୍ରୁଟି ଯୋଗୁ ନେଦରଲାଣ୍ଡ ୮ ଥର ଏହାର ସର୍କଲରେ ପ୍ରବେଶ କରିବା ସୁଯୋଗ ପାଇଥିଲା। ମାତ୍ର ଜର୍ମାନୀ ଡିଫେଣ୍ଡରମାନେ ଦକ୍ଷତାର ଏହାକୁ ପ୍ରତିହତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଜର୍ମାନୀ ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋରଦାର କରିଥିବାବେଳେ ନେଦରଲାଣ୍ଡ ଆକ୍ରମଣ ରଣନୀତି ବଳବତ୍ତର ରଖିଥିଲା। ୨୧ ତମ ମିନିଟରେ ଜର୍ମାନୀ ଗୋଲ ପୋଷ୍ଟ ନିକଟରେ ଗ୍ୟାପ୍‌ର ସୁଯୋଗ ନେଇ ବିଲି ବାକର ଏକ ଚମତ୍କାର ପାସ ଦେଇଥିଲେ ହେଁ କୌଣସି ନେଦରଲାଣ୍ଡ ଖେଳାଳି ପ୍ରତିପକ୍ଷ ଗୋଲପୋଷ୍ଟ ନିକଟରେ ଉପସ୍ଥିତ ନ ଥିଲେ। ୨୯ତମ ମିନିଟରେ ଜର୍ମାନୀକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଅଧିନାୟକ ମାର୍ଟିନ ହାନେରଙ୍କ ଫ୍ଲିକ୍ ସେଭ୍ ହୋଇ ଯାଇଥିଲା। ତେବେ ଜର୍ମାନୀକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ପରିବର୍ତ୍ତିତ ରଣନୀତିରେ ବଲ୍ ଷ୍ଟପ୍ ପରେ ରୁହର ଖ୍ରିଷ୍ଟୋଫର ବଲ୍‌କୁ ସିଧା ନ ମାରି ମାଥିଆସ ମୁଲରଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ୩୦ତମ ମିନିଟରେ ମୁଲର ଗୋଲ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା।

ତୃତୀୟ କ୍ୱାର୍ଟରରେ ନେଦରଲାଣ୍ଡ ପୁଣି ଅଗ୍ରଣୀ ନେବା ପ୍ରୟାସରେ ରହିଥିଲା। ଦଳପାଇଁ ୪୧ତମ ମିନିଟରେ ସୁଯୋଗ ଆସିଥିଲା। ପେନାଲ୍ଟି କର୍ନର ସମୟରେ ଜର୍ମାନୀର ଟୋବିଆସ ହୁକ୍ ଆଗୁଆ ବାହାରି ଆସିଥିବାରୁ ରେଫରି କାର୍ଡ ଦେଖାଇ ପଡ଼ିଆରୁ ବାହାର କରି ଦେଇଥିଲେ। ନେଦରଲାଣ୍ଡ କ୍ରମାଗତ ୩ଟି ପେନାଲ୍ଟି କର୍ନର ପାଇଥିଲା। ଏହା ସତ୍ତ୍ୱେ ଜେରନ ହର୍ଜବର୍ଗର ଗୋଲ ସ୍କୋର କରିପାରି ନ ଥିଲେ। ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ୪ର୍ଥ କ୍ୱାର୍ଟର ଜର୍ମାନୀ ପାଇଁ ସ୍ମରଣୀୟ ହୋଇ ଯାଇଥିଲା। ୫୧ତମ ମିନିଟରେ ଫ୍ଲୋରିଆନ ଫୁଚ୍ସ ଜର୍ମାନୀ ପାଇଁ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ୫୨ତମ ମିନିଟରେ ଲୁକାସ ୱିଣ୍ଡଫେଡର ଏହାକୁ ଗୋଲରେ ପରିଣତ କରି ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ଏହାର ୨ ମିନିଟ ପରେ ଜର୍ମାନୀର ମାର୍କୋ ମିଲ୍ଟକାଉ ଏକ ଫିଲ୍ଡ ଗୋଲ ଦେଇ ନେଦରଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ନେଦରଲାଣ୍ଡ ଚାପକୁ ଆସି ଯାଇଥିବା ସୁଯୋଗ ନେଇ ଜର୍ମାନୀ ଘନ ଘନ ଆକ୍ରମଣ କରିଥିଲା। ୫୮ତମ ମିନିଟରେ ଜର୍ମାନୀକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଚ୍ୟାଲେଞ୍ଜ କରି ଭିଡିଓ ରେଫରାଲ ମାଗିଥିଲା ନେଦରଲାଣ୍ଡ। ଏହି ଦଳ ରେଫରାଲରେ ଭୁଲ ପ୍ରମାଣିତ ହେବାରୁ ଦଣ୍ଡ ସ୍ୱରୂପ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର କରାଯାଇଥିଲା। ୧୭ ନମ୍ବର ଖେଳାଳି ଖ୍ରିଷ୍ଟୋଫର ରୁହର ନେଦରଲାଣ୍ଡ ଗୋଲକିପର ପିରମିନ୍ ବ୍ଲାକ୍‌ଙ୍କୁ ବିଟ୍ କରି ଗୋଲ ସ୍କୋର କରିଥିଲେ ଫଳରେ ଜର୍ମାନୀ ୪-୧ ଗୋଲରେ ବିଜୟୀ ହୋଇଥିଲା। ଚଳିତ ବିଶ୍ୱକପରେ ଏହା ତୃତୀୟ ପେନାଲ୍ଟି ଷ୍ଟ୍ରୋକ୍ ଥିଲା।



ଜର୍ମାନୀ ଓ ନେଦରଲାଣ୍ଡ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଗୋଲ ସ୍କୋରର**

**ଜର୍ମାନୀ-୪**
- ମାଥିଆସ ମୁଲର: ୩୦ତମ ମିନିଟ
- ଲୁକାସ ୱିଣ୍ଡଫେଡର: ୫୨ତମ ମିନିଟ
- ମାର୍କୋ ମିଲ୍ଟକାଉ: ୫୪ତମ ମିନିଟ
- ଖ୍ରିଷ୍ଟୋଫର ରୁହର: ୫୮ତମ ମିନିଟ୍

**ନେଦରଲାଣ୍ଡ-୧**
- ଭାଲେଣ୍ଟିନ ଭର୍ଗା: ୧୩ ତମ ମିନିଟ

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୨ | ୨ | ୦ | ୦ | ୭ | ୩ | +୪ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୨ | ୪ | -୨ | ୩ |
| ସ୍ପେନ୍ | ୨ | ୦ | ୧ | ୧ | ୪ | ୫ | -୧ | ୧ |
| ଫ୍ରାନ୍ସ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଚାଇନା | ୨ | ୦ | ୨ | ୦ | ୩ | ୩ | ୦ | ୨ |
| ଆୟର୍ଲାଣ୍ଡ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଇଂଲଣ୍ଡ | ୨ | ୦ | ୧ | ୧ | ୨ | ୫ | -୩ | ୧ |
| **ପୁଲ୍-ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ନେଦରଲାଣ୍ଡ | ୨ | ୧ | ୦ | ୧ | ୮ | ୪ | +୪ | ୩ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | ୨ | -୧ | ୧ |
| ମାଲେସିଆ | ୨ | ୦ | ୧ | ୧ | ୧ | ୮ | -୭ | ୧ |

(**ବି.ଦ୍ର:** ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

## ବାପାଙ୍କୁ ଦେଖିବାକୁ ଘରକୁ ଗଲେ ଶ୍ରୀଜେସ

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍ ହୃଦ୍‌ଘାତ୍‌ର ଶିକାର ହୋଇଥିବା ତାଙ୍କ ବାପା ପି.ଭି. ରବୀନ୍ଦ୍ରନ୍‌ଙ୍କୁ ଦେଖିବା ପାଇଁ ଘରକୁ ଫେରିଛନ୍ତି। ତେବେ ଶନିବାର ଖେଳାଯିବାକୁ ଥିବା ଭାରତ ଅନ୍ତିମ ପୁଲ୍ ସି' ମ୍ୟାଚ୍‌ବେଳକୁ ସେ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି। ୩୦ ବର୍ଷୀୟ ଗୋଲକିପର ଶ୍ରୀଜେସ ଭାରତୀୟ ଦଳର ଜଣେ ନିୟମିତ ସଦସ୍ୟ ରହିଆସିଛନ୍ତି। ଚଳିତ ବିଶ୍ୱକପ୍‌ରେ ଦଳ ପାଇଁ ତାଙ୍କର ଯଥେଷ୍ଟ ଭୂମିକା ରହିଛି। ଉଚ୍ଚକୋଟୀର ଗୋଲ କିପିଙ୍ଗ୍ କରିବା ସଙ୍ଗେ ସଙ୍ଗେ ଶ୍ରୀଜେସ ଗୋଲ ପୋଷ୍ଟ ନିକଟରୁ ସାଥୀ ଖେଳାଳିଙ୍କୁ ମ୍ୟାଚ୍ ଅବସରରେ ନିର୍ଦ୍ଦେଶ ଦେଉଥିବାର ଦେଖାଯାଇଥାଏ। କାନାଡ଼ା ବିପକ୍ଷ ମ୍ୟାଚ୍‌ରେ ଦଳରେ ଶ୍ରୀଜେସଙ୍କ ଉପସ୍ଥିତି ନିହାତି ଜରୁରୀ। ଏହି ମ୍ୟାଚ୍‌ର ଫଳାଫଳ ଉପରେ ପୁଲ୍ ସି'ରେ ଭାରତ ସ୍ଥାନ ନିର୍ଭର କରୁଛି। ଯଦି ଭାରତ ପୁଲ ସି'ରେ ଶୀର୍ଷସ୍ଥାନ ଅଧିକାର ନ କରୁଛି ତେବେ ଏହି ଆୟୋଜକ ଦଳକୁ କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ହେବ। ଏହି କ୍ରସ୍ ଓଭର ମ୍ୟାଚ୍‌ରେ ଭାରତ ପୁଲ ଡି'ରେ ସାମିଲ ଥିବା ଜର୍ମାନୀ, ନେଦରଲାଣ୍ଡ, ମାଲେସିଆ ଓ ପାକିସ୍ତାନ ମଧ୍ୟରୁ ଗୋଟିଏ ଦଳ ବିପକ୍ଷରେ ପଡିଆକୁ ଓହ୍ଲାଇବ। ଉଲ୍ଲେଖଥାଉ କି, ଭାରତ ଚଳିତ ବିଶ୍ୱକପ୍‌ରେ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ପରାସ୍ତ କରିଥିଲା। ତେବେ ବେଲଜିୟମ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ଏବେ ପୁଲ୍ ଶୀର୍ଷରେ ରହିବା ପାଇଁ ଭାରତକୁ ବୃହତ୍ ବ୍ୟବଧାନରେ ହରାଇବା ଅପରିହାର୍ଯ୍ୟ ହୋଇ ପଡିଛି।

## ମାଲେସିଆ-ପାକିସ୍ତାନ ମ୍ୟାଚ ଡ୍ର

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ମାଲେସିଆ-ପାକିସ୍ତାନ ପୁଲ୍'ଡି' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଦୁଇ ଦଳ ପଏଣ୍ଟ ଭାଗ କରିଛନ୍ତି। ତେଣୁ ଏଥିରୁ ଗୋଟିଏ ଦଳ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ଏହି ମ୍ୟାଚର ଫଳାଫଳ ନେଦରଲାଣ୍ଡକୁ ଫାଇଦାରେ ମଧ୍ୟ ରଖିଛି। କାରଣ ପୁଲ୍'ଡି'ରେ ଜର୍ମାନୀ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଥିବାବେଳେ ନେଦରଲାଣ୍ଡ ସମାନ ମ୍ୟାଚରୁ ୩ ପଏଣ୍ଟ ପାଇଥିବାରୁ ସିଧାସଳଖ କ୍ୱାର୍ଟର ଫାଇନାଲ ପ୍ରବେଶ ସମ୍ଭାବନା ଉଜ୍ଜୀବିତ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ଓ ମାଲେସିଆ ୧ ପଏଣ୍ଟ ଲେଖାଏ ପାଇଥିବାରୁସେମାନଙ୍କ ଭାଗ୍ୟ ଶେଷ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ପୁଲ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ୪ର୍ଥ ସ୍ଥାନୀୟ ଦଳ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବ। ତେଣୁ ନେଦରଲାଣ୍ଡ ୩ ପଏଣ୍ଟ ପାଇ ସାରିଥିବାରୁ ଅତିକମ୍‌ରେ ପୁଲ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ସମ୍ଭାବନାକୁ ଏଡ଼ାଇ ଦେଇ ପାରିଛି। ମାଲେସିଆ ଏହାର ପ୍ରଥମ ମ୍ୟାଚରେ ନେଦରଲାଣ୍ଡଠାରୁ ୦-୭ ଗୋଲରେ ହାରିଥିଲା। ସେହିପରି ପାକିସ୍ତାନ ୦-୧ ଗୋଲରେ ଜର୍ମାନୀଠାରୁ ପରାଜିତ ହୋଇଥିଲା। ପାକିସ୍ତାନ ଏହାର ଶେଷ ପୁଲ୍ ମ୍ୟାଚରେ ୯ ତାରିଖରେ ନେଦରଲାଣ୍ଡକୁ ଭେଟିବ। ସେହିଦିନ ମାଲେସିଆ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବ।

ବିଶ୍ୱ ର୍‍ୟାଙ୍କିଙ୍ଗର ୧୨ ନମ୍ବର ମାଲେସିଆ ଓ ୧୩ ନମ୍ବର ର୍‍ୟାଙ୍କ୍‌ପ୍ରାପ୍ତ ପାକିସ୍ତାନ ସମକକ୍ଷ ଦଳ ହୋଇଥିବାରୁ ଆରମ୍ଭରୁ ପରସ୍ପର ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ। ୪ର୍ଥ ମିନିଟରେ ଅଗ୍ରଣୀ ନେବାପାଇଁ ମାଲେସିଆ ନିକଟରେ ସୁଯୋଗ ଆସିଥିଲା ମାତ୍ର ଦଳ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲା। ଏହାର କିଛି କ୍ଷଣ ପରେ ଅର୍ଥାତ୍ ସେହି ୪ର୍ଥ ମିନିଟରେ ପାକିସ୍ତାନକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଏହା ମଧ୍ୟ ବେକାର ଯାଇଥିଲା। କଡ଼ା ସଂଘର୍ଷସତ୍ତ୍ୱେ ପ୍ରଥମ ତିନି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତେଣୁ ଅନ୍ତିମ କ୍ୱାର୍ଟରରେ ଗୋଲ ସ୍କୋରିଂ ଉପରେ ଉଭୟ ଦଳ ଗୁରୁତ୍ୱ ଦେଇଥିଲେ। ୫୧ତମ ମିନିଟରେ ଆତିକ୍ ମହମ୍ମଦ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ଏହାର ୪ ମିନିଟ ପରେ ଅର୍ଥାତ୍ ୫୫ତମ ମିନିଟରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ସାରି ଫୈଜଲ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଶେଷରେ ଫୈଜଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମଧ୍ୟ ବିବେଚିତ ହୋଇଥିଲେ। ଖେଳ ଶେଷ ହେବାର ଶେଷ ମୁହୂର୍ତ୍ତରେ ପାକିସ୍ତାନ ପେନାଲ୍ଟି କର୍ନର ପାଇଁ ଏକ ରେଫରାଲ ମାଗିଥିଲା। ମାତ୍ର ତାହା ନାକଚ ହୋଇ ଯାଇଥିଲା। ପାକିସ୍ତାନର ମହମ୍ମଦ ଅନ୍‌ସାରି ୩୯ ଓ ମାଲେସିଆର ସୁମନ୍ତ୍ରୀ ନୁର୍‌ସ୍ୟାଫିକ୍ ୪୮ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ମ୍ୟାଚରେ ମାଲେସିଆ ୫୪.୫୦ ଓ ପାକିସ୍ତାନ ୪୫.୫୦ ଭାଗ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲେ। ମାଲେସିଆ ୧୮ ଥର ପାକିସ୍ତାନ ସର୍କଲରେ ପଶିଥିବାବେଳେ ପାକିସ୍ତାନ ୧୩ଥର ମାଲେସିଆ ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇଥିଲା। ମାଲେସିଆ ୭ଟି ଓ ପାକିସ୍ତାନ ୪ଟି ପେନାଲ୍ଟି କର୍ନର ପାଇଥିଲା। ସେଥିରୁ ମାଲେସିଆ କେବଳ ଗୋଟିଏକୁ ଗୋଲରେ ପରିଣତ କରି ପାରିଥିଲା। ଏହାକୁ ମିଶାଇ ମାଲେସିଆ-ପାକିସ୍ତାନ ମ୍ୟାଚ ବିଶ୍ୱକପରେ ୩ୟ ଥରପାଇଁ ଡ୍ର ରହିଛି। ୧୫ ମୁକାବିଲାରୁ ମାଲେସିଆ ୪ ଓ ପାକିସ୍ତାନ ୮ ମ୍ୟାଚରେ ବିଜୟୀ ହୋଇଛି।



ମାଲେସିଆ-ପାକିସ୍ତାନ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚ।

**ଗୋଲ ସ୍କୋରର**

**ପାକିସ୍ତାନ-୧**
- ଆତିକ୍ ମହମ୍ମଦ: ୫୧ତମ ମିନିଟ

**ମାଲେସିଆ-୧**
- ସାରି ଫୈଜଲ: ୫୫ତମ ମିନିଟ


ବୁଧବାର ଧଉଳି ଭ୍ରମଣରେ ଯାଇଥିବା ଆୟର୍ଲାଣ୍ଡ ହକି ଦଳର ଖେଳାଳିମାନେ।



ଜଣେ କୁନି ପ୍ରଶଂସକ।


ଫ୍ୟାନ ଭିଲେଜରେ କିଛି ବିଦେଶୀ ପ୍ରଶଂସକ।



ସୀମିତ ଓଭର କ୍ରିକେଟରେ ମନୋନିବେଶ ପାଇଁ ମୁଁ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେବାକୁ ଚାହେଁନା ।

–ଦୀନେଶ କାର୍ତ୍ତିକ, ଭାରତୀୟ କ୍ରିକେଟର



ଗୁରୁବାରଠାରୁ ଆରମ୍ଭ ହେବାକୁଥିବା ଟେଷ୍ଟ ସିରିଜରେ ଆମ ଭଳି ଭାରତୀୟ ଦଳ ମଧ୍ୟରେ ଚାପରେ ରହିବ ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲୀୟ କ୍ରିକେଟ କୋଚ୍

## ସଂକ୍ଷେପରେ

### ଟେଷ୍ଟରୁ ହାଫିଜଙ୍କ ଅବସର ଘୋଷଣା

ଆବୁଧାବି,୫।୧୨- ଖରାପ ଫର୍ମ ସହ ସଂଘର୍ଷ କରୁଥିବା ପାକିସ୍ତାନ ଦଳର ଓପନର ମହମ୍ମଦ ହାଫିଜ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଯାଉଛନ୍ତି। ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ୩ୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ତାଙ୍କ ଟେଷ୍ଟ କ୍ୟାରିୟରର ଅନ୍ତ କରିବେ। ଏ ନେଇ ୩୮ ବର୍ଷୀୟ ବ୍ୟାଟ୍ସମ୍ୟାନ ସୂଚନା ଦେଇଛନ୍ତି। ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ଦଳକୁ ଫେରିବା ପରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଶତକ ମାରିଥିଲେ। ଏହାପରେ ସେ ୭ଟି ଇନିଂସରୁ ମାତ୍ର ୬୬ ରନ୍ କରିବାକୁ ସକ୍ଷମ ହୋଇଛନ୍ତି। ଆବୁଧାବି ଟେଷ୍ଟ ହାଫିଜଙ୍କ କ୍ୟାରିୟରର ୫୫ତମ ମ୍ୟାଚ୍। ୨୦୦୩ରେ ବାଂଲାଦେଶ ବିପକ୍ଷରେ ପଦାର୍ପଣ କରିବା ପରେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏପର୍ଯ୍ୟନ୍ତ ୧୦ ଶତକ ଓ ୧୨ ଅର୍ଦ୍ଧଶତକ ସହ ମୋଟ ୩୬୪୪ ରନ୍ କରିଛନ୍ତି। ମୁଁ ଟେଷ୍ଟ କ୍ରିକେଟରୁ ଅବସର ନେବା ଲାଗି ଗତ ଦୁଇ ସପ୍ତାହ ହେଲା ଚିନ୍ତା କରୁଥିଲି। ଭାବୁଛି, ୫ ଦିନିଆ ଫର୍ମାଟରୁ ଅଲ୍‌ବିଦା କରିବାକୁ ସମୟ ଆସିଯାଇଛି। ଟେଷ୍ଟ କ୍ରିକେଟରେ ମୁଁ ଯେଉଁ ସଫଳତା ପାଇଛି, ସେଥିରେ ସନ୍ତୁଷ୍ଟ। କିନ୍ତୁ ମୁଁ ସୀମିତ ଓଭର କ୍ରିକେଟରେ ଖେଳିବା ଜାରି ରଖିବି। ଏହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ହାଫିଜ କହିଛନ୍ତି। ସେ ୨୦୧୫ରେ ବାଂଲାଦେଶ ବିପକ୍ଷରେ କ୍ୟାରିୟରର ଶ୍ରେଷ୍ଠ ୨୨୪ ରନ୍‌ର ଇନିଂସ ଖେଳିଥିଲେ। ଉଲ୍ଲେଖଥାଉ କି, ହାଫିଜ ଟେଷ୍ଟ ବ୍ୟତୀତ ୨୦୩ ଦିନିକିଆ ଓ ୮୯ ଟି୨୦ ଖେଳିଛନ୍ତି।

### କିଙ୍ଗ୍ସ ଏକାଦଶର ବୋଲିଂ କୋଚ୍ ର୍ୟାନ ହାରିସ

ନୂଆଦିଲ୍ଲୀ,୫।୧୨- ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳରେ ପରବର୍ତ୍ତୀ ସଂସ୍କରଣ ଲାଗି ଜୋରଦାର ପ୍ରସ୍ତୁତି ଜାରି ରଖିଛି। ପୂର୍ବତନ ଅଷ୍ଟ୍ରେଲିଆନ ପେସର ର୍ୟାନ ହାରିସଙ୍କୁ ଦଳର ବୋଲିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ପୂର୍ବରୁ ଭେଙ୍କଟେଶ ପ୍ରସାଦ ଏହି ଦାୟିତ୍ୱରେ ଥିଲେ। ଗତ ସଂସ୍କରଣରେ ଦଳ ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏହାପରେ ଦଳୀୟ କୋଚିଂ ଷ୍ଟାଫ୍‌ରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ମୁଖ୍ୟ କୋଚ୍ ପଦରୁ ବ୍ରାଡ ହଜ ବିଦା ହେବା ପରେ ମେଣ୍ଟର ଦାୟିତ୍ୱରେ ଥିବା ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ, ବୋଲିଂ କୋଚ୍ ଭେଙ୍କଟେଶ ପଦ ତ୍ୟାଗ କରିଥିଲେ। ଏହାପରେ ହଜଙ୍କ ସ୍ଥାନରେ ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ ହେସନଙ୍କୁ ନିଯୁକ୍ତ କରାଯାଇଛି। ଏହାବାଦ୍ ନ୍ୟୁଜିଲାଣ୍ଡର କ୍ରେଗ ମ୍ୟାକମିଲନଙ୍କୁ ଫିଲ୍ଡ କୋଚ୍, ବ୍ରେଟ ହାରୋପ (ଫିଜିଓ), ଶ୍ରୀଧରନ ଶ୍ରୀରାମ (ବ୍ୟାଟିଂ କୋଚ୍) ଓ ପ୍ରସାନା ରାମନ (ହାଇପରଫର୍ମାନ୍ସ କୋଚ୍)ଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। କେବଳ କୋଚିଂ ଷ୍ଟାଫ୍‌ରେ ନୁହେଁ ଦୁଇ ବିଦେଶୀଙ୍କ ସମେତ ୧୧ ଜଣ ଖେଳାଳିଙ୍କୁ ମଧ ଦଳରୁ ବିଦା କରାଯାଇଛି।

### ଅଷ୍ଟ୍ରେଲିଆ ଓପନରେ ଖେଳିବେ ନାଡାଲ, ସେରେନା, ମୁରେ

ମେଲବୋର୍ନ,୫।୧୨- ମହିଳା ସିଙ୍ଗଲ୍ସ ବର୍ଗର ଚାମ୍ପିୟନ ଖେଳାଳି ସେରେନା ୱିଲିୟମ୍ସ ୨୦୧୯ ଅଷ୍ଟ୍ରେଲିଆ ଓପନରେ ଖେଳିବେ। ୨୦୧୭ ସଂସ୍କରଣ ପରେ ପ୍ରଥମ ଥର ଏଠାରେ ଖେଳିବାକୁ ଯାଉଛନ୍ତି। ତାଙ୍କ ବ୍ୟତୀତ ପୂର୍ବତନ ପୁରୁଷ ସିଙ୍ଗଲ୍ସ ବର୍ଗର ଶୀର୍ଷ ର୍ୟାଙ୍କଧାରୀ ଖେଳାଳି ରାଫାଲ ନାଡାଲ ଓ ଆଣ୍ଡି ମୁରେ ମଧ ଏଥିରେ ଅଂଶଗ୍ରହଣ କରିବେ। ଏ ନେଇ ବୁଧବାର ଆୟୋଜକ କମିଟି ସ୍ପଷ୍ଟ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ସେରେନା ରେକର୍ଡ ୨୫ ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ରହିବେ। ଅନ୍ତିମ ଥର ୟୁଏସ୍ ଫାଇନାଲରେ ହାରିବା ପରଠାରୁ ସେ ପଡ଼ିଆକୁ ଓହ୍ଲାଇ ନ ଥିଲେ।

# ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ଆଜିଠାରୁ

ଆଡିଲେଡ୍, ୫।୧୨(ପି.ଟି.)

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଦଳ ମଧ୍ୟରେ ବହୁପ୍ରତୀକ୍ଷିତ ଟେଷ୍ଟ ସିରିଜ ଗୁରୁବାରଠାରୁ ଆରମ୍ଭ ହେଉଛି। ଚାରି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଖେଳାଯିବ। ଏଥିଲାଗି ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳ ଜୋର୍‌ଦାର ଅଭ୍ୟାସ ଚଳାଇଛନ୍ତି। ଭାରତୀୟ କ୍ରିକେଟ ଦଳ ୭୦ ବର୍ଷର ଇତିହାସରେ ଅଷ୍ଟ୍ରେଲିଆ ମାଟିରେ ୧୧ଟି ଟେଷ୍ଟ ସିରିଜ ଖେଳିଛି। ସେଥିରୁ ଭାରତ ୨ଟି ସିରିଜ ଡ୍ର ରଖିଥିବାବେଳେ ଗୋଟିଏ ବି ଜିତିବାରେ ସଫଳ ହୋଇନାହିଁ। ୧୯୮୦-୮୧ ଗସ୍ତରେ ସୁନୀଲ ଗାଭାସ୍କର ଓ ୨୦୦୩-୦୪ ଗସ୍ତରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ଏହି ୨ଟି ସିରିଜ ଡ୍ର ରଖିଥିଲା। ବଲ୍ ଟ୍ୟାମ୍ପରିଂ ଘଟଣାରେ ଅଷ୍ଟ୍ରେଲିଆର ଦୁଇ ବରିଷ୍ଠ ଖେଳାଳି ଡେଭିଡ୍ ୱାର୍ନର ଓ ଷ୍ଟିଭେନ ସ୍ମିଥ୍ ବାସନ୍ଦ ହୋଇଥିବାରୁ ସେମାନଙ୍କ ଅନୁପସ୍ଥିତିରେ ଭାରତ ଚଳିତ ଗସ୍ତରେ ଏହି



ଟ୍ରଫି ସହ ଦୁଇ ଦଳର ଅଧିନାୟକ ବିରାଟ କୋହଲି ଓ ଟିମ୍ ପାଇନ୍।

### ଆଡିଲେଡ୍ ଓଭାଲରେ ଭାରତର ରେକର୍ଡ

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସିରିଜର ପ୍ରଥମ ମ୍ୟାଚ୍ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ଏହି ଗ୍ରାଉଣ୍ଡରେ ଭାରତର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ୧୯୪୮ରୁ ଭାରତ ଏହି ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳିବା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଭାରତ ଏଠାରେ ୧୧ଟି ମ୍ୟାଚ୍ ଖେଳିଥିବାବେଳେ ମାତ୍ର ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ୭ଟି ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିବାବେଳେ ୩ଟି ଟେଷ୍ଟ ଡ୍ର ରହିଥିଲା। ୨୦୦୩-୦୪ ଗସ୍ତରେ ରାହୁଲ ଦ୍ରାବିଡ୍ ଭାରତକୁ ଏହି ସ୍ମରଣୀୟ ବିଜୟ ଭେଟି ଭାରତକୁ ଦେଇଥିଲେ।

**ଭାରତୀୟ ଦଳ (୧୨ ଜଣିଆ):** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ମୁରଲୀ ବିଜୟ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରୋହିତ୍ ଶର୍ମା, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ୍‌କିପର), ରବିଚନ୍ଦ୍ରନ ଅଶ୍ୱିନ, ଇଶାନ୍ତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସାମି।

**ଅଷ୍ଟ୍ରେଲିଆ ଦଳ (ଚୂଡ଼ାନ୍ତ ଏକାଦଶ):** ଟିମ୍ ପାଇନ୍ (ଅଧିନାୟକ ଓ ଉଇକେଟ୍‌କିପର), ମାର୍କସ ହାରିସ, ଆରୋନ୍ ଫିଞ୍ଚ, ଉସମାନ ଖ୍ୱାଜା, ଟ୍ରାଭିସ ହେଡ୍, ଶନ୍ ମାର୍ଶ, ପିଟର ହ୍ୟାଣ୍ଡସ୍କମ୍ବ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଜୋଶ୍ ହାଜେଲଉଡ୍।

- **ମ୍ୟାଚ୍ ଆରମ୍ଭ: ସକାଳ ୫ଟା ୩୦**
- **ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱାର୍କ**

### ଅଷ୍ଟ୍ରେଲିଆ ଦଳରୁ ମିଚେଲ ମାର୍ଶ ବାଦ୍

ଆଡିଲେଡ୍,୫।୧୨

ଭାରତୀୟ ଦଳ ଭଳି ଆଡିଲେଡ୍ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳ ମଧ୍ୟ ଘୋଷିତ ହୋଇଯାଇଛି। ଦଳରୁ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ବଦଳରେ ବ୍ୟାଟ୍ସମ୍ୟାନ ଉସମାନ ଖ୍ୱାଜା ଦଳକୁ ଫେରିଛନ୍ତି। ସେ ଆହତ ସମସ୍ୟା ଯୋଗୁ ପାକିସ୍ତାନ ବିପକ୍ଷ ଅନ୍ତିମ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ତାଙ୍କ ଭାଇ ଗତ ମଙ୍ଗଳବାର ଗିରଫ ହୋଇଥିବାରୁ ସେ ବୁଧବାର ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରିବାକୁ ଓହ୍ଲାଇ ନ ଥିଲେ। ଉଇକେଟକିପର ଟିମ ପେଇନଙ୍କ ନେତୃତ୍ୱାଧୀନ ଦଳରେ ଟ୍ରାଭିସ ହେଡ, ପିଟର ହାଣ୍ଡସ୍କମ୍ବ, ମାର୍କସ ହାରିସ, ଶନ ମାର୍ଶ ଓ ଆରୋନ ଫିଞ୍ଚଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ଦଳରେ ବୋଲର ଭାବେ ଜୋଶ ହାଜେଲଉଡ, ମିଚେଲ ଷ୍ଟାର୍କ, ପାଟ କୁମିନ୍ସ ଓ ସ୍ପିନର ନାଥନ ଲିଓନ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆ ଦଳ: ଟିମ ପେଇନ (ଅଧିନାୟକ), ଆରୋନ ଫିଞ୍ଚ, ଉସମାନ ଖ୍ୱାଜା, ଶନ ମାର୍ଶ, ମାର୍କସ ହାରିସ, ଟ୍ରାଭିସ ହେଡ, ପିଟର ହାଣ୍ଡସ୍କମ୍ବ, ଜୋଶ ହାଜେଲଉଡ, ପାଟ କୁମିନ୍ସ ଓ ନାଥନ ଲିଓନ।

# ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ଆର୍ଜେଣ୍ଟିନା

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ପୁଲ ଏ'ରେ ଗୁରୁବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଫେଭରାଇଟ ଆର୍ଜେଣ୍ଟିନା ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସକୁ ଭେଟିବ। ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନା ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟ ହାସଲ କରି ୬ ପଏଣ୍ଟ ପାଇ ଅଧିକ ଗୋଲ ବ୍ୟବଧାନ ବଳରେ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରଥମ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୪-୩ ଗୋଲରେ ସ୍ପେନ୍‌କୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଏହା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୩-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ଆର୍ଜେଣ୍ଟିନାକୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା କୌଣସି ତ୍ରୁଟି କରି ନ ଥିଲା। କ୍ରମାଗତ ଦୁଇଟି ବିଜୟ ପରେ ପୁଲ୍ ପର୍ଯ୍ୟାୟର ତୃତୀୟ ମ୍ୟାଚ୍ ଜିତି ଆର୍ଜେଣ୍ଟିନା ପୂରା ଢଙ୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ଫେଭରାଇଟ ମନେ ହେଉଛି।

ଅପରପକ୍ଷରେ ଫ୍ରାନ୍ସ ପୁଲ ଏ'ରେ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୧ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସ ୨-୧ ଗୋଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍ ବିପକ୍ଷରେ ଫ୍ରାନ୍ସ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ହେଲେ ଏବେ ଫ୍ରାନ୍ସକୁ ବୃହତ୍ ବ୍ୟବଧାନରେ ଆର୍ଜେଣ୍ଟିନାକୁ ପରାସ୍ତ କରିବାକୁ ହେବ। ତେବେ ଏହା ଆଦୌ ସହଜ ନୁହେଁ ବୋଲି ଫ୍ରାନ୍ସ ଅବଗତ ହୋଇଥିଲା। ତେବେ ଦଳ ଏହି ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିବ ବୋଲି ଫ୍ରାନ୍ସ କୋଚ୍ ଜୋରେନ ହେଲମି ଓ ଅଧିନାୟକ ଭିକ୍ଟର ଚାର୍ଲେଟ କହିଛନ୍ତି। ଫ୍ରାନ୍ସ ପାଇଁ ଏହି ମ୍ୟାଚ୍ ଜିତିବା ନିହାତି ଜରୁରୀ ହୋଇ ପଡିଛି। ଫଳରେ ଆର୍ଜେଣ୍ଟିନା ଏହି ମ୍ୟାଚ୍‌କୁ ଯଥେଷ୍ଟ ଗୁରୁତ୍ୱ ଦେବ ଓ ଫ୍ରାନ୍ସକୁ ଆଦୌ ହେୟ ମନେକରିବ ନାହିଁ ବୋଲି କୋଚ୍ ଜର୍ମାନ ଓରୋଜୋକ କହିଛନ୍ତି। ଦଳ ପୂରା ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ ବୋଲି ଆର୍ଜେଣ୍ଟିନା ଅଧିନାୟକ ପେଡ୍ରୋ ଆଇବାରା କହିଛନ୍ତି। ଫଳରେ ପୁଲର ଏହି ଅନ୍ତିମ ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

# ସ୍ପେନ୍-ନ୍ୟୁଜିଲାଣ୍ଡ ମୁକାବିଲା

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଚଳିତ ୧୪ତମ ସଂସ୍କରଣରେ ବୁଧବାର ପୁଲ ଏ'ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପୁଲ୍ ତଥା ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଆର୍ଜେଣ୍ଟିନା ଓ ଫ୍ରାନ୍ସ ପରସ୍ପରକୁ ଭେଟିବେ। ସ୍ପେନ୍ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଥିଲେ ମଧ ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡ ତଳେ ରହିଛି। ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ପାଇଁ ପୁଲ ଏ' ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ସ୍ପେନ୍ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ପରାଜୟ ଓ ଗୋଟିଏ ଡ୍ର' ୧ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଫଳରେ କ୍ୱାର୍ଟର ଫାଇନାଲ ଦୌଡରେ ସାମିଲ ହେବା ପାଇଁ ଉଭୟ ଦଳକୁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇ ପଡିଛି।

ସ୍ପେନ୍ ତାର ପ୍ରଥମ ମ୍ୟାଚ୍‌ରେ ଲଢେଇ କରି ଆର୍ଜେଣ୍ଟିନାଠାରୁ ୪-୩ ଗୋଲରେ ପରାସ୍ତ ହୋଇଥିଲା। ସେହିପରି ଫ୍ରାନ୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ସ୍ପେନ୍ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ଫ୍ରାନ୍ସ ଅପେକ୍ଷାକୃତ ଦୁର୍ବଳ ହୋଇଥିଲେ ମଧ ସ୍ପେନ୍ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଫଳରେ ମ୍ୟାଚ୍ ଡ୍ର' ରହିଥିଲା। ଏହି ମ୍ୟାଚ୍‌ର ଫଳାଫଳ ଏବେ ସ୍ପେନ୍ ପାଇଁ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ସ୍ପେନ୍ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିବା ଆଶା ଆଦୌ ନାହିଁ। କିନ୍ତୁ ବିଜୟୀ ହେଲେ କ୍ରସ୍ ଓଭର ମ୍ୟାଚ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ବିଜୟୀ ହେବା ପାଇଁ ଉଭୟ ଦଳ ପ୍ରାଣପଣେ ଚେଷ୍ଟା କରିବେ।

ସ୍ପେନ୍ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍ୟାଙ୍କିଂର ଅଷ୍ଟମସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଗୋଟିଏ ସ୍ଥାନ ତଳକୁ ରହି ନବମସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ କୋଚ ଡାରେନ ସ୍ମିଥ୍ ଓ ଅଧିନାୟକ ବ୍ଲେୟାର ଟାରେଣ୍ଟ ଦଳର ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସେହିପରି ସ୍ପେନ୍ କୋଚ୍ ଫ୍ରେଡେରିକ ସୋଏଜ ଓ ଅଧିନାୟକ ମିଗୁଏଲ ଡେଲାସ ଦଳ ବିଜୟୀ ହେବାପାଇଁ ସବୁମତେ ଚେଷ୍ଟା କରିବ ବୋଲି କହିଛନ୍ତି। ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦୁଇ ଦଳ ସାମର୍ଥ୍ୟ ଓ ଦକ୍ଷତା ଦୃଷ୍ଟିକୋଣରୁ ପାଖାପାଖି ସମାନ ମନେ ହେଉଛନ୍ତି। ଫଳରେ ଏହି ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ବ୍ଲେୟାର ଟାରେଣ୍ଟ

# ଭିଭି କରାଟେ ସ୍କୁଲକୁ ସଫଳତା

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ଗତ ନଭେମ୍ବର ୨୯ରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା କମନ୍‌ୱେଲଥ୍ କରାଟେ ଚାମ୍ପିୟନଶିପ୍‌ର ୯ମ ସଂସ୍କରଣରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଭାଲେନା ଭାଲେଣ୍ଟିନା (ଭିଭି) କରାଟେ ସ୍କୁଲ ସଫଳତା ଅର୍ଜନ କରିଛି। ଭାଲେନା ଭାଲେଣ୍ଟିନା ସିନିୟର ମହିଳା ବ୍ୟକ୍ତିଗତ କାଟାରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ସତ୍ୟଭାମାପୁର ବିଜେଇଏମ୍ ସ୍କୁଲର ୩ୟ ଶ୍ରେଣୀର ଛାତ୍ରୀ ଆଲିସା ସୁବୁଦ୍ଧି ବ୍ୟକ୍ତିଗତ କାଟା ସ୍ୱର୍ଣ୍ଣ ଓ ଫାଇଟିଂରେ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ବିଦ୍ୟା କିରଣ ଓ ଅଂଶିକା ମହାପାତ୍ର ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିଭଳି ଜସ୍ମିନ ପି. ମିଶ୍ର ୨ଟି ଏବଂ ଦିବ୍ୟ ନାୟକ ଓ ରୁଦ୍ର ପ୍ରସାଦ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ବେଦାନ୍ତ ଦାସ ବ୍ୟକ୍ତିଗତ କାଟାରେ ରୌପ୍ୟ ପଦକ ଜିତିଛନ୍ତି। ବାଳିକା ଟିମ୍ କାଟାରେ ଭି.ଭି. କରାଟେ ସ୍କୁଲ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବାଳକ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଭି.ଭି. କରାଟେ ସ୍କୁଲର ଏହି ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।



ପଦକ ବିଜୟୀ କୃତୀ ପ୍ରତିଯୋଗୀମାନେ।

# ଓଟିପିଏଲ୍ ସିଜନ-୨ ଜାନୁୟାରୀ ୯ରୁ

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ନୀଳାଚଳ ଟେନିସ୍ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍ (ଓଟିପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଜାନୁୟାରୀ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ସମାଜର ସମସ୍ତ ଯୁବବର୍ଗଙ୍କ ମଧ୍ୟରେ ଟେନିସ୍ ଖେଳ ପ୍ରତି ଏକ ସ୍ୱତନ୍ତ୍ର ମନୋଭାବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଆର୍ଥିକ ଅନଗ୍ରସର ଶ୍ରେଣୀ ତଥା ପ୍ରତିଭାସମ୍ପନ୍ନ ଯୁବବର୍ଗଙ୍କୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ନୀଳାଚଳ ଟେନିସ୍ ଏକାଡେମୀ ପକ୍ଷରୁ ନିୟମିତ ବ୍ୟବଧାନରେ ଦେଶର ବିଭିନ୍ନ ସ୍ଥାନରେ ଏହି ପ୍ରକାର ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି। ନୂଆଦିଲ୍ଲୀସ୍ଥିତ ହୋଟେଲ ଅଶୋକଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅମରେନ୍ଦ୍ର ଖଟୁଆ, ମହାନିର୍ଦ୍ଦେଶକ



ଅତିଥିଙ୍କ ଦ୍ୱାରା ଓଟିପିଏଲ୍ ସିଜନ-୨ର ଟ୍ରଫି ଉନ୍ମୋଚନ କରାଯାଉଛି।

(ଆଇସିସିଆର୍) ତଥା ସେକ୍ରେଟାରୀ (ସ୍ପେଶାଲ ଆସାଇନ୍‌ମେ), ଗୋକୁଳ ପଟ୍ଟନାୟକ, ଆଇଏଏସ୍(ଅବସରପ୍ରାପ୍ତ), ନିଶ୍ଚିନ୍ତ ବର୍ଦ୍ଦୋଲୋଇ (ପୂର୍ବତନ କ୍ରିକେଟର) ଏବଂ ଆଦିତ୍ୟ ଖାନ୍ନା (ଟେନିସ୍ ଖେଳାଳି)ଙ୍କ ଉପସ୍ଥିତିରେ ଏହି ଓଟିପିଏଲ୍ ସିଜନ-୨ ଟ୍ରଫିକୁ ଉନ୍ମୋଚନ କରାଯାଇଛି।

ଏହି ସଂସ୍କରଣରେ ଅନୁଗୁଳ ଏକର୍ସ, ଭଦ୍ରକ ଭିକ୍ଟରର୍ସ, କଟକ କନ୍‌କର୍ସ, ଖୋର୍ଦ୍ଧା ୱାରିୟର୍ସ, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ, ପୁରୀ ୱେଭର୍ସ, ସମ୍ବଲପୁର ସୁଟର୍ସ ଏବଂ ସୁନ୍ଦରଗଡ଼ ବିରାନ୍ସକୁ ମିଶାଇ ୮ଟି ଦଳ ଅଂଶଗ୍ରହଣ କରିବେ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦିଲୀପ ମହାନ୍ତି ଏହି ଅବସରରେ କହିଥିଲେ। ଏହି ୮ଟି ଦଳରେ ୪୦ ଜଣ ଖେଳାଳି (୧୬ ଜଣ ପୁରୁଷ, ୮ ଜଣ ମହିଳା ଏବଂ ୧୬ ଜଣ ବରିଷ୍ଠ ଖେଳାଳି) ଭାଗ ନେଉଛନ୍ତି। ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମିକ୍ସଡ ଡବଲ୍ସ ଓ ସିନିୟର ଡବଲ୍ସରେ ମ୍ୟାଚ୍ ଖେଳାଯିବ। ଏଥିରେ ଏଟିପି, ଡବ୍ଲ୍ୟୁଟିଏ, ଆଇଟିଏଫ୍ ଏବଂ ଏଆଇଟିଏର ବହୁ ଅଭିଜ୍ଞ ଖେଳାଳି ଭାଗ ନେବେ। ସେମାନଙ୍କ ମଧ୍ୟରୁ ବିଷ୍ଣୁ ବର୍ଦ୍ଧନ, ନିକ୍କି ପୁନାଚା, ସୂରଜ ପ୍ରବୋଧ, କୁନାଲ ଆନନ୍ଦ, ମୋହିତ ମୟୂର, ଦଲୱିନ୍ଦର ସିଂ, ପ୍ରଜ୍ଜ୍ୱଳ ଦେବଙ୍କ ପରି ଆହୁରି ଅନେକ ବରିଷ୍ଠ ଖେଳାଳି ରହିଛନ୍ତି।

ଧରିତ୍ରୀ DHARITRI

## Hockey Quiz - 2018

Quiz No.9

QUESTIONS

୧. ଚାଇନା କେତେ ଥର ହକି ବିଶ୍ୱକପ୍ ଖେଳିଛି ?
୨. ଦ୍ୱିତୀୟ ହକି ବିଶ୍ୱକପ୍‌ର ଉପବିଜେତା (ରନର୍ସଅପ୍) କିଏ ?
୩. ବିଶ୍ୱ ମାନ୍ୟତାରେ ଅଷ୍ଟ୍ରେଲିଆର ସ୍ଥାନ କେତେ ?
୪. ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା କେଉଁ ଭାଗରେ ଖେଳନ୍ତି ?
୫. ପ୍ରତ୍ୟେକ ଦଳ ଏକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ କେତୋଟି ଭିଡିଓ ଅମ୍ପାୟାର ରେଫରାଲ ନେଇପାରିବେ ?

E-mail your answers to : dharitriquiz@gmail.com

Gift Partner oraimo smart accessories

- 20 Mega Prizes
- 30 Special Prizes
- 50 Consolation Prizes

- Send your Name, Address, Contact Number, while sending entries
- Selection will be from correct entries through lucky draw
- Read Dharitri for announcement of result
- Prize distribution date, time and venue will be intimated to the Winners individually
- Terms & Conditions Apply



ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/18-20. | ବାଲେଶ୍ୱର, ଗୁରୁବାର, ଡିସେମ୍ବର ୬/୨୦୧୮ | Balasore, Thursday, December 6/ 2018

## ସଂକ୍ଷେପରେ

### ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରୂପ୍‌ସା,୫।୧୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଶଙ୍କରପୁର ଗ୍ରାମର ଯୁବକ ସନ୍ତୋଷ କୁମାର ମହାନ୍ତି (୨୬) ମଙ୍ଗଳବାର ରାତିରେ ବୁଢାବଳଙ୍ଗ ନଦୀରେ ବୁଡ଼ି ଯାଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪୮/୧୮) ରୁଜୁ କରି ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ଅସାବଧାନତା ବଶତଃ ସନ୍ତୋଷ ନଦୀରେ ବୁଡ଼ି ଯାଇଥିବା କୁହାଯାଉଛି। ବୁଧବାର ସକାଳେ ନଦୀର ଦରକୋଇଲି ଗାଁ ପାଖରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

### ଶାଗୁଆନ କାଠ ବୋଝେଇ ଭ୍ୟାନ୍ ଜବତ



**ଭଣ୍ଡାରିପୋଖରୀ, ୫।୧୨ (ଡି.ଏନ.ଏ.):** ଭଦ୍ରକ ଜିଲାରେ ଚୋରା କାଠ ବେପାରୀଙ୍କ ପାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାଜପୁର ଜିଲାରୁ ଦୈନନ୍ଦିନ ଚୋରାକାଠ ଭଦ୍ରକ ଜିଲାକୁ ଆସୁଥିବା ବେଳେ ଭଦ୍ରକ ଜିଲାରୁ ମଧ କାଠ ଚୋରା ଚାଲାଣ କରାଯାଉଛି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବନ ବିଭାଗ ଚେଇଁ ଉଠିଛି। କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ମଙ୍ଗଳବାର ଭଣ୍ଡାରିପୋଖରୀ-ମଣିନାଥପୁର ରାସ୍ତାର ସରସଦା ପଞ୍ଚାୟତ ପଚାପୋଲ ବଜାରଠାରେ ଶାଗୁଆନ କାଠ ବୋଝେଇ ଏକ ଟାଟାଏସି ଜବତ କରିଛନ୍ତି। ଏଥିରେ ୮୭ ପିସ୍ ଶାଗୁଆନ କାଠ ରହିଥିଲା। ଭଣ୍ଡାରିପୋଖରୀ ବନପାଳ ପ୍ରକାଶ ଦାସ, ଧାମନଗର ବନପାଳ ପ୍ରଶାନ୍ତ କୁମାର ଦାସ, ଆଖୁଆପଦା ଅଞ୍ଚଳର ବନ ବିଭାଗ ସୁରକ୍ଷା କର୍ମୀ ରାମଚନ୍ଦ୍ର ସିଂ, ସୁରେନ୍ଦ୍ର ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ବନ ବିଭାଗ ଗାଡ଼ି ଓ କାଠଗୁଡ଼ିକୁ ଜବତ କରି ଧାମନଗର ରେଞ୍ଜରେ ରଖିଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଜଣାଯାଇଛି।

### ନିଷିଦ୍ଧାଞ୍ଚଳରୁ ବୋଟ୍ ଜବତ: ୫ ମତ୍ସ୍ୟଜୀବୀ ଗିରଫ

**ଚାନ୍ଦବାଲି, ୫।୧୨ (ଡି.ଏନ.ଏ.):** ଭଦ୍ରକ ବନ୍ୟପ୍ରାଣୀ ବିଭାଗ ଗହୀରମଥା ନିଷିଦ୍ଧାଞ୍ଚଳରୁ ମାଛ ମାରୁଥିବା ଏକ ବୋଟ୍ ବୁଧବାର ଜବତ କରିଛି। ବୋଟ୍‌ରେ ଥିବା ୫ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ବୁଧବାର ସକାଳେ ନିଷିଦ୍ଧାଞ୍ଚଳରେ ଏକ ବୋଟ୍ ମାଛ ମାରୁଥିବା ଖବର ପାଇ ଧାମରା ବନପାଳ ଗଦାଧର ବିଶ୍ୱାଳଙ୍କ ନେତୃତ୍ୱରେ କେତେକ ବନରକ୍ଷୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମା' ପାର୍ବତୀ ନାମକ ବୋଟ୍‌ରେ ୫ ମତ୍ସ୍ୟଜୀବୀ ମାଛ ମାରୁଥିଲେ। ଧାମରା ବନପାଳ ବୋଟ୍‌କୁ ଜବତ କରିବା ସହ ୫ ମତ୍ସ୍ୟଜୀବୀଙ୍କୁ ଗିରଫ କରି ରାଜନଗର ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଥିଲେ। ରାଜନଗର ଡିଏଫ୍‌ଓ ବୋଟ୍‌ରେ ଥିବା ମାଛ ଜବତ କରି ନିଲାମ କରିଥିଲେ। ଗିରଫ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡ଼ା କୋର୍ଟରେ ହାଜର କରିବା ପରେ ସେମାନଙ୍କୁ କେନ୍ଦ୍ରାପଡ଼ା ଜେଲ୍‌କୁ ପଠାଇ ଦିଆଯାଇଥିବା ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ପ୍ରକାଶ।

### ଗ୍ରାମ୍ୟ ଜଙ୍ଗଲରେ ଜୁଆ ଆଡ୍ଡା: ପୋଲିସର ଚଢ଼ାଉ

**ଭଣ୍ଡାରିପୋଖରୀ, ୫।୧୨ (ସ୍ୱ.ପ୍ର.):** ଭଦ୍ରକ ଜିଲା ଧାମନଗର ଥାନା ପୋଲିସ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଗ୍ରାମ୍ୟ ଜଙ୍ଗଲରେ ବୁଧବାର ଅତର୍କିତ ଚଢ଼ାଉ କରିଛି। ପୋଲିସକୁ ଦେଖି କେତେଜଣ ଜୁଆଡି ଓ ନିଶା ବେପାରୀ ନିକଟସ୍ଥ ନଦୀ ପାର୍ ହୋଇ ଫେରାର ହୋଇଯାଇଥିଲେ। ପୋଲିସ ସେଠାରୁ ୩ ବାଇକ୍ ଜବତ କରିଛି। ଜଙ୍ଗଲ ପରିସର ଏବେ ବେଆଇନ ନିଶା କାରବାର, ଜୁଆଡ଼ି ଓ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଭଳି ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିବା କୁହଯାଉଛି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ ଏଭଳି ଅନେକ ସ୍ଥାନରେ ବେଆଇନ୍ ଜୁଆ ଖେଳ ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ପ୍ରତିଶ୍ରୁତି ପାଲଟିଲା ପ୍ରତାରଣା

# ଖଣ୍ଡବନ୍ଧ ଖଣି ଘେରାଉ



ଖଣି ଘେରାଉ କରିଛନ୍ତି ଲୋକେ।

- ବାରୁଦ ବିସ୍ଫୋରଣରୁ ଘର ଭାଙ୍ଗିଲା
- ନିଯୁକ୍ତି ଦାବି କଲେ ମହିଳାପୁରୁଷ
- ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

**ଯୋଡ଼ା, ୫।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଅବସ୍ଥିତ ଟାଟା କମ୍ପାନୀର ଖଣ୍ଡବନ୍ଧ ଖଣିକୁ ବୁଧବାର କେତେକ ମହିଳାପୁରୁଷ ଘେରାଉ କରିଥିଲେ। ପୂର୍ବରୁ କମ୍ପାନୀ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ପ୍ରତିବାଦ କରି ଯୋଡ଼ା ବ୍ଲକ ଜଳହରି, ଜୁରୁଡି, ଜଜାଙ୍ଗ ପଞ୍ଚାୟତର ମହିଳାପୁରୁଷ ଖଣିକୁ ଘେରାଉ କରିଥିଲେ। ୨ଶହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। ୪୪ ଲୋକଙ୍କୁ ନିଯୁକ୍ତି ଦେବା ପରେ ଦୀର୍ଘ ୮ ବର୍ଷ ବିତି ଯାଇଥିଲେ ହେଁ ଆଉ ନିଯୁକ୍ତି ମିଳିନି। କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କମ୍ପାନୀ ପକ୍ଷରୁ କରାଯାଇନାହିଁ। ଲୌହ ଖଣି କାର୍ଯ୍ୟକ୍ଷମ ହେଲେ ଅବଶିଷ୍ଟ ଲୋକଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ନିଯୁକ୍ତି ନ ମିଳିବାରୁ ଏଥିପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀ ଖଣି ଘେରାଉ ମଧ କରିଥିଲେ। ଏ ନେଇ ବଡ଼ବିଲ୍ ତହସିଲଦାର କ୍ଷୀରୋଦ କୁମାର ବେହେରା, ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଏକ ସପ୍ତାହ ମଧ୍ୟରେ ଖଣି କର୍ତ୍ତୃପକ୍ଷ ସ୍ଥନୀୟ ଲୋକ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ କରି ସମାଧାନ କରାଯିବ ବୋଲି କୁହାଯାଇଥିଲା। ସେହି ସମୟ ମଧ୍ୟରେ ସମାଧାନ ପାଇଁ କୌଣସି ବୈଠକ ହୋଇ ନ ଥିଲା। କମ୍ପାନୀ ଖଣିଜ ଉତ୍ତୋଳନ ଆରମ୍ଭ କରି ପୋଲିସ ଫୋର୍ସ ଲଗାଇ ମଙ୍ଗଳବାରଠାରୁ ସ୍ଥାନୀୟ ଖଣ୍ଡବନ୍ଧ ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଖଣିରେ ଉଚ୍ଚ ଶକ୍ତି ସମ୍ପନ୍ନ ବାରୁଦ ବିସ୍ଫୋରଣ ଯୋଗୁ ନିକଟସ୍ଥ ଗ୍ରାମରେ ଭାଙ୍ଗି ଯାଇଥିବା ଘର ଗୁଡିକୁ ଯୋଡା ଥାନା ଆଇଆଇସି ମନୋଜ କୁମାର ରାଉତ ଅନୁଧାନ କରି ବାରୁଦ ବିସ୍ଫୋରଣକୁ ବନ୍ଦ କରିବା ପାଇଁ ଖଣି କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଖଣି କମ୍ପାନୀ ଏହାକୁ ବେଖାତିର କରି ବାରୁଦ ବିସ୍ଫୋରଣ କରୁଥିବା ଗ୍ରାମର ବାସିନ୍ଦା ଉଲାସ ପରିଡା ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଅଞ୍ଚଳବାସୀ ଖଣିରେ ନିଯୁକ୍ତି ଦାବି କରି ପୁନର୍ବାର ପ୍ରତିବାଦ କରିଛନ୍ତି। ଖବର ପାଇ ବଡବିଲ ଅତିରିକ୍ତ ତହସିଲଦାର ଅଭିଷେକ ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଗୁରୁବାର ଗ୍ରାମବାସୀ ଓ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୨ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଅଧିକାରୀ ଉପସ୍ଥିତ ରହି ଉତ୍ତେଜନା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଖଣି କାର୍ଯ୍ୟରେ ବାଧା ନ ଦେଇ ନିଜର ଦାବି ଉପସ୍ଥାପନ କରିବା ପାଇଁ ଲୋକଙ୍କୁ ବୁଝାଇଥିଲେ। ଏ ସମ୍ପର୍କରେ ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କୁ ପଚାରିବାରୁ ଲୋକଙ୍କୁ ବୁଝାସୁଝା କରାଯାଇଛି। ପୋଲିସ ପକ୍ଷରୁ କୌଣସି ପ୍ରକାର ବଳପ୍ରୟୋଗ କରାଯାଇ ନାହିଁ ବୋଲି ସେ କହିଛନ୍ତି। ଟାଟା କମ୍ପାନୀର କର୍ପୋରେଟ୍ କମ୍ୟୁନିକେଶନ ଅଧିକାରୀ ସୁନିଲ୍ କୁମାର ସାହୁଙ୍କୁ ପଚାରିବାରୁ ସ୍ଥାନୀୟ ନିଯୁକ୍ତି କ୍ଷେତ୍ରରେ ଟାଟା କମ୍ପାନୀ ଅଗ୍ରାଧିକାର ଦେଇଆସୁଛି। ଏହି କ୍ଷେତ୍ରରେ କମ୍ପାନୀ ସମସ୍ତ ଦାବି ଉପରେ ଦୃଷ୍ଟି ରଖିଛି। ଖଣିରେ ଅନୁକୂଳ ବିସ୍ଫୋଟକ ପରିଣାମ ପାଇବା ପାଇଁ କମ୍ପାନୀ ତରଫରୁ ଅତ୍ୟାଧୁନିକ ତଥା ନିୟନ୍ତ୍ରିତ ଉପାୟରେ ଇଲେକ୍ଟ୍ରୋନିକ ବ୍ଲାଷ୍ଟିଂ ସିଷ୍ଟମ କାମ କରୁଛି ବୋଲି ସେ କହିଛନ୍ତି।

# ଆଜି ବିଜାତଳା ଉପନିର୍ବାଚନ: କଡ଼ା ସୁରକ୍ଷା

**୮୨ ବୁଥ୍‌ରେ ଭୋଟ୍**

- ୧୦ ବୁଥ ଅତି ସମ୍ବେଦନଶୀଳ, ୪୮ ସମ୍ବେଦନଶୀଳ

**ବାରିପଦା ଅଫିସ,୫।୧୨**

ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ଅନ୍ତର୍ଗତ ୩୨ ନଂ ଜିଲା ପରିଷଦ ଜୋନରେ ଗୁରୁବାର ଉପନିର୍ବାଚନ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏହି ଜୋନର ପାଞ୍ଚଟି ପଞ୍ଚାୟତର ୮୨ ଟି ବୁଥରେ ମତଦାନ ହେବ। ପୂର୍ବାହ୍ନ ୭ ଟାରୁ ମଧ୍ୟାହ୍ନ ୧୨ ଟା ମଧ୍ୟରେ ଭୋଟର ମାନେ ମତଦାନ ସାବ୍ୟସ୍ତ କରିବେ। ଏହି ୮୨ ଟି ବୁଥ ମଧ୍ୟରୁ ୧୦ ଅତି ସମ୍ବେଦନଶୀଳ ଓ ୪୮ ଟି ସମ୍ବେଦନଶୀଳ ବୁଥ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଲୁହାଶିଳା ପଞ୍ଚାୟତରେ ୩ ଟି ଅତି ସମ୍ବେଦନଶୀଳ ଓ ୪ ଟି ସମ୍ବେଦନଶୀଳ, ବିଜାତଳା ପଞ୍ଚାୟତରେ ୩ ଅତି ସମ୍ବେଦନଶୀଳ ଓ ୭ ସମ୍ବେଦନଶୀଳ ବୁଥ ରହିଛି। ସେହିପରି ମୁଣ୍ଡାଠାକୁରା ପଞ୍ଚାୟତରେ ଗୋଟିଏ ଅତି ସମ୍ବେଦନଶୀଳ, ୮ ସମ୍ବେଦନଶୀଳ, ବଣକାଟି ପଞ୍ଚାୟତରେ ଗୋଟିଏ ସମ୍ବେଦନଶୀଳ ଓ ୧୪ ଟି ସମ୍ବେଦନଶୀଳ ଏବଂ ରାଇହରି ପଞ୍ଚାୟତରେ ୨ ଟି ଅତି ସମ୍ବେଦନଶୀଳ ଓ ୧୫ ଟି ସମ୍ବେଦନଶୀଳ ବୁଥ ରହିଛି। ଉପରୋକ୍ତ ପଞ୍ଚାୟତଗୁଡ଼ିକରେ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଫ୍ଲାଗମାର୍ଚ୍ଚ କରାଯାଇଛି। ସେହିପରି ୨୪୬ ଅଧିକାରୀ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିବେ। ୨୪ ଜଣ ଅଧିକାରୀ ଜରୁରୀକାଳିନ ପରିସ୍ଥିତି ପାଇଁ ଉପସ୍ଥିତ ରହିବେ। ଏହା ସହିତ ୭ ଜଣ ସେକ୍ଟର ଅଫିସର ଭାବେ ନିୟୋଜିତ ରହିବେ। ଗୁରୁବାର ମତଦାନ ପରେ ଶୁକ୍ରବାର ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟ ଗଣତି ହେବ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିବା ଭାଜପା ପ୍ରାର୍ଥୀ ଛୋଟରାୟ ମୁର୍ମୁଙ୍କର ଗତ ଜାନୁୟାରୀରେ ମୃତ୍ୟୁ ହେବା ପରଠୁ ଏହି ଆସନ ଖାଲି ପଡିଥିଲା।

# ବାଲେଶ୍ୱରରେ ଜାଲ ନୋଟ୍ କାରବାର



ଜାଲ ନୋଟ୍ କାରବାରରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ଝାଡଖଣ୍ଡର ୩ ଜଣଙ୍କୁ ପଚରାଉଚୁରା କରିବା ଲାଗି ଥାନାକୁ ନେଉଛି।

- ସନ୍ଦେହରେ ଝାଡଖଣ୍ଡର ୩ ଅଭିଯୁକ୍ତ ଅଟକ
- ପୂର୍ବରୁ ଅଟୋ ଚାଳକଙ୍କୁ ଜାଲ୍ ନୋଟ ଦେଇ ଠକିଥିଲେ

**ବାଲେଶ୍ୱର ଅଫିସ,୫।୧୨**

ଜାଲନୋଟ୍ କାରବାର କରୁଥିବା ସନ୍ଦେହରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ପୋଲିସ ଝାଡଖଣ୍ଡର ୩ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ସେମାନେ କୌଣସି ର୍‍ୟାକେଟ ସହ ସମ୍ପୃକ୍ତ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ୪ଟି ଶହେ ଟଙ୍କିଆ ନୋଟ ଉଦ୍ଧାର କରି ଏହାକୁ ପରୀକ୍ଷା କରିବା ଲାଗି ପୋଲିସ ବ୍ୟାଙ୍କକୁ ପଠାଇଛି। ଅଭିଯୁକ୍ତମାନଙ୍କର ଆଧାରକାର୍ଡ଼, କାଗଜପତ୍ର ଏବଂ ସାମଗ୍ରୀ ଜବତ କରିଥିବା ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟର ବୋକାର ଜିଲା ଚନ୍ଦନକିଆରି ଥାନା ଅଞ୍ଚଳର ଏହି ୩ ଅଭିଯୁକ୍ତ ପୂର୍ବରୁ ବହୁବାର ବାଲେଶ୍ୱର ଆସି ରେମୁଣା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଏକ ଶିକ୍ଷାନୁଷ୍ଠାନ ଲାଗି ଅର୍ଥ ସଂଗ୍ରହ କରିଥାନ୍ତି। କିଛିଦିନ ପୂର୍ବରୁ ସେମାନେ ବାଲେଶ୍ୱର ସହଦେବଖୁଣ୍ଟା ବସଷ୍ଟାଣ୍ଡରେ ଓହ୍ଲାଇ ଅଟୋ ରିକ୍ସା ଯୋଗେ ରେମୁଣା ଗନିପୁରକୁ ଯାଇଥିଲେ। ରିକ୍ସା ଭଡ଼ା ବାବଦରେ ୩ଟି ଶହେ ଟଙ୍କିଆ ନୋଟ ଚାଳକଙ୍କ ଦେଇଥିଲେ। ପରେ ଅଟୋ ରିକ୍ସା ଚାଳକ ଏହା ନକଲି ଟଙ୍କା ବୋଲି ଜାଣିପାରିଥିଲେ। ସେହିଦିନ ଠାରୁ ସେ ଏହି ୩ଜଣଙ୍କୁ ଖୋଜୁଥିଲେ। ବୁଧବାର ମଧ୍ୟାହ୍ନ ସମୟରେ ସେମାନେ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ବ୍ୟାଙ୍କ ନିକଟରେ ଥିବାଅଟୋ ରିକ୍ସା ଚାଳକ ଦେଖି ସେମାନଙ୍କୁ ଅଟକାଇ ପଚରାଉଚୁରା କରିଥିଲେ। ଫଳରେ ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଜାଲ ନୋଟ୍ କାରବାର ସମ୍ପର୍କରେ ଥାନାକୁ ଖବର ଦିଆଯିବାରୁ ପୋଲିସ ପହଞ୍ଚି ସମ୍ପୃକ୍ତ ୩ ଜଣଙ୍କୁ ଥାନାକୁ ଧରି ଆଣିଥିଲା। ସେମାନଙ୍କ ଠାରୁ ଆଉ ୪ଟି ଶହେ ଟଙ୍କିଆ ନୋଟ ଉଦ୍ଧାର କରାଯାଇଛି। ଏହା ଜାଲ୍ ଟଙ୍କା କି ନୁହେଁ ତାହା ପରୀକ୍ଷା କରି ଦେଖାଯାଉଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ । ଜାଲ ନୋଟ୍ ଝାଡ଼ଖଣ୍ଡରୁ ବାଲେଶ୍ୱର ଅଞ୍ଚଳକୁ ଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଜବତ ନୋଟ ଯାଞ୍ଚ ପରେ ଜାଲ୍ ବୋଲି ଜଣାପଡିଲେ, ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଶୁଭାଂଶୁ ନାୟକ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ଜାଲରେ ଡିଆର୍‌ଡିଏ ପ୍ରୋଗ୍ରାମ ଅଫିସର



ଡିଆର୍‌ଡିଏ ପ୍ରୋଗ୍ରାମ ଅଫିସରଙ୍କ ନଗିପୁରସ୍ଥିତ ବାସଭବନରେ ଭିଜିଲାନ୍ସ ଟିମ୍ ।

**ଭଦ୍ରକ ଅଫିସ, ୫।୧୨**

ଭଦ୍ରକ ଡିଆର୍‌ଡିଏର ପ୍ରୋଗ୍ରାମ ଅଫିସର ସନ୍ଦୀପ କୁମାର ମହାନ୍ତି ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ସଞ୍ଜୟ କୁମାର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ବୁଧବାର ଭଦ୍ରକସ୍ଥିତ ତାଙ୍କ ବାସଭବନ ସମେତ ଶ୍ୱଶୁର ଘର, ଡିଆର୍‌ଡିଏ କାର୍ଯ୍ୟାଳୟ, ଭୁବନେଶ୍ୱର ପଳାଶୁଣି ପାଣ୍ଡରାସ୍ଥିତ ବାସଭବନ, ପୁରୀସ୍ଥିତ ବାସଭବନରେ ଏକକାଳୀନ ଚଢ଼ାଉ କରିଥିଲେ। ସନ୍ଦୀପଙ୍କ ୨୪ଟି ବ୍ୟାଙ୍କ ଆକାଉଣ୍ଟ, ୧୯ଟି ବିଭିନ୍ନ କମ୍ପାନୀର ବୀମାବଣ୍ଡ, ଭଦ୍ରକର ଦୁଇ ବ୍ୟାଙ୍କରେ ଥିବା ୨ ଲକର, ଭୁବନେଶ୍ୱରରୁ ଏକ ଦାମୀ ବନ୍ଧୁକ ସମେତ ବହୁ କାଗଜପତ୍ର ଭିଜିଲାନ୍ସ ଟିମ୍ ଜବତ କରିଛି। ବ୍ୟାଙ୍କରେ କେତେ ଲକ୍ଷ ଟଙ୍କା ଗଚ୍ଛିତ ଅଛି, ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଜାଣିବା ଲାଗି ଆକଳନ ଚାଲିଛି। ସମସ୍ତ ବ୍ୟାଙ୍କର ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଉଛି। ସମସ୍ତ ସ୍ଥାନରେ ଚଢ଼ାଉ ସମ୍ପର୍କରେ ସବିଶେଷ ତଥ୍ୟ ମଧ ମିଳିପାରି ନ ଥିବା ଡିଏସ୍‌ପି ମହାପାତ୍ର ସୂଚନା ଦେଇଛନ୍ତି। ଇନ୍ସପେକ୍ଟର ସୁଲୋଚନା ନାୟକ, ଜୁନିୟର ଷ୍ଟେନୋଗ୍ରାଫର ଭାନୁପ୍ରିୟା ମହାନ୍ତି, ମନ୍ମଥ ସିଂ ଓ ଗଣନାଥ ବଳ ପ୍ରମୁଖ ଭଦ୍ରକରେ ଚଢ଼ାଉରେ ସାମିଲ ଥିଲେ।

# ଉପଖଣ୍ଡ ହସ୍ପିଟାଲ ଦାବିରେ ଗଣବିକ୍ଷୋଭ

**ଦାବି ପୂରଣ ନହେଲେ ଗଣଆନ୍ଦୋଳନ- କ୍ରିୟାନୁଷ୍ଠାନ କମିଟି**



କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ଗଣବିକ୍ଷୋଭ।

**ଭୋଗରାଇ,୫।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ହସ୍‌ପିଟାଲ ପ୍ରତିଷ୍ଠା କରିବା ଦାବି ନେଇ ବୁଧବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବ ଘୋଷଣାନୁଯାୟୀ କ୍ରିୟାନୁଷ୍ଠାନ କମିଟିର ଶତାଧିକ ସଦସ୍ୟ ଥାନା ଛକରୁ ଶୋଭାଯାତ୍ରାରେ ବାହାରି ଉପଖଣ୍ଡ ହସ୍ପିଟାଲ ଆମର ଦାବି, ସମସ୍ତ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ସମ୍ପର୍କରେ ସ୍ଲୋଗାନ ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ପଙ୍କଜାକ୍ଷ ପଣ୍ଡାଙ୍କ ପୌରହିତ୍ୟରେ ଏକ ପ୍ରତିବାଦ ସଭା ହୋଇଥିଲା। କମିଟିର ସମ୍ପାଦକ ହରିଶଙ୍କର ଦାସ, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ଶିକ୍ଷାବିତ୍ ଡ. ବିଜୟ କୁମାର ମିଶ୍ର, ସାମାଜିକ କର୍ମୀ ରଘୁନାଥ ମହାନ୍ତି, ଚିତ୍ତରଞ୍ଜନ ଦାସ, ରାଜକୁମାର ଦାସ ପ୍ରମୁଖ ଅବିଳମ୍ବେ ଉପଖଣ୍ଡସ୍ତରୀୟ ହସ୍‌ପିଟାଲ ପ୍ରତିଷ୍ଠା ନ ହେଲେ ବୃହତ୍ତର ଗଣଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ଅବସରରେ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧିଦଳ ଏଡିଏମ୍‌ଓ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. କମଳାକାନ୍ତ ଜେନା, ତହସିଲଦାର ଅଭୟ ନାୟକଙ୍କୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅନନ୍ତ ଦାସ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ପ୍ରସୂତୀ, ଅପରେଶନ, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ନୂତନଗୃହ ଏବଂ ଡାକ୍ତରଖାନା ସମ୍ମୁଖ ଫାଟକ ନିର୍ମାଣ ଲାଗି ୧.୬୯ କୋଟି ଟଙ୍କାର ଅନୁଦାନ ଦିଆଯାଇଛି ବୋଲି ଇତିମଧ୍ୟରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କୁ ଜଣାଇଛନ୍ତି। ଭୋଗରାଇରେ ଉପଖଣ୍ଡସ୍ତରୀୟ ହସ୍ପିଟାଲ ପ୍ରତିଷ୍ଠାର ଆବଶ୍ୟକତା ଥିବାରୁ ସେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସଚିବଙ୍କୁ ମଧ ଅବଗତ କରାଇଥିବା କହିଛନ୍ତି।

## ସରସ୍ୱତୀପୁର ଗୁଡ ନ୍ୟୁଜ୍ ଡ୍ରିମ୍ ହାଉସ ସେଣ୍ଟର ସିଲ୍

# ଦିଆଯାଇନି ଏତଲା, ବଢୁଛି ସନ୍ଦେହ

- ଅନୁଷ୍ଠାନକୁ ଯୋଗାଣ ହେଉଥିଲା ସରକାରୀ ଚାଉଳ
- ଅନ୍ତେବାସୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ

**ରେମୁଣା,୫।୧୨(ଡିଏନଏ)**

ରାଜ୍ୟରେ ଥିବା ଗୁଡ୍ ନ୍ୟୁଜ ଡ୍ରିମ୍ ହାଉସ ସେଣ୍ଟରର ବିଭିନ୍ନ ଶାଖାରେ ଅନ୍ତେବାସିନୀଙ୍କୁ ନିର୍ଯାତନା ସାଙ୍ଗକୁ ବହୁ ଅନିୟମିତ କାର୍ଯ୍ୟ ହୋଇଥିବା ପଦାକୁ ଆସିବାରେ ଲାଗିଛି। ଢ଼େଙ୍କାନାଳରେ ଥିବା ଏହି ସଂସ୍ଥାରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେବା ପରେ ବାଲେଶ୍ୱର ଜିଲା ଶିଶୁ ମଙ୍ଗଳ କମିଟି ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ରେମୁଣା ବ୍ଲକ ସରସ୍ୱତୀପୁର ପଞ୍ଚାୟତ ନିକଟରେ ଥିବା ଏହାର ଏକ ଶାଖାରେ ସୋମବାର ଚଢାଉ କରି ତଦନ୍ତ କରିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଭାଗୀରଥି ବାରିକ, ଜିଲା ଶିଶୁ ସୁରକ୍ଷା ୟୁନିଟର ଅଧ୍ୟକ୍ଷ ମନୋଜ କୁମାର ସେନାପତି, ପର୍ଯ୍ୟବେକ୍ଷକ ମୁକ୍ତିକାନ୍ତ ପଣ୍ଡା, ଅଣାନୁଷ୍ଠାନିକ ଶିଶୁ ସୁରକ୍ଷା ଅଧିକାରୀ ସତ୍ୟରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ସଞ୍ଜୁକ୍ତା ରାଉତ, ସୌମେନ କୁମାର ଗିରି ପ୍ରମୁଖ ଉକ୍ତ ଡ୍ରିମ୍ ହାଉସ ସେଣ୍ଟରର ଉପର ତାଲାରେ ଥିବା ସମସ୍ତ କକ୍ଷକୁ ଯଉ ମୁଦ ଦେଇ ସିଲ୍ କରିଦେଇଛନ୍ତି। ଏଥିସହ ତଳେ ଥିବା ଗୋଟିଏ କକ୍ଷକୁ ଛାଡି ଅନ୍ୟ ସମସ୍ତ କକ୍ଷକୁ ବନ୍ଦ କରି ଦିଆଯାଇଛି । କେନ୍ଦ୍ରରେ ଥିବା ୨୪ ଝିଅ ଏବଂ ୧୮ ପୁଅଙ୍କୁ ପ୍ରଶାସନ ଅନ୍ୟତ୍ର ସ୍ଥାନାନ୍ତର କରିଛି। ରେମୁଣାସ୍ଥିତ ଗୁଡ ନ୍ୟୁଜ ସେଣ୍ଟର ସମ୍ପର୍କରେ ଏଯାଏ ଥାନାରେ କୌଣସି ଏତଲା ଦିଆଯାଇ ନ ଥିବାରୁ ସାଧାରଣରେ ନାନା ସନ୍ଦେହ ପ୍ରକାଶ ପାଇଛି। ଶିଶୁମଙ୍ଗଳ କମିଟି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ମଧ ବିବାଦ ଘେରକୁ ଟାଣି ହୋଇ ଆସିଛନ୍ତି। ଉକ୍ତ କେନ୍ଦ୍ରକୁ ରେମୁଣା ବ୍ଲକ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ନିୟମିତ ଚାଉଳ ଯୋଗାଣ ହେଉଥିଲା ବୋଲି ଚର୍ଚ୍ଚା ହେଉଛି। ମଙ୍ଗଳବାର ଭାଜପାର ଏକ ମହିଳା ପ୍ରତିନିଧିଦଳ ଉକ୍ତ କେନ୍ଦ୍ରକୁ ଯାଇ ସେଠାରେ ଥିବା ଅନ୍ୟ ଅନ୍ତେବାସୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରି ଫେରିଛନ୍ତି। ସେଠାରେ ଅନ୍ତେବାସୀଙ୍କୁ ନିର୍ଯାତନା ଦିଆଯିବା ବହୁ ଅନିୟମିତ କାର୍ଯ୍ୟ ହେଉଥିଲା ବୋଲି ପ୍ରତିନିଧିଦଳ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ମହିଳାମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ସୁଷମାରାଣୀ ବିଶ୍ୱାଳ, କାର୍ଯ୍ୟନିର୍ବାହୀ ସଦସ୍ୟା ସିପ୍ରା ବାଜପେୟୀ, ଜିଲା ସଭାନେତ୍ରୀ କମଳା ବିନ୍ଧାଣୀ, ସରପଞ୍ଚ ରଶ୍ମୀରେଖା ବେହେରା ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ଼ୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ବାଲେଶ୍ୱର, କେନ୍ଦୁଝର, ମୟୁରଭଞ୍ଜ:** ଆଲୋକ କାନୁନ୍‌ଗୋ (୯୯୩୭୨୭୪୩୭୬/୮୨୪୯୫୮୪୦୧୦)
**ଭଦ୍ରକ:** ଦେବରାଜ ସାମଲ (୯୯୩୮୧୩୭୭୪୬)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗ୍ନି, ବ୍ୟାଧି, ରଣ;**
**ଏ ତିନିଙ୍କି ନ ରଖିବ ପୁଣ ।**

ଅଗ୍ନି ସବୁକିଛି ଜାଳିପୋଡ଼ି ଭସ୍ମ କରି ଦେଇଥାଏ । ରୋଗ ପୁରୁଣା ହୋଇଗଲେ ଭଲ ହେବା କଷ୍ଟକର ହୋଇଯାଏ । ସେହିପରି ରଣ ଠିକ୍ ସମୟରେ ଶୁଝା ନ ଗଲେ ସୁଧମୂଳ ବଢ଼ିଯାଏ । ଚାଣକ୍ୟଙ୍କ ମତରେ ଅଗ୍ନି, ବ୍ୟାଧି ଓ ରଣର ଶେଷ ରଖିବ ନାହିଁ। କାରଣ ଏଗୁଡ଼ିକ ପରେ ବଡ଼ି ବଡ଼ି ମଣିଷର ସର୍ବନାଶର କାରଣ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଅଇଲ ବନ୍ଧୁ ଭୁଲ କଲ**
**ବସିବାକୁ ନାହିଁ ଠାଆ,**
**ଯେଉଁ ବାଟେ ବାଟେ ଅଇଲ ବନ୍ଧୁ**
**ସେଇ ବାଟେ ବାଟେ ଯାଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି । ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା'ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି । ଘରକୁ ସମାଗତ ବନ୍ଧୁକୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଶିଶୁ ଯତ୍ନ କେନ୍ଦ୍ରରେ ସୁରକ୍ଷା ଚିନ୍ତା

- ନିୟମିତ ତଦାରଖର ଅଭାବ
- ଢେଙ୍କାନାଳ ଭଳି ପରିସ୍ଥିତି ଆଶଙ୍କା
- ସୁଷମ ଖାଦ୍ୟ ଦିଆଯାଉନି

**କେନ୍ଦୁଝର, ୫।୧୨(ସ୍ୱ.ପ୍ର.)**

ଢେଙ୍କାନାଳ ଜିଲାରେ ଘରୋଇ ଶିଶୁ ଯତ୍ନ କେନ୍ଦ୍ରରେ ଶିଶୁଙ୍କ ପ୍ରତି ଯୌନ ନିର୍ଯାତନା ଘଟଣା ନେଇ ରାଜ୍ୟରେ ଉଦବେଗ ପ୍ରକାଶ ପାଇଛି । କେନ୍ଦୁଝର ଜିଲାରେ ଚାଲିଥିବା ଘରୋଇ ଶିଶୁ ଯତ୍ନ ଆଶ୍ରୟସ୍ଥଳୀଗୁଡିକରେ ତଦାରଖ ହେଉ ନ ଥିବା ଅଭିଯୋଗ ହେଉଛି । ଗରିବ, ଆଦିବାସୀ ଶିଶୁଙ୍କୁ ବିଭିନ୍ନ ପ୍ରକାରର ସୁବିଧା ଯୋଗାଇଦେବା ଓ ମାଗଣାରେ ଆବାସିକ ଶିକ୍ଷାଦାନ ଦେବା ପାଇଁ ବହୁ ଅନୁଷ୍ଠାନ ଜିଲାରେ ଗଜିଉଠିଛି । ଏ ନେଇ ଠିକ ତଥ୍ୟ କାହା ପାଖରେ ନାହିଁ । ସେହି ଅନୁଷ୍ଠାନରେ ଶିଶୁଙ୍କୁ କିପରି ପରିବେଶରେ ରଖାଯାଉଛି, କ'ଣ ଖାଇବାକୁ ଦିଆଯାଉଛି ତାହାର ନିୟମିତ ଯାଞ୍ଚ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଏଭଳି ସଂସ୍ଥା ଗୁଡିକୁ ନିୟମିତ ଗସ୍ତ କରି ଶିଶୁଙ୍କ ଅବସ୍ଥା ବୁଝି ଦେଖିବା ପାଇଁ ଶିଶୁ ମଙ୍ଗଳ ସମିତି ରହିଛି । ତଦାରଖ ଅଭାବରୁ ଅଣଦେଖା କରାଯାଉଥିବାରୁ ଆଗାମୀ ଦିନରେ ଜିଲାରେ ଢେଙ୍କାନାଳ ଭଳି ପରିସ୍ଥିତି ଦେଖାଦେବା ଆଶଙ୍କା ରହିଛି ।

ଉକ୍ତ ସଂସ୍ଥାଗୁଡିକରେ ଅସ୍ୱାସ୍ଥ୍ୟକର ପରିବେଶରେ ପିଲାଙ୍କୁ ରଖାଯିବା, ସୁଷମ ଖାଦ୍ୟ ଦିଆ ନ ଯିବା ଭଳି ଅନେକ ସମୟରେ ଅଭିଯୋଗ ହେଉଛି । ଏପରିକି ଏକାଠି ପୁଅଝିଅଙ୍କୁ ରଖାଯାଉଥିବା ଅଭିଯୋଗ ହେଉଛି । ଝିଅ ପିଲାମାନେ ନିର୍ଯାତନାର ଶିକାର ହେଉଛନ୍ତି । ଜିଲା ମୁଖ୍ୟାଳୟରେ ଏଭଳି କେତେକ ଘରୋଇ ଅନୁଷ୍ଠାନ ଚାଲିଛି । ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକଙ୍କୁ ପଚାରିବାରୁ ପ୍ରଶାସନ ପକ୍ଷରୁ ଶିଶୁଙ୍କ ଅଧିକାର ଓ ଯତ୍ନକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଉଛି । ଘରୋଇ ଅନୁଷ୍ଠାନରେ ଶିଶୁଙ୍କ ଅବସ୍ଥା ଓ ରହୁଥିବା ପରିବେଶକୁ ତଦାରଖ କରାଯାଉଛି ବୋଲି ସେ କହିଛନ୍ତି ।

## ଶ୍ମଶାନରେ ନାହିଁ ଶବଦାହ ଗୃହ

**ରାଇସୁଆଁ, ୫।୧୨(ଡି.ଏନ.ଏ.):** ଶବଦାହ ପାଇଁ ଶ୍ମଶାନରେ ଗୃହ ନିର୍ମାଣ ଯୋଜନା ରହିଛି । କେନ୍ଦୁଝର ଜିଲା ସଦର ବ୍ଲକର ବହୁ ଗ୍ରାମରେ ଅଦ୍ୟାବଧି ଶ୍ମଶାନ ଗୃହ ନାହିଁ ନ ଥିବାରୁ ବର୍ଷା ଦିନରେ ଶବସତ୍କାର ଲାଗି ସମସ୍ୟା ହେଉଛି । ହଇରାଣ ହୋଇ ବର୍ଷା ପବନରେ ଭିଜି ଲୋକେ ଶବଦାହ କରୁଛନ୍ତି । ଏହିପରି ଘଟଣା ସଦର ଅଞ୍ଚଳର ନୂଆଗାଁ ପଞ୍ଚାୟତ କେନ୍ଦୁପଶି, ଗୋପିନାଥପୁର ପଞ୍ଚାୟତର ହର୍ଷପୁର ଗ୍ରାମ, ରାଇସୁଆଁ ପଞ୍ଚାୟତର ପୁଣା ଥାନା ସାହିରେ ଦେଖିବାକୁ ମିଳିଛି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସ୍କ୍ରାପ୍ ବୋଝେଇ ଗାଡ଼ି ଜବତ, ୩ ଗିରଫ

**ଯୋଡ଼ା, ୫।୧୨(ଡି.ଏନ.ଏ.)**

ଚୋରା ସ୍କ୍ରାପ ବୋଝେଇ ଗାଡିକୁ ସୋମବାର ରାତିରେ ଜବତ କରି ୩ ଜଣଙ୍କୁ ଯୋଡ଼ା ଥାନା ପୋଲିସ ଗିରଫ କରିଛି । ସେମାନେ ହେଲେ ସମୀମ୍ ଖାନ୍, ଜଗନ୍ନାଥ ଆପଟ, ହରିହର ସାହୁ । ପିକ୍‌ଅପ ଗାଡି ନଂ ଓଡି ୦୯ ଏ ୭୬୫୪କୁ ପାଟ୍ରୋଲିଂ କରୁଥିବା ପୋଲିସ କର୍ମଚାରୀ କରୁଣାକର ନାଏକଙ୍କ ଅଟକାଇଥିଲେ । ଏ ନେଇ ଏକ ମାମଲା (ନଂ. ୨୦୧/୧୮) ରୁଜୁ ହୋଇଥିବା ଯୋଡ଼ା ଥାନା ସବଇନ୍ସପେକ୍ଟର ମନୋରଞ୍ଜନ ବିସି କହିଛନ୍ତି ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ହାଟଡିହୀ, ୫।୧୨(ଡି.ଏନ.ଏ.)**

ହାଟଡିହୀ ବ୍ଲକ ଶାସଙ୍ଗ ପଞ୍ଚାୟତର ଧର୍ମପରାୟଣ ବ୍ୟକ୍ତି ରାମଚନ୍ଦ୍ର ବିଶ୍ୱାଳ(୯୧)ଙ୍କ ବୁଧବାର ପରଲୋକ ଘଟିଛି । ସେ ସରଳ, ନିଷ୍କପଟ, ପରୋପକାରୀ ବ୍ୟକ୍ତିଭାବେ ଜଣାଶୁଣା ଥିଲେ । ତାଙ୍କ ପରଲୋକରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ପୁଅ ବିମ୍ବାଧର ବିଶ୍ୱାଳ ସରପଞ୍ଚ ଥିବା ବେଳେ ବୋହୁ ସଞ୍ଜୁଲତା ବିଶ୍ୱାଳ ହାଟଡିହୀ ବ୍ଲକ ଅଧକ୍ଷା ଅଛନ୍ତି । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ ।

### ଯୋଡ଼ା ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

# ୧୦୨ ୟୁନିଟ୍ ରକ୍ତ ସଂଗ୍ରହ




ଜଣେ ସ୍ୱେଚ୍ଛାସେବୀ ରକ୍ତ ଦେଉଛନ୍ତି ।

**ଯୋଡ଼ା, ୫।୧୨(ଡି.ଏନ.ଏ.)**

ଯୋଡ଼ା ମହିଳା ମହାବିଦ୍ୟାଳୟରେ ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରକୁ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ ଉଦ୍‌ଘାଟନ କରି ପ୍ରଥମେ ରକ୍ତଦାନ କରିଥିଲେ । ଜାତୀୟ ସେବା ଯୋଜନା, ରେଡକ୍ରସ, ରେଡ ରିବନ୍ ଓ ଏନସିସିଙ୍କ ସହଯୋଗରେ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏଥିରେ ମହିଳା କଲେଜର ଛାତ୍ରୀ ଲୋକଙ୍କୁ ରକ୍ତଦାନ ପାଇଁ ଆହ୍ୱାନ କରିଥିଲେ । ବିଭିନ୍ନ ୟୁଥ୍ କ୍ଲବ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ବହୁ ମହିଳାପୁରୁଷ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ।

କେନ୍ଦୁଝର ରେଡକ୍ରସ ଓ ବ୍ଲଡବ୍ୟାଙ୍କ ତରଫରୁ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ, କେନ୍ଦୁଝର ବ୍ଲଡ ବ୍ୟାଙ୍କ ଜନସମ୍ପର୍କ ଅଧିକାରୀ ଅକ୍ଷୟ ସାହୁ, ମହାବିଦ୍ୟାଳୟର ଅଧକ୍ଷା ମୃଦୁଳା ମହାନ୍ତି, ଜାତୀୟ ସେବା ଯୋଜନାର ୟୁନିଟ ୩ ପ୍ରୋଗ୍ରାମ ଅଫିସର ସବିତା ଖାଟୋଇ, ଅଧ୍ୟାପିକା ସୁଚିତ୍ରା ଦାସ, ୟୁଥ୍ ରେଡକ୍ରସର ଅଧ୍ୟାପକ ପବିତ୍ର ମୋହନ କର, ଅଧ୍ୟାପିକା ଐଶ୍ୱର୍ଯ୍ୟାମୟୀ ପାତ୍ର, ଅଧ୍ୟାପିକା ସୁଶ୍ରୀ ଶୁଭଦର୍ଶନୀ ପଣ୍ଡା, ଗୀତା ମିଶ୍ର, ମଞ୍ଜୁଶ୍ରୀ ମହାପାତ୍ର, ମଧୁମିତା ମହାନ୍ତି, ଜୟଶ୍ରୀ ମହାନ୍ତି, ଏନସିସିର ଉଇଂ କମାଣ୍ଡର ସୁମନପ୍ରଭା ତିର୍କିଙ୍କ ସମେତ ଅଧ୍ୟାପକ ବିଭୁତି ମହାନ୍ତି, ଗ୍ରାନ୍ଥାଗାରିକ ପଦ୍ମାଳୟ ମହାନ୍ତି ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## Bhubaneswar Smart City Limited

Bhubaneswar Smart City Limited, Block 1, II Floor, BMC-Bhawani Mall, Bhubaneswar-751007

No. 5772 Date: 03.12.18

**1st Corrigendum to Tender Call Notice Vide bid Identification No. 5733/BSCL/187/2018, dated 28.11.2018**

No.371-C:- The Notice Inviting Bid No. 5733/BSCL/187/2018, dated 28.11.2018 towards "Development of cycle track corridor in Bhubaneswar Smart City has been revised as below."

| | | |
|---|---|---|
| 1. | Period of completion | 06 (Six Months) |
| 2. | Date and time for availability of bid in web | 14.12.2018 |
| 3. | Date of Pre-Bid Meeting | 21.12.2018 at 11.00 AM |
| 4. | Last date/ time for receipt of Bid in web portal | 05.01.2019 upto 5.00 PM |
| 5. | Date of submission of original documents, EMD, Bid document cost | 07.01.2019 upto 5.00 PM |
| 6. | Date of opening of technical Bid | 09.01.2019 at 11.30 AM |

The Revised Notice inviting tender along with other documents will be published in the e-procurement portal website http://tendersorissa.gov.in. Any addendum/ corrigendum/ cancellation of tender can be seen in the web mentioned above.

Sd./- Chief Executive Officer
13070/11/0041/1819 Bhubaneswar Smart City Limited

## ZILLA SWASTHYA SAMITI, KORAPUT

OFFICE OF THE CHIEF DISTRICT MEDICAL OFFICE, KORAPUT
Phone No : 06852-252064,
Email- nhmkpt@gmail.com

Letter No. 576/NCD/KPT Date : 01.12.2018

### TENDER CALL NOTICE

No.624-E: Sealed tenders are invited from registered or manufacturer or importer or authorized distributor or wholeseller agencies for supply of strecher for IMR & MMR programme under NHM, Koraput. The tender document should reach to the office of the undersigned by 21.12.2018, 1.00 P.M. through speed post / Regd. Post/ Courier along with all relevant documents and will be opened on the same day at 05.00 P.M. The details specifications, terms & conditions can be available in the district website : www.koraput.nic.in. The undersigned reserves the right to accept or reject without assigning any reason thereof.

10077/11/0023/1819 Sd./- CDM & PHO, Koraput

## OFFICE OF THE EXECUTIVE ENGINEER RWS&S DIVISION, PURI – 752002

Phone (06752) 251276, Fax :- (06752) 251276, E-mail:-eerwss_puri@nic.in

### NATIONAL COMPETITIVE BIDDING THROUGH E-PROCUREMENT

**Bid Identification No. RWSSPURI 70 /2018-19**

No.1117-O: The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 1 (ONE) |
| 2. | Time for completion: | Two months |
| 3. | Cost of bidding document: | Rs. 6000/- |
| 4. | Class of Contractors eligible: | D & C |
| 5. | Availability of bids on-line: | From 17 hour of 07.12.2018 to 17.00 hours of 17.12.2018 |
| 6. | Last date and time for seeking clarification: | 17.00 hours of 14.12.2018 |
| 7. | Date & time of opening of technical bids: | On dt 18.12.2018 at 12.00 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in**.

Sd./- Executive Engineer, RWS&S Division, Puri
25017/11/0087/1819

## BERHAMPUR MUNICIPAL CORPORATION, GANJAM
## INVITATION FOR BIDS (IFB)

No.19877/XVIII.E6.12/18 Date : 03.12.2018

**INVITATION FOR BIDS**
**Bid Identification No. BMC (BAM)-182/2018-19** No.368-C

| | | | |
|---|---|---|---|
| 1. | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | | |
| 2. | Natue of Work | : | Electrical Works |
| 3. | No. of Work | : | 3 Nos |
| 4. | Bid Cost. | : | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | E.M.D. | : | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6. | Class of Contractor | : | As per the Annexure "A" |
| 7. | Availability of Bid Documents in the website | : | From 15.00 hrs. of Dt. 05.12.2018 to 17.00 hrs. of 24.12.2018 |
| 8. | Date of opening of Bid | : | 11.30 hrs. onwards on Dt. 26.12.18. |
| 9. | Mode of submission of tender | : | Tender should be submitted on line in www.tendersorissa.gov.in |
| | The Bidders have to partcipate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum/ cancellation of tender can also be seen in the said website only. | | |

13035/11/0163/1819 Sd./- Commissioner, Berhampur Municipal Corporation, Berhampur, Odisha

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286 7750921101

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ରଣ ଏବଂ ସମସ୍ତ ରଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

**FINANCE**
Mahalaxmi Credit Services
Bank ଯଦି ରଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ରଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469 8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ରଣ ଉପରେ ରଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ରଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370 7840058835
H.No.-258, VPO Duhai, Ghaziabad, (U.P.) 201203

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8697980580

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ରଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ରଣ 0% ସୁଧ, 35% ସବ୍‌ସିଡି।
Helpline 18002126755 08802683947
Dist: Khargaon, Madhyapradesh

**T.C.F. FINANCE**
(Govt. Registered)
ରଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ରଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହରଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ରଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

**Shri Ram Finance**
ସେବା ସମିତି ରଣ ଅଫର୍
ପିଏମ୍ ରଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ରଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ରଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers 9996568749 7497026992
Kutasingha, Tentuligaon, Bolangir, Orissa 767068

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ରଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603 7064382081

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।



A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଟଙ୍କା ନେଇଯାନ୍ତୁ, ଧୋକା ଦେଉନୁ
**MUDRA FINANCE**
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ରଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ନୂଆବର୍ଷର ଶୁଭ ଅବସରରେ
**GANAPATI FINANCE**
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ରଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
**HI-TECH TOWER**
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614 09753490869
#908, Dhiman Line, Yamuna Nagar, Haryana.

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ଘରୋଇ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା, ୫।୧୨(ଡି.ଏନ.ଏ.):** ଯୋଡ଼ା ଥାନା ବାଚୁ ହଟିଂରେ ଘରୋଇ କଳହରୁ ବୁଧବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ବାଚୁ ହଟିଂରେ ରହୁଥିବା ସୁଶାନ୍ତ ବେହେରା(୨୭) ଏକ ଓଢ଼ଣୀ ଦ୍ୱାରା ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଘରୋଇ କଳହରୁ ସୁଶାନ୍ତ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କାର୍‌କୁ ଧକ୍କା ଦେଲା ଲୁହା ବୋଝେଇ ଟ୍ରକ୍

**କୋଲିମାଟି, ୫।୧୨(ଡି.ଏନ.ଏ.):** ଆନନ୍ଦପୁର ୨୦ ନଂ ଜାତୀୟ ରାଜପଥ ଘସିପୁରା ଥାନା ଅଧୀନ ଧକୋଠା ପଞ୍ଚାୟତ ଜଳନଣ୍ଡା ଛକ ନିକଟରେ ବୁଧବାର ସକାଳ ୯ଟା ୩୦ ମିନିଟ ସମୟରେ ଏକ ଦୁର୍ଘଟଣା ଘଟିଛି। ଘଟଗାଁ ପଟୁ ଯାଉଥିବା ଲୁହା ବୋଝେଇ ଏକ୍ ଟ୍ରକ୍ ସହ ଘସିପୁରା ଆଡୁ ଆସୁଥିବା କାର ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। କାର ଭାଙ୍ଗି ଯାଇଛି। କାର୍ ଭିତରେ ବସିଥିବା ୩ ଜଣ ଲୋକଙ୍କ କୌଣସି କ୍ଷତି ଘଟି ନାହିଁ। ସ୍ଥାନୀୟ ଲୋକେ କାର୍ ଓ ଟ୍ରକ୍‌କୁ ଅଟ ରଖି ଘସିପୁରା ଥାନା ଅଧିକାରୀଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୨ ଗାଡ଼ିକୁ ଜବତ କରିଥିଲା।

### ୨ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

**ଚମ୍ପୁଆ, ୫।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଞ୍ଚଳରେ ବୁଧବାର ଏକ ଅମାନବୀୟ ଘଟଣା ଘଟିଛି। ୨ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ନାବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ନାବାଳକଙ୍କୁ ପୋଲିସ କାବୁ କରି ରାଉରକେଲାସ୍ଥିତ ସୁଧାର ଗୃହକୁ ପଠାଯାଇଛି। ଝିଅଟି ନିଜ ଘର ଅଗଣାରେ ଖେଳୁଥିଲେ। ସେହି ସମୟରେ ଚକୋଲେଟ୍ ଲୋଭ ଦେଖାଇ ତାଙ୍କୁ ଏକ ଘରକୁ ନେଇ ନାବାଳକ ଜଣଙ୍କ ବଳାତ୍କାର କରିଥିଲେ। ଏ ନେଇ ଝିଅ ଜଣଙ୍କ ଘଟଣା ସମ୍ପର୍କରେ ତାଙ୍କ ବାପାଙ୍କୁ କହିଥିଲେ। ତାଙ୍କ ବାପା ଚମ୍ପୁଆ ଥାନାରେ ନାବାଳକଙ୍କ ନାମରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଧରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା ପରେ ନାବାଳକଙ୍କୁ ସୁଧାର ଗୃହକୁ ପଠାଯାଇଥିବା ଚମ୍ପୁଆ ପୋଲିସ ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି।

### ପୁରସ୍କୃତ ହେଲେ କୃତୀ ଛାତ୍ର



**ହାଟଡିହୀ, ୫।୧୨-** ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଓମ୍ ପ୍ରକାଶ ମହାନ୍ତି ସଫଳ ହୋଇଛନ୍ତି। ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଥିବା ଓମ୍ ପ୍ରକାଶଙ୍କୁ ସୋସୋ ନୋଡାଲ ଉପ୍ରା ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଛି। ଓମ୍ ପ୍ରକାଶ ଜଣେ ମେଧାବୀ, ମିଷ୍ଟଭାଷୀ ଓ ସମୟାନୁବର୍ତ୍ତୀ ଛାତ୍ର ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ରାଉତ କହିଛନ୍ତି। ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓମ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ହାଟଡିହୀ ବ୍ଲକ ସୋସୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ପୂର୍ବତନ ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତିଙ୍କ ନାତି। ଓମ୍‌ଙ୍କ ପିତା ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଜଣେ ଗଣମାଧ୍ୟମ ପ୍ରତିନିଧି ଥିଲାବେଳେ ମା' ଅଞ୍ଜଳି ବେହେରା ଶିକ୍ଷୟିତ୍ରୀ। ସଫଳତାର ସମସ୍ତ ଶ୍ରେୟ ସେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି।

### ଅବସରପ୍ରାପ୍ତ ଡା. ରାଧାମୋହନଙ୍କ ପରଲୋକ

**ପାଟଣା, ୫।୧୨(ସ୍ୱ.ପ୍ର.):** ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଗମ୍ଭାରୀଆ ଗ୍ରାମର ଅବସରପ୍ରାପ୍ତ ହୋମିଓପ୍ୟାଥିକ ଡା. ରାଧାମୋହନ ସାମଲଙ୍କ (୯୬) ମଙ୍ଗଳବାର ରାତିରେ ପରଲୋକ ହୋଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ସ୍ଥାନୀୟ ଅଞ୍ଚଳରେ ସେ ଜଣେ ଜଣାଶୁଣା ସାମାଜିକ କାର୍ମୀ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତୁଣୀନାତି ଉପସ୍ଥିତ ଥିଲେ। ସାନ ପୁଅ ବିନୟ ସାମଲ ମୁଖାଗ୍ନି ଦେଇଥିଲେ। ବୈତରଣୀ ନଦୀର ଉଦୟପୁରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଭିତ୍ତିଭୂମି ନ ଥାଇ ଅଙ୍ଗନୱାଡ଼ି

**ତେଲକୋଇ, ୫।୧୨(ଡି.ଏନ.ଏ.)**

- ଅସ୍ଥାୟୀ ଘର ସାହା
- ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି ଛାତ୍ରୀଛାତ୍ର
- ମିଳୁନି ପୁଷ୍ଟିକର ଖାଦ୍ୟ

ଆଦିବାସୀ ବହୁଳ ତେଲକୋଇ ଅଞ୍ଚଳରେ ଶିଶୁ ପ୍ରକଳ୍ପ ବିଭାଗ ପକ୍ଷରୁ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ସହ ନିଜସ୍ୱ ଗୃହ ନ ଥିବାରୁ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ଅଧିକାଂଶ କେନ୍ଦ୍ର ଗ୍ରାମ ମଣ୍ଡପ, କ୍ଲବ ଗୃହ, ବିଦ୍ୟାଳୟ ଓ ଜଙ୍ଗଲ ସୁରକ୍ଷା ଗୃହରେ ପାଠପଢ଼ା ଚାଲିଛି। ଉକ୍ତ ଅଞ୍ଚଳ ଥିବା ୧୮୫ ଅଙ୍ଗନୱାଡି କେନ୍ଦ୍ର, ୪୬ ମିନି ଅଙ୍ଗନୱାଡି କେନ୍ଦ୍ରରେ ସମସ୍ୟା ଦେଖା ଦେଇଛି। ସମସ୍ତ କେନ୍ଦ୍ର ଅଧୀନରେ ୧୦ ହଜାରରୁ ଉର୍ଦ୍ଧ୍ୱ ଶିଶୁ ରହିଛନ୍ତି। ୨ ହଜାରରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳା ପୁଷ୍ଟିକର ଖାଦ୍ୟ ଓ ଔଷଧ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ବିଭାଗ ପକ୍ଷରୁ ନିଜସ୍ୱ ଗୃହ କରାଯାଇ



ଅଙ୍ଗନୱାଡି ଶିଶୁଙ୍କ ସହ ଗ୍ରାମବାସୀ।

ପାରି ନ ଥିବାରୁ କାମକାର୍ଯ୍ୟ କାଗଜପତ୍ରରେ ସୀମିତ ରହିଥିବା ଲୋକେ ଅଭିଯୋଗ କରିଛନ୍ତି।

ପୁଷ୍ଟିକର ଖାଦ୍ୟ ପାଇଁ ୨ କେନ୍ଦ୍ରରେ ଛତୁଆ, ସୁଜି ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯାଇଛି। ଉକ୍ତ ପ୍ରକ୍ରିୟାକରଣ ସମସ୍ତ କେନ୍ଦ୍ରର ଛୁଆ ଓ ଗର୍ଭବତୀ ମା'ଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ବହୁ କେନ୍ଦ୍ରରେ ତାହା ଅପହଞ୍ଚ ହୋଇଥିବା କୁହାଯାଉଛି। ଏ ନେଇ ଶିଶୁ ପ୍ରକଳ୍ପ ବିଭାଗ ଅଧିକାରୀ ସୁପ୍ରଭା ମିଶ୍ରଙ୍କୁ ପଚାରିବାରୁ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା ଚାଲିଛି। ଅନ୍ୟ କେନ୍ଦ୍ର କ୍ଲବ ଗୃହ, ଗ୍ରାମ ମଣ୍ଡପରେ ଚାଲିଛି। ନିଜସ୍ୱ କେନ୍ଦ୍ର ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ବ୍ୟୟବରାଦ ରହିଛି। କାର୍ଯ୍ୟକାରୀ କରାଯିବାର ଯୋଜନା ରହିଛି। ଛତୁଆର ମାନ ଯାଞ୍ଚ କରାଯାଇ ସମସ୍ତ କେନ୍ଦ୍ରକୁ ପଠାଯାଉଥିବା ସେ କହିଛନ୍ତି।

# ବିଜେଡି ଯୁବନେତା ଗିରଫ

**ପାଟଣା, ୫।୧୨(ସ୍ୱ.ପ୍ର.)**



ଦୀପୁ ଖାଟୁଆଙ୍କ ଫାଇଲ ଫଟୋ।

ପୋଲିସକୁ ଠେଲାପେଲା, ଧମକ ଓ ଲୋକଙ୍କୁ ମତାଇ ରାସ୍ତା ଅବରୋଧ କରିବା ଅଭିଯୋଗରେ କେନ୍ଦୁଝର ଜିଲା ଯୁବ ବିଜେଡିର ଜଣେ ସଦସ୍ୟଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପାଟଣା ଥାନା ସାହାରପଡ଼ା ପଞ୍ଚାୟତ ଦୁବେଇ ପେଣ୍ଠ ଗ୍ରାମର ଦାରିକା ଖାଟୁଆଙ୍କ ପୁଅ କରୁଣା ସାଗର ଓରଫ ଦୀପୁ(୩୬)। ଦୀପୁ ସାହାରପଡ଼ା ବିଜେଡି ଦଳର ଜଣେ ଆଗ ଧାଡ଼ିର ଯୁବ ନେତା ଭାବେ ଜଣାଶୁଣା। ପୂର୍ବରୁ ସେ ପାଟଣା ବିଧାୟକଙ୍କ ପ୍ରତିନିଧି ଥିଲେ।

ପାଟଣା ଥାନାଧିକାରୀ ପ୍ରମୋଦିନୀ ସାହୁ ଓ ସାହାରପଡ଼ା ଫାଣ୍ଡି ଅଧିକାରୀ ଅଶୋକ କୁମାର ପୋହିଙ୍କ ଅଭିଯୋଗ ମୁତାବକ ମଙ୍ଗଳବାର ସନ୍ଧ୍ୟାରେ ସାହାରପଡା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଏ ନେଇ ଦୀପୁ ଖାଟୁଆ ଲୋକଙ୍କୁ ମତାଇ ରାସ୍ତା ଅବରୋଧ କରିବା, ଏଏସଆଇ ଅଶୋକ ପୋହୀଙ୍କୁ ଠେଲାପେଲା କରିଥିଲେ। ବୁଧବାର ପୂର୍ବାହ୍ନରେ ଥାନାଧିକାରୀ ପ୍ରମୋଦିନୀ ସାହାରପଡ଼ା ଟ୍ରାଫିକ ସମସ୍ୟା ବୁଝିବା ପାଇଁ ଯାଇଥିଲେ। ସେଠାରେ ଦୀପୁ ପୋଲିସକୁ ଠେଲାପେଲା କରିବା, କାର୍ଯ୍ୟରେ ବାଧା ଉପୁଜାଇବା ସହ ଗିରଫ କଲେ ଦେଖିଦେବି କହି ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୧୬୩/୧୮) ରୁଜୁ ହୋଇଥିବା ଏସଆଇ ବୈଲୋଚନ ସିଂ କହିଛନ୍ତି।

# ଅପରାଧୀଙ୍କ ଟେର୍ ପାଉନି ପୋଲିସ

**ବଡ଼ବିଲ, ୫।୧୨(ସ୍ୱ.ପ୍ର.)**

**ଲୁଟ୍ ଘଟଣାକୁ ମାସେ ବିତିଲା**

ବଡ଼ବିଲ ଥାନା ଅନ୍ତର୍ଗତ ରାଜୀବ ବିହାରରୁ ଗତ ନଭେମ୍ବର ୭ ତାରିଖ ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରର ଝରକା ତାଡି ଲୁଟ୍ ହୋଇଥିଲା। ଚୋରମାନେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ୨ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା, ଦୁଇଟି ବନ୍ଧୁକ (ଗୋଟିଏ ରାଇଫଲ ଓ ଗୋଟିଏ ମାଉଜର), ୧୦ ରାଉଣ୍ଡ ଲେଖାଏଁ ଗୁଳି ଭର୍ତ୍ତି ୩ କାଟ୍ରିଜ୍ ଲୁଟ୍ କରିଥିଲେ। ଉକ୍ତ ଘଟଣାକୁ ଏକ ମାସ ବିତିବାକୁ ବସିଛି। ଅଦ୍ୟାବଧି ଅପରାଧୀଙ୍କ ଟେର୍ ପାଇବାରେ ପୋଲିସ ବିଫଳ ହୋଇଛି।

ସେହି ଦିନ ଦୀପାବଳି ଥିଲା। ବିଳମ୍ବିତ ରାତିରେ ବଡ଼ବିଲ-ଠାକୁରାଣୀ ରାସ୍ତାର ରାଜୀବ ବିହାର କଲୋନୀରେ ରହୁଥିବା ମନଜିନ୍ଦର ସିଂ ଓରଫ ମନୁଙ୍କ ଘର ଝରକା ଗ୍ରୀଲ ତାଡି ଦୁର୍ବୃତ୍ତମାନେ ଚୋରିକରି ଫେରାର ହୋଇଯାଇଥିଲେ। ଗୁରୁବାର ସକାଳେ ଏ ନେଇ ବଡ଼ବିଲ ଥାନାରେ ଲିଖିତ ଏତଲା ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଜିଲା ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଆସିଥିଲେ ହେଁ କୌଣସି ସୁରାକ ହସ୍ତଗତ ହୋଇପାରି ନ ଥିଲା। ବଡ଼ବିଲ ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କୁ ପଚାରିବାରୁ ଘଟଣାର ପର୍ଦ୍ଦାଫାସ କରିବାକୁ ପୋଲିସ ନିରବଚ୍ଛିନ୍ନ ଭାବେ ଉଦ୍ୟମ ଜାରି ରଖିଛି। ଘଟଣାର ସୁରାକ୍ ମିଳିଛି। ଖୁବ୍ ଶୀଘ୍ର ଅପରାଧୀମାନେ ଧରାପଡିବେ ବୋଲି ସେ କହିଛନ୍ତି।

# ବିସ୍ଥାପିତଙ୍କ ଜନଶୁଣାଣିରେ ୬୦ ମହିଳା ପୁରୁଷ

**କେନ୍ଦୁଝର, ୫।୧୨(ସ୍ୱ.ପ୍ର.)**

ସ୍ଥାନୀୟ ଗୁଜୁରାଟି ସମାଜଠାରେ ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଓ ମୟୂରଭଞ୍ଜର ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ୬୦ ମହିଳାପୁରୁଷ ଉପସ୍ଥିତ ରହି ମତାମତ ଦେଇଥିଲେ। ବିଚାରକ ମଣ୍ଡଳୀ ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି, ବିଦ୍ୟୁତ୍‌ଲତା ମହାନ୍ତି, ବିଜୟ ଉପାଧ୍ୟାୟ, ଦେବପ୍ରସାଦ ରାୟ ଓ ରାଜେଶ ମହାପାତ୍ର ଉପସ୍ଥିତ ହୋଇ ବିସ୍ଥାପିତଙ୍କ ସମସ୍ୟା ଓ ସେମାନଙ୍କ ମତାମତ ଶୁଣିଥିଲେ। ୨୦୧୩ରେ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବସତି ନୀତିକୁ ପାଳନ କରା ନ ଯାଇ ବିସ୍ଥାପିତଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇଥିବା ଜଣାପଡିଛି ବୋଲି ଆୟୋଜକ ଲୋକ ଶକ୍ତି ଅଭିଯାନର ମୁଖ୍ୟ ପ୍ରଫୁଲ୍ଲ ସାମନ୍ତରା ଜଣାଇଛନ୍ତି। ବିସ୍ଥାପିତଙ୍କ ଜନଶୁଣାଣି ରିପୋର୍ଟକୁ ରାଜ୍ୟ ଓ ଜାତୀୟ ସ୍ତରରେ ଉପସ୍ଥାପନା ପାଇଁ ନ୍ୟାୟ ପ୍ରଦାନ କରି ପଦକ୍ଷେପ ନିଆଯିବ ବୋଲି ସାମନ୍ତରା ସୂଚନା ଦେଇଛନ୍ତି।

# 'ବୁଥସ୍ତରରୁ ସଙ୍ଗଠନ ମଜଭୁତ କର'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା।

**ତେଲକୋଇ, ୫।୧୨(ଡି.ଏନ.ଏ.)**

ତେଲକୋଇ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ବୁଧବାର 'ମୋ ବୁଥ ମୋ ଗୌରବ' କାର୍ଯ୍ୟକ୍ରମ ସଲେଇକେନା ପଞ୍ଚାୟତ ଡିମିରିଆ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସାରଙ୍ଗଧର ପ୍ରଧାନଙ୍କ ସମେତ ବିଧାୟକ ପ୍ରାର୍ଥୀ ମୋହନ ହେମ୍ବ୍ରମ, ଆଇନଜୀବୀ ନାରାୟଣ ପ୍ରଧାନ, ଆନନ୍ଦ ସାହୁ, ବରିଷ୍ଠ କଂଗ୍ରେସ କର୍ମୀ ପିତବାସ ଗିରି, ଅଭିମନ୍ୟୁ ଗିରି, ନବଗିରି ପ୍ରମୁଖ ଯୋଗ ଦେଇଥିଲେ। ବୁଥସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ସହ କଂଗ୍ରେସ ଅଭିମୁଖ୍ୟ ନେଇ ଲୋକଙ୍କ ପାଇଁ ଆଗାମୀ ଦିନରେ ସହାୟତାର ପ୍ରତିଶ୍ରୁତିକୁ ଗୁରୁତ୍ୱ ଦିଆଯାଇଥିଲା। ସଲେଇକେନା ପଞ୍ଚାୟତର କଂଗ୍ରେସ ସଭାପତି ଦୋଳଗୋବିନ୍ଦ ପେଣ୍ଟେଇ ସଭାପରିଚାଳନା କରିଥିଲେ।

## ଦଳକି ୟୁପି ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

# ୫୪୩ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

**ବଡ଼ବିଲ, ୫।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳ ଦଲକିସ୍ଥିତ ସରକାରୀ ୟୁପି ସ୍କୁଲରେ ବୁଧବାର ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଛି। ପୋଷାକ ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଡା ବ୍ଲକ ଶିକ୍ଷାଧିକାରୀ ନରେଶ କୁମାର କର, ସମ୍ମାନିତ ଅତିଥି ଭାବେ ବଡବିଲ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ, ସହକାରୀ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ଓ ସ୍କୁଲ ପରିଚାଳନା କମିଟି ଅଧକ୍ଷା କାଞ୍ଚନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ସ୍କୁଲ ପ୍ରଧାନ ଶିକ୍ଷକ ରାମନାରାୟଣ ମିଶ୍ରଙ୍କ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ଅତିଥି ପରିଚୟ ଦେଇଥିଲେ।

ଛାତ୍ରୀଛାତ୍ର ଦେଶର ଭବିଷ୍ୟତ, ସମସ୍ତେ ସମୟାନୁବର୍ତ୍ତୀ, ନିଜ କାମ ନିଜେ କରିବା, ପାଠପଢି ଏକ ଲକ୍ଷ୍ୟ ହାସଲ କରିବାକୁ ହେଲେ କଠିନ ପରିଶ୍ରମ ଓ ଏକାଗ୍ରତାର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ କହିଥିଲେ। ସ୍କୁଲର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୪୩ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୋଷାକ ବିତରଣ କରାଯାଇଥିଲା।

# ଓଷ୍ଟା ସମ୍ପାଦକଙ୍କ ପିତାଙ୍କ ପରଲୋକ

**ଆନନ୍ଦପୁର/ଘସିପୁରା, ୫।୧୨(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ଓଷ୍ଟା ସମ୍ପାଦକ ତଥା ପୌରପରିଷଦ ୭ନଂ ୱାର୍ଡ଼ର ପ୍ରଦୀପ ହଜାରୀଙ୍କ ପିତା ଗୌରଶ୍ୟାମ ହଜାରୀଙ୍କ ୮୬ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ଆନନ୍ଦପୁର ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଉକ୍ତ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କ ବିୟୋଗରେ ଆନନ୍ଦପୁର ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଓଷ୍ଟାର ଅନେକ କର୍ମକର୍ତ୍ତା ସ୍ୱର୍ଗତ ହଜାରୀଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଏ ନେଇ ରବୀନ୍ଦ୍ର ରାଜ, ନିରାକାର ଦଳେଇ, ହରେକୃଷ୍ଣ ପାତ୍ର, ରଣଜିତ୍ ରଣା, ଲଲାଟେନ୍ଦୁ ଧିର, ସତ୍ୟାନନ୍ଦ ମିଶ୍ର, ଉପେନ୍ଦ୍ର ସାହୁ, ମୁନା ମହାନ୍ତି, ମକରଧ୍ୱଜ ଜେନା, ମକରଧ୍ୱଜ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ଶୁଆପୁର ଏ ଚାମ୍ପିୟନ



ଟୁର୍ଣ୍ଣାମେଣ୍ଟରେ ଉପସ୍ଥିତ ଖେଳାଳି।

**ଆନନ୍ଦପୁର, ୫।୧୨(ସ୍ୱ.ପ୍ର.)**

ଘସିପୁରା ବ୍ଲକ ବୀରଗୋବିନ୍ଦପୁରରେ ଅନୁଷ୍ଠିତ ପଣ୍ଡିତ ରଘୁନାଥ ମୁର୍ମୁ ଫୁଟବଲ୍ ତୃତୀୟ ବାର୍ଷିକ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚରେ ଶୁଆପୁର ଏ ଓ ଶୁଆପୁର ବି କୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ମୁଖ୍ୟ ଅତିଥି ଭାବେ ବିଜେଡି ଘସିପୁରା ବ୍ଲକ ସଭାପତି ବଳରାମ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ଯୁବ ସଭାପତି ଦେବଦତ ନାୟକ, ପୂର୍ବତନ ରାଜ୍ୟସ୍ତରୀୟ ଫୁଟବଲ ଖେଳାଳି ବୁଲୁ ପଟ୍ଟନାୟକ, ଗୋହିରାର ପୂର୍ବତନ ସରପଞ୍ଚ ପ୍ରସନ୍ନ ପାତ୍ର, ସାମାଜିକ କର୍ମୀ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମୋଟ ୪୮ ଟିମ୍ ଅଂଶ ଗ୍ରହଣ କରିଥିଲେ। କ୍ଲବ ପକ୍ଷରୁ ଦକ୍ଷିଣ ସୋରେନ, ସଦା ଟୁଡୁ, ରାମାକାନ୍ତ ମୁର୍ମୁ, କାଲୁ ମୁର୍ମୁ, ସୁନୀଲ ମୁର୍ମୁ, ଭାସ୍କର ଟୁଡୁ, ଧନେଶ୍ୱର ସୋରେନ, କୁନ୍ଦରାମ ହେମ୍ବ୍ରମ୍, ସଞ୍ଜୀବ ମୁର୍ମୁ, ଦେବରାଜ ମୁର୍ମୁ, ସନାତନ ମାର୍ଣ୍ଡି, ଛୋଟରାୟ ହାଂସଦା, କାଳନ୍ଦୀ ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ।

# ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳପ୍ରକାଶିତ

**ହାଟଡ଼ିହୀ, ୫।୧୨(ଡି.ଏନ.ଏ.)**

ହାଟଡିହୀ ବ୍ଲକର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ସରସ୍ୱତୀ ଶିଶୁ ମନ୍ଦିର ମତବାଜର ପ୍ରଜ୍ଞାଶ୍ରୀ ବେହେରା ୮୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସେଣ୍ଟ ଜାଭିୟର ହାଇସ୍କୁଲ ଚଣ୍ଡୀ ବିରଞ୍ଚିପୁରର ଶ୍ରୁତିସୁଦ୍ଧା ଦାସ ୮୬ ନମ୍ବର ରଖି ଦ୍ୱିତୀୟ ସ୍ଥାନ, ସରସ୍ୱତୀ ବିଦ୍ୟା ମନ୍ଦିର ସୋସୋ କାନପୁରର ଛାତ୍ର ସଂଖୀ ସାହୁ ତୃତୀୟ ସ୍ଥାନ ଓ ବିଶ୍ୱ ବିଜୟିନୀ ପଣ୍ଡା ଚତୁର୍ଥ, ବାଇଧର ନୋଡାଲ ସ୍କୁଲ ଶାସଙ୍ଗର ଖ୍ରୀଷ୍ଟାବ୍ଦ ଖାରବେଳ ସ୍ୱାଇଁ ପଞ୍ଚମ, ସୋସୋ ନୋଡାଲ ୟୁପି ସ୍କୁଲର ଓମ୍ ପ୍ରଭାତ ମହାନ୍ତି ଷଷ୍ଠ, ପଡ଼ିଆରୀପଲ୍ଲୀ ନୋଡାଲ ସ୍କୁଲର ଅରୁପାନନ୍ଦ ବେହେରା ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସଫଳ ଛାତ୍ରୀଛାତ୍ରଙ୍କୁ ହାଟଡିହୀ ବିଇଓ ଗୁଣନିଧି ଦାଶ ଶୁଭେଚ୍ଛା ଜଣାଇଛନ୍ତି।

# ଛାତ୍ରୀ ନିଖୋଜ ରହସ୍ୟ ଘେରରେ

**କେନ୍ଦୁଝର, ୫।୧୨(ସ୍ୱ.ପ୍ର.)**

ହରିଚନ୍ଦନପୁର ବ୍ଲକର ରେବଣାପଳାଶପାଳଠାରେ ଥିବା ଏସଟି, ଏସସି ବିଭାଗ ଅଧୀନରେ ପରିଚାଳିତ ସରକାରୀ ବାଳିକା ବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଛନ୍ତି। ଏ ନେଇ ଛାତ୍ରୀଙ୍କ ପରିବାର ଲୋକ ଦୈତାରୀ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ନିଖୋଜ ଘଟଣା ରହସ୍ୟ ଘେରରେ ରହିଛି। ଗତ ଅକ୍ଟୋବର ୩୦ରେ ଛାତ୍ରୀକୁ ପରିବାର ଲୋକ ଛାତ୍ରୀନିବାସରେ ଛାଡି ଆସିଥିଲେ କହୁଛନ୍ତି। ଅନ୍ୟ ପକ୍ଷରେ ଛାତ୍ରୀ ଜଣଙ୍କ ଛାତ୍ରୀନିବାସକୁ ଆସି ନ ଥିବା ଏବଂ ଘରକୁ ଯାଇଥିବାବେଳେ ନିଖୋଜ ହୋଇଥିବା ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାସ କହିଛନ୍ତି। ପୋଲିସ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଉଛି। ପୋଲିସ ଉକ୍ତ ବିଦ୍ୟାଳୟର ଅନ୍ୟ ଛାତ୍ରୀ ଓ ଶିକ୍ଷକଙ୍କ ବୟାନ ରେକର୍ଡ କରୁଛି। ଅଦ୍ୟାବଧି ଛାତ୍ରୀଙ୍କ ସୁରାକ୍ ମିଳି ନ ଥିବାରୁ ପରିବାର ଲୋକ ଚିନ୍ତାରେ ରହୁଛନ୍ତି।




ସରକାରୀ ବାଳିକା ବିଦ୍ୟାଳୟ।

# ଗାଁର ନାଁ ସିଲିସୁଆଁ ମୁଣ୍ଡାସାହି

**ରାଇସୁଆଁ, ୫।୧୨(ଡି.ଏନ.ଏ.)**

- ଆଜି ବି ଅବହେଳିତ ଆଦିବାସୀ
- ମୌଳିକ ସୁବିଧା ସୁଯୋଗ ସ୍ୱପ୍ନ
- ପିଲାଙ୍କ ହାତରେ ବସ୍ତାନି ବଦଳରେ ବାଡ଼ି

ଗାଁର ନାଁ ସିଲିସୁଆଁ ମୁଣ୍ଡାସାହି। ଏଠି ଶତପ୍ରତିଶତ ଆଦିବାସୀ ଲୋକ ବସବାସ କରନ୍ତି। ଦେଶ ସ୍ୱାଧୀନ ହେବାର ଅନେକ ବର୍ଷ ପରେ ବି ସେମାନେ ଅବହେଳିତ ଜୀବନ ବିତାଉଛନ୍ତି। ଗ୍ରାମରେ ଉନ୍ନତିର ସାମାନ୍ୟତମ ଝଲକ ଦେଖିବାକୁ ମିଳିନାହିଁ। ଗାଁକୁ ଗମନାଗମନର ସୁବିଧା ନାହିଁ। ଲୋକଙ୍କ ଆର୍ଥିକ ଉନ୍ନତି ହୋଇପାରୁନି। ଏହି ଗ୍ରାମ କେନ୍ଦୁଝର ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅଧୀନରେ ରହିଛି। ୭ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଆଦିବାସୀ ହୋଇଥିବାରୁ ସରକାରଙ୍କ ସମସ୍ତ ଯୋଜନା ସେମାନଙ୍କ ପାଖରେ ପହଞ୍ଚିପାରିନାହିଁ ବୋଲି କହିଛନ୍ତି। ପକ୍କା ରାସ୍ତା ନ ଥିବାରୁ ବର୍ଷା ଦିନରେ ଆଣ୍ଠୁଏ କାଦୁଅରେ ଯାତାୟାତ କରିବାକୁ ପଡୁଛି। ଲୋକେ ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି। ୬୦ ପ୍ରତିଶତ ଲୋକଙ୍କୁ ମିଳିନି ରାଶନ କାର୍ଡ। ଅନେକ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି।



ସିଲିସୁଆଁ ଗ୍ରାମର ପିଲାମାନେ।

ଗ୍ରାମରେ ସରକାରଙ୍କ ଜନକଲ୍ୟାଣ ଯୋଜନା ଅପହଞ୍ଚ ହୋଇଛି। ଗୋଟିଏ ନଳକୂପରେ ଲୋକଙ୍କ ତୃଷ୍ଣା ମେଣ୍ଟୁଛି। ଘଣ୍ଟାଏ ଜଗିଲେ ବାଲଟିଏ ପାଣି ଆସୁଛି। ସର୍ବଶିକ୍ଷା ଯୋଜନା ବିଫଳ ହୋଇଛି। ୧୦ ବର୍ଷ ହେଲେ ବାଳିକାବାଳକ ହାତରେ ବହି ବସ୍ତାନୀ ବଦଳରେ ବାଡ଼ି ଧରି ଗୋରୁ ଚରାଇବାକୁ ଯାଉଛନ୍ତି। ସମସ୍ତେ ଦିନ ମଜୁରି କରି ଗୁଜୁରାଣ ମେଣ୍ଟାଉଛନ୍ତି। ଗ୍ରାମରେ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇଛି। ରୋଗ ହେଲେ ଲୋକେ ଝଡ଼ାଫୁଙ୍କା ପରି ଅନ୍ଧବିଶ୍ୱାସକୁ ଆଦରି ନେଉଛନ୍ତି। ଚେର ମୂଳି ବ୍ୟବହାର କରୁଛନ୍ତି। ଏ ନେଇ ସ୍ଥାନୀୟ ସାମାଜିକ କର୍ମୀ ବନମାଳୀ ଘୋଷ କହିଛନ୍ତି ଯେ, ଅଦ୍ୟାବଧି ଲୋକଙ୍କ ଉନ୍ନତି ହୋଇପାରିନି। ସ୍ଥାନୀୟ ରାଜନେତାମାନେ ଗାଁର ବିକାଶରେ କେତେ ତତ୍ପର ପ୍ରକାଶ କରୁଛନ୍ତି ତାହା ଲୋକଙ୍କ ଦୟନୀୟ ସ୍ଥିତିରୁ ଜଣାପଡୁଛି। ଆଦିବାସୀ ନେତା ଦୁଷ୍ମନ୍ତ ନାଏକ କହିଛନ୍ତି, ଜିଲା ପ୍ରଶାସନ ଏବଂ ସରକାରଙ୍କ ଆନ୍ତରିକତା ଅଭାବରୁ ସିଲିସୁଆଁ ମୁଣ୍ଡାସାହି ଭଳି ବହୁ ଗ୍ରାମ ଅବହେଳିତ ହୋଇ ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଏବଂ ସ୍ଥାନୀୟ ନେତାମାନେ ଦୃଷ୍ଟି ଦେଉନାହାନ୍ତି।